RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI

◆VOLUME- 44 ◆ISSUE-122 ◆TUESDAY ◆27 OCTOBER 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୧୨୨ ◆ମଙ୍ଗଳବାର ◆୨୭ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



ତାଣ୍ଡବ ମୁଦ୍ରାରେ 'ଅର୍ଣ୍ଣବ'

ଗର୍ଜୁଛି ସମୁଦ୍ର; ଉତ୍ତାଳ ତରଙ୍ଗ ମାଡ଼ରେ ଦକ୍ଷିଣ ଉପକୂଳ ବେଳାଭୂମି ଥରହର

ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ବାତ୍ୟା 'ଅର୍ଣ୍ଣବ' । ସୋମବାର ସକାଳେ ଏହି ବାତ୍ୟା ସୃଷ୍ଟି ହେବା ସହ ଦ୍ରୁତ ଗତିରେ ଘନୀଭୂତ ହେଉଛି । ଫଳସ୍ୱରୂପ ଗୋଟିଏ ଦିନରେ ଏହି ବାତ୍ୟା ଶକ୍ତିଶାଳୀ ହୋଇ ଭୀଷଣ ବାତ୍ୟାରେ ପରିଣତ ହୋଇ ଆନ୍ଧ୍ର ଉପକୂଳ ଆଡ଼କୁ ମାଡ଼ି ଆସୁଛି । ଗଭୀର ସମୁଦ୍ରରୁ ବଳ ଗୋଟାଇ ଅର୍ଣ୍ଣବ ତାଣ୍ଡବ ମୁଦ୍ରାରେ ଆଗକୁ ଅଗ୍ରସର ହେଉଥିବାବେଳେ ସମୁଦ୍ରର ଉତ୍ତାଳ ତରଙ୍ଗ ଘୋର ଗର୍ଜନ କରି ବେଳାଭୂମି ଉପରକୁ ଲମ୍ଫ ମାରୁଛି । ଆସନ୍ନ ଅତି ଭୀଷଣ ବାତ୍ୟାକୁ ନେଇ ଥରହର ହୋଇ ଉଠିଛି ଆନ୍ଧ୍ର-ଦକ୍ଷିଣ ଓଡ଼ିଶା ଉପକୂଳ ।

■ ଭୁବନେଶ୍ୱର, ୨୬।୧୦ (ସମିସ): ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରରେ ଥିବା ଗଭୀର ଅବପାତ ସୋମବାର ସକାଳ ୫.୩୦ ସମୟରେ ବାତ୍ୟା ରୂପ ଧାରଣ କରିଛି । ବାତ୍ୟା ସୃଷ୍ଟି ପରେ ଏହା ଘଣ୍ଟା ପ୍ରତି ୧୩ କିମି ବେଗରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି ଜାରି ରଖିଛି । ମଙ୍ଗଳବାର ଏହା ଆହୁରି ଘନୀଭୂତ ହୋଇ ଅତି ଭୀଷଣ ବାତ୍ୟା ରୂପରେ ପରିଣତ ହେବା ସହ ଆଗକୁ ବଢ଼ିବ । ୨୮ ତାରିଖରେ ଏହା ଆନ୍ଧ୍ରପ୍ରଦେଶର ବାପ୍‌ଟଲା ଓ ବିଶାଖାପଟ୍ଟନମ୍ ମଝିରେ ୟାନାମ ନିକଟରେ ସ୍ଥଳଭାଗ ଅତିକ୍ରମ କରିବ । ଏହି ବାତ୍ୟାର ବାହ୍ୟ ବଳୟ ଆନ୍ଧ୍ର ସମେତ ଓଡ଼ିଶା ଉପକୂଳକୁ ପ୍ରବେଶ କରିଛି । ଏହା ପ୍ରଭାବରେ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ସମୟ ସମୟରେ ଝଟ୍‌କା ପବନ ସହ ବର୍ଷା ଆରମ୍ଭ ହୋଇଛି । ଏହି ସ୍ଥିତି ୨୮ ତାରିଖ ପର୍ଯ୍ୟନ୍ତ ଜାରି ରହିବ । ଧୀରେ ଧୀରେ ବର୍ଷା ଓ ପବନର ପ୍ରଭାବ ବଢ଼ିବ ।

ଆଇଏମ୍‌ଡି ପକ୍ଷରୁ କୁହାଯାଇଛି, ବାତ୍ୟା ଅର୍ଣ୍ଣବ ଗତ ୬ ଘଣ୍ଟା ମଧ୍ୟରେ ଘଣ୍ଟାପ୍ରତି ୧୩ କିଲୋମିଟର ବେଗରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରୁଛି । ଏବେ ଏହା ଓଡ଼ିଶାର ଗୋପାଳପୁରଠାରୁ ଦକ୍ଷିଣ-ପୂର୍ବ ଦିଗରେ ୫୨୦ କିଲୋମିଟର, ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରୁ ପୂର୍ବ-ଦକ୍ଷିଣପୂର୍ବ ଦିଗରେ ୫୪୦ କିଲୋମିଟର, କାକିନାଡାଠାରୁ ୬୨୦ କିଲୋମିଟର, ମଛଲିପଟନମ୍‌ଠାରୁ ୭୨୦ କିଲୋମିଟର, ବାପଟଲାଠାରୁ ୭୯୦ କିଲୋମିଟର ଏବଂ ଆଣ୍ଡାମାନ ଦ୍ୱୀପପୁଞ୍ଜର ଶ୍ରୀବିଜୟ ପୁରମ୍‌ଠାରୁ ଉତ୍ତର-ପଶ୍ଚିମ ଦିଗରେ ୬୮୦ କିଲୋମିଟର ଦୂରରେ ରହିଛି । ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି ଜାରି ରଖିବା ସହ ମଙ୍ଗଳବାର ଅତି ଭୀଷଣ ଘୂର୍ଣ୍ଣିବାତ୍ୟାର ରୂପ ନେବ । ଏହାପରେ ବାତ୍ୟାଟି ଉତ୍ତର-ପଶ୍ଚିମ ଦିଗକୁ ଗତି କରି ୨୮ ଅକ୍ଟୋବର ପୂର୍ବାହ୍ନ ସୁଦ୍ଧା ଅତି ଭୀଷଣ ବାତ୍ୟାରେ ଆନ୍ଧ୍ରପ୍ରଦେଶ ଓ ୟାନମ୍ ଉପକୂଳ ମଧ୍ୟରେ ବାପଟଲା ଓ ବିଶାଖାପାଟଣା ମଧ୍ୟବର୍ତ୍ତୀ ଅଞ୍ଚଳ ୟାନମ୍ ନିକଟରେ ସ୍ଥଳଭାଗ ଅତିକ୍ରମ କରିବ । ସ୍ଥଳଭାଗ ଅତିକ୍ରମ ସମୟରେ ପବନର ଘଣ୍ଟା ପ୍ରତି ବେଗ ୧୧୫ରୁ ୧୨୫ କିଲୋମିଟର ରହିବା ସହ ଝଟକା ପବନର ବେଗ ଘଣ୍ଟାପ୍ରତି ୧୪୦ କିଲୋମିଟର ପର୍ଯ୍ୟନ୍ତ ପହଞ୍ଚିପାରେ ।

ବାତ୍ୟା ଅର୍ଣ୍ଣବର ସର୍ବାଧିକ ପ୍ରଭାବ ଆନ୍ଧ୍ର ପ୍ରଦେଶରେ ଅନୁଭୂତ ହେବ । ଓଡ଼ିଶାରେ ମଧ୍ୟ କେତେକାଂଶରେ ଏହାର ପ୍ରଭାବ ପଡ଼ିବ । ବାତ୍ୟା ସ୍ଥଳଭାଗ ଅତିକ୍ରମ କରିବା ସମୟରେ ଆନ୍ଧ୍ର ଉପକୂଳରେ ୧୪୦ କିମି ବେଗରେ ପବନ ବହିବାର ଆଶଙ୍କା ରହିଛି । ମାତ୍ର ଓଡ଼ିଶାରେ ପବନର ବେଗ ଅପେକ୍ଷାକୃତ କମ୍ ରହିବ; ହେଲେ ଦକ୍ଷିଣ ଓଡ଼ିଶାର ଆନ୍ଧ୍ର ସମୀନ୍ତବର୍ତ୍ତୀ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ▶ପୃଷ୍ଠା-୭

ଆନ୍ଧ୍ର ଉପକୂଳ ମୁହାଁ ବାତ୍ୟା, ଆଜି ନେବ ଅତି ଭୀଷଣ ରୂପ

୨୮ ରେ ୟାନମ୍ ନିକଟରେ ସ୍ଥଳଭାଗରେ ମାଡ଼

ବାତ୍ୟାର ବାହ୍ୟ ବଳୟ ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା

୨୮ ତାରିଖରେ ଦକ୍ଷିଣ ଓଡ଼ିଶାର ୫ ଜିଲ୍ଲାରେ ପ୍ରବଳ ବର୍ଷା

୧୨ ଟ୍ରେନ୍ ବାତିଲ

■ ବ୍ରହ୍ମପୁର,୨୬।୧୦(ସମିସ): ବଙ୍ଗୋପସାଗରରେ ସୃଷ୍ଟ ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ସମ୍ଭାବ୍ୟ ପ୍ରବଳ ବର୍ଷା, ଝଡ଼ପବନ ଓ ପ୍ରତିକୂଳ ପାଣିପାଗ ପରିସ୍ଥିତିକୁ ଆଖିଆଗରେ ରଖି ବିଭିନ୍ନ ରୁଟ୍‌ରେ ଚଳାଚଳ କରୁଥିବା ୧୨ଟି ଟ୍ରେନ୍‌କୁ ଅସ୍ଥାୟୀ ଭାବେ ବାତିଲ କରାଯାଇଥିବା ରେଳ ବିଭାଗ ସୂତ୍ରରୁ ସୂଚନା ମିଳିଛି । ଯାତ୍ରୀଙ୍କ ସୁରକ୍ଷା ଓ ରେଳ ଚଳାଚଳରେ ସମ୍ଭାବ୍ୟ ବିପଦକୁ ଏଡ଼ାଇବା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଛି । ରେଳ ବିଭାଗୀୟ ସୂଚନା ଅନୁଯାୟୀ, ଗାଡ଼ି ନମ୍ବର ୧୮୫୧୫ ଓ ୧୮୫୧୬ ବିଶାଖାପାଟଣା–କିରାନ୍ଦୁଲ ଏକ୍ସପ୍ରେସ ଅକ୍ଟୋବର ୨୯ରୁ ନଭେମ୍ବର ୪ପର୍ଯ୍ୟନ୍ତ ବାତିଲ ରହିବ । ସେହିପରି ଗାଡ଼ି ନମ୍ବର ୧୮୧୦୭ ରାଉରକେଲା–ଜଗଦଳପୁର ଏକ୍ସପ୍ରେସ ଅକ୍ଟୋବର ୨୯ରୁ ନଭେମ୍ବର ୪ପର୍ଯ୍ୟନ୍ତ ଏବଂ ଗାଡ଼ି ନମ୍ବର ୧୮୧୦୮ ଜଗଦଳପୁର–ରାଉରକେଲା । ▶ପୃଷ୍ଠା-୭

ମୁକାବିଲା ସ୍ଥିତି ସମୀକ୍ଷା କଲେ କ୍ୟାବିନେଟ୍ ସଚିବ

■ ଭୁବନେଶ୍ୱର, ୨୬।୧୦ (ସମିସ): ବାତ୍ୟା ଅର୍ଣ୍ଣବର ମୁକାବିଲା ନେଇ ପ୍ରାକ୍ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି କେନ୍ଦ୍ର କ୍ୟାବିନେଟ ସଚିବ । ଓଡ଼ିଶାର ପ୍ରସ୍ତୁତି, ଆବଶ୍ୟକତା ଓ ପଦକ୍ଷେପ ବାବଦରେ କ୍ୟାବିନେଟ ସଚିବ ଅବଗତ ହୋଇଛନ୍ତି । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ରାଜ୍ୟର ପ୍ରସ୍ତୁତି ସମ୍ପର୍କରେ କେନ୍ଦ୍ରୀୟ ସଚିବଙ୍କୁ ଅବଗତ କରିଛନ୍ତି । ଭିଡିଓ କନଫରେନ୍ସ ଜରିଆରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଶାସନ ସଚିବଙ୍କ ସହ ଉନ୍ନୟନ କମିଶନ ଦେଓ ରଞ୍ଜନ କୁମାର ସିଂ ଓ ଏସଆରସି ରାଜେଶ ପ୍ରଭାକର ପାଟିଲ ଉପସ୍ଥିତ ରହି କ୍ୟାବିନେଟ୍ ସଚିବଙ୍କୁ ଓଡ଼ିଶାର ସମସ୍ତ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଛନ୍ତି ।

ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ବାତ୍ୟାକୁ ନେଇ ଓଡ଼ିଶାର ପ୍ରସ୍ତୁତ କ୍ୟାବିନେଟ ସଚିବ ସମସ୍ତ ବିଷୟ ପଚାରି ବୁଝିଛନ୍ତି । ଓଡ଼ିଶାର ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇ ସାରିଛି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ତାଙ୍କୁ ଅବଗତ କରାଯାଇଛି । ରାଜ୍ୟର ଦକ୍ଷିଣ ଓଡ଼ିଶା ବାତ୍ୟା ଯୋଗୁଁ ପ୍ରଭାବିତ ହେବାର ଆଶଙ୍କା ରହିଛି । ସେଥିପାଇଁ ବରିଷ୍ଠ ଅଧିକାରୀଙ୍କୁ ମଧ୍ୟ ବାତ୍ୟା ଓ ପରବର୍ତ୍ତୀ ପରିସ୍ଥିତିର ମୁକାବିଲା ପାଇଁ ପଠାଯାଇଛି । ବିଦ୍ୟୁତ୍, ▶ପୃଷ୍ଠା-୭

ଓଲଟ ପାଲଟ

କାମାକ୍ଷାନଗର ଉଡୁଛି ଖବର
ମିଳିଲାନି ଯେଣୁ ଭତ୍ତା
ବୃଦ୍ଧ ବିଚରା ଭୋକ ବିକଳରେ
କରିଦେଲା ଆତ୍ମହତ୍ୟା
ଅସହାୟ ବୃଦ୍ଧବୃଦ୍ଧାଙ୍କ ପାଇଁ କି
ଫିଟେନା ମନ୍ତ୍ରୀଙ୍କ ପାଟି
ଦାମୀ ହୋଟେଲରେ ପଖାଳ ଖିଆରେ
ସାରିଦେଲେ କୋଟି କୋଟି

- ଯାଯାବର

ଏସ୍ଆଇଆର୍: ମହାରାଷ୍ଟ୍ରରେ ୩ କୋଟି ଭୋଟର୍ ବାଦ୍

କେନ୍ଦ୍ର, ଇସିଆଇଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ୍

■ ନୂଆଦିଲ୍ଲୀ,୨୬।୧୦(ଏଜେନ୍ସି): ମହାରାଷ୍ଟ୍ରର ଭୋଟର ତାଲିକା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ନେଇ ଆଗତ ଆବେଦନ ଉପରେ ସୁପ୍ରିମକୋର୍ଟ ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ)ଙ୍କୁ ନୋଟିସ୍ ଜାରି କରିଛନ୍ତି । କୋର୍ଟରେ ୩ କୋଟି ଭୋଟରଙ୍କ ନାମ ବାଦ୍ ପଡ଼ିବା ଅଭିଯୋଗ ହୋଇଛି । ଆବେଦନକାରୀ ଅରୁଣ ଆନନ୍ଦଗିରିଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅରବିନ୍ଦ ଦାତାର ଏହି ଅଭିଯୋଗ ଦାଖଲ କରିଛନ୍ତି । ସେ କୋର୍ଟଙ୍କୁ ଜଣାଇଛନ୍ତି ଯେ, ମହାରାଷ୍ଟ୍ରର ମୋଟ ୯.୭୯ କୋଟି ଭୋଟରଙ୍କ ମଧ୍ୟରୁ ପ୍ରାୟ ୩ କୋଟି (୩୩%) ଭୋଟରଙ୍କ ନାମ ଖସଡ଼ା ତାଲିକାରୁ କାଟିଦିଆଯାଇଛି । ମୁମ୍ବାଇ (୩୬ ଲକ୍ଷ), ପୁଣେ (୨୮.୬ ଲକ୍ଷ), ଥାଣେ (୨୮.୫ ଲକ୍ଷ) ଏବଂ ନାଗପୁର (୧୪ ଲକ୍ଷ) ରେ ସର୍ବାଧିକ ନାମ ହଟାଯାଇଛି । ମୁମ୍ବାଇ ଓ ପୁଣେରେ ପୁନଃବିକାଶ ପ୍ରକଳ୍ପ ଚାଲିଛି । ଏଥିପାଇଁ ବିସ୍ଥାପିତ ନାଗରିକଙ୍କୁ ପୁରୁଣା ଠିକଣାରେ ନ ପାଇ ସେମାନଙ୍କ ନାମ ବାଦ୍ ଦିଆଯାଇଥିବା ଅଭିଯୋଗ ହୋଇଛି । ପୂର୍ବରୁ ଭୋଟ୍ ଦେଇଥିବା ନାଗରିକଙ୍କୁ ପୁନର୍ବାର ନୂତନ ଭୋଟରଙ୍କ ପାଇଁ ଉଦ୍ଦିଷ୍ଟ ଫର୍ମ-୬ ପୂରଣ କରିବାକୁ କୁହାଯାଉଥିବାରୁ ▶ପୃଷ୍ଠା-୭

ବିନା ପେଟ୍ରୋଲରେ ଚାଲିବ ଗାଡ଼ି !

୧୦୦% ଇଥାନଲ୍ ଇନ୍ଧନକୁ ମଞ୍ଜୁରୀ

■ ନୂଆଦିଲ୍ଲୀ, ୨୬।୧୦ (ଏଜେନ୍ସି): କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଯାନବାହନ ସମ୍ବନ୍ଧୀୟ ନିୟମରେ କେତେକ ପରିବର୍ତ୍ତନ କରିଛି । ଏହି ଅନୁଯାୟୀ,ସଡ଼କରେ ଏଣିକି ଗଡ଼ିବ ବିନା ପେଟ୍ରୋଲରେ ଚାଲୁଥିବା ଗାଡ଼ି । କାରଣ ସରକାର ଆଜି ୧୦୦% ଇଥାନଲ୍ ବା ଇ-୧୦୦ ଇନ୍ଧନକୁ ମଞ୍ଜୁରୀ ଦେଇଛନ୍ତି । ଇ-୧୦୦ ତେଲ ହେଉଛି ସମ୍ପୂର୍ଣ୍ଣ ଭାବରେ ଇଥାନଲ୍ ଇନ୍ଧନ । ହେଲେ, ଏହାର ଅର୍ଥ ନୁହେଁ ଯେ ନିୟମିତ ପେଟ୍ରୋଲରେ ଚାଲୁଥିବା ଯାନଗୁଡ଼ିକ ଇ-୧୦୦ ତେଲ ବ୍ୟବହାର କରିବେ । ସାଧାରଣ ଗାଡ଼ିଗୁଡ଼ିକରେ ବ୍ୟବହାର ହେବନି ଇ-୮୫ ଓ ୧୦୦ ଇନ୍ଧନ । ସରକାର ସ୍ପଷ୍ଟ କରିଛନ୍ତି ଯେ ଉଚ୍ଚ-ଇଥାନଲ୍ ଇନ୍ଧନ କେବଳ ଏହି ତେଲକୁ ନିର୍ଦ୍ଦିଷ୍ଟ ଭାବେ ଡିଜାଇନ୍ କରାଯାଇଥିବା ଏବଂ ଅନୁମୋଦିତ ଯାନଗୁଡ଼ିକରେ ବ୍ୟବହାର କରାଯାଇପାରିବ । ନିୟମିତ ପେଟ୍ରୋଲ କିମ୍ବା ଇ-୨୦ରେ ଚାଲୁଥିବା ଯାନଗୁଡ଼ିକ ଇ-୮୫ କିମ୍ବା ଇ-୧୦୦ ଇନ୍ଧନ ବ୍ୟବହାର କରିପାରିବେନାହିଁ । ତେବେ ଇ-୨୦ ପେଟ୍ରୋଲକୁ ସାରା ଦେଶରେ ତୀବ୍ର ବିରୋଧ ମଧ୍ୟରେ ସରକାର ଇ-୧୦୦ ଇନ୍ଧନ ବ୍ୟବହାରକୁ କୁ ଅନୁମତି ଦେଇଛନ୍ତି ।

ନିୟମିତ ପେଟ୍ରୋଲ ଯାନଗୁଡ଼ିକ ସୀମିତ ପରିମାଣରେ ଇଥାନଲ୍ ସହିତ ଇନ୍ଧନରେ ଚାଲିବା ପାଇଁ ଡିଜାଇନ୍ କରାଯାଇଛି । ଅଧିକ ଇଥାନଲ୍ ସାମଗ୍ରୀ ଥିବା ଇନ୍ଧନ ପାଇଁ ଇଞ୍ଜିନ୍ ଏବଂ ଅନ୍ୟାନ୍ୟ ଉପାଦାନଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆବଶ୍ୟକ । ତେଣୁ, ଇ-୮୫ ଏବଂ ଇ-୧୦୦ର ଉପଯୋଗ କେବଳ ଏଥିପାଇଁ ସ୍ୱତନ୍ତ୍ର ଭାବେ ଡିଜାଇନ୍ ହୋଇଥିବା ଯାନଗୁଡ଼ିକରେ ବ୍ୟବହାର କରାଯାଇପାରିବ । ଚଳିତ ବର୍ଷ ଜୁନ୍ ମାସରେ, ମାରୁତି ସୁଜୁକି ଇଣ୍ଡିଆ ୱାଗନ୍ ଆର୍ ଫ୍ଲେକ୍ସ ଇନ୍ଧନର ଶୁଭାରମ୍ଭ କରିଥିଲା । ଏହାକୁ ଭାରତର ପ୍ରଥମ ଫ୍ଲେକ୍ସ-ଇନ୍ଧନ ଯାତ୍ରୀବାହୀ ଯାନ ଭାବରେ ବର୍ଣ୍ଣନା ▶ପୃଷ୍ଠା-୭

ସାଧାରଣ ଗାଡ଼ିରେ ବ୍ୟବହାର ହେବନି ଇ-୮୫ ଓ ଇ-୧୦୦ ଇନ୍ଧନ

ଅମିତ ଶାହଙ୍କ ବିରୋଧରେ ମନ୍ତବ୍ୟ ମାମଲା

ରାହୁଲ ଅଭିଯୋଗମୁକ୍ତ

■ ନୂଆଦିଲ୍ଲୀ,୨୬।୧୦(ଏଜେନ୍ସି): ବିଜେପିର ତତ୍କାଳୀନ ଜାତୀୟ ସଭାପତି ତଥା ବର୍ତ୍ତମାନର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ବିରୋଧରେ ୨୦୧୮ ରେ ଦେଇଥିବା ମନ୍ତବ୍ୟ ସଂକ୍ରାନ୍ତ ମାନହାନି ମାମଲାରେ କଂଗ୍ରେସ ନେତା ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି । ଉତ୍ତରପ୍ରଦେଶର ସୁଲତାନପୁରସ୍ଥିତ ସ୍ୱତନ୍ତ୍ର ସାଂସଦ-ବିଧାୟକ ଅଦାଲତ ତାଙ୍କୁ ଦୋଷମୁକ୍ତ କରିଛନ୍ତି । ସୋମବାର ଅତିରିକ୍ତ ମୁଖ୍ୟ ବିଚାରକ ଶୁଭମ ବର୍ମା ଏହି ରାୟ ଶୁଣାଇଛନ୍ତି । ରାହୁଲଙ୍କ ମନ୍ତବ୍ୟ ମାନହାନିକାରକ ନୁହେଁ ବୋଲି ଅଦାଲତ କହିଛନ୍ତି । ୨୦୧୮ ରେ କର୍ଣ୍ଣାଟକ ବିଧାନସଭା ନିର୍ବାଚନ ପ୍ରଚାର ସମୟରେ ବେଙ୍ଗାଲୁରୁଠାରେ ରାହୁଲ ଗାନ୍ଧୀ ଦେଇଥିବା ଏକ ମନ୍ତବ୍ୟକୁ ନେଇ ଏହି ମାମଲା ରୁଜୁ ହୋଇଥିଲା । ବିଜେପି ନେତୃତ୍ୱର ସ୍ୱଚ୍ଛତା ଓ ସଚ୍ଚୋଟତା ଉପରେ ପ୍ରଶ୍ନ ▶ପୃଷ୍ଠା-୭

ମନ୍ତବ୍ୟ ମାନହାନିକାରକ ନୁହେଁ: ଅଦାଲତ

ଓଡ଼ିଶାର ଆଇନଶୃଙ୍ଖଳାକୁ ନେଇ କେନ୍ଦ୍ରର ଉଦ୍‌ବେଗ

■ ଭୁବନେଶ୍ୱର, ୨୬।୧୦ (ସମିସ): ରାଜ୍ୟରେ ଅପରାଧ ଉପରମୁହାଁ, ଆଇନ୍‌ଶୃଙ୍ଖଳା ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ । ଏହି ପ୍ରସଙ୍ଗରେ ବିରୋଧୀ ରାଜ୍ୟ ସରକାର ଓ ପୁଲିସକୁ ନିଶାଣ କରିଥିବାବେଳେ ଖୋଦ୍ କେନ୍ଦ୍ର ସରକାର ମଧ୍ୟ ଓଡ଼ିଶାର ଆଇନଶୃଙ୍ଖଳା ସ୍ଥିତିକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି । ରାଜ୍ୟରେ ବିଗୁଡ଼ୁଥିବା ଆଇନଶୃଙ୍ଖଳା ସ୍ଥିତି, ହାଜତ ହିଂସା ଉପରେ ତଥ୍ୟଭିତ୍ତିକ ରିପୋର୍ଟ ଦେବାକୁ ଓଡ଼ିଶାର ମୁଖ୍ୟ ସଚିବ ଓ ଡିଜିଙ୍କୁ ରିପୋର୍ଟ ତଲବ କରିଛି କେନ୍ଦ୍ର ଗୃହ ମନ୍ତ୍ରଣାଳୟ ।

ଏ ସଂକ୍ରାନ୍ତରେ ରାଜ୍ୟ ଗୃହ ବିଭାଗ ଗତ ୧୬ ତାରିଖରେ ପୁଲିସ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦିଷ୍ଟ ଅଭିଯୋଗଗୁଡ଼ିକ ସମ୍ପର୍କରେ ତଥ୍ୟଭିତ୍ତିକ ରିପୋର୍ଟ ଦାଖଲ ନିମନ୍ତେ ଚିଠି ଲେଖଇଛି । କେନ୍ଦ୍ର ଗୃହ ମନ୍ତ୍ରଣାଳୟର ଚିଠି ଓ ସଂଲଗ୍ନ ଦସ୍ତାବିଜ ଆଧାରରେ କି ପଦକ୍ଷେପ ନିଆଯାଇଛି, ସେ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିବାକୁ ଏହି ଚିଠିରେ ନିର୍ଦ୍ଦେଶ ଦିଆଯାଇଛି । ତେଣୁ ଅଭିଯୋଗଗୁଡ଼ିକ ଉପରେ ତଦନ୍ତ ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ କିଭଳି ହେଉଛି, ଏବେ ତାହା ଉପରେ ନଜର ରହିଛି । ଜାତୀୟ ଅପରାଧ ନଥି ବ୍ୟୁରୋର ତଥ୍ୟ ▶ପୃଷ୍ଠା-୭

ମୁଖ୍ୟ ସଚିବଙ୍କୁ ରିପୋର୍ଟ ତଲବ କଲା ଗୃହ ମନ୍ତ୍ରଣାଳୟ

ତଥ୍ୟ ଭିତ୍ତିକ ରିପୋର୍ଟ ଦାଖଲ ନିମନ୍ତେ ଡିଜିପିଙ୍କୁ ନିର୍ଦ୍ଦେଶ

ଦରମରା ମହାନଦୀକୁ ମାରିଦେବ ଏଆଇ ଡାଟା ସେଣ୍ଟର !

■ ଭୁବନେଶ୍ୱର, ୨୬।୧୦ (ସମିସ): କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଓ ଡିଜିଟାଲ୍ ଅର୍ଥନୀତିର ପ୍ରସାର ସହ ଦେଶରେ ବୃହତ୍ ଡାଟା ସେଣ୍ଟର ସ୍ଥାପନ ପାଇଁ ପ୍ରତିଯୋଗିତା ବଢୁଛି । ଏହିକ୍ରମରେ ଓଡ଼ିଶାରେ ୧ଲକ୍ଷ କୋଟି ଟଙ୍କା ନିବେଶରେ ଗ୍ରୀନ ଏନର୍ଜି ପରିଚାଳିତ ଏକ ଗିଗାୱାଟ କ୍ଷମତାସମ୍ପନ୍ନ ବୃହତ୍ ଏଆଇ ଡ଼ାଟା ସେଣ୍ଟର ସ୍ଥାପନ ନିମନ୍ତେ ରାଜ୍ୟ ସରକାରଙ୍କଠାରୁ ୨୫୦ ଏକର ଜମି ଲୋଡ଼ିଛନ୍ତି ଆଦାନୀ କମ୍ପାନୀ କର୍ତ୍ତୃପକ୍ଷ । ଏହି ପ୍ରକଳ୍ପ ସମ୍ପ୍ରତି ରାଜ୍ୟ ସରକାରଙ୍କ ବିଚାରାଧୀନ ରହିଛି ଓ ପ୍ରକଳ୍ପ ନିମନ୍ତେ ଆବଶ୍ୟକ ଜମି, ଜଳ, ବିଦ୍ୟୁତ୍ ଆଦିର ଉପଲବ୍ଧତାକୁ ଅନୁଧ୍ୟାନ କରାଯାଉଥିବା ସୂଚନା ମିଳିଛି ।

'ଇକୋନୋମିକ୍ ଟାଇମ୍ସ ଡାଟା ସେଣ୍ଟର୍ସ'ର ରିପୋର୍ଟ ଅନୁଯାୟୀ ଆଦାନୀ ଗ୍ରୁପ୍ ୨୦୩୫ ସୁଦ୍ଧା ୧୦୦ ବିଲିୟନ୍ ଡଲାର ନିବେଶରେ ଅକ୍ଷୟ ଶକ୍ତି ଚାଳିତ ବୃହତ୍ ଏଆଇ ଡାଟା ସେଣ୍ଟର ଗଢ଼ିବାକୁ ଯୋଜନା ରଖିଛି । ସମ୍ପ୍ରତି କମ୍ପାନୀର ଏକ ଡ଼ାଟାସେଣ୍ଟର ଚେନ୍ନାଇରେ କାର୍ଯ୍ୟକ୍ଷମ ରହିଛି ଏବଂ ମୁମ୍ବାଇ, ପୁଣେ ଓ ହାଇଦ୍ରାବାଦରେ ଅନ୍ୟ ପ୍ରକଳ୍ପଗୁଡ଼ିକ କାର୍ଯ୍ୟ ଆରମ୍ଭ ହୋଇ ସାରିଛି । ପ୍ରସ୍ତାବିତ ପ୍ରକଳ୍ପଟିକୁ ଓଡ଼ିଶାରେ ସ୍ୱତନ୍ତ୍ର ନିବେଶ ଭାବେ ଯୋଜନା କରାଯାଉଛି ଏବଂ କଟକ ନିକଟବର୍ତ୍ତୀ କୌଣସି ସ୍ଥାନରେ ଏହି ପ୍ରକଳ୍ପ ସ୍ଥାପନ ହେବାର ସମ୍ଭାବନା ରହିଛି । ତେବେ ଏ ସମ୍ପର୍କରେ ସରକାରୀ ସ୍ତରରେ ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ । ପ୍ରକଳ୍ପର ଆବଶ୍ୟକତା, ନିବେଶ ସର୍ତ୍ତ ଓ ସମ୍ଭାବ୍ୟ ପ୍ରୋତ୍ସାହନ ସମ୍ପର୍କରେ ବିଚାରବିମର୍ଶ ପରେ ଶିଳ୍ପ ବିଭାଗ ଏହାକୁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ଅନୁମୋଦନ କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାପନ କରାଯିବ ।

ସୂଚନା ଅନୁସାରେ ପ୍ରସ୍ତାବିତ ପ୍ରକଳ୍ପଟି ମହାନଦୀ ପାୱାର୍ ଓ କଟକ ସନ୍ନିକଟ ନରାଜ ଅଞ୍ଚଳରେ ସ୍ଥାପନର ଯୋଜନା ରହିଛି । ନଦୀ ତଟବର୍ତ୍ତୀ ଅଞ୍ଚଳ ଓ ଏହି ଅଞ୍ଚଳରେ ▶ପୃଷ୍ଠା-୭

ଡାଟା ସେଣ୍ଟରରେ ଲକ୍ଷେ କୋଟି ନିବେଶ କରିବ କମ୍ପାନୀ

ରାଜ୍ୟ ସରକାରଙ୍କୁ କମ୍ପାନୀ ମାଗିଛି ୨୫୦ ଏକର ଜମି

ସମ୍ଭାବ୍ୟ ପ୍ରକଳ୍ପ ପାଇଁ କଟକ ଉପକଣ୍ଠ ନରାଜରେ ଜମି ଚିହ୍ନଟ

୨୦୨୮ ରାଷ୍ଟ୍ରପତି ଦୌଡ଼ରେ ଭାନ୍ସ ଓ ରୁବିଓଙ୍କ ନାମ ନେଲେ ଟ୍ରମ୍ପ

ୱାସିଂଟନ,୨୬ ।୧୦(ଏଜେନ୍ସି): ଆମେରିକାରେ ୨୦୨୮ ରାଷ୍ଟ୍ରପତି ନିର୍ବାଚନ ପାଇଁ ରିପବ୍ଲିକାନ୍ ପାର୍ଟିର ସମ୍ଭାବ୍ୟ ପ୍ରାର୍ଥୀ ଭାବେ ଉପରାଷ୍ଟ୍ରପତି ଜେଡି ଭାନ୍ସ ଓ ବୈଦେଶିକ ମନ୍ତ୍ରୀ ମାର୍କ ରୁବିଓଙ୍କ ନାମ ନେଇଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ତେବେ କାହାକୁ ସମର୍ଥନ କରିବେ, ସେନେଇ ସେ ସ୍ପଷ୍ଟ କରିନାହାନ୍ତି। ନଭେମ୍ବର ୩ରେ ହେବାକୁ ଥିବା ମଧ୍ୟବର୍ତ୍ତୀ ନିର୍ବାଚନ ପୂର୍ବରୁ ମିଚିଗାନରେ ଏକ ସାକ୍ଷାତକାରରେ ସେ ଏହି ମତ ରଖିଛନ୍ତି। ଇରାନର ପରମାଣୁ କ୍ଷମତାକୁ ଆମେରିକାର ଆକ୍ରମଣ ନଷ୍ଟ କରିଦେଇଛି ବୋଲି ଟ୍ରମ୍ପ ଦାବି କରିଛନ୍ତି। ଇରାନ ପରମାଣୁ ଅସ୍ତ୍ର ହାସଲ କରିବା ପୂର୍ବରୁ ଆକ୍ରମଣ ଜରୁରୀ ଥିଲା ବୋଲି ସେ ଯୁକ୍ତି ଦର୍ଶାଇଛନ୍ତି। ଅନ୍ୟପକ୍ଷରେ, ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି କହିଛନ୍ତି, ଯୁଦ୍ଧ ହେଲେ ମଧ୍ୟ ତେହେରାନର ନୀତି ବଦଳିବ ନାହିଁ। ଯୁଦ୍ଧ ପୂର୍ବ ସମୟ ତୁଳନାରେ ହର୍ମୁଜ୍ ପ୍ରଣାଳୀ ଦେଇ ବର୍ତ୍ତମାନ ଅଧିକ ତେଲ ପରିବହନ ହେଉଥିବା ଟ୍ରମ୍ପ ଦାବି କରିଛନ୍ତି। ଆମେରିକାର ନୌସେନା ଅବରୋଧକୁ ସେ ଏହାର କାରଣ ବୋଲି କହିଛନ୍ତି। ତେବେ ଏହି ଦାବିର ସ୍ୱତନ୍ତ୍ର ପୁଷ୍ଟି ରିପୋର୍ଟରେ ଦିଆଯାଇନାହିଁ। ନଭେମ୍ବର ୩ର ମଧ୍ୟବର୍ତ୍ତୀ ନିର୍ବାଚନ ଆମେରିକା କଂଗ୍ରେସର ଉଭୟ ସଦନର ନିୟନ୍ତ୍ରଣ ନିର୍ଦ୍ଧାରଣ କରିବ। ଏହା ଟ୍ରମ୍ପଙ୍କ ଶାସନ, ବୈଦେଶିକ ନୀତି ଓ ଅର୍ଥନୈତିକ ପରିଚାଳନା ପ୍ରତି ଜନସମର୍ଥନର ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ହେବ।

ଚତୁର୍ଥ ଥର ପାଇଁ ବ୍ରାଜିଲର ରାଷ୍ଟ୍ରପତି ହେଲେ ଲୁଲା



ବ୍ରାସିଲିଆ,୨୬ ।୧୦(ଏଜେନ୍ସି): ବ୍ରାଜିଲର ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହୋଇଛନ୍ତି ବାମପନ୍ଥୀ ନେତା ଲୁଇଜ୍ ଇନାସିଓ ଲୁଲା ଦା ସିଲଭା। ଏଥିସହ ସେ ଚତୁର୍ଥ ଥର ପାଇଁ ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ରବିବାର ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍‌ରେ ସେ ପୂର୍ବତନ ରାଷ୍ଟ୍ରପତି ଜାଇର୍ ବୋଲସୋନାରୋଙ୍କ ପୁଅ ଫ୍ଲାଭିଓ ବୋଲସୋନାରୋଙ୍କୁ ପରାସ୍ତ କରିଛନ୍ତି। ୯୯.୮୧ ପ୍ରତିଶତ ଭୋଟ୍ ଗଣତି ଶେଷ ସୁଦ୍ଧା ଲୁଲା ୫୧.୭୬ ପ୍ରତିଶତ ଭୋଟ୍ ପାଇଥିବା ବେଳେ ଫ୍ଲାଭିଓଙ୍କୁ ୪୮.୨୪ ପ୍ରତିଶତ ଭୋଟ୍ ମିଳିଛି। ୮୦ ବର୍ଷୀୟ ଲୁଲାଙ୍କ ଏହି ବିଜୟ ତାଙ୍କ ରାଜନୈତିକ ଜୀବନରେ ଆଉ ଏକ ଅଧ୍ୟାୟ ଯୋଡ଼ିଛି। ନୂଆ କାର୍ଯ୍ୟକାଳ ଶେଷରେ ସେ ମୋଟ ୧୬ ବର୍ଷ ରାଷ୍ଟ୍ରପତି ଭାବେ ଦାୟିତ୍ୱ ତୁଲାଇଥିବେ। ନିର୍ବାଚନରେ ଦରଦାମ ବୃଦ୍ଧି, ଅପରାଧ ଓ ଦୁର୍ନୀତି ପ୍ରମୁଖ ପ୍ରସଙ୍ଗ ଥିଲା। ୧୯୮୯ରେ ପ୍ରତ୍ୟକ୍ଷ ନିର୍ବାଚନ ଫେରିବା ପରେ ପ୍ରଥମ ପର୍ଯ୍ୟାୟରେ ଦ୍ୱିତୀୟ ସ୍ଥାନରେ ରହି ରାଷ୍ଟ୍ରପତି ହେବାରେ ଲୁଲା ପ୍ରଥମ ପ୍ରାର୍ଥୀ ବୋଲି ରିପୋର୍ଟରେ କୁହାଯାଇଛି।

ବିଶେଷ ଟିପ୍ପଣୀ

ସରକାର ଷ୍ଟାର ଆଙ୍କରଙ୍କ ଡିଡି ନ୍ୟୁଜ୍ ଶୋ' ପାଇଁ ବାର୍ଷିକ ୧୫ କୋଟି ଖର୍ଚ୍ଚ କରୁଥିବା ବେଳେ ଇସ୍ରୋ ଅଧ୍ୟକ୍ଷଙ୍କ ମୂଳ ଦରମା ବାର୍ଷିକ ପ୍ରାୟ ୨୭ ଲକ୍ଷ ରହିଛି। ଆମେ ଦେଶର ପ୍ରାଥମିକତା ଉପରେ ପୁନର୍ବିଚାର କରିବା ଉଚିତ୍। ଭାରତର ମହାକାଶ ଜୟ ଲକ୍ଷ୍ୟ ପାଇଁ ଆମର ସର୍ବୋତ୍ତମ ବୈଜ୍ଞାନିକଙ୍କୁ ଉପଯୁକ୍ତ ଭାବେ ପୁରସ୍କୃତ କରିବା ଆବଶ୍ୟକ।

-ହର୍ଷ ଗୋଏଙ୍କା (ଆର୍‌ପିଜି ଏଣ୍ଟରପ୍ରାଇଜ୍ ଅଧ୍ୟକ୍ଷ)

ମହାରାଷ୍ଟ୍ରରେ ମରୁଡ଼ି ସମୟରେ ଆର୍ଥିକ ଅଭାବ ଦର୍ଶାଇ ଗରିବଙ୍କ ଖାଦ୍ୟ ସାମଗ୍ରୀ ସରକାର ବନ୍ଦ କରିଛନ୍ତି। କେବଳ ନିର୍ବାଚନ ପାଇଁ ଘୋଷଣା କରିଦେଇ ଦୀପାବଳି ପୂର୍ବରୁ ଗରିବଙ୍କ ମୁହଁରୁ ଆହାର ଛଡ଼ାଇ ନେଇଛନ୍ତି ସରକାର। ସରକାର ତୁରନ୍ତ ଯୋଗ୍ୟ ପରିବାରଙ୍କୁ ସଉଦା ଯୋଗାଇବାକୁ ପାଣ୍ଠି ଗଠନ କରନ୍ତୁ।

-ସୁପ୍ରିୟା ସୁଲେ (ମହାରାଷ୍ଟ୍ର ଏନ୍‌ସିପି ସାଂସଦ)

ଜେନ୍ Z

ବ୍ୟବସାୟୀ ମାନେ ଜ୍ଞାନେଶଙ୍କୁ ଭେଟି ତାଙ୍କ ସହ କଥା ହେବା ଉଚିତ। ହୁଏତ ବ୍ୟବସାୟୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ସେ ଇସ୍ତଫା ଦେଇପାରନ୍ତି। କାରଣ ଦେଶ ସ୍ୱାର୍ଥ ପାଇଁ ସେ ଇସ୍ତଫା ଦେବା ଭଳି ଆଶା ନାହିଁ।

- ରଜନୀଶ ଶଙ୍କର ବେକ୍ରିୱାଲା @rajnishbakery

'୩୦ ସେକେଣ୍ଡରେ ବିକ୍ଷୋଭ ବନ୍ଦ ହେବ'

ବ୍ୟବସାୟୀଙ୍କୁ ରାହୁଲଙ୍କ ଜବାବ

ନୂଆଦିଲ୍ଲୀ,୨୬।୧୦: ଦିଲ୍ଲୀର ରାମଲୀଳା ମୈଦାନରେ ନଭେମ୍ବର ୧ରେ ହେବାକୁ ଥିବା ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ବିକ୍ଷୋଭକୁ ଘୁଞ୍ଚାଇବାକୁ ବ୍ୟବସାୟୀ ସଂଗଠନର ଅନୁରୋଧକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ପ୍ରତ୍ୟାଖ୍ୟାନ କରିଛନ୍ତି। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ପଦରୁ ହଟାଇବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କହିଲେ ମାତ୍ର ୩୦ ସେକେଣ୍ଡରେ ବିକ୍ଷୋଭ ବନ୍ଦ ହୋଇଯିବ ବୋଲି ସେ କହିଛନ୍ତି। ସୋମବାର ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ କରି ରାହୁଲ ଦିଲ୍ଲୀର ବ୍ୟବସାୟୀଙ୍କୁ ଉଦ୍ଦେଶ୍ୟ କରି କହିଛନ୍ତି ଯେ ସେମାନଙ୍କ ଚିନ୍ତାକୁ କଂଗ୍ରେସ ବୁଝୁଛି। କିନ୍ତୁ ନିର୍ବାଚନରେ ଭୋଟ୍ ଚୋରି ହେଉଥିବା ଅଭିଯୋଗ ଉଠାଇ ସେ କହିଛନ୍ତି, ଭୋଟ୍ ଚୋରି ହେଲେ ଦୋକାନ, ସଞ୍ଚୟ ଓ ପିଲାଙ୍କ ଭବିଷ୍ୟତ କିଛି ବି ସୁରକ୍ଷିତ ରହିବ ନାହିଁ। ଦିଲ୍ଲୀର ବ୍ୟବସାୟୀ ସଂଗଠନ 'ଚାମ୍ବର ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି' (ସିଟିଆଇ) ଅଧ୍ୟକ୍ଷ ବ୍ରିଜେଶ ଗୋୟଲ ରାହୁଲଙ୍କୁ ଚିଠି ଲେଖି ନଭେମ୍ବର ୧୦ ପରେ ବିକ୍ଷୋଭ କରିବାକୁ ଅନୁରୋଧ କରିଥିଲେ। ଉତ୍ସବ ଋତୁରେ ରାମଲୀଳା ମୈଦାନରେ ବଡ଼ ସମାବେଶ ଯୋଗୁଁ ଦିଲ୍ଲୀର ପ୍ରାୟ ୧୦ ହଜାର କୋଟି ଟଙ୍କାର ବାଣିଜ୍ୟ ପ୍ରଭାବିତ ହୋଇପାରେ ବୋଲି ସେ ଆଶଙ୍କା ପ୍ରକାଶ କରିଥିଲେ। ଧନତେରସ୍ ନଭେମ୍ବର ୬, ଦୀପାବଳି ନଭେମ୍ବର ୮ ଏବଂ ଭାଇଦୂଜ୍ ନଭେମ୍ବର ୧୦ରେ ପଡୁଥିବାରୁ ଏହି ସମୟରେ ବଜାରରେ ଅଧିକ ଗହଳି ହୋଇଥାଏ। ଧନତେରସ୍ ଅବସରରେ ଦିଲ୍ଲୀର ବଜାରଗୁଡ଼ିକରେ ପ୍ରାୟ ୨୫ ହଜାର କୋଟି ଟଙ୍କାର କାରବାର ହେଉଥିବା ସିଟିଆଇ ଦାବି କରିଛି। ଉଲ୍ଲେଖଯୋଗ୍ୟ, ସ୍ୱତନ୍ତ୍ର ଗଭୀର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଓ ନିର୍ବାଚନ କମିସନଙ୍କ କାର୍ଯ୍ୟଶୈଳୀକୁ ନେଇ ବିରୋଧୀ ଦଳଗୁଡ଼ିକ ଅଭିଯୋଗ ଉଠାଇ ଆସୁଛନ୍ତି। ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ନଭେମ୍ବର ୧ର ବିକ୍ଷୋଭ ଏହି ଆନ୍ଦୋଳନର ଅଂଶ।

ପହିଲାରେ ରାମଲୀଳା ମଇଦାନରେ ବିରୋଧୀଙ୍କ ରାଲି ନିଶ୍ଚିତ: ଖଡ୍‌ଗେଙ୍କ ଏକତା ଆହ୍ୱାନ

ଦିଲ୍ଲୀର ରାମଲୀଳା ମଇଦାନରେ ନଭେମ୍ବର ୧ରେ ହେବାକୁ ଥିବା 'ଭୋଟ୍ ବଞ୍ଚାଅ, ଦେଶ ବଞ୍ଚାଅ' ରାଲିକୁ ସ୍ଥଗିତ ରଖିବା ପରିବର୍ତ୍ତେ ଏହା ଆୟୋଜନ କରିବା ଉପରେ କଂଗ୍ରେସ ଦୃଢ଼ ରହିଛି। ଅନ୍ୟପକ୍ଷରେ, ରାଲି ଯୋଗୁଁ ପାର୍ବଣ ସମୟରେ ବ୍ୟବସାୟ ପ୍ରଭାବିତ ହେବା ଆଶଙ୍କା ପ୍ରକାଶ କରିଛନ୍ତି ବ୍ୟବସାୟୀ ସଂଗଠନ। ଏହି ପ୍ରସଙ୍ଗରେ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ଦାୟୀ କରିବା ସହ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କୁ ପଦରୁ ହଟାଇବାକୁ ଦାବି କରିଛନ୍ତି। ସୋମବାର 'ଏକ୍ସ'ରେ ଏକ ପୋଷ୍ଟ କରି ରାହୁଲ କହିଛନ୍ତି ଯେ ଦିଲ୍ଲୀରେ ମେଟ୍ରୋ ବନ୍ଦ, ରାସ୍ତାରେ ପ୍ରତିବନ୍ଧକ ଓ ଯାତାୟାତ କଟକଣା ପାଇଁ ସରକାର ଦାୟୀ, ବିରୋଧୀଙ୍କ ରାଲି ନୁହେଁ। ସେ ଦିଲ୍ଲୀର ବ୍ୟବସାୟୀଙ୍କୁ ସମ୍ବୋଧିତ କରି ଲେଖିଛନ୍ତି, 'ମୋଦୀଙ୍କୁ ଜ୍ଞାନେଶ କୁମାରଙ୍କୁ ପଦରୁ ହଟାଇବାକୁ କୁହନ୍ତୁ, ବିରୋଧ ପ୍ରଦର୍ଶନ ୩୦ ସେକେଣ୍ଡରେ ବନ୍ଦ ହୋଇଯିବ।' ନିର୍ବାଚନରେ ଅନିୟମିତତା ହୋଇଥିବା ବିରୋଧୀଙ୍କ ଅଭିଯୋଗ ସହ ସେ ବ୍ୟବସାୟୀଙ୍କ ସମସ୍ୟାକୁ ଯୋଡ଼ିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ମଧ୍ୟ ରାଲିରେ ଯୋଗଦେବାକୁ ଲୋକଙ୍କୁ ଆହ୍ୱାନ କରିଛନ୍ତି। ପାର୍ବଣ ସମୟରେ ମଧ୍ୟ ଲୋକେ ମହଙ୍ଗା ଦରରେ ଅତିଷ୍ଠ ହେଉଥିବା ବେଳେ ସରକାର ଏହା ପ୍ରତି ଧ୍ୟାନ ଦେଉନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ରାଲିକୁ ସଫଳ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ଏହା ପୂର୍ବରୁ ଚାମ୍ବର ଅଫ୍ ଟ୍ରେଡ୍ ଆଣ୍ଡ ଇଣ୍ଡଷ୍ଟ୍ରି (ସିଟିଆଇ) ବିରୋଧୀ ନେତାଙ୍କୁ ଚିଠି ଲେଖି ରାଲିକୁ ନଭେମ୍ବର ୧୦ ପରେ କରିବାକୁ ଅନୁରୋଧ କରିଥିଲା। ଧନତେରସ୍, ଦୀପାବଳି ଓ ଭାଇଦୂଜ୍ ପୂର୍ବରୁ ରାସ୍ତା ବଦଳ, ସୁରକ୍ଷା ବ୍ୟାରିକେଡ୍ ଏବଂ ମେଟ୍ରୋ ଷ୍ଟେସନ୍ ବନ୍ଦ ହେଲେ ଚାନ୍ଦନୀଚୌକ, ସଦର ବଜାର ଓ କରୋଲବାଗ୍‌ର ବ୍ୟବସାୟ ପ୍ରଭାବିତ ହୋଇପାରେ ବୋଲି ସଂଗଠନ ଆଶଙ୍କା କରିଛି। ଏଥିଯୋଗୁଁ ପ୍ରାୟ ୧୦ ହଜାର କୋଟି ଟଙ୍କାର ବ୍ୟବସାୟ କ୍ଷତି ହେବାର ଆଶଙ୍କା ମଧ୍ୟ ପ୍ରକାଶ କରାଯାଇଛି।

୧୦୦ କୋଟି ଲାଞ୍ଚ ମାମଲାରେ ଡିଏମ୍‌କେର ପୂର୍ବତନ ମନ୍ତ୍ରୀ ଗିରଫ

ଚେନ୍ନଇ,୨୬ ।୧୦(ଏଜେନ୍ସି): ତାମିଲନାଡୁର ପୂର୍ବତନ ବିଦ୍ୟାଳୟ ଶିକ୍ଷାମନ୍ତ୍ରୀ ତଥା ଡିଏମ୍‌କେର ବରିଷ୍ଠ ନେତା ଅନ୍‌ବିଲ୍ ମହେଶ ପୋୟାମୋଝିଙ୍କୁ ୧୦୦ କୋଟି ଟଙ୍କାର କଥିତ ଦୁର୍ନୀତି ମାମଲାରେ ଗିରଫ କରିଛି ଚେନ୍ନାଇ ପୁଲିସର କେନ୍ଦ୍ରୀୟ ଅପରାଧ ଶାଖା। ଘରୋଇ ବିଦ୍ୟାଳୟଗୁଡ଼ିକୁ ସରକାରୀ ଅନୁମତି ଓ ମାନ୍ୟତା ଦେବାର ପ୍ରତିଶ୍ରୁତି ଦେଇ ଅର୍ଥ ଆଦାୟ କରାଯାଇଥିବା ଅଭିଯୋଗର ତଦନ୍ତ ଚାଲିଛି। ଏହି ଘଟଣାରେ ୧୭୭ଟି ବିଦ୍ୟାଳୟ ପ୍ରଭାବିତ ହୋଇଥିବା ତଦନ୍ତକାରୀଙ୍କ ସନ୍ଦେହ। ତଦନ୍ତ ସମୟରେ ଡିଜିଟାଲ୍ ଉପକରଣରୁ ମିଳିଥିବା ତଥ୍ୟ ଓ ଜେରା ବେଳେ ରେକର୍ଡ ହୋଇଥିବା ବୟାନ ଆଧାରରେ ମହେଶଙ୍କୁ ଅଭିଯୁକ୍ତ କରାଯାଇଥିବା ସୂତ୍ରରୁ ଜଣାପଡ଼ିଛି। ତାଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନର ବିଭିନ୍ନ ଧାରା ଲାଗୁ ହୋଇଛି। ତେବେ ମହେଶ ଅଭିଯୋଗକୁ ଖଣ୍ଡନ କରିଛନ୍ତି।

ନୋବେଲ ଶାନ୍ତି ପୁରସ୍କାର ନମିଳିବାରୁ ଟ୍ରମ୍ପ କ୍ଷୁବ୍ଧ
ନରୱେକୁ କହିଲେ 'ଖରାପ ଦେଶ'

ୱାସିଂଟନ,୨୬ ।୧୦(ଏଜେନ୍ସି): ନୋବେଲ ଶାନ୍ତି ପୁରସ୍କାର ନ ମିଳିବାକୁ ନେଇ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଅସନ୍ତୋଷ ପ୍ରକାଶ କରିଛନ୍ତି। ମିଚିଗାନରେ ଏକ ନିର୍ବାଚନୀ ସଭାରେ ନରୱେକୁ ସମାଲୋଚନା କରିବା ସହ ସେଠାକାର ଲୋକଙ୍କୁ ଆମେରିକା ଆସିବାକୁ ଚାହୁଁନାହାନ୍ତି ବୋଲି କହିଛନ୍ତି ଟ୍ରମ୍ପ। ଟ୍ରମ୍ପ କହିଛନ୍ତି, ସେ ଆଠଟି ଯୁଦ୍ଧ ବନ୍ଦ କରିଥିଲେ ମଧ୍ୟ ତାଙ୍କୁ ନୋବେଲ ପୁରସ୍କାର ମିଳିନାହିଁ। ଏଥିପାଇଁ ସେ ନରୱେକୁ ଏକ ଖରାପ ଦେଶ ବୋଲି କହିଛନ୍ତି। ଫ୍ରାନ୍ସରେ ସାମ୍ପ୍ରତିକ ହିଂସା ପାଇଁ ମଧ୍ୟ ସେ ପ୍ରବାସୀଙ୍କୁ ଦାୟୀ କରିଛନ୍ତି। ତେବେ ନୋବେଲ ଶାନ୍ତି ପୁରସ୍କାର ନରୱେ ସରକାର ପ୍ରଦାନ କରନ୍ତି ନାହିଁ। ଏହାର ବିଜେତାଙ୍କୁ ନରୱେର ସ୍ୱାଧୀନ ନୋବେଲ କମିଟି ଚୟନ କରେ। ଏହି ପୁରସ୍କାର ପାଇବାକୁ ଟ୍ରମ୍ପ ୨୦୧୮ରୁ ନିଜର ଦାବି ଉପସ୍ଥାପନ କରିଆସୁଛନ୍ତି। ୨୦୨୬ର ନୋବେଲ ଶାନ୍ତି ପୁରସ୍କାର ନାଭି ପିଲ୍ଲାଇଙ୍କୁ ମିଳିବା ପରେ ମଧ୍ୟ ସେ ଅସନ୍ତୋଷ ପ୍ରକାଶ କରିଥିବା ରିପୋର୍ଟରେ କୁହାଯାଇଛି।

ଟାଇଗର ଶ୍ରଫ୍‌ଙ୍କ ଗାଡ଼ିକୁ ଗୁଳିମାଡ଼ ମାମଲା: ଆମିର ଖାନ୍ ଥିଲେ ଟାର୍ଗେଟ୍

ମୁମ୍ବଇ,୨୬ ।୧୦(ଏଜେନ୍ସି): ବଲିଉଡ୍ ଅଭିନେତା ଟାଇଗର ଶ୍ରଫ୍‌ଙ୍କ ଗାଡ଼ିକୁ ଗୁଳିମାଡ଼ ମାମଲାରେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍‌ର ସଦସ୍ୟମାନେ ପ୍ରଥମେ ଅଭିନେତା ଆମିର ଖାନ୍‌ଙ୍କୁ ଟାର୍ଗେଟ୍ କରିଥିବା ପୁଲିସ ତଦନ୍ତରୁ ଜଣାପଡ଼ିଛି। ତାଙ୍କ ବାନ୍ଦ୍ରାସ୍ଥିତ ବାସଭବନ ନିକଟରେ ପ୍ରାୟ ଏକ ମାସ ଧରି ତିନିଥର ଗୁପ୍ତ ନିରୀକ୍ଷଣ କରାଯାଇଥିଲା। ତେବେ ଆମିର ଖାନ୍ ସୁଟିଂ ପାଇଁ ବାହାରେ ରହୁଥିବାରୁ ତାଙ୍କ ପାଖରେ ପହଞ୍ଚିବା କଷ୍ଟକର ହୋଇଥିଲା। ଏହାପରେ ଗ୍ୟାଙ୍ଗ୍ ସଲମାନ ଖାନ୍‌ଙ୍କୁ ମଧ୍ୟ ଟାର୍ଗେଟ୍ କରିବା ଯୋଜନା ଛାଡ଼ିଥିବା ସୂତ୍ରରୁ ଜଣାପଡ଼ିଛି। ଅକ୍ଟୋବର ୧୮ରେ ମୁମ୍ବାଇର ଜୁହୁ ଅଞ୍ଚଳରେ ଟାଇଗରଙ୍କ ଗାଡ଼ି ଉପରକୁ ଗୁଳି ଚଳାଯାଇଥିଲା। ଏଥିରେ ତାଙ୍କ ଡ୍ରାଇଭର ଓ ଜଣେ ପଥଚାରୀ ଆହତ ହୋଇଥିଲେ। ଏଯାଏଁ ୧୧ ଜଣ ଗିରଫ ହୋଇଛନ୍ତି। ଘଟଣାରେ ପୁଲିସ ତଦନ୍ତ ଜାରି ରଖିଛି।

ଅନନ୍ତ ସିଂହଙ୍କ ବିଧାୟକ ପଦ ରଦ୍ଦ ପାଇଁ ଜେଡିୟୁର ଦାବି

ପାଟନା,୨୬ ।୧୦(ଏଜେନ୍ସି): ବିହାରରେ ଜେଡିୟୁ ଓ ମୋକାମା ବିଧାୟକ ଅନନ୍ତ ସିଂହଙ୍କ ମଧ୍ୟରେ ବିବାଦ ତୀବ୍ର ହୋଇଛି। ଦଳରୁ ୬ ବର୍ଷ ପାଇଁ ବହିଷ୍କୃତ ଅନନ୍ତଙ୍କ ବିଧାୟକ ପଦ ରଦ୍ଦ କରିବାକୁ ଦଳ ବିଧାନସଭା ବାଚସ୍ପତିଙ୍କ ନିକଟରେ ଦାବି କରିଛି। ଜେଡିୟୁର ରାଜ୍ୟ ସଭାପତି ଉମେଶ କୁଶୱାହା ସୋମବାର ୧୦ ପୃଷ୍ଠାର ପ୍ରମାଣପତ୍ର ଓ ଭିଡିଓ ଦାଖଲ କରିଛନ୍ତି। ଏପଟେ ଅନନ୍ତଙ୍କ ପତ୍ନୀ ନୀଲମ ଦେବୀଙ୍କୁ ୨୦-ସୂତ୍ରୀ କମିଟିରୁ ହଟାଇବା ସହ ରାଷ୍ଟ୍ରମନ୍ତ୍ରୀ ପାହ୍ୟା ମଧ୍ୟ ପ୍ରତ୍ୟାହାର କରାଯାଇଛି। ଦଳବିରୋଧୀ କାର୍ଯ୍ୟ ଅଭିଯୋଗରେ ଉଭୟଙ୍କୁ ବହିଷ୍କାର କରାଯାଇଛି। ଅନନ୍ତ ସିଂହ ନିଜସ୍ୱ ଦଳ ଗଠନ କରିବାକୁ ଘୋଷଣା କରିବା ସହ ନିର୍ବାଚନରେ ଜେଡିୟୁ ୧୨ଟି ଆସନକୁ ଖସିବ ବୋଲି ଦାବି କରିଛନ୍ତି। ବିଧାୟକ ପଦ ରଦ୍ଦ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ବାଚସ୍ପତି ନେବେ। ଏ ନେଇ ଆଗକୁ କଣ ଘଟୁଛି ତାହା ଦେଖିବାକୁ ବାକି ରହିଲା।

ହାଇଦରାବାଦରେ ଗ୍ରୀଷ୍ମକାଳ ଭଳି ଜଳ ସଙ୍କଟ

ଟ୍ୟାଙ୍କର ଚାହିଦା ୨୩୩% ବୃଦ୍ଧି, ୨୦ ହଜାର ନଳକୂପ ଶୁଖିଲା

ହାଇଦରାବାଦ,୨୬ ।୧୦(ଏଜେନ୍ସି): ମୌସୁମୀ ଶେଷ ହେବାର ମାତ୍ର ୧୭ ଦିନ ପରେ ତେଲଙ୍ଗାନାର ହାଇଦରାବାଦରେ ଗ୍ରୀଷ୍ମକାଳ ଭଳି ଜଳ ସଙ୍କଟ ଦେଖାଦେଇଛି। ସହରରେ ଜଳ ଟ୍ୟାଙ୍କର ଚାହିଦା ୨୩୩ ପ୍ରତିଶତ ବଢ଼ିଥିବା ବେଳେ ପ୍ରାୟ ୨୦ ହଜାର ନଳକୂପ ଶୁଖିଯାଇଛି। ଜଳାଭାବ ଯୋଗୁଁ ବାସରାସ୍ଥିତ ତେଲଙ୍ଗାନା ବିଶ୍ୱବିଦ୍ୟାଳୟରେ ସୋମବାରଠାରୁ ଅନଲାଇନ୍‌ରେ ପାଠପଢ଼ା କରିବାକୁ ନିଷ୍ପତ୍ତି ହୋଇଛି। ଜଳ ବୋର୍ଡର ତଥ୍ୟ ଅନୁଯାୟୀ, ଅକ୍ଟୋବରରେ ଏଯାଏଁ ୬୨,୫୬୫ଟି ଟ୍ୟାଙ୍କର ପାଇଁ ବୁକିଂ ହୋଇଛି। ଗତବର୍ଷ ଏହି ସମୟରେ ଏହି ସଂଖ୍ୟା ୧୮,୮୦୬ ଥିଲା। ସାଧାରଣତଃ ମାର୍ଚ୍ଚରୁ ଟ୍ୟାଙ୍କର ଚାହିଦା ବଢୁଥିବା ବେଳେ ଏଥର ଅକ୍ଟୋବରରୁ ପ୍ରତିଦିନ ପ୍ରାୟ ୮ ହଜାର ଟ୍ୟାଙ୍କର ବୁକିଂ ହେଉଛି। ବୋଡୁପ୍ପାଲ ଅଞ୍ଚଳରେ ଗତବର୍ଷ ତୁଳନାରେ ଚାହିଦା ୨୨ ଗୁଣ ବଢ଼ିଛି। ବାସରା ବିଶ୍ୱବିଦ୍ୟାଳୟରେ ପ୍ରତିଦିନ ୨୫ ଲକ୍ଷ ଲିଟର ଜଳ ଆବଶ୍ୟକ ହେଉଥିବା ବେଳେ ମାତ୍ର ୧୦ ଲକ୍ଷ ଲିଟର ମିଳୁଛି। ସହରରେ ବର୍ଷାର ପରିମାଣ ମଧ୍ୟ ସ୍ୱାଭାବିକଠାରୁ ୨୭% କମ୍ ରହିଛି। ସାଧାରଣତଃ ୬୨୭ ମିଲିମିଟର ବର୍ଷା ହେଉଥିବା ବେଳେ ଏଥର ମାତ୍ର ୪୫୮ ମିଲିମିଟର ହୋଇଛି। ଫଳରେ ଭୂତଳ ଜଳସ୍ତର ହ୍ରାସ ପାଇଛି। ୨୦୨୫ ସେପ୍ଟେମ୍ବର ତୁଳନାରେ ୨୦୨୬ ସେପ୍ଟେମ୍ବରରେ ଭୂତଳ ଜଳସ୍ତର ହାରାହାରି ୨୨.୫ ଫୁଟ୍ ତଳକୁ ଖସିଛି। ଏହି ସଙ୍କଟ ମଧ୍ୟରେ କେତେକ ଅଞ୍ଚଳରେ ବେଆଇନ ଭାବେ ଜଳ ଉତ୍ତୋଳନ କରି ଟ୍ୟାଙ୍କରରେ ବିକ୍ରି କରାଯାଉଥିବା ଘଟଣା ସାମ୍ନାକୁ ଆସିଛି। ସୁନ୍ନମ ଚେରୁଭୁ ହ୍ରଦ ନିକଟରେ ୧୫ଟି ନଳକୂପ ଓ ସେଗୁଡ଼ିକ ସହ ଯୋଡ଼ା ଯାଇଥିବା ପାଇପ୍ ହଟାଯାଇଛି। ହାଇଦରାବାଦକୁ ଜଳ ଯୋଗାଉଥିବା ସିଙ୍ଗୁର ଜଳଭଣ୍ଡାରରେ ଅକ୍ଟୋବର ୧୭ ସୁଦ୍ଧା ମାତ୍ର ୧୧% ଜଳ ରହିଥିଲା। ବର୍ତ୍ତମାନର ଉତ୍ତୋଳନ ହାର ଜାରି ରହିଲେ ନଭେମ୍ବର ୯ ପର୍ଯ୍ୟନ୍ତ ସାଧାରଣ ଜଳ ଯୋଗାଣ ସମ୍ଭବ ହେବ ବୋଲି ଆକଳନ କରାଯାଇଛି। ଜଳ ବୋର୍ଡ ଲୋକଙ୍କୁ ଜଳ ବ୍ୟବହାର ୨୦% କମାଇବାକୁ ଅନୁରୋଧ କରିଛି।

ପ୍ରତିରକ୍ଷା କ୍ରୟ ପାଇଁ ୨.୧୨ ଲକ୍ଷ କୋଟିର ପ୍ରସ୍ତାବକୁ ମଞ୍ଜୁରି

ନୂଆଦିଲ୍ଲୀ,୨୬।୧୦(ଏଜେନ୍ସି): ଦେଶର ପ୍ରତିରକ୍ଷା ବାହିନୀ ପାଇଁ ୨.୧୨ ଲକ୍ଷ କୋଟି ଟଙ୍କାର ଅସ୍ତ୍ରଶସ୍ତ୍ର ଓ ସାମରିକ ଉପକରଣ କ୍ରୟ ପ୍ରସ୍ତାବକୁ ସୋମବାର ମଞ୍ଜୁରି ମିଳିଛି। ଏଥିରେ ହେଲିକପ୍ଟର, ଦୂରଗାମୀ ଆତ୍ମଘାତୀ ଡ୍ରୋନ୍ ବ୍ୟବସ୍ଥା, ରାଡାର ଓ ବିଭିନ୍ନ ଅସ୍ତ୍ରଶସ୍ତ୍ର ସାମିଲ ରହିଛି। ମୋଟ କ୍ରୟର ପ୍ରାୟ ୮୨ ପ୍ରତିଶତ ଭାରତୀୟ ଶିଳ୍ପ ସଂସ୍ଥାଗୁଡ଼ିକଠାରୁ କରାଯିବ। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି) ବୈଠକରେ ଏହି କ୍ରୟ ପ୍ରସ୍ତାବଗୁଡ଼ିକୁ ଅନୁମୋଦନ ମିଳିଛି। ଭାରତୀୟ ସ୍ଥଳସେନା ପାଇଁ ଅଧିକ ଗତିଶୀଳତା ସମ୍ପନ୍ନ ଯାନ, ସ୍ୱୟଂଚାଳିତ ଟ୍ରାକ୍‌ଯୁକ୍ତ ତୋପ ବ୍ୟବସ୍ଥା, ଅତି ସ୍ୱଳ୍ପ ଦୂରଗାମୀ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଓ ଡ୍ରୋନ୍ ବିରୋଧୀ ବ୍ୟବସ୍ଥା କ୍ରୟ କରାଯିବ। ଏଥିସହ ହାଲୁକା ବହୁମୁଖୀ ହେଲିକପ୍ଟର, ମାନବବିହୀନ ବିମାନ ବ୍ୟବସ୍ଥା, ନିରୀକ୍ଷଣ ଡ୍ରୋନ୍, ସମନ୍ୱିତ ନିରୀକ୍ଷଣ ଓ ଆକ୍ରମଣ ବ୍ୟବସ୍ଥା ଏବଂ ଦୂରଗାମୀ ଆତ୍ମଘାତୀ ଡ୍ରୋନ୍ କ୍ରୟ ପ୍ରସ୍ତାବ ମଧ୍ୟ ରହିଛି। ଭାରତୀୟ ନୌସେନା ପାଇଁ ସକ୍ରିୟ ଅଫ୍‌ବୋର୍ଡ ଡିକଏ ବ୍ୟବସ୍ଥା ସମେତ ଅନ୍ୟାନ୍ୟ ସାମରିକ ଉପକରଣ କିଣାଯିବ। ଏହି ବ୍ୟବସ୍ଥା ଶତ୍ରୁପକ୍ଷର ଆକ୍ରମଣକୁ ଭ୍ରମିତ କରିବାରେ ସହାୟକ ହୋଇଥାଏ। ସେହିପରି ବାୟୁସେନା ପାଇଁ ହେଲିକପ୍ଟର, ବାୟୁ ପ୍ରତିରକ୍ଷା ପ୍ରଣାଳୀ ଓ ରାଡାର କ୍ରୟକୁ ଅନୁମୋଦନ ମିଳିଛି।

ଅରୁଣାଚଳରେ ଚୀନ୍ ସେନାର ଅନୁପ୍ରବେଶ ଅଭିଯୋଗ, ତଦନ୍ତ ଦାବିକଲା କଂଗ୍ରେସ

ଇଟାନଗର,୨୬।୧୦(ଏଜେନ୍ସି): ଅରୁଣାଚଳ ପ୍ରଦେଶର ଅପର ସୁବନସିରି ଜିଲ୍ଲାରେ ଚୀନ୍ ସେନା ଭାରତୀୟ ସୀମା ଭିତରକୁ ୪୦ରୁ ୫୦ କିଲୋମିଟର ପ୍ରବେଶ କରିଥିବା କଂଗ୍ରେସ ଅଭିଯୋଗ କରିଛି। ରାଜ୍ୟ କଂଗ୍ରେସ ସଭାପତି ତଥା ପୂର୍ବତନ ଶିକ୍ଷାମନ୍ତ୍ରୀ ବୋସିରାମ ସିରାମ ସୋମବାର ଏହି ଅଭିଯୋଗ ଆଣିବା ସହ ସୀମା ପରିସ୍ଥିତିର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ଅନ୍ୟପକ୍ଷରେ, ଅନୁପ୍ରବେଶ ସମ୍ପର୍କିତ ଏକ ଭିଡିଓକୁ ଭାରତୀୟ ସେନା ନକଲି ବୋଲି କହିଛି। ଏହା ୨୦୨୩ର ଏକ ସାମ୍ବାଦିକ ସମ୍ମିଳନୀର ଦୃଶ୍ୟକୁ ସମ୍ପାଦନା କରି ପ୍ରସ୍ତୁତ କରାଯାଇଥିବା ସେନା ପକ୍ଷରୁ କୁହାଯାଇଛି। ସିରାମଙ୍କ କହିବା ଅନୁଯାୟୀ, ଅଗଷ୍ଟ ୨୬ରୁ ୨୯ ମଧ୍ୟରେ କଂଗ୍ରେସର ଏକ ପ୍ରତିନିଧି ଦଳ ନାଚୋ, ଲିମେକିଂ ଓ ତାକସିଂ ସମେତ ସୀମାନ୍ତ ଅଞ୍ଚଳ ପରିଦର୍ଶନ କରି ସ୍ଥାନୀୟ ଲୋକଙ୍କ ସହ କଥା ହୋଇଥିଲା। ସୀମାନ୍ତବାସୀଙ୍କ ଯାତାୟାତ, ୟାକ୍ ପାଳନ ଓ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ ଭଳି ପାରମ୍ପରିକ ଜୀବିକା ପ୍ରଭାବିତ ହେଉଥିବା ସେ ଅଭିଯୋଗ କରିଛନ୍ତି। ଜୁଲାଇ ଶେଷ ସପ୍ତାହରେ ଭାରତୀୟ ଓ ଚୀନ୍ ସେନା ମଧ୍ୟରେ ମୁହାଁମୁହିଁ ଘଟଣା ଘଟିଥିବା ନେଇ ସ୍ଥାନୀୟ ଲୋକେ ସୂଚନା ଦେଇଥିବା ମଧ୍ୟ ସେ କହିଛନ୍ତି।

ୟୁକ୍ରେନ୍‌ରେ କ୍ଷେପଣାସ୍ତ୍ର ମାଡ଼ରେ ତେଲଙ୍ଗାନା ଯୁବକ ମୃତ

ହାଇଦରାବାଦ,୨୬ ।୧୦(ଏଜେନ୍ସି): ୟୁକ୍ରେନ୍‌ରେ ରୁଷୀୟ କ୍ଷେପଣାସ୍ତ୍ର ମାଡ଼ରେ ପ୍ରାଣ ହରାଇଥିବା ତେଲଙ୍ଗାନାର ୪୨ ବର୍ଷୀୟ ଅଭିଲାଲା ସୁଦର୍ଶନ ଗୌଡ଼ଙ୍କ ମୃତଦେହ ଦେଶକୁ ଫେରାଇ ଅଣାଯିବ। ୩୧ ତାରିଖରେ ତାଙ୍କ ମୃତଦେହ ଜନ୍ମମାଟି ହାସନାବାଦରେ ପହଞ୍ଚିବା ଆଶା କରାଯାଉଛି। ଆର୍ଥିକ ଚାପ ଯୋଗୁଁ ସୁଦର୍ଶନ ମେ' ୧ରେ କାମ ପାଇଁ ୟୁକ୍ରେନ୍ ଯାଇଥିଲେ। ସେଠାରେ କିଭ୍‌ର ଏକ ନିର୍ମାଣ କମ୍ପାନିରେ କାମ କରୁଥିଲେ। ସେପ୍ଟେମ୍ବର ୧ରେ ଡ୍ରୋନ ଓ କ୍ଷେପଣାସ୍ତ୍ର ଆକ୍ରମଣରେ ତାଙ୍କ ସହ ୧୨ ଜଣ ସହକର୍ମୀଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ପତ୍ନୀ ଭାର୍ଗବୀ ଦୁଇ ମାସ ଧରି ସ୍ୱାମୀଙ୍କ ମୃତଦେହ ଫେରାଇ ଆଣିବାକୁ ଉଦ୍ୟମ କରିଥିଲେ।

ଇରାନ ଯିବେ ସାଉଦୀ-ପାକ୍-ତୁର୍କୀ ଅଧିକାରୀ

ଆଞ୍ଚଳିକ ସୁରକ୍ଷା ମେଣ୍ଟ ଗଠନ ଉଦ୍ୟମ

ତେହେରାନ,୨୬ ।୧୦(ଏଜେନ୍ସି): ପଶ୍ଚିମ ଏସିଆରେ ଆଞ୍ଚଳିକ ସୁରକ୍ଷା ସହଯୋଗ ବଢ଼ାଇବାକୁ ଇରାନ ଉଦ୍ୟମ ଆରମ୍ଭ କରିଛି। ଏଥିପାଇଁ ସାଉଦୀ ଆରବର ପ୍ରତିରକ୍ଷା ମନ୍ତ୍ରୀ ଖାଲିଦ ବିନ୍ ସଲମାନ, ପାକିସ୍ତାନ ସେନାମୁଖ୍ୟ ଜେନେରାଲ ଆସିମ ମୁନିର ଏବଂ ତୁର୍କୀର ଗୁଇନ୍ଦା ମୁଖ୍ୟ ଇବ୍ରାହିମ କାଲିନ ତେହେରାନ ଗସ୍ତ କରିବାର ସମ୍ଭାବନା ରହିଛି। ତେବେ ଗସ୍ତର ତାରିଖ ଘୋଷଣା ହୋଇନାହିଁ। ଇରାନର ସୁପ୍ରିମ ନ୍ୟାସନାଲ ସିକ୍ୟୁରିଟି କାଉନସିଲର ଉପସଚିବ ଅଲି ବାଘେରିଙ୍କ ଅନୁଯାୟୀ, ଆଞ୍ଚଳିକ ଦେଶଗୁଡ଼ିକ ନିଜସ୍ୱ ଉଦ୍ୟମରେ ସୁରକ୍ଷା ବ୍ୟବସ୍ଥା ଗଢ଼ିବା ଏହି ପ୍ରସ୍ତାବର ଲକ୍ଷ୍ୟ। ଏଥିରେ ବାହ୍ୟ ଶକ୍ତିର ହସ୍ତକ୍ଷେପକୁ ଇରାନ ବିରୋଧ କରୁଛି। ଅକ୍ଟୋବର ୫ରେ ସାଉଦୀ ଆରବ, ପାକିସ୍ତାନ ଓ ତୁର୍କୀ ସାମୂହିକ ପ୍ରତିରକ୍ଷା ସହଯୋଗ ବଢ଼ାଇବାକୁ ସହମତ ହୋଇଥିଲେ। ଏବେ ଇରାନ ସହ ପ୍ରସ୍ତାବିତ ଆଲୋଚନା ଏହି ଦେଶଗୁଡ଼ିକୁ ଆଞ୍ଚଳିକ ସୁରକ୍ଷା ପ୍ରସଙ୍ଗରେ ଆଉ ଏକ ମଞ୍ଚ ଯୋଗାଇପାରେ। ତେବେ ଏହି ବୈଠକରୁ କୌଣସି ନିର୍ଦ୍ଦିଷ୍ଟ ଚୁକ୍ତି ହେବ କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ।

ଛାତ୍ର ଆନ୍ଦୋଳନ ଆଗରେ ପରାସ୍ତ ହେଲେ ସର୍ବିଆର ଦୀର୍ଘକାଳୀନ ଶାସକ ଭୁଚିକ୍

ବେଲ୍‌ଗ୍ରେଡ,୨୬ ।୧୦(ଏଜେନ୍ସି): ସର୍ବିଆର ରାଜନୀତିରେ ଦୀର୍ଘ ଏକ ଦଶନ୍ଧି ଧରି ପ୍ରଭାବ ରଖିଥିବା ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାର ଭୁଚିକ୍ ଛାତ୍ରନେତୃତ୍ୱାଧୀନ ଆନ୍ଦୋଳନ ନିକଟରେ ପରାଜୟ ସ୍ୱୀକାର କରିଛନ୍ତି। ରବିବାର ଅନୁଷ୍ଠିତ ଆଗୁଆ ସଂସଦୀୟ ନିର୍ବାଚନରେ ଛାତ୍ର ମେଣ୍ଟ 'ଷ୍ଟୁଡେଣ୍ଟ ଲିଷ୍ଟ' ଅଧିକ ଆସନ ହାସଲ କରିଥିବା ଭୋଟ୍ ନମୁନାରୁ ଜଣାପଡ଼ିଛି। ଏହି ନିର୍ବାଚନରେ ୩୦ ବର୍ଷରୁ ଅଧିକ ସମୟ ମଧ୍ୟରେ ସର୍ବାଧିକ ମତଦାନ ହୋଇଥିବା ରିପୋର୍ଟରେ କୁହାଯାଇଛି। ୨୫୦ ଆସନବିଶିଷ୍ଟ ସଂସଦରେ ଭୁଚିକ୍‌ଙ୍କ ସର୍ବିଆନ୍ ପ୍ରୋଗ୍ରେସିଭ୍ ପାର୍ଟିକୁ ୧୦୫ ଆସନ ମିଳିବାର ଆକଳନ କରାଯାଇଥିବାବେଳେ ଛାତ୍ର ମେଣ୍ଟ ୧୩୫ରୁ ୧୪୦ ଆସନ ପାଇବ ବୋଲି ଭୋଟ୍ ନମୁନାରୁ ସୂଚନା ମିଳିଥିଲା। ଏହାପରେ ଭୁଚିକ୍ କହିଥିଲେ, ନିର୍ବାଚନରେ ସେମାନେ ହାରିଛନ୍ତି। ୨୦୨୪ ନଭେମ୍ବର ୧ରେ ନୋଭି ସାଦ୍ ସହରର ଏକ ରେଳ ଷ୍ଟେସନ୍ ଛାତ ଭୁଶୁଡ଼ି ୧୬ ଜଣଙ୍କ ମୃତ୍ୟୁ ହେବା ପରେ ଛାତ୍ର ଆନ୍ଦୋଳନ ହୋଇଥିଲା। ଦୁର୍ନୀତିର ମୁକାବିଲା, ସରକାରୀ ଅନୁଷ୍ଠାନକୁ ରାଜନୈତିକ ପ୍ରଭାବରୁ ମୁକ୍ତ କରିବା ଏବଂ ନାଗରିକ ଅଧିକାରର ସୁରକ୍ଷା ଦାବିରେ ଆନ୍ଦୋଳନ ଧୀରେଧୀରେ ବ୍ୟାପକ ରୂପ ନେଇଥିଲା। ୧୯୯୩ରେ ରାଜନୀତିକୁ ଆସିଥିବା ଭୁଚିକ୍ ପୂର୍ବରୁ ଜାତୀୟତାବାଦୀ ସର୍ବିଆନ୍ ରାଡିକାଲ୍ ପାର୍ଟିରେ ଥିଲେ। ୨୦୦୮ରେ ସେ ଟୋମିସ୍ଲାଭ୍ ନିକୋଲିଚ୍‌ଙ୍କ ସହ ସର୍ବିଆନ୍ ପ୍ରୋଗ୍ରେସିଭ୍ ପାର୍ଟି ଗଠନ କରିଥିଲେ। ୨୦୧୨ରେ ଦଳ କ୍ଷମତାକୁ ଆସିବା ପରେ ସେ ଉପପ୍ରଧାନମନ୍ତ୍ରୀ, ୨୦୧୪ରେ ପ୍ରଧାନମନ୍ତ୍ରୀ ଏବଂ ୨୦୧୭ରେ ରାଷ୍ଟ୍ରପତି ହୋଇଥିଲେ। ୨୦୨୨ରେ ସେ ପୁନର୍ବାର ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। ଭୁଚିକ୍‌ଙ୍କ ଶାସନ କାଳରେ ସର୍ବିଆର ଅର୍ଥନୀତିରେ ଅଭିବୃଦ୍ଧି, ବେକାରି ହ୍ରାସ ଓ ଭିତ୍ତିଭୂମି ବିକାଶ ହୋଇଥିବା ସରକାରୀ ତଥ୍ୟରେ ଦର୍ଶାଯାଇଛି। ତେବେ ଜୀବନଯାପନ ଖର୍ଚ୍ଚ ବୃଦ୍ଧି, ସରକାରୀ ଋଣ ଏବଂ ଗଣମାଧ୍ୟମ ଓ ସରକାରୀ ଅନୁଷ୍ଠାନ ଉପରେ ଶାସକ ଦଳର ପ୍ରଭାବକୁ ନେଇ ତାଙ୍କ ସରକାର ସମାଲୋଚନାର ସମ୍ମୁଖୀନ ହୋଇଥିଲେ। ରାଜନୈତିକ ବିଶ୍ଳେଷକଙ୍କ ମତରେ, ଛାତ୍ର ଅନ୍ଦୋଳନ ଜନସାଧାରଣଙ୍କ ଅସନ୍ତୋଷକୁ ଏକ ରାଜନୈତିକ ମଞ୍ଚ ଦେଇଥିଲା।

ଆଲ୍‌ବାନିଆରେ ତୀବ୍ର ହେଲା ଆନ୍ଦୋଳନ

ଆଲୋଚନା ପାଇଁ ରଖା ଚେୟାର ଜାଳିଦେଲେ ଛାତ୍ର

ତିରାନା,୨୬ ।୧୦(ଏଜେନ୍ସି): ସରକାର ବିରୋଧୀ ଆନ୍ଦୋଳନରେ ଅଶାନ୍ତ ହୋଇପଡ଼ିଛି ଆଲବାନିଆ। ପ୍ରଧାନମନ୍ତ୍ରୀ ଏଡି ରାମାଙ୍କ କାର୍ଯ୍ୟାଳୟ ବାହାରେ ଆଲୋଚନା ପାଇଁ ରଖାଯାଇଥିବା ଚେୟାରଗୁଡ଼ିକୁ ରବିବାର ଆନ୍ଦୋଳନକାରୀ ଛାତ୍ର ଜାଳିଦେଇଛନ୍ତି। ଏହା ସହ ଦେଶରେ ଛାତ୍ର ଆନ୍ଦୋଳନ ଆହୁରି ତୀବ୍ର ହୋଇଛି। ଦୁର୍ନୀତି ଅଭିଯୋଗର ତଦନ୍ତ, ଶିକ୍ଷା ଖର୍ଚ୍ଚ ହ୍ରାସ, ନିଯୁକ୍ତି ସୁଯୋଗ ବୃଦ୍ଧି ଏବଂ ଘରଭଡ଼ା ନିୟନ୍ତ୍ରଣ ଆଦି ଦାବିରେ ଛାତ୍ରମାନେ ୧୩ ଦିନ ଧରି ଆନ୍ଦୋଳନ କରୁଛନ୍ତି। ଶିକ୍ଷା ମନ୍ତ୍ରଣାଳୟ ବାହାରେ ବିକ୍ଷୋଭ ସମୟରେ ପଥରମାଡ଼ ହୋଇଥିବା ମଧ୍ୟ ଖବର ମିଳିଛି। ଆଲୋଚନା ପାଇଁ ପ୍ରଧାନମନ୍ତ୍ରୀ ଚେୟାର ଓ ଏକ ବଡ଼ ପଥର ଟେବୁଲ୍ ରଖିଥିଲେ ମଧ୍ୟ ଛାତ୍ରମାନେ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ପ୍ରଧାନମନ୍ତ୍ରୀ ରାମା ହିଂସା ଓ ସରକାରୀ-ବେସରକାରୀ ସମ୍ପତ୍ତି ନଷ୍ଟ ରୋକିବା ପାଇଁ ନୂଆ ଆଇନ ଆଣିବାକୁ ଘୋଷଣା କରିଛନ୍ତି। କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କୁ କ୍ଷତିପୂରଣ ଦେବା ସହ ଦୋଷୀଙ୍କଠାରୁ ଏହା ଆଦାୟ କରାଯିବ ବୋଲି ସେ କହିଛନ୍ତି। ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଜ୍ୱାଇଁ ଜାରେଡ୍ କୁଶନରଙ୍କ ସହ ଜଡ଼ିତ ବିଳାସପୂର୍ଣ୍ଣ ପର୍ଯ୍ୟଟନ ପ୍ରକଳ୍ପକୁ ନେଇ ମଧ୍ୟ ଦେଶରେ ଅସନ୍ତୋଷ ରହିଛି।

କନେଷ୍ଟବଳ ନିଯୁକ୍ତି ବିଜ୍ଞପ୍ତିରେ ବୟସ ଓ ସଂରକ୍ଷଣ ବିବାଦ

କମିସନ୍ କାର୍ଯ୍ୟାଳୟ ଘେରିଲେ ଆଶାୟୀ

ଭୁବନେଶ୍ୱର, ୨୬ ।୧୦(ସମିସ): ପୁଣି ଘନେଇଲା ନିଯୁକ୍ତି ପରୀକ୍ଷା ବିବାଦ। ପୁଲିସ କନେଷ୍ଟବଳ ନିଯୁକ୍ତି ପାଇଁ ପ୍ରକାଶିତ ବିଜ୍ଞପ୍ତିରେ ମାଳମାଳ ତ୍ରୁଟି ଥିବା ଅଭିଯୋଗ କରି ହଜାର ହଜାର ଚାକିରି ଆଶାୟୀ ଓଡ଼ିଶା ୟୁନିଫର୍ମଡ୍ ସର୍ଭିସେସ୍ ଷ୍ଟାଫ୍ ସିଲେକ୍ସନ୍ କମିଶନ (ଓୟୁଏସ୍ଏସ୍ଏସ୍ସି) କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଛନ୍ତି। ବ୍ୟକ୍ତିଗତ ଭାବେ ଦରଖାସ୍ତ ଦେଇ ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରିବା ସହ ତ୍ରୁଟି ସୁଧାରିବାକୁ ଦାବି କରିଛନ୍ତି। ପ୍ରତିଟି ନିଯୁକ୍ତି କ୍ଷେତ୍ରରେ ଆଶାୟୀଙ୍କୁ ହାଇକୋର୍ଟ ନ ଦଉଡ଼ାଇ ସରକାରୀ ବା କମିସନ ସ୍ତରରେ ସମାଧାନ କରିବାକୁ ନେହୁରା ହୋଇଛନ୍ତି। ବୟସ ଓ ସଂରକ୍ଷଣ ପାଇଁ ସରକାର ନିଷ୍ଠୁର ହେବା ପରିବର୍ତ୍ତେ ପ୍ରକୃତ ଅସୁବିଧାର ସମାଧାନ କରିବାକୁ ଦାବି ରଖିଛନ୍ତି।

ଓୟୁଏସ୍ଏସ୍ଏସ୍ସି ଗଠନ ହେବା ପରେ ପ୍ରଥମ କରି ୭ ହଜାର ୨୬୮ଟି ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ମାତ୍ର ଏହି ବିଜ୍ଞପ୍ତିରେ ଏକାଧିକ ତ୍ରୁଟି ରହିଛି। ସିଭିଲ୍ କନେଷ୍ଟବଳ ପାଇଁ ସର୍ବାଧିକ ବୟସ ସୀମା ୨୬ ବର୍ଷ ଧାର୍ଯ୍ୟ କରାଯାଇଥିବାବେଳେ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଏସ୍ଇବିସି ଓ ମହିଳାଙ୍କ ପାଇଁ ଅଧିକ ପାଞ୍ଚ ବର୍ଷ ବୟସ କୋହଳ କରାଯାଇଛି। ମାତ୍ର ଏସବୁ ସଂରକ୍ଷିତ ବର୍ଗ ବିଶେଷ କରି ଏସ୍ଇବିସି ବର୍ଗରେ କୌଣସି ପଦ ନ ଥିବାରୁ ୨୩ଟି ପୁଲିସ ଜିଲ୍ଲାରେ ୨୬ ବର୍ଷରୁ

- କୁଆଡେ ଗଲା ଏସ୍ଇବିସିଙ୍କ ୧୧.୨୫% ସଂରକ୍ଷଣ?
- ଆବେଦନରୁ ବଞ୍ଚିତ ହେବେ ୨୩ ଜିଲ୍ଲାର ଆଶାୟୀ
- ବ୍ୟକ୍ତିଗତ ଦରଖାସ୍ତ ଦେଲେ ହଜାର ହଜାର ଛାତ୍ରଛାତ୍ରୀ

ଅଧିକ ବୟସର ଆଶାୟୀମାନେ ଆବେଦନରୁ ବଞ୍ଚିତ ହେବା ଏକପ୍ରକାର ନିଶ୍ଚିତ ହୋଇଛି। ଯାହାକୁ ନେଇ ଆଶାୟୀମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିବା ସହ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଏସ୍ଇବିସିଙ୍କ ପାଇଁ ୧୧.୨୫ ପ୍ରତିଶତ ସଂରକ୍ଷଣ କଥା ସରକାର କହୁଥିବାବେଳେ ବିଜ୍ଞପ୍ତିରେ ମାତ୍ର ୨ ପ୍ରତିଶତ କାହିଁକି ଦେଇଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ନିୟମିତ ଭାବେ ନିଯୁକ୍ତି ବାହାରୁ ନ ଥିବାରୁ ବୟସ ମାନଦଣ୍ଡ ଏକ ପ୍ରମୁଖ ସମସ୍ୟା ହୋଇଛି। ଏପରି ସ୍ଥଳେ ସରକାର ଏକକ ସଂରକ୍ଷଣ ନିୟମ କରି ଆଶାୟୀଙ୍କ ଆଶାରେ ଧୂଳି ଦେଉଥିବା କହି ଆଶାୟୀମାନେ କ୍ଷୋଭ ପ୍ରକାଶ କରିଛନ୍ତି।

ଅପରପକ୍ଷରେ ୨୦୧୬ ମସିହା ପରେ ୧୦ ବର୍ଷ ପରେ ଯାଇ ଚଳିତ ବର୍ଷ ଓଆଇଏସ୍ଏଫ୍ କନେଷ୍ଟବଳ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିପାଇଁ ସର୍ବୋଚ୍ଚ ବୟସ ସୀମା ୨୩ ବର୍ଷ ରଖାଯାଇଥିବାବେଳେ ସଂରକ୍ଷିତ ବର୍ଗର ପ୍ରାର୍ଥୀମାନେ ୫ ବର୍ଷର ସୁବିଧା ପାଇପାରିବେ। ଅର୍ଥାତ୍ ୨୦୧୬ ରେ ୧୮ ବର୍ଷ ହୋଇ ନଥିବା ଆଶାୟୀମାନେ ସମ୍ପ୍ରତି ବୟସାଧିକ୍ୟ କାରଣରୁ ଚଳିତବର୍ଷ ଆଉ ଆବେଦନ କରିପାରିବେ ନାହିଁ। ଦୀର୍ଘ ବର୍ଷ ହେଲା ଆଶାୟୀମାନେ ଯେଉଁ ପ୍ରସ୍ତୁତି ଜାରି ରଖିଥିଲେ, ସେମାନଙ୍କ ଭୁଲ୍ କଣ ବୋଲି ପ୍ରଶ୍ନ କରିଛନ୍ତି। ସରକାର ପ୍ରତିଟି ବିଜ୍ଞପ୍ତିରେ ଏପରି ତ୍ରୁଟି ରଖୁଥିବାରୁ ଆଶାୟୀମାନେ ହାଇକୋର୍ଟରେ ଆଶ୍ରୟ ନେଉଛନ୍ତି। ବ୍ୟାପକ ଖର୍ଚ୍ଚାନ୍ତ ହେବା ପରେ ନ୍ୟାୟ ପାଉଛନ୍ତି। ପୁଣି ମାମଲା ଥରେ ଅଦାଲତକୁ ଚାଲିଯିବା ପରେ ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହୋଇଯାଉଛି। ବର୍ଷ ପରେ ବର୍ଷ ଗଡୁଥିଲେ ମଧ୍ୟ ନିଯୁକ୍ତି ପାଇପାରୁ ନାହାନ୍ତି। ଏଣୁ ସରକାର ଆଶାୟୀଙ୍କ ଭବିଷ୍ୟତ ସହ ନ ଖେଳି ବୟସ ଓ ସଂରକ୍ଷଣ ବ୍ୟବସ୍ଥାରେ ସଂଶୋଧନ କରିବାକୁ ଦାବି କରିଛନ୍ତି। ଏହି ବିକ୍ଷୋଭରେ ଛାତ୍ର କଂଗ୍ରେସ ସଭାପତି ତଥା ଷ୍ଟୁଡେଣ୍ଟ ଏଗେନେଷ୍ଟ କରପସନ୍‌ର ରାଜ୍ୟ ଆବାହକ ବିଭୂତି ଭୂଷଣ ମହାପାତ୍ରଙ୍କ ସମେତ ପ୍ରାୟ ହଜାରେରୁ ଅଧିକ ଆଶାୟୀ ସାମିଲ ହୋଇଥିଲେ।

କୋଟିଆ ପ୍ରସଙ୍ଗ: ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ କାଡ଼ାମ୍‌ଙ୍କ ଚିଠି

ଭୁବନେଶ୍ୱର,୨୬।୧୦(ସମିସ): କୋଟିଆରେ ନିର୍ବାଚନ କରାଇବା ନେଇ ଆନ୍ଧ୍ରପ୍ରଦେଶର ଘୋଷଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ପଟ୍ଟାଙ୍ଗୀ ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ। ଏହି ପ୍ରସଙ୍ଗରେ ତୁରନ୍ତ ହସ୍ତକ୍ଷେପ କରିବା ସହ ଓଡ଼ିଶା ସ୍ୱାର୍ଥର ସୁରକ୍ଷା ପାଇଁ ସମୟସୀମା ମଧ୍ୟରେ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବାକୁ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି। ଶ୍ରୀ କାଡ଼ାମ ଲେଖିଛନ୍ତି ଯେ କୋଟିଆକୁ ଓଡ଼ିଶା ନିଜ ରାଜ୍ୟର ଅବିଚ୍ଛେଦ୍ୟ ଅଂଶ ଭାବେ ବିବେଚନା କରୁଛି। ତେଣୁ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ପଷ୍ଟ, ନିର୍ଣ୍ଣାୟକ ଓ ସଠିକ୍ ସମୟରେ ପଦକ୍ଷେପ ନେବା ଆବଶ୍ୟକ। ଆନ୍ଧ୍ର ସରକାରଙ୍କ ସହ ଆଇନଗତ ଓ ପ୍ରଶାସନିକ ସ୍ତରରେ ତୁରନ୍ତ ଆଲୋଚନା କରିବା, କୋଟିଆରେ ଓଡ଼ିଶା ପ୍ରଶାସନର ଉପସ୍ଥିତି ସୁଦୃଢ଼ କରିବା ଏବଂ ସରକାରୀ ସେବା ଓ ଜନକଲ୍ୟାଣକାରୀ ଯୋଜନାର ନିରନ୍ତର କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବାକୁ ସେ ଦାବି କରିଛନ୍ତି। ସେହିପରି ୨୦୨୫ରେ ଗଠିତ ୧୬ ଜଣିଆ କୋଟିଆ କମିଟିର ସୁପାରିସ୍‌ଗୁଡ଼ିକ ସମ୍ପର୍କରେ ସ୍ପଷ୍ଟୀକରଣ ଦେବା ସହ ସେଗୁଡ଼ିକର କାର୍ଯ୍ୟକାରିତା ସ୍ଥିତି ସାର୍ବଜନୀନ କରିବାକୁ ସେ ଦାବି କରିଛନ୍ତି। ଏଥିସହ ସମ୍ପୃକ୍ତ ବିଭାଗ, କୋରାପୁଟ ଜିଲ୍ଲା ପ୍ରଶାସନ ଓ ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଡାକି କାର୍ଯ୍ୟଯୋଜନା ପ୍ରସ୍ତୁତ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ଶ୍ରୀ କାଡାମ୍ ରାଜ୍ୟପାଳଙ୍କୁ ମଧ୍ୟ ଚିଠି ଏହି ପ୍ରସଙ୍ଗରେ ହସ୍ତକ୍ଷେପ ଲୋଡ଼ିଛନ୍ତି। ଓଡ଼ିଶାର ଭୌଗୋଳିକ ଅଖଣ୍ଡତା ରକ୍ଷା ଏବଂ କୋଟିଆବାସୀଙ୍କ ସାମ୍ବିଧାନିକ ଅଧିକାର ସୁରକ୍ଷା ପାଇଁ ସେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିବା ସହ ଏହି କୋଟିଆ କମିଟିର ସୁପାରିସଗୁଡ଼ିକର ବର୍ତ୍ତମାନ ସ୍ଥିତି କ'ଣ ଏବଂ ସେଗୁଡ଼ିକର କାର୍ଯ୍ୟାନ୍ୱୟନ ପାଇଁ କ'ଣ ପଦକ୍ଷେପ ନିଆଯାଇଛି, ସେ ସମ୍ପର୍କରେ ରାଜ୍ୟ ସରକାରଙ୍କଠାରୁ ସ୍ପଷ୍ଟୀକରଣ ଲୋଡ଼ିବାକୁ ରାଜ୍ୟପାଳଙ୍କୁ ଅନୁରୋଧ କରିଛନ୍ତି।

ହରିୟାଣା ପୁଲିସ ହେପାଜତରେ ଯୁବକଙ୍କ ମୃତ୍ୟୁ ଅଭିଯୋଗ

ଥାନା ଘେରଉ, ରାଜପଥ ଅବରୋଧ

ମାଲକାନଗିରି, ୨୬ ।୧୦(ସମିସ): ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ହରିୟାଣା ପୁଲିସ ଅଟକ ରଖିଥିବା ମାଲକାନଗିରି ଜିଲ୍ଲାର ଜଣେ ଯୁବକଙ୍କ ମୃତଦେହ ହୋଟେଲରୁ ଝୁଲନ୍ତା ଅବସ୍ଥାରେ ମିଳିଛି। ଏହାକୁ ନେଇ ଆଜି ମାଲକାନଗିରିରେ ତୀବ୍ର ଉତ୍ତେଜନା ଦେଖାଦେଇଛି। ମୃତକ ହେଉଛନ୍ତି କାଲିମେଲା ଥାନା ଅନ୍ତର୍ଗତ ଏମଭି-୬୫ ଗ୍ରାମର ତନୁପ ଦେ। ପରିବାରବର୍ଗଙ୍କ ଅଭିଯୋଗ ଅନୁଯାୟୀ, ଗତରାତିରେ ହରିୟାଣାର ହାଂସି ଥାନା ଘେରାଉ କରି ହରିୟାଣା ପୋଲିସର ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ସମସ୍ତ କର୍ମଚାରୀଙ୍କ ଡାକ୍ତରୀ ପରୀକ୍ଷା କରିବାକୁ ମଧ୍ୟ ଲୋକେ ଦାବି ଉଠାଇଛନ୍ତି। ପୁଲିସ ପକ୍ଷରୁ ବୁଝାସୁଝା କରାଯାଇଥିଲେ ମଧ୍ୟ ଉତ୍ତେଜନା ଥମିନଥିଲା। ଆନ୍ଦୋଳନକାରୀମାନେ ଥାନା ସମ୍ମୁଖ ୩୨୬ ଜାତୀୟ ରାଜପଥରେ ଟାୟାର ଜାଳି ରାସ୍ତା ଅବରୋଧ କରିବା ସହ ନ୍ୟାୟ ଦାବି କରିଥିଲେ। ଥାନା ମୁଖ୍ୟ ଫାଟକ ଭାଙ୍ଗି ଭିତରକୁ

- ଗଞ୍ଜେଇ ଚୋରାଚାଲାଣ ମାମଲାରେ ଘରୁ ଉଠାଇଥିଲା ପୁଲିସ
- ହୋଟେଲରୁ ମିଳିଲା ଝୁଲନ୍ତା ମୃତଦେହ
- ଉତ୍ତ୍ୟକ୍ତ ଲୋକେ ଥାନା ଗେଟ୍ ଭାଙ୍ଗି ଭିତରକୁ ପ୍ରବେଶ ଉଦ୍ୟମ
- ନିରପେକ୍ଷ ତଦନ୍ତ ଦାବି

ପୁଲିସ ତନୁପଙ୍କୁ ତାଙ୍କ ଘରୁ ନେଇଯାଇଥିଲା। ଗଞ୍ଜେଇ ଚୋରାଚାଲାଣରେ ସମ୍ପୃକ୍ତି ଥିବା ଅଭିଯୋଗ କରି ତାଙ୍କୁ ଅଟକ ରଖାଯାଇଥିଲା। ପରେ ତାଙ୍କୁ ସାଙ୍ଗରେ ନେଇ ମାଲକାନଗିରି ଆଦର୍ଶ ଥାନା ଅନ୍ତର୍ଗତ ଚମ୍ପାଖରୀ ନିକଟସ୍ଥ ଏକ ହୋଟେଲରେ ରହିଥିବା କୁହାଯାଇଛି। ତେବେ ଆଜି ସକାଳେ ହୋଟେଲ ଭିତରୁ ତନୁପଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର ହୋଇଥିଲା। ଯୁବକଙ୍କୁ ମାଡ଼ ମାରି ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଥିବା ବେଳେ ଘଟଣାର ପ୍ରକୃତ କାରଣ ଏଯାଏ ସ୍ପଷ୍ଟ ହୋଇନାହିଁ। ଏହାକୁ ନେଇ ଉତ୍ତ୍ୟକ୍ତ ଲୋକେ ମାଲକାନଗିରି ଆଦର୍ଶ ପ୍ରବେଶ ପାଇଁ ମଧ୍ୟ କେତେକ ଲୋକ ପ୍ରୟାସ କରିଥିବା ଜଣାପଡ଼ିଛି। ଘଟଣାର ନିରପେକ୍ଷ ତଦନ୍ତ ସହ ବୈଜ୍ଞାନିକ ଦଳର ଯାଞ୍ଚ, ସିସିଟିଭି ଫୁଟେଜ୍ ପରୀକ୍ଷା, ସାକ୍ଷୀଙ୍କ ବୟାନ ଏବଂ ଶବ ବ୍ୟବଚ୍ଛେଦ ରିପୋର୍ଟ ଆଧାରରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ କରାଯାଉ ବୋଲି ଦାବି ହୋଇଛି। ତନୁପ ପରିବାରର ଏକମାତ୍ର ପୁଅ ହୋଇଥିବାରୁ ପରିବାରକୁ ଆର୍ଥିକ ସହାୟତା ଦେବାକୁ ମଧ୍ୟ ଆନ୍ଦୋଳନକାରୀମାନେ ଦାବି କରିଛନ୍ତି। ଘଟଣାର କୌଣସି ସମାଧାନ ହୋଇ ନଥିବା ବେଳେ ଖବର ଲେଖାଯିବା ବେଳକୁ ଶତାଧିକ ଲୋକ ଥାନା ପରିସରରେ ରହି ବିକ୍ଷୋଭ ଜାରି ରଖିଥିଲେ।

ହବିଷ୍ୟାଳୀ ମା'ଙ୍କ ଭକ୍ତିଭାବନାକୁ କୁଠାରାଘାତ କରୁଛି ବିଜେପି ସରକାର

ନବୀନ ସରକାର ସମୟରେ ବ୍ରତଧାରୀ ମା'ଙ୍କ ପାଇଁ ହୋଇଥିଲା ସୁବ୍ୟବସ୍ଥା: ବିଜେଡି

ଭୁବନେଶ୍ୱର,୨୬।୧୦(ସମିସ): ପବିତ୍ର କାର୍ତ୍ତିକ ମାସ ଅବସରରେ ଶ୍ରୀକ୍ଷେତ୍ର ପୁରୀକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଏବଂ ରାଧାଦାମୋଦର ବ୍ରତ ପାଳନ ପାଇଁ ଆସିଥିବା ହଜାର ହଜାର ହବିଷ୍ୟାଳୀ ମା'ମାନଙ୍କ ଦୁର୍ଦ୍ଦଶା ରାଜ୍ୟ ସରକାରଙ୍କ ଅବ୍ୟବସ୍ଥାକୁ ପଦାରେ ପକାଇଛି। ହବିଷ୍ୟାଳୀ ମା'ମାନଙ୍କ ରହଣି, ଖାଦ୍ୟ, ଚିକିତ୍ସା ଓ ମହାପ୍ରଭୁଙ୍କ ଦର୍ଶନ ପାଇଁ ଆବଶ୍ୟକ ବ୍ୟବସ୍ଥା କରିବାରେ ବିଜେପି ସରକାର କ୍ରମାଗତ ଭାବେ ବିଫଳ ହୋଇଥିବା ଅଭିଯୋଗ କରିଛି ବିଜୁ ଜନତା ଦଳ।

ଏକ ପ୍ରେସ୍ ବିବୃତି ମାଧ୍ୟମରେ ଦଳର ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଥିଲେ ଯେ ଗତ ୩ ବର୍ଷ ଧରି ହବିଷ୍ୟାଳୀ ମା'ମାନଙ୍କ ପାଇଁ ସୁବ୍ୟବସ୍ଥା ଯୋଗାଇ ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଏହା କେବଳ ଏକ ପ୍ରଶାସନିକ ଅବ୍ୟବସ୍ଥା ନୁହେଁ, ବରଂ ଓଡ଼ିଆଙ୍କ ଧାର୍ମିକ ଭାବନା, ପରମ୍ପରା ଓ ମହାନ ଜଗନ୍ନାଥ ସଂସ୍କୃତି ପ୍ରତି ଅବମାନନା। ହବିଷ୍ୟାଳୀ ମା'ମାନଙ୍କ ଆସ୍ଥା ଓ ଭାବାବେଗକୁ ସମ୍ମାନ ଦେବା ପରିବର୍ତ୍ତେ ସେମାନଙ୍କୁ ଅସୁବିଧାରେ ପକାଇବା ଅତ୍ୟନ୍ତ ଦୁଃଖଦାୟକ। ନବୀନ ସରକାର ସମୟରେ ହବିଷ୍ୟାଳୀ ମା'ମାନଙ୍କ ରହଣି, ଖାଦ୍ୟ, ଯାତାୟାତ ଓ ମହାପ୍ରଭୁଙ୍କ ଦର୍ଶନ ପାଇଁ ସୁବ୍ୟବସ୍ଥିତ ଆୟୋଜନ କରାଯାଉଥିଲା। ଦୂରଦୂରାନ୍ତରୁ ଆସୁଥିବା ବୟସ୍କା ମହିଳାମାନେ ନିରାପଦରେ ରହି ବିନା ବାଧାରେ ନିଜର ବ୍ରତ ପାଳନ କରିପାରୁଥିଲେ। କିନ୍ତୁ ଆଜି ଅନେକ ହବିଷ୍ୟାଳୀ ମା'ମାନେ ରହିବା ପାଇଁ ସ୍ଥାନ ନପାଇ ରାସ୍ତାକ?ରେ ଓ ଖୋଲା ଆକାଶ ତଳେ ରାତି କାଟିବାକୁ ବାଧ ହେଉଛନ୍ତି। ପଞ୍ଜୀକରଣ ହୋଇନଥିବା ଅନେକ ହବିଷ୍ୟାଳୀଙ୍କୁ ଆଶ୍ରୟ ନଦେବା ଏବଂ ସୀମିତ ବ୍ୟବସ୍ଥା କରି ଅନ୍ୟମାନଙ୍କୁ ଅସହାୟ ଅବସ୍ଥାରେ ଛାଡ଼ିଦେବା ଅତ୍ୟନ୍ତ ନିନ୍ଦନୀୟ। ଡ. ମହାନ୍ତି ଆହୁରି କହିଥିଲେ ଯେ ହବିଷ୍ୟାଳୀ ମା'ମାନେ କେବଳ ଯୋଜନାର ହିତାଧିକାରୀ ନୁହନ୍ତି; ସେମାନେ ଆମ ରାଜ୍ୟର ଧାର୍ମିକ ପରମ୍ପରା ଓ ଆଧ୍ୟାତ୍ମିକ ଚେତନାର ବାହକ। ସେମାନଙ୍କ ବୟସ, ଶାରୀରିକ ଅସୁବିଧା ଓ ଭକ୍ତିଭାବନାକୁ ବିଚାରକୁ ନନେବା ସରକାରଙ୍କ ଅସମ୍ବେଦନଶୀଳତାକୁ ପ୍ରମାଣିତ କରୁଛି। ଓଡ଼ିଆ ଅସ୍ମିତା ଓ ଜଗନ୍ନାଥ ସଂସ୍କୃତିର ସୁରକ୍ଷା କଥା କହୁଥିବା ବିଜେପି ସରକାରଙ୍କ ଏଭଳି

- ପଞ୍ଜୀକରଣ ବାହାନାରେ ହବିଷ୍ୟାଳୀ ମା'ମାନଙ୍କୁ କଷ୍ଟ ନ ଦିଅନ୍ତୁ ରାଜ୍ୟ ସରକାର
- ହବିଷ୍ୟାଳୀ ମା'ମାନଙ୍କୁ ସରକାର ତୁରନ୍ତ ସମସ୍ତ ସୁବିଧା ଯୋଗାଇ ଦିଅନ୍ତୁ

କାର୍ଯ୍ୟ ଓ ଆଚରଣ ମଧ୍ୟରେ ସ୍ପଷ୍ଟ ବିରୋଧାଭାସ ରହିଛି। ହବିଷ୍ୟାଳୀ ମା'ମାନଙ୍କ ପାଇଁ ତୁରନ୍ତ ପର୍ଯ୍ୟାପ୍ତ ରହଣି ବ୍ୟବସ୍ଥା, ପୁଷ୍ଟିକର ଖାଦ୍ୟ, ନିୟମିତ ସ୍ୱାସ୍ଥ୍ୟସେବା, ନିରାପଦ ଯାତାୟାତ ଓ ମହାପ୍ରଭୁଙ୍କ ଦର୍ଶନ ପାଇଁ ସୁବ୍ୟବସ୍ଥା କରାଯାଉ। ଦୂରଦୂରାନ୍ତରୁ ଆସିଥିବା କୌଣସି ହବିଷ୍ୟାଳୀ ମା'ମାନଙ୍କୁ କେବଳ ପଞ୍ଜୀକରଣ ନଥିବା କାରଣରୁ ଅସହାୟ ଅବସ୍ଥାରେ ଛାଡ଼ି ଦିଆନଯାଉ। ଆବଶ୍ୟକ ସ୍ଥଳେ ଅତିରିକ୍ତ ଅସ୍ଥାୟୀ ଶିବିର ଖୋଲି ସମସ୍ତଙ୍କ ପାଇଁ ମାନବିକ ଓ ସମ୍ମାନଜନକ ବ୍ୟବସ୍ଥା କରାଯାଉ। ରାଜ୍ୟ ସରକାର ବିଳମ୍ବ ନକରି ହବିଷ୍ୟାଳୀ ମା'ମାନଙ୍କ ସମ୍ମାନ, ସୁରକ୍ଷା ଓ ଭକ୍ତିଭାବନାର ମର୍ଯ୍ୟାଦା ରକ୍ଷା କରନ୍ତୁ ବୋଲି ସେ ଦାବି କରିଛନ୍ତି।

ଉଦ୍‌ବେଗ ପ୍ରକାଶ କଲେ ସାଂସଦ ମାନସ

ପର୍ଯ୍ୟାପ୍ତ ରହଣି ବ୍ୟବସ୍ଥା କରିବାରେ ସରକାର ବିଫଳ

ଭୁବନେଶ୍ୱର,୨୬।୧୦(ସମିସ): ପୁରୀରେ କାର୍ତ୍ତିକ ବ୍ରତ ପାଇଁ ଆସୁଥିବା ହବିଷ୍ୟାଳି ଅକଥନୀୟ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ, ସରକାର ସେମାନଙ୍କୁ ସହାୟତା ପ୍ରଦାନରେ ଏକପ୍ରକାର ବିଫଳ ହୋଇଛନ୍ତି। ଏହାକୁ ନେଇ ଗଭୀର ଉଦବେଗ ପ୍ରକାଶ କରିଛନ୍ତି ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ। ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ଉଲ୍ଲେଖ କରି ସେ କହିଛନ୍ତି ଯେ ପବିତ୍ର କାର୍ତ୍ତିକ ମାସରେ ପୁରୀ ଆସୁଥିବା ହବିଷ୍ୟାଳିମାନଙ୍କ ପାଇଁ ପର୍ଯ୍ୟାପ୍ତ ରହଣି ବ୍ୟବସ୍ଥା କରିବାରେ ଓଡ଼ିଶା ସରକାର ବିଫଳ ହୋଇଛନ୍ତି। ଅନେକ ବୟସ୍କ ମହିଳା ବାଧ୍ୟ ହୋଇ ରାସ୍ତାକଡ଼ରେ ଏବଂ ଖୋଲା ଆକାଶ ତଳେ ରାତି କାଟୁଛନ୍ତି। ହବିଷ୍ୟାଳିମାନଙ୍କ ଏହି ସମସ୍ୟାର ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ନିଆଯିବା ଆବଶ୍ୟକ। ପଞ୍ଜୀକରଣ କରିଥିବା କିମ୍ବା କରିନଥିବା ସମସ୍ତ ହବିଷ୍ୟାଳିଙ୍କ ପାଇଁ ସରକାର ଜରୁରୀଭିତ୍ତିରେ ସୁରକ୍ଷିତ ରହଣି ବ୍ୟବସ୍ଥା ସୁନିଶ୍ଚିତ କରିବା ଦରକାର ବୋଲି ସେ ଦାବି କରିଛନ୍ତି।

ତୁରନ୍ତ ରହଣି ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ଦାବି

ଦୁର୍ଘଟଣାରେ ଚାଲିଗଲା ୩ ଜୀବନ

ହିନ୍ଦୋଳ,୨୬ ।୧୦(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ଓଡ଼ାପଡ଼ା ବ୍ଲକ କୋଓମ ନିକଟ ପୁରୁଣା କଟକ-ସମ୍ବଲପୁର ରାସ୍ତାରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ତିନି ଯୁବକଙ୍କ ଜୀବନ ଯାଇଛି। ମୃତକଙ୍କ ମଧ୍ୟରୁ ଜଣେ ରାସୋଳ ଥାନା ତଳସାହିର ଶିକ୍ଷାପ୍ରସାଦ ସାହୁ ବୋଲି ଜଣାପଡ଼ିଥିବା ବେଳେ ଅନ୍ୟ ଦୁଇଜଣଙ୍କ ପରିଚୟ ମିଳିପାରିନାହିଁ। ତେବେ ସେମାନେ ଅନୁଗୋଳ କଲେଜ ଛକ ଅଞ୍ଚଳର ବୋଲି କୁହାଯାଉଛି। ତିନି ଯୁବକ ଏକ ସ୍କୁଟିରେ ଯାଉଥିବା ବେଳେ କୌଣସି ଅଜଣା ଗାଡ଼ି ତାଙ୍କୁ ଧକ୍କାଦେଇ ପଳାଇ ଯାଇଥିଲା। ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅତ୍ୟନ୍ତ ସଙ୍କଟାପନ୍ନ ଅବସ୍ଥାରେ ଜଣଙ୍କୁ ଉଦ୍ଧାର କରି କଟକ ଏସ୍‌ସିବି ସ୍ଥାନାନ୍ତର କରାଯାଇଥିଲା। ତେବେ ବାଟରେ ତାଙ୍କର ମଧ୍ୟ ମୃତ୍ୟୁ ଘଟିଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପଠାଇବା ସହ ତଦନ୍ତ ଆରମ୍ଭ କରିଛି।

ଦୁର୍ଘଟଣାରେ ୧ ମୃତ, ୨ ଆହତ

ବାରିକପୁର,୨୬।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଧାମନଗର ଛକ ଓଭରବ୍ରିଜ ଉପରେ ଏକ ଅଜଣା ଗାଡ଼ି ଧକ୍କାରେ ୨ଜଣ ଯୁବକ ଆହତ ହୋଇଛନ୍ତି। ସେହିପରି ଆଉ ଏକ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ସୋମବାର ଦିନ ପ୍ରାୟ ସାଢ଼େ ୩ଟା ବେଳେ ପଶ୍ଚିମବଙ୍ଗ ମେଦିନୀପୁର ଜିଲ୍ଲାର ଦୁଇଜଣ ଯୁବକ ଏକ ବାଇକ୍‌ରେ ଭଦ୍ରକ ପାଶ୍ୱର୍ରୁ ପାଣିକୋଇଲି ଅଭିମୁଖେ ଯାତ୍ରା କରୁଥିଲେ। ଏହି ସମୟରେ ଏକ ଦ୍ରୁତଗାମୀ ଗାଡ଼ି ବାଇକ୍‌କୁ ଧକ୍କା ଦେଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ୨ ଯୁବକଙ୍କୁ ମେଡିକାଲ ପଠାଇଥିବା ଜଣାପଡ଼ିଛି। ଅନୁରୂପ ଭାବେ ପାହି ମହୁରା ଛକଠାରେ ଦୁର୍ଘଟଣା ଘଟି ସୋର ଅଞ୍ଚଳର ଜଣେ ଯୁବକଙ୍କ ଶୋଚନୀୟ ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

ଏନ୍‌ଆଇସି ସହ ରାଜସ୍ୱ ବିଭାଗର ବୈଠକ

ସ୍ୱଚ୍ଛ, ସରଳ ଏବଂ ସୁବ୍ୟବସ୍ଥିତ ପଞ୍ଜୀକରଣ ଉପରେ ଗୁରୁତ୍ୱ

ଭୁବନେଶ୍ୱର,୨୬।୧୦(ସମିସ): ରାଜ୍ୟରେ ଜମି ଓ ସମ୍ପତ୍ତି ପଞ୍ଜୀକରଣ ବ୍ୟବସ୍ଥାକୁ ଅଧିକ ସରଳ, ସ୍ୱଚ୍ଛ, ଦକ୍ଷ ଓ ନାଗରିକ ଅନୁକୂଳ କରିବା ଲକ୍ଷ୍ୟରେ ଜାତୀୟ ଜେନେରିକ୍ ଡକ୍ୟୁମେଣ୍ଟ ପଞ୍ଜୀକରଣ ବ୍ୟବସ୍ଥା 'ଏନ୍‌ଜିଡିଆର୍‌ଏସ୍' ର କାର୍ଯ୍ୟକାରିତାକୁ ଗୁରୁତ୍ୱ ଦିଆଯାଉଛି। ଏହି କ୍ରମରେ ସୋମବାର ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର (ଏନ୍‌ଆଇସି), ପୁଣେର ସଫ୍ଟୱେର୍ ଡେଭଲପମେଣ୍ଟ ୟୁନିଟ୍ (ଏସ୍‌ଡିୟୁ) ସହ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ବୈଠକରେ ରାଜ୍ୟର ଜମିଜମା ପଞ୍ଜୀକରଣ ବ୍ୟବସ୍ଥାକୁ ଆହୁରି ସ୍ୱଚ୍ଛ, ସୁଦୃଢ଼ ଏବଂ ପ୍ରଯୁକ୍ତିସମ୍ପନ୍ନ କରିବା ନିୟମ ଅନୁଯାୟୀ ଏକ ବ୍ୟାପକ ଡିଜିଟାଲ୍ ପ୍ଲାଟଫର୍ମ ଯୋଗାଇଥାଏ। ଏହି ବ୍ୟବସ୍ଥା ମାଧ୍ୟମରେ ନାଗରିକମାନେ ଅନଲାଇନ୍‌ରେ ଦଲିଲ୍ ପ୍ରସ୍ତୁତି, ସମ୍ପତ୍ତିର ମୂଲ୍ୟାୟନ, ଷ୍ଟାମ୍ପ ଡ୍ୟୁଟି ଓ ପଞ୍ଜୀକରଣ ଶୁଳ୍କ ନିର୍ଦ୍ଧାରଣ, ଦେୟ ପ୍ରଦାନ, ନିର୍ଦ୍ଧାରିତ ସମୟ ପାଇଁ ନିଯୁକ୍ତି ଗ୍ରହଣ ଏବଂ ଆବେଦନର ସ୍ଥିତି ଯାଞ୍ଚ ଭଳି ସେବା ପାଇପାରିବେ। ଏହାଦ୍ୱାରା ପଞ୍ଜୀକରଣ କାର୍ଯ୍ୟାଳୟକୁ ବାରମ୍ବାର ଯିବାର ଆବଶ୍ୟକତା କମ୍ ହେବା ସହ ପ୍ରକ୍ରିୟାରେ ତ୍ରୁଟି ହ୍ରାସ ସହ ଅନାବଶ୍ୟକ ବିଳମ୍ବ ହେବାର ସମ୍ଭାବନା ମଧ୍ୟ ହ୍ରାସ ପାଇବ। ଏହା ସହିତ, ସବ୍-ରେଜିଷ୍ଟ୍ରାର୍

ଦିଗରେ ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏଥିରେ ଡିଜିଟାଲ୍ ପ୍ରଯୁକ୍ତିର ଉପଯୋଗ ମାଧ୍ୟମରେ ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସୁବ୍ୟବସ୍ଥିତ କରିବା, ନାଗରିକଙ୍କୁ ଉନ୍ନତ ସେବା ପ୍ରଦାନ, ପଞ୍ଜୀକରଣ କାର୍ଯ୍ୟାଳୟଗୁଡ଼ିକର କାର୍ଯ୍ୟଦକ୍ଷତା ବୃଦ୍ଧି ଏବଂ ପ୍ରଶାସନିକ କାର୍ଯ୍ୟରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ସୂଚନାଯୋଗ୍ୟ ଯେ, 'ଏନ୍‌ଜିଡିଆର୍‌ଏସ୍' ହେଉଛି ଭାରତ ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଅଧୀନସ୍ଥ ଭୂମି ସଂସାଧନ ବିଭାଗ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ଜାତୀୟସ୍ତରୀୟ ପଦକ୍ଷେପ। "ଏକ ଦେଶ, ଏକ ପଞ୍ଜୀକରଣ' ର ଧାରଣା ଉପରେ ଆଧାରିତ ଏହି ବ୍ୟବସ୍ଥା ରାଜ୍ୟର ଆବଶ୍ୟକତା ଓ କାର୍ଯ୍ୟାଳୟଗୁଡ଼ିକରେ ଆବେଦନ ଯାଞ୍ଚ, ପରିଚୟ ଓ ବାୟୋମେଟ୍ରିକ୍ ବ୍ୟବସ୍ଥା, ଦଲିଲ୍‌ର ଡିଜିଟାଲ୍ ଅନୁମୋଦନ, ରେକର୍ଡ ସଂରକ୍ଷଣ ଏବଂ ପଞ୍ଜୀକରଣ ପରବର୍ତ୍ତୀ ସେବାଗୁଡ଼ିକୁ ଏକ ସମନ୍ୱିତ ବ୍ୟବସ୍ଥାରେ କାର୍ଯ୍ୟକାରୀ କରିବା ଦିଗରେ ଆଲୋଚନା ହୋଇଥିଲା।

ପ୍ରଥମ ପର୍ଯ୍ୟାୟରେ କେତୋଟି ଚୟନିତ ପଞ୍ଜୀକରଣ କାର୍ଯ୍ୟାଳୟରେ ଏହି ବ୍ୟବସ୍ଥାର କାର୍ଯ୍ୟାନ୍ୱୟନ ଆରମ୍ଭ କରାଯାଇ ପରବର୍ତ୍ତୀ ପର୍ଯ୍ୟାୟରେ ସମ୍ପୂର୍ଣ୍ଣ ରାଜ୍ୟରେ ଏହାକୁ କାର୍ଯ୍ୟକାରୀ କରାଯିବାକୁ ଆଲୋଚନା ହୋଇଛି। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ପଞ୍ଜୀକରଣ ମହାନିର୍ଦ୍ଦେଶକ ପି. ଅନ୍ୱେଷା ରେଡ୍ଡୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

କନେଷ୍ଟବଳ ଆଶୁତୋଷ ମୃତ୍ୟୁ ମାମଲା

ପତ୍ନୀ ଓ ଶଳାଙ୍କ ଆଗୁଆ ଜାମିନ ଆବେଦନ ଅଗ୍ରାହ୍ୟ

ବ୍ରହ୍ମପୁର,୨୬।୧୦(ସମିସ): ବହୁଚର୍ଚ୍ଚିତ ଏମ୍‌ଭି କନେଷ୍ଟବଳ ଆଶୁତୋଷ ମୃଦୁଙ୍ଗିଆଙ୍କ ମୃତ୍ୟୁ ମାମଲାରେ ତାଙ୍କ ପତ୍ନୀ ସନ୍ଧ୍ୟା ନାୟକ ଓ ଶାଳକ ଦିବସ ନାୟକଙ୍କୁ ଓଡ଼ିଶା ହାଇକୋର୍ଟଙ୍କ ପକ୍ଷରୁ ଲାଗିଛି ବଡ଼ ଝଟକା। ଉଭୟଙ୍କ ଆଗୁଆ ଜାମିନ ଆବେଦନକୁ ଗ୍ରହଣ କରିବାକୁ ହାଇକୋର୍ଟ ଅନିଚ୍ଛା ପ୍ରକାଶ କରିଛନ୍ତି। ମୃତ ଆଶୁତୋଷଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ଏବଂ ମାମଲାରେ ପୂର୍ବରୁ ହାଇକୋର୍ଟ ଦେଇଥିବା ଆଦେଶକୁ ବିଚାରକୁ ନେଇ ବିଚାରପତି ଜଷ୍ଟିସ୍ ଭି. ନରସିଂହ ଏହି ନିଷ୍ପତ୍ତି ନେଇଛନ୍ତି। ଫଳରେ ଉଭୟଙ୍କୁ ଏହି ପର୍ଯ୍ୟାୟରେ ଗିରଫ ପୂର୍ବ ଜାମିନ ସୁରକ୍ଷା ମିଳିପାରିନାହିଁ। ସୂଚନାଯୋଗ୍ୟ ଯେ, ଗତ ଜୁନ୍ ୫ତାରିଖରେ ଏମ୍‌ଭି କନେଷ୍ଟବଳ ଆଶୁତୋଷ ମୃଦୁଙ୍ଗିଆ ତାଙ୍କ କନେଷ୍ଟବଳ ପତ୍ନୀଙ୍କ ବିଜିପୁର ସ୍ଥିତ ସରକାରୀ ବାସଭବନ ନିକଟରୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା। ତେବେ ଦୀର୍ଘ ୭ ଦିନ ଧରି ଜୀବନ ସହ ସଂଘର୍ଷ କରିବା ପରେ ଜୁନ୍ ୧୨ତାରିଖରେ ଚିକିତ୍ସାଧୀନ ଅବସ୍ଥାରେ ଆଶୁତୋଷଙ୍କ ମୃତ୍ୟୁ ଘଟିଥିଲା। ମୃତ୍ୟୁ ପୂର୍ବରୁ ଆଶୁତୋଷ ଏକ ଭିଡିଓ ବାର୍ତ୍ତାରେ ନିଜ ପତ୍ନୀ ସନ୍ଧ୍ୟା ଓ ଶାଳକ ଦିବସ ତାଙ୍କ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ଅଭିଯୋଗ କରିଥିଲେ ବୋଲି ମୃତକଙ୍କ ପରିବାର ପକ୍ଷରୁ କୁହାଯାଇଛି। ଏହି ଘଟଣାକୁ ନେଇ ବ୍ରହ୍ମପୁର ଟାଉନ ଥାନାରେ ୨୪୭/୨୦୨୬ ନମ୍ବରରେ ମାମଲା ରୁଜୁ ହୋଇଥିଲା। ଘଟଣାର ପ୍ରାଥମିକ ତଦନ୍ତକୁ ନେଇ ମୃତକଙ୍କ ପରିବାର ଅସନ୍ତୋଷ ପ୍ରକାଶ କରିଥିଲେ। ପୁଲିସ ତଦନ୍ତରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉନଥିବା ଏବଂ ମାମଲାର ଉପଯୁକ୍ତ

- ମୃତ୍ୟୁକାଳୀନ ଜମାନବନ୍ଦୀକୁ ଗୁରୁତ୍ୱ, ଉଭୟଙ୍କ ସମ୍ପୃକ୍ତିକୁ ଏଡ଼ାଇବା ଅସମ୍ଭବ
- ମୃତ କନେଷ୍ଟବଳଙ୍କ ପରିବାର ସଦସ୍ୟଙ୍କୁ ନିକଟରେ ଜେରା କରିଛନ୍ତି କ୍ରାଇମବ୍ରାଞ୍ଚ ଏସ୍‌ପି
- ପୂର୍ବରୁ ମୃତକଙ୍କ ପରିବାରର ୫ ସଦସ୍ୟଙ୍କ ବୟାନ ରେକର୍ଡ କରିସାରିଛି କ୍ରାଇମବ୍ରାଞ୍ଚ

ତଦନ୍ତ ହେଉନଥିବା ଅଭିଯୋଗ କରି ପରିବାର ସଦସ୍ୟ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି କରି ଗତ ସେପ୍ଟେମ୍ବର ୧ତାରିଖରେ ହାଇକୋର୍ଟ ପୂର୍ବ ତଦନ୍ତର ଫଳାଫଳକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ତଦନ୍ତ ଭାର କ୍ରାଇମବ୍ରାଞ୍ଚର ଅପରାଧ ଅନୁସନ୍ଧାନ ବିଭାଗକୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ମାମଲାର ତଦନ୍ତକୁ ମିଳିଥିଲା ନୂଆ ଦିଗ। ଗତ ସେପ୍ଟେମ୍ବରରେ କ୍ରାଇମବ୍ରାଞ୍ଚର ଏକ ୪ଜଣିଆ ଟିମ୍ ବ୍ରହ୍ମପୁରରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତକାରୀ ଦଳ ମୃତ ଆଶୁତୋଷଙ୍କ ଘରକୁ ଯାଇ ତାଙ୍କ ବାପା, ମା, ଦୁଇ ଭଉଣୀ ଓ ଆଇଙ୍କ ସମେତ ମୋଟ ୫ଜଣଙ୍କ ବୟାନ ରେକର୍ଡ କରିଥିଲା। ଏଥିସହ ଘଟଣା ସମ୍ପର୍କିତ ବିଭିନ୍ନ ତଥ୍ୟ ଓ ପ୍ରମାଣ ସଂଗ୍ରହ କରିଥିଲା। ମାମଲା ସମ୍ପର୍କିତ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମଧ୍ୟ ସ୍ଥାନୀୟ ପୁଲିସ ପକ୍ଷରୁ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଥିଲା। ନିକଟରେ କ୍ରାଇମବ୍ରାଞ୍ଚ ଏସ୍‌ପି ମଧ୍ୟ ମୃତକଙ୍କ ଘରକୁ ଆସି ପରିବାର ସଦସ୍ୟଙ୍କ ସହ ଆଲୋଚନା କରିବା ସହ ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ଇତି ମଧ୍ୟରେ ମାମଲାରେ ଗିରଫ ପୂର୍ବ ଜାମିନ ପାଇଁ ଆଶୁତୋଷଙ୍କ କନେଷ୍ଟବଳ ପତ୍ନୀ ସନ୍ଧ୍ୟା ନାୟକ ଓ ଶାଳକ ଦିବସ ନାୟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଭୟଙ୍କ ପକ୍ଷରୁ ଦାଖଲ ହୋଇଥିବା ୧୦୯୭୦/୨୦୨୬ ନମ୍ବର ଆଗୁଆ ଜାମିନ ମାମଲାର ଶୁଣାଣି ସମୟରେ ଅଭିଯୋଗକାରୀଙ୍କ ଓକିଲ ସେପ୍ଟେମ୍ବର ୧ତାରିଖରେ ହାଇକୋର୍ଟ ଦେଇଥିବା ପୂର୍ବ ଆଦେଶ ପ୍ରତି ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ ଆଦେଶରେ ଦର୍ଶାଯାଇଥିଲା ଯେ, ସେତେବେଳେ ସଂଗୃହୀତ ପ୍ରମାଣ ଆଧାରରେ ସନ୍ଧ୍ୟା ଓ ଦିବସଙ୍କ ବିରୋଧରେ ସ୍ପଷ୍ଟ ପ୍ରମାଣ ନଥିଲେ ହେଁ ମୃତ ଆଶୁତୋଷଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀକୁ ଦୃଷ୍ଟିରେ ରଖି ଘଟଣାରେ ଉଭୟଙ୍କ ସମ୍ପୃକ୍ତିକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଇପାରିବ ନାହିଁ। ଏହି ଦୃଷ୍ଟିରୁ ମାମଲାରେ ଅଧିକ ତଦନ୍ତର ଆବଶ୍ୟକତା ଥିବା ଅଦାଲତ ଦର୍ଶାଇଥିଲେ। ଉଭୟ ପକ୍ଷର ଯୁକ୍ତି, ମୃତ୍ୟୁକାଳୀନ ଜମାନବନ୍ଦୀ ଓ ପୂର୍ବ ଆଦେଶକୁ ବିଚାରକୁ ନେଇ ଗତ ଅକ୍ଟୋବର ୭ତାରିଖରେ ହାଇକୋର୍ଟ ସନ୍ଧ୍ୟା ଓ ଦିବସଙ୍କ ଆଗୁଆ ଜାମିନ ଆବେଦନକୁ ଅଗ୍ରାହ୍ୟ କରିଦେଇଥିବା ଜଣାପଡିଛି। ଫଳରେ ଏହି ବହୁଚର୍ଚ୍ଚିତ ମାମଲାରେ ଉଭୟଙ୍କୁ ଅଦାଲତଙ୍କ ପକ୍ଷରୁ ଗିରଫ ପୂର୍ବ ଜାମିନ ସୁରକ୍ଷା ମିଳିପାରିନାହିଁ। ଅନ୍ୟପକ୍ଷରେ, କ୍ରାଇମବ୍ରାଞ୍ଚ ତଦନ୍ତ ଜାରି ଥିବାବେଳେ ଆଗାମୀ ଦିନରେ ଏହି ମାମଲା କେଉଁ ମୋଡ଼ ନେଉଛି ଏବଂ ତଦନ୍ତରୁ କେଉଁ ନୂଆ ତଥ୍ୟ ସାମ୍ନାକୁ ଆସୁଛି, ତାହା ଉପରେ ରହିଛି ସମସ୍ତଙ୍କ ନଜର।

୧୦୬ ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ, ଏସ୍‌ପି

ତୁରୁମୁଙ୍ଗା,୨୬।୧୦(ସମିସ)

କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ପରିସରରେ ସୋମବାର ଜିଲ୍ଲାପାଳ ଓ ଏସ୍ ପି ଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ଲକ୍ ଅଞ୍ଚଳର ଶତାଧିକ ଲୋକ ଉପସ୍ଥିତ ରହି ନିଜ ନିଜର ଅଭିଯୋଗ ଜଣାଇଥିଲେ। ମୋଟ ୧୦୬ଟି ହୋଇଥିବା ଅଭିଯୋଗ ଆଣି ସାମାଜିକ କର୍ମୀ ଯୁଗଳ କିଶୋର ଦାଶ, ଅକ୍ଷୟ ସାହୁ ଘଟଣାର ତଦନ୍ତ କରିବା ସହ ସମସ୍ୟା ସମାଧାନ ପାଇଁ ଦାବି କରିଥିଲେ। ସେହିପରି ପୂର୍ବ ସରକାର ସମୟରେ କୋଟି କୋଟି ଟଙ୍କା ବ୍ୟୟରେ ପାଟଣାରେ ନିର୍ମିତ ହୋଇଥିବା ଆମ ହସ୍ପିଟାଲ ଗୃହ କାର୍ଯ୍ୟକାରୀ ହେଉ ନଥିବା ଯୋଗୁଁ ରୋଗୀ

ଅଭିଯୋଗର ଶୁଣାଣି ହୋଇଥିବାବେଳେ ବିଶେଷ କରି ଭିନ୍ନକ୍ଷମ ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା, ରାସନ କାର୍ଡ ସମେତ ରାସ୍ତା ଘାଟ ଓ ନେଟୱର୍କ ସମସ୍ୟା ନେଇ ଅଭିଯୋଗ ହୋଇଥିଲା। ଏଥିସହ ପାଟଣା ମୁଖ୍ୟାଳୟସ୍ଥିତ ୭୫ ବର୍ଷୀୟ ପୁରାତନ ଗୋପୀନାଥ ନାରାୟଣ ଉଚ୍ଚ ବିଦ୍ୟାଳୟର ଶ୍ରେଣୀ ଗୃହର ଆଜବେଷ୍ଟସ ଛପର ୬ ମାସ ତଳେ କୁଆପଥର ମାଡ଼ରେ କ୍ଷତିଗ୍ରସ୍ତ ହୋଇଥିବାରୁ ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଦାବି କରାଯାଇଥିଲା। ସେହିପରି ପାଟଣା ଆଞ୍ଚଳିକ ମହାବିଦ୍ୟାଳୟର ଆର୍ଥିକ ଅନିୟମିତତା ସମ୍ପର୍କରେ ମଧ୍ୟ ଅଭିଯୋଗ ହୋଇଥିଲା। ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷଙ୍କ ସମୟରେ କୋଟି କୋଟି ଟଙ୍କାର ଆର୍ଥିକ ଅନିୟମିତତା ଚିକିତ୍ସା ପାଇ ପାରୁନାହାନ୍ତି। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ପାଟଣାବାସୀ ଦାବି କରିଥିଲେ। ଶିବିରରେ ଜିଲ୍ଲାପାଳ ବିଶାଳ ସିଂ, ଏସ୍‌ପି ନିତିନ କୁଶଲକର ଦାଗୁଡୁ, ଡିଏଫ୍‌ଓ ଏଚ୍‌ଡି ଧନରାଜ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ପ୍ରଧାନ, ପିଏ ଆଇଟିଡିଏ ଶିବ ଶଙ୍କର ମିଶ୍ର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ କୁମାର ନାଗ ଭୂଷଣ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଧନେଶ୍ୱର ସେଠୀଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ, ତହସିଲଦାର ଅଶ୍ୱିନୀ କୁମାର ନାଏକ, ଅତିରିକ୍ତ ତହସିଲଦାର ଶରଣ ଜେନା, ରବି ଶଙ୍କର ହେମ୍ବ୍ରମଙ୍କ ସମେତ ବ୍ଲକସ୍ତରୀୟ ଅଧିକାରୀ ସାମିଲ ଥିଲେ। ସହକାରୀ ଯନ୍ତ୍ରୀ ସୁସ୍ମିତା ବେହେରା, ଯନ୍ତ୍ରୀ ମନୋଜ ପଣ୍ଡା, ଅଜୟ ଝା, ମୋନାଲିସା ଚକ୍ର, ବିଶ୍ୱଜିତା ନାଏକଙ୍କ ସମେତ ପିଇଓ ଏଡିଇଓ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ଅଭିଯୋଗ ଶୁଣାଣି ଶିବିରରେ ଦୁର୍ନୀତି ବିରୋଧୀ ଶପଥପାଠ

କେନ୍ଦୁଝର,୨୬।୧୦(ସମିସ): କେନ୍ଦୁଝର ଜିଲ୍ଲାରେ ପ୍ରଶାସନିକ ସ୍ୱଚ୍ଛତା ଏବଂ ଦୁର୍ନୀତି ନିବାରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଆଜି ଦୁର୍ନୀତି ନିବାରଣ ସପ୍ତାହର ପ୍ରଥମ ଦିନରେ ଯୁଗ୍ମ ଅଭିଯୋଗ ଶୁଣାଣି ଅବସରରେ ଜିଲ୍ଲାପାଳ ବିଶାଳ ସିଂହଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ଦୁର୍ନୀତି ବିରୋଧରେ ସାଧୁତାର ଶପଥ ଗ୍ରହଣ କରିଛନ୍ତି। ପାଟଣା ବ୍ଲକ୍ କାର୍ଯ୍ୟାଳୟର

ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜନଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦେଶର ପ୍ରଗତି ପାଇଁ ଦୁର୍ନୀତି ବିରୋଧରେ ଲଢ଼ିବାକୁ ସଂକଳ୍ପ ନେଇଥିଲେ। ଆଜିଠାରୁ 'ଦୁର୍ନୀତି ନିବାରଣ ସପ୍ତାହ'ର ଶୁଭାରମ୍ଭ ହୋଇଥିବା ବେଳେ ଆଗାମୀ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ବିଭାଗ ତରଫରୁ ବିଭିନ୍ନ ସଚେତନତା ଓ ଦୁର୍ନୀତି ବିରୋଧୀ କାର୍ଯ୍ୟକ୍ରମମାନ ଆୟୋଜିତ ହେବ। ଜିଲ୍ଲାପାଳ ବିଶାଳ ସିଂହ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର, ଜିଲ୍ଲା ବନଖଣ୍ଡ ଅଧିକାରୀ ଧନରାଜ ହନୁମନ୍ତ ଧାମଧେରେ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଧନେଶ୍ୱର ସେଠୀ, କେନ୍ଦୁଝର, ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାୟକ ଆଦି ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲଠାରେ ମଧ୍ୟ ସାଧୁତା ଓ ଦୁର୍ନୀତି ନିବାରଣ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୧ ଘଟିକା ସମୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମନ୍ଦରଧର ମହାଲିକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସମସ୍ତ ବିଭାଗ ଓ ଉପ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ। ଏଥିରେ ଡେପୁଟି କଲେକ୍ଟର ସଂଗ୍ରାମ କେଶରୀ ପରିଡ଼ା, କିରଣ କୁମାର ନାଏକ, ଅରୁଣିମା ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାଏ, ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକ, ସୁବ୍ରତ କୁମାର ପାତ୍ର, ସନ୍ତୋଷ କୁମାର ଜେନା, ବୈରାଗୀ ନାୟକ, ସନ୍ତୋଷ କୁମାର ପରିଡ଼ା ଓ କର୍ମଚାରୀ ଶପଥ ପାଠ କରିଥିଲେ।

ଏହି ଶପଥ ପାଠ ମାଧ୍ୟମରେ ସମସ୍ତେ ନିଜ ନିଜ କାର୍ଯ୍ୟକ୍ଷେତ୍ରରେ ସଚ୍ଚୋଟତା ଅବଲମ୍ବନ କରିବା, ଦୁର୍ନୀତି ବିରୋଧରେ ସଚେତନ ରହିବା ଏବଂ ଏକ ସ୍ୱଚ୍ଛ, ନିରପେକ୍ଷ ଓ ଦୁର୍ନୀତିମୁକ୍ତ ପ୍ରଶାସନିକ ବ୍ୟବସ୍ଥା ଗଠନ ଦିଗରେ ନିଜର ଦାୟିତ୍ୱ ନିର୍ବାହ କରିବାକୁ ଆହ୍ୱାନ ଦିଆଯାଇଥିଲା। ଦୁର୍ନୀତି ନିବାରଣ କେବଳ ପ୍ରଶାସନର ଦାୟିତ୍ୱ ନୁହେଁ, ବରଂ ଏହା ଏକ ସାମୂହିକ ସାମାଜିକ ଦାୟିତ୍ୱ। ଏଥିପାଇଁ ସମସ୍ତଙ୍କର ସକ୍ରିୟ ସହଯୋଗ ଓ ନୈତିକ ପ୍ରତିବଦ୍ଧତା ଆବଶ୍ୟକ ବୋଲି ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବାର୍ତ୍ତା ପ୍ରଦାନ କରାଯାଇଥିଲା।

ମୃତ ଲୋକଙ୍କ ନାମରେ ଭତ୍ତା ଟଙ୍କା ହଡ଼ପ

ହାଟଡ଼ିହୀ,୨୬।୧୦(ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍‌ରେ ମୃତ ଲୋକଙ୍କ ନାମରେ ଭତ୍ତା ଅନୁଦାନ ଲୁଟ୍ ହୋଇଥିବା ଜାଣିବାକୁ ମିଳିଛି। ସୂଚନା ଅନୁସାରେ, ହାଟଡ଼ିହୀ ବ୍ଲକ୍ ଡଅଁର ପଞ୍ଚାୟତରେ ନୂତନ ଭାବେ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ (ପିଇଓ) ଭାବେ ଅଜୟ ନାୟକ ଚଳିତବର୍ଷ ସେପ୍ଟେମ୍ବରରେ ଯୋଗଦାନ କରିଥିଲେ। ସେ ଘର ଘର ବୁଲି ଅକ୍ଟୋବର ମାସର ଭତ୍ତା ଅନୁଦାନ ହିତାଧିକାରୀଙ୍କୁ ବଣ୍ଟନ କରିଥିଲେ। ଭତ୍ତା ଅନୁଦାନ ବଣ୍ଟନ ବେଳେ ଅନେକ ବ୍ୟକ୍ତି ବହୁ ଦିନ ପୂର୍ବରୁ ମରି ସାରିଥିବା ଜଣାପଡ଼ିଥିଲା। ୪୦ ଜଣ ମୃତ ହିତାଧିକାରୀଙ୍କୁ ଏହି ନୂଆ ପିଇଓ ଚିହ୍ନଟ କରିଛନ୍ତି। ତେବେ ମଣିଷ ମରିଯିବା ପରେ ବି ସେମାନଙ୍କ ନାଁରେ ପ୍ରତି ମାସ ଭତ୍ତା ଟଙ୍କା ଉଠାଣ ହେଉଛି। ଭତ୍ତା ଅନୁଦାନ ବଣ୍ଟନ ସମୟରେ ରେଜିଷ୍ଟରରେ ମୃତ ଲୋକଙ୍କ ନାମରେ କିଏ ଟିପ ବା ଦସ୍ତଖତ କରୁଛି ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମୃତ ବ୍ୟକ୍ତିଙ୍କ ନାଁ ତାଲିକାରୁ ନ ହଟାଇ ବର୍ଷ ବର୍ଷ ଧରି ଏହି ଲୁଟ୍ ଚାଲିଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଏହା କେବଳ ଗୋଟିଏ ପଞ୍ଚାୟତର କଥା ନୁହେଁ, ଅନେକ ପଞ୍ଚାୟତରେ ଏହିପରି ସରକାରୀ ଅନୁଦାନ ହଡ଼ପ୍ ଚାଲିଛି। ଉପଯୁକ୍ତ ତଦାରଖ ଅଭାବରୁ ସରକାରୀ ଅନୁଦାନ ଖୁଲମଖୁଲା ଲୁଟ ହେଉଛି। ମଧୁବାବୁ ପେନସନ, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା ନାଁରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ ହେଉଛି। ଗରିବ ଲୋକମାନେ ଭତ୍ତା ପାଇଁ ଚାହିଁ ରହିଥିବାବେଳେ ମୃତ ଲୋକଙ୍କ ନାଁରେ ଜୀବନ୍ତ ଲୋକ ଟଙ୍କା ଉଠାଇ ନେଉଛନ୍ତି। ପିଇଓ ଅଜୟ ନାୟକ କହିଛନ୍ତି ଯେ ଚଳିତ ମାସରେ ମୁଁ ଯେତେବେଳେ ଘର ଘର ବୁଲି ଭତ୍ତା ବଣ୍ଟନ କଲି ସେତେବେଳେ ବହୁ ସଂଖ୍ୟାରେ ମୃତ ଲୋକଙ୍କ ନାମରେ ଭତ୍ତା ଅନୁଦାନ ଉଠାଣ ହେଉଥିବା ଜାଣିବାକୁ ପାଇଲି ଏବଂ ବିଡିଓଙ୍କୁ ଜଣାଇଲି। ଏ ନେଇ ବିଡିଓ ରଞ୍ଜନ କୁମାର ପରିଡ଼ା କହିଛନ୍ତି ଯେ ପିଇଓ ରିପୋର୍ଟ ଦେବା ପରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ। କାହାରିଙ୍କୁ ଛଡ଼ାଯିବନି ଏବଂ ପ୍ରତି ପଞ୍ଚାୟତରେ ଯାଞ୍ଚ କରାଯିବ।

ଗୋ-ଚାଲାଣବେଳେ ୨ ମାଫିଆ ଗିରଫ

ତୁରୁମୁଙ୍ଗା,୨୬।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଖଜୁରିଡିହା ନିକଟରୁ ଗତ ସେପ୍ଟେମ୍ବର ମାସ ୨୮ ତାରିଖରେ ଗୋ ଚାଲାଣ ସମୟରେ ପାଟଣା ପୁଲିସ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନକୁ ଜବତ କରି ଗାଡ଼ି ଭିତରୁ ୧୧ଟି ଗୋରୁ ଉଦ୍ଧାର କରିଥିଲେ। ଏଥିସହ ଗାଡ଼ିକୁ ଜବତ କରିଥିଲେ। ତେବେ ଗୋ ଚାଲାଣରେ ସମ୍ପୃକ୍ତ ଥିବା ଦୁଇଜଣ ଅନ୍ଧାରର ସୁଯୋଗ ନେଇ ଫେରାର ହୋଇ ଯାଇଥିଲେ। ଘଟଣାର ତଦନ୍ତ କରି ଥାନା ଅଧିକାରୀ କିରଣ ପ୍ରସାଦ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ଉ କରି ସୋମବାର ଦୁଇଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ବାଦାମ ପାହାଡ଼ ଥାନା ସାତପୌଟିଆ ଗ୍ରାମର ଏସ୍‌କେ ସାହିମ (୩୧) ଏବଂ ଜଶିପୁର ଥାନା ବକୋଲା

ଏସ୍‌କେ ରହମା ତୁଲା (୪୦)। ଏ ନେଇ ପାଟଣା ଥାନାରେ ୩୨୬/୨୬ ରେ ଏକ ମାମଲା ରୁଜୁ ହୋଇଛି। ଏସ୍‌ଆଇ ଲକ୍ଷ୍ମଣ ମାଝୀ ଘଟଣାର ତଦନ୍ତ କରୁଛନ୍ତି।

ପାଣିରେ ବୁଡ଼ି ଜଣେ ମୃତ

ତୁରୁମୁଙ୍ଗା,୨୬।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଟାଙ୍ଗରପଡ଼ା ଗ୍ରାମରେ ସୋମବାର ଗାଧୋଇବା ବେଳେ ପୋଖରୀରେ ବୁଡ଼ି ଜଣେ ବ୍ୟକ୍ତିଙ୍କ ଅକାଳ ବିୟୋଗ ଘଟିଛି। ମୃତକ ଜଣକ ହେଉଛନ୍ତି ଟାଙ୍ଗରପଡ଼ା ଗ୍ରାମର ତରଣିସେନ ମହାରଣା (୪୮)। ସୋମବାର ଅପରାହ୍ନରେ ତରଣିସେନ ଗ୍ରାମ ନିକଟସ୍ଥ ବନ୍ଧକୁ ଗାଧୋଇବା ପାଇଁ ଯାଇଥିଲେ। ସେଠାରେ ପାଣିର ଗଭୀରତା ଅଧିକ ଥିବାରୁ ଅସାବଧାନତାବଶତଃ ଗୋଡ଼ ଖସି ଯିବାରୁ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ବୁଡ଼ି ଯାଉଥିବା ଦେଖି ପାଟଣା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ପାଟଣା ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅବସ୍ଥାରେ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ପରୀକ୍ଷା ନିରୀକ୍ଷା କରି ମୃତ ଘୋଷଣା କରିଥିଲେ।

ଜିଲ୍ଲାପାଳଙ୍କୁ ଏଓବିଇଓ-ଜେସିସିର ସ୍ମାରକପତ୍ର

କେନ୍ଦୁଝର,୨୬।୧୦(ସମିସ): ନିଖିଳ ଓଡ଼ିଶା ବ୍ଲକ ସମ୍ପ୍ରସାରଣ ଅଧିକାରୀ ମିଳିତ ସମନ୍ୱୟ ପରିଷଦର ଆହ୍ୱାନକ୍ରମେ କେନ୍ଦୁଝର ଜିଲ୍ଲା ମିଳିତ ସମନ୍ୱୟ ପରିଷଦ ପକ୍ଷରୁ ଜିଲ୍ଲାପାଳଙ୍କୁ ପାଞ୍ଚଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଦୀର୍ଘଦିନ ଧରି ଦରମା ବିସଙ୍ଗତି, ପଦୋନ୍ନତି ସୁଯୋଗର ଅଭାବ, ଅତ୍ୟଧିକ କାର୍ଯ୍ୟଭାର, କ୍ଷେତ୍ର ପରିଦର୍ଶନ ଜନିତ ସମସ୍ୟା ଓ କର୍ମକ୍ଷେତ୍ରରେ ସୁରକ୍ଷାହୀନତା ଯୋଗୁଁ ଚାରି କ୍ୟାଡର୍‌ର ଅଧିକାରୀମାନେ ଅସନ୍ତୋଷ ଓ ମାନସିକ ଚାପରେ ରହିଛନ୍ତି। ଏ ନେଇ ପରିଷଦ ପକ୍ଷରୁ ପ୍ରମୁଖ ପାଞ୍ଚଦଫା ଦାବି ଜିଲ୍ଲାପାଳଙ୍କୁ ଦିଆଯାଇଛି, ସେଗୁଡ଼ିକ ମଧ୍ୟରେ ପ୍ରାରମ୍ଭିକ ବେତନ ସ୍ତର ବୃଦ୍ଧି, ସରକାରୀ କ୍ଷେତ୍ର ପରିଦର୍ଶନ ପାଇଁ ପର୍ଯ୍ୟାପ୍ତ ଯାତାୟାତ ଖର୍ଚ୍ଚ, ଅଭିଜ୍ଞ ସମ୍ପ୍ରସାରଣ ଅଧିକାରୀଙ୍କ ପାଇଁ ବିଡିଓ ପଦବୀକୁ ପଦୋନ୍ନତିର ସୁଯୋଗ, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ସ୍ୱାସ୍ଥ୍ୟ ସୁରକ୍ଷା ଏବଂ କର୍ମକ୍ଷେତ୍ରରେ ଆଇନଗତ ସୁରକ୍ଷା ଏବଂ ଅତିରିକ୍ତ କିରାଣି କାର୍ଯ୍ୟଭାର ହ୍ରାସ ପାଇଁ ଉତ୍ସର୍ଗୀକୃତ ସହାୟକ କର୍ମଚାରୀ ନିଯୁକ୍ତି। ଏହି ଅବସରରେ ଜିଲ୍ଲା ମୁଖ୍ୟ ସମନ୍ୱୟ ତଥା ସହ-ଆବାହକ ସୁଶାନ୍ତ କୁମାର ସାହୁ, ମାନସ ରଞ୍ଜନ, ମୋତିଲାଲ ନାୟକ ଓ କରମଚାନ୍ଦ ସୋରେନଙ୍କ ସମେତ ଜିଲ୍ଲା ମିଳିତ ସମନ୍ୱୟ ପରିଷଦ ସଦସ୍ୟମାନେ ଉପସ୍ଥିତ ଥିଲେ। ଜନସେବାରେ ନିୟୋଜିତ ଚାରି କ୍ୟାଡରର ଦାବିଗୁଡ଼ିକୁ ସରକାରଙ୍କ ନିକଟକୁ ପଠାଇ ଶୀଘ୍ର ସମାଧାନ ପାଇଁ ପରିଷଦ ଅନୁରୋଧ କରିଛି। "ଚାରି କ୍ୟାଡର, ଏକ ସ୍ୱର, ଏକ ସଂକଳ୍ପ' ଏହି ଆହ୍ୱାନ ସହ ଆଗାମୀ ଦିନରେ ଅଧିକ ସୁଦୃଢ଼ ଏକତା, ସମନ୍ୱୟ ଓ ମିଳିତ ପ୍ରୟାସ ଜାରି ରଖିବାକୁ ପରିଷଦ ସଂକଳ୍ପବଦ୍ଧ ବୋଲି ଚାରି ସହ-ଆବାହକ ସୂଚନା ଦେଇଛନ୍ତି। ଏହି ଦାବିପତ୍ରର ନକଲ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ବେସାମରିକ ଯୋଗାଣ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଓ ଜିଲ୍ଲା ପଞ୍ଚାୟତ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି।

ଏକତାର ବାର୍ତ୍ତା ନେଇ ଏକତା ନଗର ଅଭିମୁଖେ କେନ୍ଦୁଝରର ୪୫ ଜଣିଆ ପ୍ରତିନିଧି ଦଳ

କେନ୍ଦୁଝର,୨୬।୧୦(ସମିସ): ଆସନ୍ତା ୩୧ ଅକ୍ଟୋବରରେ ପାଳିତ ହେବାକୁ ଥିବା "ରାଷ୍ଟ୍ରୀୟ ଏକତା ଦିବସ-୨୦୨୬' ଉତ୍ସବ ନିମନ୍ତେ ଆଜି କେନ୍ଦୁଝର ଅଡିଟୋରିଅମ୍‌ଠାରେ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସ୍ନେହାଶିଷ ସାହୁ ଯୋଗଦେଇ ପ୍ରତିନିଧି ଦଳର ଯାତ୍ରାକୁ ଶୁଭାରମ୍ଭ କରିଥିଲେ।

ସୂଚନା ଅନୁଯାୟୀ, ଚଳିତ ବର୍ଷ ରାଷ୍ଟ୍ରୀୟ ଏକତା ଦିବସର ମୁଖ୍ୟ ବିଷୟବସ୍ତୁ ହେଉଛି "ନକ୍ସଲବାଦର ଅନ୍ତ' (ନକ୍ସଲ-ମୁକ୍ତ ଭାରତ) ଏବଂ ଦେଶର ସଶସ୍ତ୍ର ବାହିନୀର ବିଜୟ ଗାଥା ପାଳନ କରିବା। ଦୀର୍ଘ ଦଶନ୍ଧି ଧରି ନକ୍ସଲବାଦ ଦେଶ, ରାଜ୍ୟ ଏବଂ ଜିଲ୍ଲା ସ୍ତରରେ ଶାନ୍ତି, ନିରାପତ୍ତା ଓ ବିକାଶର ପଥରେ ଏକ ବଡ଼ ପ୍ରତିବନ୍ଧକ ହୋଇ ରହିଥିଲା। ଗ୍ରାମାଞ୍ଚଳ ଓ ଜଙ୍ଗଲ ଆବୃତ ଅଞ୍ଚଳଗୁଡ଼ିକରେ ହିଂସା ଓ ଭୟର ବାତାବରଣ ସୃଷ୍ଟି କରି ଏହା ଆର୍ଥିକ, ସାମାଜିକ ଓ ଭିତ୍ତିଭୂମି ବିକାଶକୁ ବାଧାପ୍ରାପ୍ତ କରୁଥିଲା। ନକ୍ସଲ ପ୍ରଭାବିତ ଅଞ୍ଚଳର ଜନସାଧାରଣ ଏବେ ଶାନ୍ତି, ସ୍ୱାଧୀନତା ଓ ଗୌରବର ସହ ଦେଶର ମୁଖ୍ୟ ବିକାଶ ଧାରାରେ ଅଂଶଗ୍ରହଣ କରିପାରିବେ। କେନ୍ଦୁଝର ଅଡିଟୋରିଅମ୍‌ରୁ ୨ଟି ସ୍ୱତନ୍ତ୍ର ବସ୍ ଯୋଗେ ୪୫ ଜଣିଆ ପ୍ରତିନିଧି ଦଳ ଭୁବନେଶ୍ୱର ଅଭିମୁଖେ ବାହାରିଛନ୍ତି। ଆଜି ରାତିରେ ସେମାନେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ରାତ୍ରିଯାପନ କରିବେ। ଭୁବନେଶ୍ୱରରୁ ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଗୁଜୁରାଟର ଏକତା ନଗର ଅଭିମୁଖେ ଯାତ୍ରା କରିବେ। ଗୁଜୁରାଟର ଏକତା ନଗରଠାରେ ଆୟୋଜିତ ରାଷ୍ଟ୍ରୀୟ ଏକତା ଦିବସର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଜିଲ୍ଲା ପ୍ରଶାସନ, କେନ୍ଦୁଝର ପକ୍ଷରୁ ଏହି କାର୍ଯ୍ୟକ୍ରମରେ ଯୋଗଦେଉଥିବା ସମସ୍ତ ପ୍ରତିନିଧିଙ୍କୁ ଯାତ୍ରାର ଶୁଭକାମନା କରାଯାଇଥିଲା।

ଆନନ୍ଦପୁରରେ ଦୁର୍ନୀତି ନିବାରଣ ଶପଥ ପାଠ

ଆନନ୍ଦପୁର,୨୬।୧୦(ସମିସ): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନର ଶୁଭାରମ୍ଭ ଅବସରରେ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଦୁର୍ନୀତି ନିବାରଣ ଓ ସତ୍ୟନିଷ୍ଠାର ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ

ଉପଜିଲ୍ଲାପାଳ ନୀଳମାଧବ ସୁନା, ଡେପୁଟୀ କଲେକ୍ଟର (ରାଜସ୍ୱ) ସୌରଭ ରଞ୍ଜିତ୍, ସହକାରୀ ଜିଲ୍ଲାପାଳ ତପନ କୁମାର ପ୍ରଧାନ, ସହକାରୀ ଜିଲ୍ଲାପାଳ ବନଜା ପାତ୍ର, ସହକାରୀ ଜିଲ୍ଲାପାଳ ଧୀରେନ୍ଦ୍ର କୁମାର ସିଂହ ଏବଂ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପାଳି ପ୍ରିୟଦର୍ଶିନୀ ନାୟକଙ୍କ ସମେତ କାର୍ଯ୍ୟାଳୟର ଅନ୍ୟ ଅଧିକାରୀ ଓ କର୍ମଚାରୀ ଯୋଗଦେଇ ଶପଥ ପାଠ କରିଥିଲେ। ଏହି ଶପଥ ପାଠ ମାଧ୍ୟମରେ ସମସ୍ତେ ନିଜ ନିଜର କର୍ତ୍ତବ୍ୟ ଓ ଦାୟିତ୍ୱକୁ ସଚ୍ଚୋଟତା, ନିଷ୍ଠା ଓ ସ୍ୱଚ୍ଛତାର ସହ ନିର୍ବାହ କରିବା ସହ ଦୁର୍ନୀତିରୁ ଦୂରେଇ ରହିବା ଏବଂ ଦୁର୍ନୀତି ବିରୋଧରେ ସଚେତନ ରହିବାକୁ ସଂକଳ୍ପ ନେଇଥିଲେ। ଏକ ସ୍ୱଚ୍ଛ, ନିରପେକ୍ଷ ଓ ଦୁର୍ନୀତିମୁକ୍ତ ଭାରତ ଗଠନ ପାଇଁ ସରକାରୀ କାର୍ଯ୍ୟରେ ସତ୍ୟନିଷ୍ଠା ଓ ଉତ୍ତରଦାୟିତ୍ୱ ବଜାୟ ରଖିବା ସହ ସମସ୍ତଙ୍କର ସାମୂହିକ ସହଯୋଗ ଓ ନୈତିକ ପ୍ରତିବଦ୍ଧତା ଅପରିହାର୍ଯ୍ୟ ବୋଲି ଏହି କାର୍ଯ୍ୟକ୍ରମରେ ବାର୍ତ୍ତା ଦିଆଯାଇଥିଲା।

ଜହ୍ନ ଉତ୍ସବରେ ନୃତ୍ୟଗୁରୁ ସମ୍ବର୍ଦ୍ଧିତ

ଆନନ୍ଦପୁର,୨୬।୧୦(ସମିସ): ଆନନ୍ଦପୁରର ଶାଳପଡା ବୀଣାପାଣି କଳାନିକେତନ, ନୃତ୍ୟାନୁଷ୍ଠାନର ନୃତ୍ୟଗୁରୁ ଜିତୁ ଦାଶ ନିଜର ପ୍ରତିଭା ପାଇଁ ସାରା ଓଡ଼ିଶା ତଥା ଓଡ଼ିଶା ବାହାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏହି ପରିପ୍ରେକ୍ଷୀରେ ତାଙ୍କୁ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ରମଣ୍ଡପ,ଠାରେ ସୁର୍ ଭାଇବ୍ରେସନ ଜହ୍ନ ଉତ୍ସବ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଛି। ସୁପ୍ରସିଦ୍ଧ କଣ୍ଠଶିଳ୍ପୀ ତଥା ସୁରଭାଇବ୍ରେସନର ମୁଖ୍ୟ ଜୟଶ୍ରୀ ଧଳ ଓ ଅନ୍ତର୍ଜାତୀୟ ଗୁରୁ ଶାଶ୍ୱତ ଯୋଶୀ ଉପଢୌକନ, ଉତ୍ତରୀୟ, ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ନୃତ୍ୟଶିଳ୍ପୀଙ୍କ ଦ୍ୱାରା କୁଆଁର ପୁନେଇଁ ଜହ୍ନ ଲୋ ନୃତ୍ୟାଭିନୟକୁ ପରିବେଷଣ କରାଯାଇଥିଲା।

ତପନଙ୍କ ଚିକିତ୍ସା ପାଇଁ ସହାୟତାର ହାତ ବଢ଼ାଇଲେ ଉପଜିଲ୍ଲାପାଳ

ହାଟଡ଼ିହୀ,୨୬।୧୦(ସମିସ)

ଗରିବ ଶ୍ରମିକ ତପନ କୁମାର ବରାଳଙ୍କ ଦୁର୍ଦ୍ଦଶା ସମ୍ପର୍କିତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରସାରଣ ପରେ ତାଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା। ତପନଙ୍କ ଚିକିତ୍ସା ସମସ୍ୟାକୁ ଗୁରୁତ୍ୱର ସହ ନେଇ ସେ ତାଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ସହ ଉନ୍ନତ ଚିକିତ୍ସା ପାଇଁ ଆବଶ୍ୟକ ପଦକ୍ଷେପ ନିମନ୍ତେ ଉଦ୍ୟମ କରିଛନ୍ତି। କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍ ବଞ୍ଚୋ ଗ୍ରାମର ୩୩ ବର୍ଷୀୟ ତପନ କୁମାର ବରାଳ ଦୀର୍ଘଦିନ ଧରି ପାଦ କଷ୍ଟରେ ଗୁରୁତର ସମସ୍ୟାରେ ପୀଡ଼ିତ ଅଛନ୍ତି। ହାଇଦ୍ରାବାଦରେ ଏକ ଷ୍ଟିଲ୍ କମ୍ପାନୀରେ କାମ କରୁଥିବା ସମୟରେ ତାଙ୍କ ପାଦରେ ଏକ ଧାତବ ପଦାର୍ଥ ପଶିଯିବାରୁ ସେ ଆହତ ହୋଇଥିଲେ। ଓଡ଼ିଶା ଫେରିବା ପରେ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ ମଧ୍ୟ ତାଙ୍କ ପାଦର ଘା' ଶୁଖିନାହିଁ। ଏବେ ମଧ୍ୟ ଘା'ରୁ ପୁଜ ବାହାରିବାରୁ ସେ ସ୍ୱାଭାବିକ ଭାବେ ଚାଲିବାରେ ଅସମର୍ଥ ହେଉଛନ୍ତି। ଆର୍ଥିକ ଅନାଟନ ଯୋଗୁଁ ତପନଙ୍କ ପାଇଁ ଉନ୍ନତ ଚିକିତ୍ସା କରାଇବା କଷ୍ଟକର ହୋଇପଡ଼ିଥିବା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହେବା ପରେ ଉପଜିଲ୍ଲାପାଳ ଶ୍ରୀ ସୁନା ତାଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଇଥିଲେ।

ଏଥିସହ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଧନେଶ୍ୱର ସେଠୀଙ୍କ ସହ ଆଲୋଚନା କରି ତପନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇଦେବା ଏବଂ ଆବଶ୍ୟକ ହେଲେ ଉନ୍ନତ ଚିକିତ୍ସା ପାଇଁ ବ୍ୟବସ୍ଥା କରିବା ଦିଗରେ ପଦକ୍ଷେପ ନେଇଛନ୍ତି। ପ୍ରଶାସନର ଏହି ଉଦ୍ୟମ ତପନ ଓ ତାଙ୍କ ପରିବାର ମଧ୍ୟରେ ଆଶା ସଞ୍ଚାର କରିଛି। ତପନଙ୍କୁ ଶୀଘ୍ର ଉତ୍ତମ ଚିକିତ୍ସା ମିଳିବା ସହ ସେ ପୁନର୍ବାର ସୁସ୍ଥ ହୋଇ ସ୍ୱାଭାବିକ ଜୀବନକୁ ଫେରିବେ ବୋଲି ଆଶା କରାଯାଉଛି।

ମୁଖ୍ୟମନ୍ତ୍ରୀ କୃଷି ଯୋଜନାରେ ଜାଲିଆତି

ଖବର ପ୍ରକାଶ ପରେ ନାମଫଳକ ଗାଏବ

ଆନନ୍ଦପୁର,୨୬।୧୦(ସମିସ)

ଆନନ୍ଦପୁର ବ୍ଲକ୍ କନ୍ତୋ ମୌଜାର ଏକ ବିବାଦୀୟ ଜମିରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଆରମ୍ଭ କରି ସରକାରୀ ସବ୍‌ସିଡିକୁ ହାତେଇବା ପାଇଁ ହେଉଥିବା କସରତ ସମ୍ପର୍କରେ ବିସ୍ତୃତ ଖବର ପ୍ରକାଶ ପାଇଥିଲା। ଏହି ଜାଲିଆତି ପଦାରେ ପଡ଼ିଯିବାରୁ ଏହି ପ୍ରକଳ୍ପରେ ଲାଗିଥିବା ନାମ ଫଳକ ଗାଏବ ହୋଇଯାଇଛି। ଯାହାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଉଛି। ମିଳିଥିବା ସୂଚନା ଅନୁଯାୟୀ ପ୍ରକଳ୍ପ ହୋଇଥିବା ଜମିର ମାଲିକଙ୍କ ବଂଶଧାରାର ଅନ୍ୟ ଏକ ଅଂଶୀଦାରଙ୍କ ଅଗୋଚରରେ ଗତ ୨୦୨୨ରେ ବିକ୍ରି ହୋଇଥିବା ଜମିକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏ ନେଇ ୨୦୨୩ରେ ଆନନ୍ଦପୁର ବିଚାର ବିଭାଗୀୟ କୋର୍ଟରେ ମୋକଦମା ଚାଲିଥିବା ବେଳେ ଏହି ଜମିକୁ ଦର୍ଶାଇ ସରକାରୀ ଅର୍ଥ ଲୁଟିନେବା ପୂର୍ବରୁ ଉଦ୍ୟାନ ବିଭାଗରେ ଖୋଳତାଡ଼ ଆରମ୍ଭ ହୋଇଛି। ଜମି ମାଲିକଙ୍କ ଅଗୋଚରରେ ଜମିବିକ୍ରି ହୋଇଥିବାରୁ ଅଂଶୀଦାରଙ୍କ ସମେତ ସରକାରୀ ସବ୍‌ସିଡି ହାତେଇବା ପାଇଁ ଆନନ୍ଦପୁର ତହସିଲ କନ୍ତୋ ମୌଜାର ଖାତା ନଂ ୧୬୨ରେ ୬ଟି ପ୍ଲଟରେ ୯ ଏକର ୪ ଡିସିମିଲ ଜମି ତାଙ୍କ ଅଗୋଚରରେ ସବ୍‌ରେଜିଷ୍ଟର କାର୍ଯ୍ୟାଳୟରେ ବିକ୍ରି କରିଦିଆଯାଇଛି। ଏ ନେଇ ଉତ୍ତରାଞ୍ଚଳ ରାଜସ୍ୱ କମିଶନର, କଟକ ରେଜିଷ୍ଟ୍ରାର, କେନ୍ଦୁଝର ଏଡିଏମ୍, ଆନନ୍ଦପୁର ଉପଜିଲ୍ଲାପାଳ, ତହସିଲଦାରଙ୍କୁ ଅବଗତ କରାଯାଇ ୧୫ ଦିନ ମଧ୍ୟରେ ବେଆଇନ ରେଜିଷ୍ଟ୍ରେସନକୁ ରଦ୍ଦ କରାଯିବାକୁ ଅଂଶୀଦାର ନ୍ୟାୟାଳୟର ଆଶ୍ରୟ ନେଇଛନ୍ତି। ଆନନ୍ଦପୁର ଉଦ୍ୟାନ ଅଧିକାରୀ ମାସୁମ ମହାନ୍ତି ଏ ସମ୍ପର୍କରେ କହିଛନ୍ତି, ଏହି ଅଭିଯୋଗ ପାଇବା ପରେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସମସ୍ତ କାଗଜପତ୍ର ଯାଞ୍ଚ ପରେ ନିଷ୍ପତ୍ତି ନିଆଯିବ।

● ଚାରିମାସ ଧରି ମିଳୁନି ରାସନ ଚାଉଳ

ବ୍ଲକ ଘେରିଲେ ୪ ଗ୍ରାମର ହିତାଧିକାରୀ

ସୋର, ୨୬।୧୦(ସମିସ): ରାସନ ସାମଗ୍ରୀ ଯୋଗାଉଥିବା ଡିଲରଙ୍କ ଦେହ ଅସୁସ୍ଥ କାରଣରୁ ବିଭାଗ ପକ୍ଷରୁ ଅନ୍ୟ ଜଣେ ଡିଲରକୁ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ଡିଲର ଜଣଙ୍କ ଗୋଟିଏ ମାସର ରାସନ ସାମଗ୍ରୀ ବଣ୍ଟନ କରିବା ପରେ ୪ମାସ ଧରି ରାସନ ଚାଉଳ ଯୋଗାଉ ନ ଥିବାରୁ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇ ଶେଷରେ ବିଡିଓଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ସୋର ବ୍ଲକ ମୁଡ଼ିକି ପଞ୍ଚାୟତ ଥାଳା, ସାମପୁର ଓ ଚକ ସୁବର୍ଣ୍ଣପୁର ଗ୍ରାମର ଲୋକେ ପୂର୍ବରୁ ଥାଳା ଗ୍ରାମର ଡିଲରଙ୍କଠାରୁ ରାସନ ସାମଗ୍ରୀ

ନେଉଥିଲେ। ମାତ୍ର ଉକ୍ତ ଡିଲରଙ୍କ ଦେହ ଅସୁସ୍ଥ ହେବା କାରଣରୁ ଡିଲର ଜଣଙ୍କ କାର୍ଯ୍ୟରୁ ବିରତି ନେଇଥିଲେ। ପରେ ବର୍ତ୍ତନା ଗ୍ରାମର ଜଣେ ଡିଲରଙ୍କୁ ଟ୍ୟାଗ କରାଯାଇଥିଲେ ମଧ୍ୟ ଗ୍ରାମବାସୀମାନଙ୍କ ବିଭିନ୍ନ ଅସୁବିଧାକୁ ନେଇ ଅଭିଯୋଗ କରିବାରୁ ସାମପୁର ଗ୍ରାମରେ ଥିବା ଡିଲରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ଗୋଟିଏ ମାସ ରାସନ ସାମଗ୍ରୀ ପ୍ରଦାନ କରିବା ପରେ ଡିଲର ଜଣଙ୍କ ନିଜର ଅଧିକ ଖର୍ଚ୍ଚ ହେଉଥିବା ଦର୍ଶାଇ ରାସନ ସାମଗ୍ରୀ ଦେବା ବନ୍ଦ କରି ଦେଇଥିଲେ। ଫଳରେ ୪ମାସ ଧରି ଲୋକେ ରାସନ ଚାଉଳ ପାଇବାରୁ ବଞ୍ଚିତ ରହିବା ସହିତ ବିଭିନ୍ନ ଅସୁବିଧାକୁ ସମ୍ମୁଖୀନ ହୋଇ ଆଜି ମଧ୍ୟାହ୍ନରେ ସୋର ବିଡିଓ ସୁବ୍ରତ ବେହେରାଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଖବର ଲେଖାଯିବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇନଥିବା ବେଳେ ଲୋକେ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସିଥିବା ଦେଖିବାକୁ ମିଳିଛି।

ଜଳେଶ୍ୱର ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ

ଜଳେଶ୍ୱର ବ୍ଲକ, ୨୬।୧୦ (ସମିସ): ସମ୍ଭାବ୍ୟ ବାତ୍ୟାର ସଫଳ ମୁକାବିଲା, ଜନସାଧାରଣଙ୍କ ସୁରକ୍ଷା ଏବଂ ଜରୁରୀକାଳୀନ ପରିସ୍ଥିତିର ପରିଚାଳନା ପାଇଁ ଜଳେଶ୍ୱର ବ୍ଲକ ପ୍ରଶାସନ ପକ୍ଷରୁ ଦିନ ୧୧ ଘଟିକା ସମୟରେ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତଥା ଏମର୍ଜେନ୍ସି ଅଫିସର ସଜତ ଅନୁପମଙ୍କ ଅଧ୍ୟକ୍ଷତାରେ ବ୍ୟାପକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉପାଧ୍ୟକ୍ଷା ଋଷିତା ସେନାପତି, ମାର୍କେଟିଙ୍ଗ ଇନ୍ସପେକ୍ଟର ଅନ୍ତର୍ଯ୍ୟାମୀ ସାହୁ, ଜିପିଡିଓ ସବ୍ୟସାଚୀ ଦାସ, ସେକସନ ଅଫିସର ସନ୍ତୋଷ ଭଞ୍ଜ ଉପସ୍ଥିତ ରହି ବାତ୍ୟା ସମୟରେ ତଳିଆ ଅଞ୍ଚଳରୁ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର, ବାତ୍ୟା ଆଶ୍ରୟ ସ୍ଥଳୀଗୁଡ଼ିକର ପ୍ରସ୍ତୁତି, ଶୁଖିଲା ଖାଦ୍ୟ ଓ ପାନୀୟ ଜଳର ବନ୍ଦୋବସ୍ତ, ତଥା ଜରୁରୀକାଳୀନ ସେବା ନେଇ ବୈଠକରେ ଆଲୋଚନା କରାଯାଇଥିଲା।

ଜଳେଶ୍ୱର ନାବାଳିକା ଦୁଷ୍କର୍ମ ଓ ହତ୍ୟା ଘଟଣା

ଅଭିଯୁକ୍ତକୁ ରିମାଣ୍ଡରେ ଆଣିବ ପୁଲିସ

ଜଳେଶ୍ୱର ବ୍ଲକ, ୨୬।୧୦ (ସମିସ)

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅଞ୍ଚଳର ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ଚନ୍ଦ୍ରକାନ୍ତ ଜେନାକୁ ଗତକାଲି କୋର୍ଟ ଚାଲାଣ କରାଯାଇଛି। ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତରୀମାଇନା ପରେ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଗତ ୨୨ ତାରିଖରୁ ପୁଲିସ ହେପାଜତରେ ଥିବା ଚନ୍ଦ୍ରକାନ୍ତ ବାରମ୍ବାର ବୟାନ ବଦଳାଉଥିଲା। ଦିନେ କିମ୍ବା ଦୁଇଦିନ ମଧ୍ୟରେ ତାକୁ ପୁଲିସ ରିମାଣ୍ଡରେ ଆଣି ଅଟକ ଅନ୍ୟ ୩ ଜଣ ଅଭିଯୁକ୍ତଙ୍କ ସମ୍ମୁଖରେ ଜେରା କରିବ ବୋଲି ଜଣାପଡ଼ିଛି। ତଦନ୍ତ ବେଳେ ଘଟଣାକୁ ନେଇ ପ୍ରତିଦିନ ନୂଆ ତଥ୍ୟ ସାମ୍ନାକୁ ଆସୁଛି। ଛାତ୍ରୀଙ୍କ ଲୁଗା ଖୋଲି ଦିଆଯାଇଥିବା ଏବଂ ସେଗୁଡ଼ିକୁ ଚନ୍ଦ୍ରକାନ୍ତ ଢେରାପଦାର ଅପର ପାର୍ଶ୍ୱରେ ଥିବା ଏକ ବିଲରେ ପୋତି ଦେଇଥିବା ପୁଲିସ ଜାଣିବାକୁ ପାଇଥିଲା। ଏହା ପରେ ଗତକାଲି ମଧ୍ୟରାତ୍ରିରେ ପୁଲିସ ଚନ୍ଦ୍ରକାନ୍ତକୁ ଉକ୍ତ ବିଲକୁ ନେଇ ପୋତା ହୋଇଥିବା ଲୁଗା ଜବତ କରିଛି। ଯେଉଁ ଲୁଗାକୁ ଫୋରେନ୍‌ସିକ୍ ପରୀକ୍ଷା ପାଇଁ ପଠାଯାଇଛି। ସେହିପରି ଗତ ୧୫ରୁ ୨୨ ତାରିଖ ମଧ୍ୟରେ ଚନ୍ଦ୍ରକାନ୍ତ କାହା କାହା ସହ ମୋବାଇଲ୍ ଫୋନ୍‌ରେ କଥା ହୋଇଥିଲା, ତାହାର ତଥ୍ୟ ପାଇଁ ପୁଲିସ କଲ୍ ଡିଟେଲ୍ସ ରେକର୍ଡ (ସିଡିଆର୍) ଯାଞ୍ଚ କରୁଛି। ମୃତ ଛାତ୍ରୀ ଗତ ୧୫ ତାରିଖ ରାତିରେ ସୁଲତାନପୁର ଗାଁରେ ନିଜ ସାଙ୍ଗଙ୍କ ଘରେ ରହିଥିବା କଥା କେତେକ ପ୍ରତ୍ୟକ୍ଷଦର୍ଶୀ ପୁଲିସକୁ ବୟାନ ଦେଇଛନ୍ତି। ରାତିରେ ମୃତ ଛାତ୍ରୀ ଜଣକ କାହିଁକି ସାଙ୍ଗଙ୍କ ଘରେ ଥିଲେ ଏବଂ ଚନ୍ଦ୍ରକାନ୍ତ ସେଠାକୁ ଯାଇଥିଲା କି ନାହିଁ, ତା'ର ତଦନ୍ତ ଚାଲିଛି। ଛାତ୍ରୀଙ୍କ ସାଙ୍ଗଙ୍କ ପରିବାର ସହ ଚନ୍ଦ୍ରକାନ୍ତର ଘନିଷ୍ଠତା ଥିବାରୁ ଘଟଣାରେ ସାଙ୍ଗ ଓ ତାଙ୍କ ମାଆଙ୍କ ସମ୍ପୃକ୍ତି ଅଛି କି ନାହିଁ, ପୁଲିସ ଯାଞ୍ଚ କରୁଛି। ଏମିତି କି ସାଙ୍ଗଙ୍କ ମାଆଙ୍କୁ ଥାନାରେ ଅଟକ ରଖାଯାଇଛି। ସେହିପରି ଅନ୍ୟ ଦୁଇଜଣ ଯୁବକ ମଧ୍ୟ ଅଟକ ଅଛନ୍ତି। ମୃତ ଛାତ୍ରୀ ଗତ ୧୬ ତାରିଖରେ ଘରକୁ ଫେରି ନଥିବାରୁ ପରିବାର ଲୋକେ ସନ୍ଦେହରେ ଚନ୍ଦ୍ରକାନ୍ତକୁ ନାମୋ ଫାଣ୍ଡିରେ ଜିମା ଦେଇଥିଲେ। ପୁଲିସ ତାକୁ ଛାଡ଼ି ଦେଇଥିବା ଘଟଣାକୁ ନେଇ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ପ୍ରଶ୍ନ ଉଠାଇଛନ୍ତି। ଏହା ସହିତ ଫାଣ୍ଡି ଅଧିକାରୀଙ୍କ କଲ୍ ଡିଟେଲ୍‌ସ ରେକର୍ଡ ଯାଞ୍ଚ କରିବାକୁ ସେ ଦାବି କରିଛନ୍ତି। ଅନ୍ୟପଟେ ଚନ୍ଦ୍ରକାନ୍ତର ପରିବାର ସଦସ୍ୟଙ୍କ ଉପରେ ମଧ୍ୟ ପୁଲିସ ନଜର ରଖିଛି। ଆବଶ୍ୟକ ପଡ଼ିଲେ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ ବୋଲି ଜଣେ ପୁଲିସ ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି।

ଜଳେଶ୍ୱରର ନାବାଳିକାଙ୍କ ପରିବାରକୁ ଉପଯୁକ୍ତ ନ୍ୟାୟ ଦାବି

ନୀଳଗିରି, ୨୬।୧୦(ସମିସ): ଏସଏଫଆଇ, ଗଣତାନ୍ତ୍ରିକ ମହିଳା ସମିତି ଓ କୃଷକ ସଭା ନୀଳଗିରି ଶାଖା ତରଫରୁ ଜଳେଶ୍ୱରର ନାବାଳିକାକୁ ବଳାତ୍କାର ଓ ହତ୍ୟାର ନାୟିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ ଦାବିରେ ପ୍ରତିବାଦ ସଭା ଓ ବାଲେଶ୍ୱର ଜିଲ୍ଲାପାଳଙ୍କୁ ନୀଳଗିରି ଉପଜିଲ୍ଲାପାଳ ମାଧ୍ୟମରେ ଦାବିପତ୍ର ପ୍ରଦାନ କରାଯାଇଛି। ସିପିଆଇ (ଏମ) କାର୍ଯ୍ୟାଳୟରୁ ଶୋଭାଯାତ୍ରା ବାହାରି ନୀଳଗିରି ସହର ପରିକ୍ରମା ପରେ ଉପଜିଲ୍ଲାପାଳ ଅଫିସ ସମ୍ମୁଖରେ ପ୍ରତିବାଦ ସଭା କରାଯାଇ ଦାବିପତ୍ର ଦିଆଯାଇଛି। ମହିଳା ସମିତିର ନେତ୍ରୀ ମମତା ବିଶୋଇ ଡବଲଇଞ୍ଜିନ ସରକାରର ସମୟରେ ମହିଳା ସୁରକ୍ଷିତ ନୁହଁ। ଏସମୟରେ ପ୍ରତିଦିନ ବଳାତ୍କାର, ଅପହରଣ, ହତ୍ୟା ବଢ଼ିଛି। ଉକ୍ତ ସରକାର ଯଦି ଥାଇ ଦାବି ନ ଶୁଣେ ଆଗାମୀ ଦିନରେ ଉକ୍ତ ଆନ୍ଦୋଳନ ଦୁର୍ବାର ହେବ। ଏସ ଏଫ ଆଇ ତରଫରୁ ରେଖା ପଲେଇ, ଦ୍ରୌପଦୀ ପଲେଇ, ସାଗରିକା ବିଶୋଇ ପ୍ରମୁଖ ଉକ୍ତ ସରକାର ବିରୁଦ୍ଧରେ ଆଲୋଚନା କରିଥିଲେ। କୃଷକ ସଭା ତରଫରୁ ଯୋଗାନନ୍ଦ ଦାସ, ସତ୍ୟଜିତ ଦାସ, ଅମରେନ୍ଦ୍ର ନାୟକ ଉକ୍ତ ଛାତ୍ରୀ ପ୍ରତି ନ୍ୟାୟ ପାଇଁ ଦାବି କରିଥିଲେ। ଏହି ସମୟରେ ଉମାକାନ୍ତ ଷଡଙ୍ଗୀ, କାଳିଆ ପାତ୍ର, ହେମେନ୍ଦ୍ର ସେଠି, ଗଜେନ୍ଦ୍ର ସିଂ, ପୁରୁଷୋତ୍ତମ ଖଣ୍ଡିଏ, ସତ୍ୟଜିତ ଦାସ, ପ୍ରଦୀପ ମିଶ୍ର, ଲକ୍ଷ୍ମୀଧର ସାହୁ, ରାମଚନ୍ଦ୍ର ସିଂ ଙ୍କ ସମେତ ବହୁ ସାଥୀ ଉପସ୍ଥିତ ଥିଲେ।

ବାରବାଟିଆରେ ବିଜେଡିର ମିଶ୍ରଣ ଓ ସମ୍ବର୍ଦ୍ଧନା ପର୍ବ

ବାଲେଶ୍ୱର(ଉତ୍ତର), ୨୬।୧୦ (ସମିସ): ଭୋଗରାଇ ବ୍ଲକ ଟୁକୁରିହାଜିରା ପଞ୍ଚାୟତ ଅନ୍ତର୍ଗତ ବାରବାଟିଆ ଗାଁରେ ବିଜେଡି ପକ୍ଷରୁ ଏକ ମିଶ୍ରଣ ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇ ଯାଇଛି। ଏ ନେଇ ଆୟୋଜିତ ସଭାକୁ ପୂର୍ବତନ ସମିତି ସଦସ୍ୟ ସୁଶାନ୍ତ କୁମାର ନାୟକ ସଞ୍ଚାଳନ କରିଥିଲେ। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗଦେଇ କହିଲେ, ରାଜ୍ୟର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଯୋଗୁଁ ଜଳେଶ୍ୱରରେ ଏକ ସମ୍ବେଦନଶୀଳ ଘଟଣା ଘଟିଛି। ଏହାଛଡ଼ା ଭତ୍ତା ଲାଗି ବୁଢ଼ାବୁଢ଼ୀଙ୍କ ଆଖିର ଲୁହ, ମନର କୋହ, ଅହେତୁକ ଦରଦାମ ବୃଦ୍ଧି ହିଁ ପଞ୍ଚାୟତ ନିର୍ବାଚନରେ ପ୍ରତିଫଳିତ ହେବ। ଭୋଗରାଇ ବ୍ଲକ ସଭାପତି ଗଣପତି ଗିରି, ପଞ୍ଚାୟତ

ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଜିଲା ଉପ ସଭାପତି ଗିରୀଶ ଚନ୍ଦ୍ର ଦଳ, ଜିଲା ପରିଷଦ ସଦସ୍ୟା ପ୍ରତିମା ଚାନ୍ଦ, କବିତା ମହାନ୍ତି, ଦମୟନ୍ତୀ ସାହୁ, ଟୁକୁରିହାଜିରା ସରପଞ୍ଚ ଉପେନ୍ଦ୍ର ନାଥ ସାହୁ, ଜଳେଶ୍ୱରପୁର ସରପଞ୍ଚ ବିରୁପାକ୍ଷ ଜେନା, ପୂର୍ବତନ ସଦସ୍ୟ ବିକ୍ରମ କେଶରୀ ଚାନ୍ଦ, ଲକ୍ଷ୍ମୀକାନ୍ତ ଆଧେକ ସନ୍ତୋଷ କୁମାର ସାସମଲ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଭୋଗରାଇ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ନବ ନିର୍ବାଚିତ ଛାତ୍ର ସଂସଦ ସଭାପତି ତଥା ଏଠ ଗାଁ ଝିଅ ଜୟଶ୍ରୀ ଗିରି, ଦୀପାଳି ପରିଡ଼ା, ଶିବ ଶଙ୍କର ରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହିତ ପଞ୍ଚାୟତର ଅନ୍ୟ ଦଳର ବହୁ କର୍ମୀଙ୍କୁ ଉତ୍ତରୀୟ ଦେଇ ଦଳରେ ସ୍ୱାଗତ ସହ ସାମିଲ କରା ଯାଇଥିଲା। ଶେଷରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ମିନାରାଣୀ ସାସମଲ ଧନ୍ୟବାଦ ଦେଇଥିଲେ।

ବାତ୍ୟା ମୁକାବିଲା ପାଇଁ ବ୍ଲକ ପ୍ରଶାସନର ପ୍ରସ୍ତୁତି ବୈଠକ

ଖଇରା, ୨୬ ।୧୦ (ସମିସ): ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ବାଲେଶ୍ୱର ଜିଲା ଖଇରା ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ପାଇଁ ଏକ ବୈଠକ ସୋମବାର ଦିନ ଖଇରା ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇ ଯାଇଛି। ବିଡିଓ ନାରାୟଣ ସାହୁ ଉକ୍ତ ବୈଠକରେ ଅଧ୍ୟକ୍ଷତା କରିଥିଲେ। ବିଡିଓ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ସେମାନଙ୍କ ପ୍ରସ୍ତୁତି ନେଇ ସମୀକ୍ଷା କରିଥିଲେ। ବିଶେଷ କରି ଗର୍ଭବତୀ ଓ ଛୋଟ ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା, ଆଶ୍ରୟସ୍ଥଳୀ ଭାବେ ବ୍ୟବହୃତ ବିଭିନ୍ନ ସ୍କୁଲରେ ଜେନେରେଟର ଓ ଇନଭର୍ଟର ବ୍ୟବସ୍ଥା, ପର୍ଯ୍ୟାପ୍ତ ଶୁଖିଲା ଖାଦ୍ୟ ଚୁଡ଼ା, ଗୁଡ଼ ଓ ବିସ୍କୁଟ ଆବଶ୍ୟକ ସ୍ଥଳେ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯିବ, ବିଦ୍ୟୁତ ସଂଯୋଗିକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ସହ ଗଛ ଉପୁଡ଼ିବା ପରେ ତାକୁ କାଟିବା ବା ରାସ୍ତା ଉପରୁ ହଟାଇବା ପାଇଁ ଅଗ୍ନିଶମ ବାହିନୀର ପ୍ରସ୍ତୁତି, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଜେନେରେଟରର ବ୍ୟବସ୍ଥା, ସବୁ ଗ୍ରାମକୁ ଶୁଦ୍ଧପାନୀୟ ଜଳ ନିଶ୍ଚିତ କରିବା ଉପରେ ଆଲୋଚନା କରାଯାଇଥିଲା। ରିଲିଫ ବଣ୍ଟନ ପ୍ରଶାସନ ମାଧ୍ୟମରେ କରାଯାଉ ବୋଲି ଗରସଙ୍ଗ ସରପଞ୍ଚ ରାଜେନ୍ଦ୍ର ଦାସ ଦାବି କରିଥିଲେ। ଉକ୍ତ ବୈଠକରେ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ମୁଖ୍ୟକିରାଣୀ ବ୍ରହ୍ମାନନ୍ଦ ଦାସ, ସିପି ଶଶିକାନ୍ତ ଦାସ, ସହକାରୀ ଯନ୍ତ୍ରୀ ସନ୍ତୋଷ କୁମାର ପୃଷ୍ଟି, ଅନନ୍ତ କୁଅଁର, ବିଏସଏସଓ ସରୋଜ କୁମାର ନାୟକଙ୍କ ସମେତ ବିଭିନ୍ନ ପଞ୍ଚାୟତର ଲୋକପ୍ରତିନିଧି ମାନେ ଉପସ୍ଥିତ ଥିଲେ।

ଭୋଗରାଇ କଂଗ୍ରେସ ପକ୍ଷରୁ ଭୋଟ ବଞ୍ଚାଅ ଓ ଦେଶ ବଞ୍ଚାଅ ପଦଯାତ୍ରା

ବାଲେଶ୍ୱର(ଉତ୍ତର), ୨୬।୧୦(ସମିସ): ବିଜେପି ସରକାର ଗଣତନ୍ତ୍ର କୁ ହତ୍ୟା କରିବାକୁ ବସିଛି। ବିଜେପି ଶୀର୍ଷ ନେତୃତ୍ୱଙ୍କ ଇଙ୍ଗିତରେ ଦେଶର ମୁଖ୍ୟ ନିର୍ବାଚନ କମିଶନ ଲୋକଙ୍କ ଭୋଟ ଦେବାର ଅଧିକାର କୁ ଛଡ଼ାଇ ନେବାରେ ସହାୟତା କରିବା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରିଛି। ସମଗ୍ର ଦେଶରେ ଏହାକୁ ନେଇ ଭାରତୀୟ ଜାତୀୟ କଂଗ୍ରେସ ନେତୃତ୍ୱରେ ଇଣ୍ଡି ମେଣ୍ଟ ଆନ୍ଦୋଳନ କରା ଯାଉଛି। ଏହି କ୍ରମରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନ କ୍ରମେ ଭୋଗରାଇ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଆଜି ଜଳେଶ୍ୱରପୁର ସ୍ଥିତ କଂଗ୍ରେସ ଭବନ ଠାରୁ ଦଳ ତରଫରୁ ଏକ ବିରାଟ ଶୋଭାଯାତ୍ରା ବାହାରି ଥାନାଛକ ଠାରେ ପହଞ୍ଚି ଥିଲା। କଂଗ୍ରେସ କର୍ମୀମାନେ ଭୋଟ ବଞ୍ଚାଅ ଓ ଦେଶ ବଞ୍ଚାଅ ନାରା ଦେବା ସହିତ ସମ୍ବିଧାନ ହତ୍ୟାକାରୀ ବିଜେପି ସରକାରକୁ ହଟାଇବାର ନାରା ଦେଇଥିଲେ।ସେଠାରେ ଆୟୋଜିତ ପଥ ପ୍ରାନ୍ତ ସଭାରେ ବ୍ଲକ କଂଗ୍ରେସ ସଭାପତି ସନ୍ତୋଷ କୁମାର ଜେନା ସଭାପତିତ୍ୱ କରିଥିଲେ।ଏହି ସଭାରେ ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ତଥା ବାଲେଶ୍ୱର ଜିଲ୍ଲା ପ୍ରଭାରୀ ବାଙ୍କ ବିହାରୀ ବେହେରା, ଜିଲ୍ଲା କଂଗ୍ରେସ ସଭାପତି ସତ୍ୟ ଶିବ ଦାସ ଯୋଗ ଦେଇ ବିଜେପି ଦେଶ ପାଇଁ କାଳ ହୋଇଥିବା ବେଳେ ପୁଞ୍ଜି ବାଦୀଙ୍କୁ ତାଙ୍କର ପୁଞ୍ଜି ବଢ଼ାଇ ସେମାନଙ୍କ ସହାୟତାରେ ଦଳର ପୁଞ୍ଜିକୁ ବଢ଼ାଇବାରେ ଲାଗିଛି। ଯାହା ଦ୍ୱାରା ସାଧାରଣ ଜନତା ନିଷ୍ପେସିତ ହେଉଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ସଭାରେ କଂଗ୍ରେସ ହରିଜନ ସେଲ ର ସଭାପତି ସୁଦର୍ଶନ ଜେନା, ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ମିନା ରାଣୀ ସା ସ ମଲ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ମମତା ସାହୁ, ଜିଲ୍ଲା ଉପସଭାପତି ଗୋପବନ୍ଧୁ ମହାପାତ୍ର, ପ୍ରଦୀପ କୁମାର ନାୟକ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସୁମନ୍ତ କୁମାର ବେହେରା, ଦଳର ବରିଷ୍ଠ ନେତା କାର୍ତ୍ତିକ ଚନ୍ଦ୍ର ପାତ୍ର, ରାଜେନ୍ଦ୍ର କୁମାର ଦଳାଇ, ରାଜେନ୍ଦ୍ର କୁମାର ପଣ୍ଡା, ଯୁବ କଂଗ୍ରେସ ସଭାପତି ଜୟଦେବ ଦାସ, ଜିଲ୍ଲା ସମ୍ପାଦକ ଶିଶିର ଦାସ ମହାପାତ୍ର ପ୍ରମୁଖ ଯୋଗ ଦେଇ ବ୍ୟକ୍ତବ୍ୟ ରଖିଥିଲେ।

ଜଳେଶ୍ୱର ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ବିକ୍ଷୋଭ

ଜଳେଶ୍ୱର ବ୍ଲକ, ୨୬।୧୦(ସମିସ): ନାବାଳିକା ମୃତ୍ୟୁ ଘଟଣାକୁ ନେଇ ଜଳେଶ୍ୱର ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ପୁଲିସର ନିଷ୍କ୍ରିୟତା ଓ ଦାୟିତ୍ୱହୀନତାକୁ ବିରୋଧ କରି ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ଜଳେଶ୍ୱର ବ୍ଲକ କମିଟି ପକ୍ଷରୁ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ସର୍ବ ଭାରତୀୟ କୋଷାଧ୍ୟକ୍ଷ ତାପଶି ପ୍ରହରାଜଙ୍କ ନେତୃତ୍ୱରେ ଜଳେଶ୍ୱର ଥାନା ସମ୍ମୁଖରେ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମମି ପଣ୍ଡା, ଆଇନଜୀବୀ ସବିତା ସାହୁ, ଈଶାନୀ ଆଚାର୍ଯ୍ୟ, ମହୁଆ ବସୁ, ଅପର୍ଣ୍ଣା ନନ୍ଦୀ, ଶକୁନ୍ତଳା ଜେନା, ମମତା ରାଜ, ସବିତା ଭୂୟାଁ, ରୁବିନି ବିବି, ଅଫସନା ବିବି, ରଞ୍ଜିତା ଆଚାର୍ଯ୍ୟ, ମିନତୀ ବାରିକ, ଆରତୀ ପଲାଇ, ରୂପଶ୍ରୀ ଦାସ, ଦୀପିକା ବସୁ, ଲିପିକା ବସୁ, ଅର୍ଚ୍ଚନା ପଲାଇ, ଶାନ୍ତିଲତା ସିଂ, ମିନତୀ ପଲାଇ ପ୍ରମୁଖ ସଂଗଠନର ଶତାଧିକ ମହିଳା ଓ କର୍ମକର୍ତ୍ତା ଏକତ୍ରିତ ହୋଇ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ତଦନ୍ତରେ ଅବହେଳା କରିଥିବା ନାମୋ ଫାଣ୍ଡିର ସମସ୍ତ ପୋଲିସ କର୍ମଚାରୀଙ୍କୁ ତୁରନ୍ତ ପଦବୀରୁ ଅପସାରଣ କରାଯାଉ।ପୀଡ଼ିତାଙ୍କ ଶୋକସନ୍ତପ୍ତ ପରିବାରକୁ ଆର୍ଥିକ ସହାୟତା ସ୍ୱରୂପ ତୁରନ୍ତ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରାଯାଉ।ଜଳେଶ୍ୱରରେ ଆଇନ ଶୃଙ୍ଖଳା ପରିସ୍ଥିତି ସୁଧାରିବା ଓ ନିରପେକ୍ଷ ତଦନ୍ତ ପାଇଁ ଜଣେ ଦକ୍ଷ ଆଇପିଏସ ଅଧିକାରୀଙ୍କୁ ନିଯୁକ୍ତ କରାଯାଉ।ବିକ୍ଷୋଭକାରୀ ମାନେ ପ୍ରଶାସନକୁ ଚେତାବନୀ ଦେଇଛନ୍ତି ଯେ ଯଦି ଆଗାମୀ ଦିନରେ ଏହି ଦାବିଗୁଡ଼ିକ ଉପରେ କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ କରାନଯାଏ, ତେବେ ସଙ୍ଗଠନ ପକ୍ଷରୁ ଆନ୍ଦୋଳନକୁ ଆହୁରି ବ୍ୟାପକ ଓ ତୀବ୍ରତର କରାଯିବ। ବିକ୍ଷୋଭ ଶେଷରେ ସଂଗଠନ ପକ୍ଷରୁ ଉପରୋକ୍ତ ଦାବି ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କୁ ଜଳେଶ୍ୱର ପୁଲିସ ପ୍ରଶାସନ ଜରିଆରେ ପ୍ରଦାନ କରାଯାଇଛି।

ଆଦିବାସୀ ମହିଳା ଠକେଇର ଶିକାର ଅଭିଯୋଗ

ନୀଳଗିରି, ୨୬।୧୦ (ସମିସ): ନୀଳଗିରି ବ୍ଲକ ନରଣପୁର ପଞ୍ଚାୟତ ନରଣପୁର ଗ୍ରାମର ମିନତି ସାହୁଙ୍କ ନାମରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଏକ କିଓସ୍କଶାଖା ରହିଥିବା ବେଳେ ଉକ୍ତ ଅଞ୍ଚଳର ଶହଶହ ହିତାଧିକାରୀ ଏହି ଶାଖାରେ ଟଙ୍କା ନେଣଦେଣ କରିଥାନ୍ତି। ସମ୍ପୃକ୍ତ ଶାଖା ପରିଚାଳିକା ମିନତୀ ସାହୁ ସୁଲଭ ଖାଉଟି ଦୋକାନ (ରିଟେଲର୍), ସିଆରପି, କିଓସ୍କ ବ୍ୟାଙ୍କ ଭଳି ସରକାରଙ୍କ ଏକାଧିକ ଜନକଲ୍ୟାଣକାରୀ ଯୋଜନାର ଫାଇଦାନେଇ ଲୋକଙ୍କୁ ଠକିବାର ନଜିର ରହିଥିବା ବେଳେ ଏବେ ଦୁଇଜଣ ଗରିବ ଆଦିବାସୀ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ହଡ଼ପ କରିଥିବା ଅଭିଯୋଗ ପାଇ ବାଲେଶ୍ୱର ସାଂସଦଙ୍କ ହସ୍ତକ୍ଷେପ ପରେ ବରହମପୁର ପୁଲିସ ୨ଟି ପୃଥକ୍ ପୃଥକ୍ ମାମଲା ରୁଜୁକରି ତଦନ୍ତ କରୁଥିବା ଜଣାପଡ଼ିଛି। ଉକ୍ତ ପଞ୍ଚାୟତ ଡାହିସାହି ଗ୍ରାମର ବିଧବାମହିଳା ଗୌରୀ ମାଝୀ ସୁଭଦ୍ରା ଯୋଜନାରେ ୫ହଜାର ପାଇଥିବା ବେଳେ ଗତ ସେପ୍ଟେମ୍ବର ୧୧ତାରିଖରେ ଟଙ୍କା ଉଠାଣ ପାଇଁ ଯାଇ ଟିପଚିହ୍ନ ଦେଇଥିଲେ ହେଁ ସର୍ଭର ଡାଉନ୍ ଥିବା କହି ମିନତୀ ସାହୁ ଫେରାଇ ଦେଇଥିଲେ। ମାତ୍ର ସମ୍ପୃକ୍ତ ମହିଳା ଗୌରୀ ମାଝୀ ଅପାଠୁଆ ଥିବାରୁ ତାଙ୍କ ଝିଅ ଘରକୁ ଫେରିବା ପରେ ଅକ୍ଟୋବର ୧୦ତାରିଖ ଆକାଉଣ୍ଟ ବହି ଅପଟୁଡେଟ୍ କଲାପରେ ଆକାଉଣ୍ଟ ଖାଲିଥିବା ଜାଣିବାକୁ ପାଇଥିଲେ। ପରବର୍ତ୍ତୀ ସମୟରେ ସମ୍ପୃକ୍ତ ପରିଚାଳିକାଙ୍କୁ ପଚାରିବାରୁ ତମେ ଟଙ୍କା ଉଠାଇନେଇଛ କହି ପରିଚାଳିକା ଏବଂ ତାଙ୍କ ସ୍ୱାମୀ ଗଜେନ୍ଦ୍ର ସାହୁ ମିଶି ପାଲଟା ଗାଳିଗୁଲଜ କରିବାସହିତ ମାରଧର କରିବାକୁ ଗୋଡାଇଥିଲେ। ଅନୁରୂପ ଭାବେ ଉକ୍ତ ଗ୍ରାମର ସୀତା ଟୁଡୁ ନାମ୍ନୀ ମହିଳା ଉକ୍ତ ଶାଖାରେ ଅକ୍ଟୋବର ୧୫ତାରିଖରେ ୨୮ହଜାର ଟଙ୍କା ଜମା କରିଥିଲେ। ଜମାଟଙ୍କାର ରସିଦ ମଧ୍ୟ ପାଇଥିଲେ। ପରେ ଟଙ୍କା ଆବଶ୍ୟକ ହେବାରୁ ଅକ୍ଟୋବର ୨୦ତାରିଖରେ ୫ହଜାର ଟଙ୍କା ଉଠାଣକରି ଜମାଖାତାରେ କେତେ ଟଙ୍କା ରହିଲାବୋଲି ଜାଣିବାକୁ ଚାହିଁବାରୁ ୪ହଜାର ୮ଶହ ୭୮ ଟଙ୍କା ଜମାରହିଥିବା ପରିଚାଳିକା କହିଥିଲେ। ପରବର୍ତ୍ତୀ ସମୟରେ ପରିଚାଳିକା ମିନତୀକୁ କାହିଁକି ଟଙ୍କା ଜମାହୋଇନାହିଁ ପଚାରିଥିଲେ। ଭୁଲରେ ଜମା ହୋଇନଥିବା କହି ୨୨ତାରିଖରେ ୨୦ହଜାର ଟଙ୍କା ଡିପୋଜିଟ୍ କରିଦେଇଥିଲେ। ତେବେ ସନ୍ଦେହ ହେବାରୁ ଆକାଉଣ୍ଟ ଅପଡେଟ୍ କରିବା ପରେ ୨୮ହଜାର ବଦଳରେ ୨୦ହଜାର ଜମା ହୋଇଥିବା ଜାଣିବାକୁ ପାଇଥିଲେ। ଟଙ୍କା ହେରଫେର ହୋଇଥିବା ନେଇ ଗତ ୨୩ତାରିଖ ଉଭୟ ପୀଡ଼ିତା ମହିଳା ବରହମପୁର ଥାନାରେ ଅଭିଯୋଗ କରିବାସହିତ ବରହମପୁର ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଶାଖାପରିଚାଳକଙ୍କୁ ଅବଗତ କରିଥିଲେ। ମାତ୍ର ଉଭୟ ବ୍ୟାଙ୍କଶାଖା ପରିଚାଳକ ଏବଂ ପୁଲିସ ଘଟଣାକୁ ଗୁରୁତ୍ୱ ଦେଇନଥିବାରୁ ବାଧହୋଇ ବାଲେଶ୍ୱର ସାଂସଦଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। ତୁରନ୍ତ ସାଂସଦ ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ପୋଲିସ ଅଧୀକ୍ଷକ, ବ୍ୟାଙ୍କ ଅଧିକାରୀ, ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କୁ ଅବଗତକରି ଗରୀବ ଅସହାୟ ଆଦିବାସୀ ମହିଳାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନକରିବା ସହ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼କାର୍ଯ୍ୟାନୁଷ୍ଠନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ନୀଳଗିରି କଂଗ୍ରେସ ପକ୍ଷରୁ ବାଇକ ରାଲି

ନୀଳଗିରି, ୨୬।୧୦ (ସମିସ): ଆଜି ନୀଳଗିରି କଂଗ୍ରେସ ପକ୍ଷରୁ ବାଇକ ରାଲି ସହିତ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ବରିଷ୍ଠ ନେତା ଗୌରୀ ଶଙ୍କର ପଣ୍ଡାଙ୍କ ନେତୃତ୍ୱରେ ଏବଂ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ତଥା ବାଲେଶ୍ୱର ଜିଲ୍ଲା ପ୍ରଭାରୀ ଅଧୀର ଜେନାଙ୍କ ଉପସ୍ଥିତିରେ ଅପରାହ୍ନ ୩ ଘଟିକା ସମୟରେ ନୀଳଗିରି ଜଗନ୍ନାଥ ମନ୍ଦିର ଠାରୁ ଏକ ବିରାଟ ବାଇକ ରାଲିରେ ନୀଳଗିରି ସହର ପରିକ୍ରମା ପରେ ମିତ୍ରପୁର ବଜାର ଠାରେ ପହଞ୍ଚିଥିଲେ। ପରେ ଏକ ପଥପ୍ରାନ୍ତ ସଭାର ଆୟୋଜନ ହୋଇଥିଲା। ଉକ୍ତ ସଭାରେ ନୀଳଗିରି ବ୍ଲକର ବିଭିନ୍ନ ପଞ୍ଚାୟତରୁ ତୃଣମୂଳ ସ୍ତରରୁ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିବା ବେଳେ ଡବଲ ଇଞ୍ଜିନ ସରକାରର ଭୋଟ ଚୋରି ନେଇ ବର୍ଷିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀଳଗିରି ବ୍ଲକ କଂଗ୍ରେସ ସଭାପତି ତପନ କୁମାର ରାଉତ, ଜିଲ୍ଲା ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା, ଯଶୋଦା ନନ୍ଦନ ସିଂ, ଏନ୍.ଏ.ସି ସଭାପତି ଉପେନ୍ଦ୍ର ବେହେରା, ପୂର୍ବତନ ଛାତ୍ର ସଭାପତି ଅଶ୍ୱିନୀ କୁମାର ପାତ୍ର, ରସାନନ୍ଦ ମହାପାତ୍ର, ରାମକୃଷ୍ଣ ଜେନା, ଜୟଦୀପ ସା, ଦୀପକ ସିଂ, ବାସନ୍ତୀ ସିଂ, ପ୍ରୀତିଶଙ୍କର ମହାପାତ୍ର, ଶିବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ପୌର ନିର୍ବାଚନ ଲାଗି ଭୋଟର ତାଲିକା ସର୍ବେକ୍ଷଣ ଅଭିଯାନ

ଜଳେଶ୍ୱର, ୨୬।୧୦(ସମିସ): ଆସନ୍ତା ପୌରପାଳିକ ନିର୍ବାଚନ ୨୦୨୬ ପାଇଁ ଏକ ନିର୍ଭୁଲ, ସ୍ୱଚ୍ଛ ଓ ପାରଦର୍ଶୀ ଭୋଟର ତାଲିକା ପ୍ରସ୍ତୁତି ପାଇଁ ରାଜ୍ୟ ନିର୍ବାଚନ ଆୟୋଗ ଙ୍କ ନିର୍ଦ୍ଦେଶନାରେ ଘରକୁ ଘର ସର୍ବେକ୍ଷଣ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସୋମବାର ସକାଳେ ୬ ନଂ ୱାର୍ଡ ମଙ୍ଗଳାମଳା ଠାରୁ ସଚେତନତା ରଥ ୧୭ ଟି ୱାର୍ଡ ରେ ଆରମ୍ଭ

ହୋଇଛି।ଉକ୍ତ କାର୍ଯ୍ୟକ୍ରମ ରେ ବିଏଲୋ ସହିତ, ଅଙ୍ଗନବାଡ଼ି କର୍ମୀ, ସ୍ୱଚ୍ଛ ସାଥି, ସ୍ୱଚ୍ଛ କର୍ମୀ, ଜଳ ସାଥି ଏବଂ ଆଶା କର୍ମୀ ଶୋଭାଯାତ୍ରା ରେ ସାମିଲ୍ ଥିଲେ। ସେମାନେ ପ୍ରତି ଘରକୁ ଘର ବୁଲି ସର୍ବେକ୍ଷଣ କରି ଯୋଗ୍ୟ ଭୋଟର ମାନଙ୍କ ମାଳିକା ପ୍ରସ୍ତୁତ କରିବା ଉକ୍ତ ଅଭିଯାନର ଲକ୍ଷ୍ୟ ବୋଲି କୁହାଯାଇଛି। କାର୍ଯକ୍ରମକୁ କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ ଉଦଘାଟନ କରିଥିଲେ। କାର୍ଯକ୍ରମ କୁ ସମସ୍ତ ବିଏ ଲୋ, ସୁପର ଭାଇଜର, ନିର୍ବାଚନ ଅଧିକାରୀ ପରିଚାଳନା କରିଥିଲେ।

ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ମନସାରଙ୍କୁ ଶ୍ରଦ୍ଧାଞ୍ଜଳି

ଖଇରା, ୨୬ ।୧୦ (ସମିସ): ଖଇରା ବ୍ଲକ ସାରୁଗାଁ ପଞ୍ଚାୟତ ଅଧୀନ କାକୁଡିଆ ଗ୍ରାମରେ ମନ ସାର ଭାବେ ପରିଚିତ ପୂର୍ବତନ ପ୍ରଧାନଶିକ୍ଷକ ସ୍ୱର୍ଗତ ମନୋରଞ୍ଜନ ବେହେରାଙ୍କୁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସ ଓ କଂଗ୍ରେସର ବରିଷ୍ଠ ନେତୃବୃନ୍ଦ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି।

ଏହି ଅବସରରେ ଭୁବନେଶ୍ୱର କେଶୁରା ବାଇପାସ ଛକସ୍ଥିତ ଗାଲାକ୍ସି ମଣ୍ଡପରେ ଆୟୋଜିତ ସ୍ମୃତିଚାରଣ ସଭାରେ ପିସିସି ସଭାପତିଙ୍କ ବ୍ୟତିତ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ବରିଷ୍ଠ ନେତା ସୁର ରାଉତରାୟ, ପୂର୍ବତନ ଏମପି ଅନନ୍ତ ପ୍ରସାଦ ସେଠୀ, ପ୍ରାକ୍ତନ ମୁଖ୍ୟଶାସନ ସଚୀବ ବିଜୟ ପଟ୍ଟନାୟକ, ପ୍ରଭାରୀ ସିପି ମିତ୍ତଲ, ହଳଧର ସେଠୀ, ମାନସ କର, ସୋରର ବିଧାୟକ ପ୍ରାର୍ଥୀ ସୁବ୍ରତ ଧଡା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ପ୍ରଧାନ ଶିକ୍ଷକଙ୍କ ବିଭିନ୍ନ ଗୁଣ ଉପରେ ଆଲୋକପାତ କରିଥିଲେ।ବିଶେଷ କରି କଂଗ୍ରେସ ବିଚାରଧାରା ପାଇଁ ତାଙ୍କୁ କିଭଳି ଜେଲ ଯିବାକୁ ପଡ଼ିଥିଲା ସେ ସମ୍ପର୍କରେ ଗୁରୁତ୍ୱ ଆରୋପ କରିଥିଲେ। ସ୍ୱର୍ଗତ ବେହେରାଙ୍କ ବିଭିନ୍ନ ଗୁଣାବଳୀକୁ ନେଇ ପ୍ରସ୍ତୁତ ସ୍ମରଣିକା ମନେ ପଡନ୍ତି ମନସାରକୁ କଂଗ୍ରେସ ନେତୃବୃନ୍ଦ ଉନ୍ମୋଚନ କରିଥିଲେ। ମନୋରଞ୍ଜନ ବେହେରାଙ୍କ ପୁଅ ତଥା ସିମୁଳିଆ ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ସମସ୍ତ କାର୍ଯ୍ୟର ସଂଯୋଜନା କରିଥିଲେ।

ନୈଛଣପୁର ଆନ୍ତଃ ରାଜ୍ୟ ପ୍ରିମିୟର ଲିଗ୍ ଉଦ୍‌ଯାପିତ

ଇଗଲ ଫାଇଟର ବିଜେତା, ଟିକୁ ଏକାଦଶ ଉପବିଜେତା

ବାଲେଶ୍ୱର(ସମିସ), ୨୬।୧୦(ସମିସ) : ଭୋଗରାଇ ବ୍ଲକ ହୁଗୁଳି ପଞ୍ଚାୟତ ଅଧୀନ ହିନ୍ଦ କ୍ଲବ ପକ୍ଷରୁ ନୈଛଣପୁର ଆନ୍ତଃ ରାଜ୍ୟ ପ୍ରିମିୟର ଲିଗ୍ ଉଦଯାପିତ ହୋଇ ଯାଇଛି। ଏହି ସଟ ଗ୍ରାଉଣ୍ଡ ରାତ୍ରି କାଳୀନ କ୍ରିକେଟ ପ୍ରତିଯୋଗିତାରେ ଖଗେଶ୍ୱରପୁର ଇଗଲ ଫାଇଟର ବିଜେତା ଓ ଚନ୍ଦନେଶ୍ୱର ଟିକୁ ଏକାଦଶ ଉପ ବିଜେତା ହୋଇଛନ୍ତି। ପୁରସ୍କାର ବିତରଣୀ ସଭାକୁ ହୁଗୁଳି ସମିତି ସଦସ୍ୟ ଗୋବିନ୍ଦ ଦାସ ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଯୋଗଦେଇ ବକ୍ତବ୍ୟରେ କହିଥିଲେ, ହକି ଆମ ଜାତୀୟ ଖେଳ ହୋଇଥିଲେ ବି କ୍ରିକେଟ ଅଧିକ ଲୋକପ୍ରିୟ ହୋଇପାରିଛି।ଭୋଗରାଇ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଗଣପତି ଗିରି, ଜିଲା ପରିଷଦ ସଦସ୍ୟା ପ୍ରତିମା ଚାନ୍ଦ, ସମାଜସେବୀ ନଗେନ୍ଦ୍ର ନାଥ ପାତ୍ର, ଲକ୍ଷ୍ମୀକାନ୍ତ ଆଧେକ, ଶମ୍ଭୁନାଥ

ଭଞ୍ଜ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କ୍ଲବର ସଭାପତି ଚନ୍ଦନ ପ୍ରଧାନ ଅତିଥି ପରିଚୟ ଓ ସମ୍ପାଦକ ପଙ୍କଜ ଦାସ ଧନ୍ୟବାଦ ଦେଇଥିଲେ। ଏଥିରେ ଏଏସ ୱାରିଅର, ଏନ୍ସ ଏକାଦଶ, ଇଗଲ ଫାଇଟର, ବାବୁସେନା ଏକାଦଶ, ନାରାୟଣ ଏକାଦଶ, ଟିକୁ ଏକାଦଶ, ଶ୍ରୀ ମେଭରିକ୍ସ ଆଦି ୭ଟି ଦଳ ଅଂଶଗ୍ରହଣ କରିଥିଲେ। ତିଲୋକ ପ୍ରଧାନ, ଜଗଦୀଶ ପଣ୍ଡା ଏବଂ ହରେନ୍ଦ୍ର ଜେନା ଖେଳ ପରିଚାଳନା କରିଥିବା ବେଳେ ରାଜୁ ବାରିକ, ସୋମନାଥ ମାଇତି ଧାରା ବିବରଣୀ ପ୍ରଦାନ କରିଥିଲେ। କାର୍ତ୍ତିକ ଗିରି ମ୍ୟାନ ଅଫ ଦି ମ୍ୟାଚ, ଅଭି ଜେନା ବେଷ୍ଟ ବ୍ୟାଟ୍ସମେନ ଓ ଛୋଟୁ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ପ୍ରତିଦିନ ପ୍ରତିଯୋଗିତା ମଧ୍ୟରେ ଦର୍ଶକ ମାନଙ୍କୁ ମଧ୍ୟ ଆକର୍ଷଣୀୟ ଗିଫ୍ଟ ଦିଆ ଯାଉଥିଲା। ବିଜେତା ଓ ଉପ ବିଜେତାଙ୍କୁ ଟ୍ରଫି ସହିତ ଭଲ ଖେଳ ପ୍ରଦର୍ଶନ କରୁଥିବା ଖେଳାଳିଙ୍କୁ ଏଲଇଡି ଟିଭି, ବାଇସାଇକଲ, ପଙ୍ଖା, ଗ୍ରାଇଣ୍ଡର ଏବଂ ବହୁ ସ୍ୱତନ୍ତ୍ର ଉପହାରମାନ ଦିଆ ଯାଇଥିଲା।

ବାଲେଶ୍ୱରରେ ବିଡିବିଏଲ୍ ଖେଳାଳି ମେଗା ନିଲାମ

ଆସନ୍ତା ୨୦ରୁ ଜିଲ୍ଲା ବ୍ୟାଡ୍‌ମିଣ୍ଟନ ଲିଗ୍‌ର ତୃତୀୟ ସିଜିନ୍-୩

ବାଲେଶ୍ୱର, ୨୬।୧୦(ସମିସ): ଜିଲ୍ଲା ବ୍ୟାଡ୍‌ମିଣ୍ଟନ ଲିଗ୍‌ର ପ୍ରଥମ ଦୁଇଟି ସିଜିନ୍‌ର ସଫଳତା ପରେ ଜିଲ୍ଲା ବ୍ୟାଡ୍‌ମିଣ୍ଟନ ଆସୋସିଏସନ୍ ପକ୍ଷରୁ ତୃତୀୟ ସିଜିନ୍ ଆୟୋଜନ କରାଯିବ। ଆସନ୍ତା ନଭେମ୍ବର ୨୦ ରୁ ୨୨ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ବିଜୁ ପଟ୍ଟନାୟକ ଇନ୍‌ଡୋର୍ ଷ୍ଟାଡିୟମ୍‌ରେ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏନେଇ ଜିଲ୍ଲା ବ୍ୟାଡମିଣ୍ଟନ୍ ଆସୋସିଏସନ୍ (ବିଡିବିଏ) ପକ୍ଷରୁ ବହୁ ପ୍ରତୀକ୍ଷିତ ବାଲେଶ୍ୱର ଜିଲ୍ଲା ବ୍ୟାଡମିଣ୍ଟନ୍ ଲିଗ୍ (ବିଡିବିଏଲ)ର ତୃତୀୟ ସଂସ୍କରଣ ପାଇଁ ଖେଳାଳି ମେଗା ନିଲାମ ଉଦ୍ୟୋଗ ଭବନଠାରେ ଅନୁଷ୍ଠିତ ହୋଇଛି। ଚଳିତବର୍ଷ ଲିଗ୍‌ରେ ଅଂଶଗ୍ରହଣ ପାଇଁ ୧୦ଟି ଫ୍ରାଞ୍ଚାଇଜ୍ ପଞ୍ଜୀକରଣ କରିଛନ୍ତି। ଜିଲ୍ଲାର ୧୫୦ ରୁ ଅଧିକ ଖେଳାଳି ନିଲାମ ପ୍ରକ୍ରିୟାରେ ସାମିଲ ହେବା ପାଇଁ ନାମ ପଞ୍ଜୀକରଣ କରିଥିଲେ। ନିଲାମ ପ୍ରକ୍ରିୟାରେ ପ୍ରତ୍ୟେକ ଫ୍ରାଞ୍ଚାଇଜ୍‌କୁ ନିଜ ପସନ୍ଦର ୧୩ ଜଣ

ଖେଳାଳିଙ୍କୁ ଚୟନ କରିବା ପାଇଁ ବିଡ୍ କରିବାକୁ ପଡ଼ିଥିଲା। ଖେଳାଳିମାନଙ୍କୁ ପାଞ୍ଚଟି ଇଭେଣ୍ଟରେ ଅଂଶଗ୍ରହଣ ପାଇଁ ଚୟନ କରାଯିବ। ଏଥିରେ ସିନିୟର ପୁରୁଷ ଡବଲ୍ସ, ୩୫ ବର୍ଷରୁ ଊର୍ଦ୍ଧ୍ୱ ପୁରୁଷ ଡବଲ୍ସ, ସିନିୟର ମିକ୍ସଡ୍ ଡବଲ୍ସ ଏବଂ ଭେଟେରାନ୍ ଡବଲ୍ସ ଭଳି ବିଭାଗ ରହିଛି। ଭେଟେରାନ୍ ଡବଲ୍ସରେ ଜଣେ ୪୫ ବର୍ଷରୁ ଊର୍ଦ୍ଧ୍ୱ ଖେଳାଳିଙ୍କ ସହ ଜଣେ ୫୦ ବର୍ଷରୁ ଊର୍ଦ୍ଧ୍ୱ ଖେଳାଳି ଯୋଡ଼ି ହୋଇ ଖେଳିବେ। ଏହି ନିଲାମ କାର୍ଯ୍ୟକ୍ରମରେ ପ୍ରିମିୟର ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଶିବୁ ପୋଦାର, ଏସ୍‌ଭିପିଏସ୍ ଅଧ୍ୟକ୍ଷ ସୁଧାଂଶୁ ପଣ୍ଡା, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଏମ୍‌ପିଏସ୍ ଯୁଗ୍ମ ନିର୍ଦ୍ଦେଶକ ସଞ୍ଜୟ ଦାସ, ରାଜେନ୍ଦ୍ର ରାଉତଙ୍କ ସମେତ ବାଲେଶ୍ୱର ଜିଲ୍ଲା ବ୍ୟାଡ୍‌ମିଣ୍ଟନ ଆସୋସିଏସନ୍ ସଭାପତି ଚିନ୍ମୟକାନ୍ତି ବିଶ୍ୱାଳ ଓ ସମ୍ପାଦକ ମନୋରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ।

ସମ୍ପାଦକୀୟ

ସର୍ବଦା ଆହ୍ୱାନକୁ ଗ୍ରହଣ କର। ସଫଳ ହେଲେ ତୁମେ ନେତୃତ୍ୱ ନେବ ଏବଂ ବିଫଳ ହେଲେ ପଥପ୍ରଦର୍ଶକ ଭୂମିକା ନିର୍ବାହ କରିପାରିବ।
-ସ୍ୱାମୀ ବିବେକାନନ୍ଦ

ସକାଳ
THE SAKALA

ଚୀନ୍‌ର ଅସଲ ରୂପ

ଅରୁଣାଚଳ ପ୍ରଦେଶରେ ଚୀନ୍‌ର ବିସ୍ତାରବାଦୀ ଆଭିମୁଖ୍ୟ ଜାରି ରହିଛି। ଏହାକୁ ପ୍ରତିହତ କରିବାକୁ ପ୍ରାୟତଃ ଭାରତୀୟ ସୀମା ସୁରକ୍ଷା ବାହିନୀ ଚୀନା ସେନା ସହିତ ମୁହାଁମୁହିଁ ହେବାକୁ ପଡୁଛି। ଭାରତୀୟ ସୀମା ସୁରକ୍ଷା ବାହିନୀ ମହାନିର୍ଦ୍ଦେଶକ ଶତ୍ରୁଜିତ୍ କପୁରଙ୍କ ଉପରୋକ୍ତ ସୂଚନା ପରେ ଭାରତରେ ଜାତୀୟ ରାଜନୀତି ଉଷ୍ମ ହୋଇଛି। ଚୀନ୍ ସହିତ ଆଉ ସୀମା ବିବାଦ ନାହିଁ ବୋଲି କେନ୍ଦ୍ର ସରକାର ଦେଶବାସୀଙ୍କୁ ବିଭ୍ରାନ୍ତ କରୁଛନ୍ତି ବୋଲି ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଅଭିଯୋଗ କରିଛି। ଅପରପକ୍ଷରେ ସୀମା ବିବାଦର ସମାଧାନ ଉଦ୍‌ଘୋଷଣା କରିଥିବା ଚୀନ୍‌ର ଅସଲ ରୂପ ପୁଣି ଥରେ ପଦାରେ ପଡ଼ିଛି।

ଏସିଆ ମହାଦେଶର ଦୁଇ ପ୍ରମୁଖ ଶକ୍ତିଶାଳୀ ରାଷ୍ଟ୍ର ଭାରତ ଓ ଚୀନ୍ ଜନସଂଖ୍ୟା, ଅର୍ଥନୀତି, ସାମରିକ ଶକ୍ତି ଓ ବିଶ୍ୱ ଭୂ-ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସୁଛନ୍ତି। କିନ୍ତୁ ଦୀର୍ଘଦିନ ଧରି ରହିଥିବା ସୀମା ବିବାଦ ଦୁଇ ଦେଶର ସମ୍ପର୍କରେ ଅଯଥା ଅବିଶ୍ୱାସର ବାତାବରଣ ଓ ଉତ୍ତେଜନା ସୃଷ୍ଟି କରିଆସୁଛି। ଭାରତ-ଚୀନ ସୀମାବିବାଦର ମୁଖ୍ୟ କେନ୍ଦ୍ର ଲଦାଖର ଅକ୍ସାଇ-ଚୀନ ଅଞ୍ଚଳ ଏବଂ ପୂର୍ବାଞ୍ଚଳର ଅରୁଣାଚଳ ପ୍ରଦେଶ। ଅକ୍ସାଇ-ଚୀନ ଉପରେ ଚୀନର ନିୟନ୍ତ୍ରଣ ରହିଥିବା ବେଳେ ଭାରତ ଏହାକୁ ନିଜ ଭୂଖଣ୍ଡର ଅଂଶ ବୋଲି ଦାବି କରିଆସୁଛି। ସେହିପରି ଅରୁଣାଚଳ ପ୍ରଦେଶକୁ ଭାରତ ନିଜର ଅବିଚ୍ଛେଦ୍ୟ ଅଂଶ ବୋଲି ମାନଚିତ୍ରରେ ଦର୍ଶାଇଛି। କିନ୍ତୁ ଚୀନ ଏହାର କେତେକ ଅଞ୍ଚଳ ଉପରେ ନିଜର କର୍ତ୍ତୃତ୍ୱ ଓ ଅଧିକାର ଦାବି କରିଆସୁଛି। ସୀମାରେଖା ନିର୍ଦ୍ଧାରଣ ସ୍ପଷ୍ଟ ନ ହେବା ଏବଂ ପ୍ରକୃତ ନିୟନ୍ତ୍ରଣ ରେଖା ସମ୍ପର୍କରେ ଦୁଇଦେଶ ନିଜ ନିଜ ଧାରଣାରେ ଅଟଳ ରହିବା ଯୋଗୁଁ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରୁନାହିଁ। ଅଧିକନ୍ତୁ ସୀମାରେ ସଂଘର୍ଷ ଓ ସାମରିକ ଉତ୍ତେଜନା ଦେଖାଦେଉଛି।

୧୯୬୨ ମସିହାର ଭାରତ-ଚୀନ ଯୁଦ୍ଧ ଦୁଇ ଦେଶର ସମ୍ପର୍କକୁ ତିକ୍ତ କରିଛି। ପରବର୍ତ୍ତୀ ସମୟରେ ଅନେକ ଆଲୋଚନା ଓ ଚୁକ୍ତି ସତ୍ତ୍ୱେ ସୀମା ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିନାହିଁ। ୨୦୧୭ରେ ଡୋକ୍‌ଲାମ୍ ଏବଂ ୨୦୨୦ ମସିହାର ଗଲୱାନ ଉପତ୍ୟକାର ସଂଘର୍ଷ ଏହି ବିବାଦ ଓ ତିକ୍ତତାକୁ ପୁଣି ଥରେ ସ୍ମରଣ କରିଥିଲା। ଗଲୱାନ୍‌ରେ ଉଭୟ ଦେଶର ସୈନ୍ୟଙ୍କ ମୃତାହତ ଘଟଣା ପ୍ରମାଣ କରିଦେଲା ଯେ ସୀମାରେ ସାମାନ୍ୟ ଅବିଶ୍ୱାସ ମଧ୍ୟ ବଡ଼ ସଂଘର୍ଷର ରୂପ ନେଇପାରେ।

ଏହି ପୃଷ୍ଠଭୂମିରେ ଭାରତ ପାଇଁ ନିଜର ଭୌଗୋଳିକ ଅଖଣ୍ଡତା ଓ ସାର୍ବଭୌମତ୍ୱର ସୁରକ୍ଷା ସର୍ବୋଚ୍ଚ ପ୍ରାଥମିକତା। ସୀମାନ୍ତ ଅଞ୍ଚଳରେ ଭିତ୍ତିଭୂମିର ବିକାଶ, ସେନାର ଆଧୁନିକୀକରଣ ଏବଂ ଗୁଇନ୍ଦା ସୂଚନା ବ୍ୟବସ୍ଥାର ସୁଦୃଢ଼ୀକରଣ ଆବଶ୍ୟକ। ସାମରିକ ଶକ୍ତି କୌଣସି ଦେଶର ସୁରକ୍ଷାକୁ ସୁନିଶ୍ଚିତ କରିପାରେ; କିନ୍ତୁ ସୀମା ବିବାଦର ସ୍ଥାୟୀ ସମାଧାନ ପାଇଁ କୂଟନୈତିକ ଆଲୋଚନା ଅପରିହାର୍ଯ୍ୟ। ଚୀନ ମଧ୍ୟ ଏହି ବାସ୍ତବତାକୁ ବୁଝିବା ଆବଶ୍ୟକ। ଏକବିଂଶ ଶତାବ୍ଦୀରେ ଶକ୍ତି ପ୍ରଦର୍ଶନ ଓ ସୀମାରେ ସାମରିକ ଚାପ ସୃଷ୍ଟି କରିବା ପରିବର୍ତ୍ତେ ଦ୍ୱିପାକ୍ଷିକ ଆଲୋଚନା ଓ ରାଜିନାମା ବଳରେ ପଡ଼ୋଶୀ ଦେଶର ସାର୍ବଭୌମତ୍ୱ ଓ ସୁରକ୍ଷା ପ୍ରତି ସମ୍ମାନ ପ୍ରଦର୍ଶନ କରିବା ଉଚିତ। ଦୁଇ ଦେଶ ମଧ୍ୟରେ ଆଲୋଚନାର ପରିଭାଷାରେ ସ୍ୱଚ୍ଛତା, ସୀମାନ୍ତ ସାମରିକ ଅଧିକାରୀଙ୍କ ନିୟମିତ ବୈଠକ ଏବଂ ଚୁକ୍ତିଗୁଡ଼ିକର ନିଷ୍ଠାପୂର୍ଣ୍ଣ ଅନୁପାଳନ ଦ୍ୱାରା ଏହା ସମ୍ଭବ ହୋଇପାରିବ।

ସୀମା ବିବାଦରୁ ଊର୍ଦ୍ଧ୍ୱରେ ଏବେ ଦୁଇ ଦେଶ ଆଗରେ ଅନେକ ଆହ୍ୱାନ ରହିଛି। ଜଳବାୟୁ ପରିବର୍ତ୍ତନ, ବାଣିଜ୍ୟ, ଆତଙ୍କବାଦ ନିରୋଧ ଓ ବିଶ୍ୱ ଅର୍ଥନୀତି ଆଦି କ୍ଷେତ୍ରରେ ଉଭୟ ଦେଶର ସହଯୋଗ ବିଶ୍ୱ ପାଇଁ ବହୁମୂଲ୍ୟ ରଖୁଛି। ତେଣୁ ସୀମାରେ ଶାନ୍ତି ପ୍ରତିଷ୍ଠା ହେଲେ ଉଭୟ ଦେଶର ଲୋକମାନେ ଉପକୃତ ହେବେ ଏବଂ ଏସିଆରେ ସ୍ଥିରତା ଓ ସମୃଦ୍ଧିର ନୂତନ ପଥ ଉନ୍ମୁକ୍ତ ହେବ। ଚୀନ୍ ଭାରତର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ। କିନ୍ତୁ ପ୍ରତିଦ୍ୱନ୍ଦ୍ୱିତାକୁ ସଂଘର୍ଷର ରୂପ ନ ଦେଇ ସହାବସ୍ଥାନର ଭାଷାରେ ପରିଣତ କରିବା ହିଁ ଉଭୟ ରାଷ୍ଟ୍ରର ପରିପକ୍ୱ ନେତୃତ୍ୱର ପରିଚାୟକ। ସାମ୍ପ୍ରତିକ ବହୁଧ୍ରୁବୀୟ ବିଶ୍ୱ ଭୂ-ରାଜନୈତିକ ପ୍ରେକ୍ଷାପଟରେ ବିଶ୍ୱର ଦୁଇ ପ୍ରମୁଖ ରାଷ୍ଟ୍ର ଭାରତ ଓ ଚୀନ୍ ରଣନୈତିକ ପ୍ରତିଦ୍ୱନ୍ଦ୍ୱିତା ଆଭିମୁଖ୍ୟକୁ ରଣନୈତିକ ସହଯୋଗିତାରେ ପରିବର୍ତ୍ତନ କରିବା ଆଞ୍ଚଳିକ ସଂହତି, ଶାନ୍ତି ଓ ସ୍ଥିରତା ପାଇଁ ଯେତିକି ଆବଶ୍ୟକ, ବିଶ୍ୱକଲ୍ୟାଣ ପାଇଁ ତା' ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ଆଞ୍ଚଳିକ ଅସ୍ଥିରତା, ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତାରୁ ପାଶ୍ଚାତ୍ୟ ବିଶ୍ୱ ଫାଇଦା ଉଠାଇବା ପାଇଁ ସଦାତତ୍ପର। ଜଣେ ଆଉଜଣଙ୍କ ପାଇଁ ବିପଦ ହେବା ବଦଳରେ ସୁଯୋଗ ବୋଲି ଭାବିଲେ ଦକ୍ଷିଣ-ପ୍ରଶାନ୍ତମହାସାଗରୀୟ ଅଞ୍ଚଳରେ ବାହ୍ୟ ପାଶ୍ଚାତ୍ୟ ଶକ୍ତି, ବିଶେଷକରି ଆମେରିକାର ବିସ୍ତାରବାଦୀ ଆଭିମୁଖ୍ୟକୁ ପ୍ରତିହତ କରିହେବ। ଚୀନ୍ ଏ ବିଷୟ ହୃଦୟଙ୍ଗମ କରିବା ଦରକାର।

ବିଶ୍ୱ ଜନସଂଖ୍ୟାର ଏକ-ଚତୁର୍ଥାଂଶରୁ ଅଧିକ ଲୋକ ଏହି ଦୁଇ ରାଷ୍ଟ୍ରରେ ବସବାସ କରୁଛନ୍ତି। ଭାରତ ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ର ଏବଂ ଉଦୀୟମାନ ଅର୍ଥନୀତି ରୂପେ ଉଭା ହୋଇଛି। ଚୀନ୍ ଏବେ ଅର୍ଥନୀତି ଓ ସାମରିକ ଶକ୍ତିରେ ଆମେରିକାକୁ ଟକ୍କର ଦେଉଛି। ତେଣୁ ଉଭୟ ରାଷ୍ଟ୍ରର ଆଭିମୁଖ୍ୟ ଓ ବାଧ୍ୟବାଧକତା ଯାହା ବି ଥାଉ ନା କାହିଁକି ମନାନ୍ତରକୁ ଦୂରେଇ ଦୁଇ ରାଷ୍ଟ୍ର ପରସ୍ପର ସହଯୋଗୀ ହେବା ହିଁ ସମୟର ଆହ୍ୱାନ।

ସମୟ ବଦଳେ, ସଂଘର୍ଷ ନୁହେଁ

ବୃହସ୍ପତି ସାମଲ

ଇତିହାସର ନଦୀ ବହୁଛି ଯୁଗ ଯୁଗ ଧରି, କେବଳ ତାହାର ତଟ ବଦଳୁଛି, ବଦଳୁଛନ୍ତି ତଟରେ ଠିଆ ହୋଇଥିବା ମଣିଷମାନେ। ହେଲେ ସଂଘର୍ଷର ସ୍ରୋତ କେବେ ଶୁଖିଯାଇନାହିଁ। ସବୁ ଯୁଗରେ ରହିଛନ୍ତି ଦୁଇଟି ପକ୍ଷ। ଗୋଟିଏ କ୍ଷମତାର ଅହଂକାରରେ ମତ୍ତ, ଅନ୍ୟଟି ବିବେକର ଦୀପଶିଖା ଧରି ଅନ୍ଧକାର ସହ ଲଢ଼ିବାକୁ ପ୍ରସ୍ତୁତ। ଯେଉଁଠି ହିରଣ୍ୟକଶିପୁ ସେଇଠି ପ୍ରହଲ୍ଲାଦର ଅଟଳ ବିଶ୍ୱାସ; ଯେଉଁଠି ରାବଣର ଅହଂକାର ସେଇଠି ଶ୍ରୀରାମଙ୍କ ଧର୍ମପଥ; ଯେଉଁଠି କଂସର ଅତ୍ୟାଚାର ସେଇଠି ଶ୍ରୀକୃଷ୍ଣଙ୍କ ପ୍ରତିରୋଧର ବଂଶୀସ୍ୱର। ଅନ୍ୟାୟ ଯେତେବେଳେ ପାହାଡ଼ ହୋଇ ଠିଆ ହୁଏ ପ୍ରତିବାଦ ସେତେବେଳେ ଝରଣା ହୋଇ ବାଟ କାଟେ। ଦମନ ଯେତେବେଳେ ଲୁହାର ପ୍ରାଚୀର ଗଢ଼େ, ସାହସ ସେତେବେଳେ ହାତୁଡ଼ି ହୋଇ ତାହାକୁ ଭାଙ୍ଗେ। ଶାସକ ଶାସନ କରିବେ, ଦମନର ଜାଲ ବୁଣିବେ। ସଂଗ୍ରାମୀ ମଣିଷ ସେହି ଜାଲ ଛିଣ୍ଡାଇବେ, ସତ୍ୟ ଓ ନ୍ୟାୟର ପଥରେ ଆଗେଇବେ। ପ୍ରୟୋଜନେ ରକ୍ତ ଦେବେ, ବଳିଦାନ ଦେବେ, ଆଉ ଦିନେ ପରିବର୍ତ୍ତନର ଇତିହାସ ଲେଖିବେ। ଏଇ ତ ସମୟର ଖେଳ, ଏଇ ତ ଇତିହାସର ଅନ୍ତର୍ନିହିତ ଦର୍ଶନ।

ସମୟ ସବୁଠାରୁ ନିର୍ମମ ବିଚାରକ। ଇତିହାସ ହେଉଛି ତାହାର ନିରବ ସାକ୍ଷୀ। ଆଜି ଯିଏ ଶାସନର ଶୀର୍ଷରେ, କାଲି ସେ ହୋଇପାରେ ଇତିହାସର ଗୋଟିଏ ପୃଷ୍ଠା; ଆଜି ଯିଏ ରାସ୍ତାରେ ଠିଆ ହୋଇ ପ୍ରଶ୍ନ କରୁଛି, କାଲି ସେ ହୋଇପାରେ ପରିବର୍ତ୍ତନର ଏକ ନୂଆ ଅଧ୍ୟାୟ। ସମୟ ସହିତ ମୁହଁ, ପତାକା, ସିଂହାସନ ସବୁକିଛି ବଦଳେ; କିନ୍ତୁ ସତ୍ୟ ଓ ଅନ୍ୟାୟର ଦ୍ୱନ୍ଦ୍ୱ ଯୁଗରୁ ଯୁଗକୁ ନୂଆ ରୂପ ନେଇ ସେହି ଏକା ପ୍ରଶ୍ନ ଉଠାଏ - ମଣିଷ କାହା ପାଖରେ ଠିଆ ହେବ? କ୍ଷମତା ପାଖରେ, ନା ବିବେକ ପାଖରେ? ଭୟ ପାଖରେ, ନା ସାହସ ପାଖରେ? ଅନ୍ୟାୟର ଛାୟାରେ, ନା ନ୍ୟାୟର ଆଲୋକରେ? କ୍ଷମତା ତ ଜୁଆର ପରି। ଆଜି ଉଚ୍ଛୁଳି ଉଠେ, କାଲି ଭଟ୍ଟାରେ ହଜିଯାଏ। କିନ୍ତୁ ମଣିଷର କର୍ମ, ତାହାର ଆଦର୍ଶ, ତାହାର ସଂଘର୍ଷ ଓ ବଳିଦାନ ସମୟର ବାଲୁକାରାଶିରେ ଅଲିଭା ପଦଚିହ୍ନ ହୋଇ ରହିଯାଏ। କେହି କହିବେ ଚୁପ୍ ରୁହ! କେହି କହିବେ ଏହା ପ୍ରଶ୍ନ କରିବାର ସମୟ ନୁହେଁ! କେହି ଭୟ ଦେଖାଇବେ, କେହି ଉପହାସ କରିବେ, କେହି ସତ୍ୟର କଣ୍ଠରେ ନିରବତାର ଶିକୁଳି ପକାଇବେ। ହେଲେ ମନେ ରଖିବାକୁ ହେବ ଯେ ଯେଉଁଦିନ ପ୍ରଶ୍ନ ମରିଯାଏ, ସେଦିନ ଗଣତନ୍ତ୍ରର ଆତ୍ମା ଆହତ ହୁଏ। ଯେଉଁଦିନ ବିବେକ ନିରବ ହୁଏ, ସେଦିନ ଅନ୍ୟାୟର ସିଂହାସନ ଆହୁରି ମଜବୁତ ହୁଏ।

ତେଣୁ ପ୍ରଶ୍ନ କରିବା, ସତ୍ୟ କହିବା, ଅନ୍ୟାୟର ଆଖିରେ ଆଖି ମିଶାଇ ପ୍ରତିବାଦ କରିବା ଜରୁରୀ। କିନ୍ତୁ ଘୃଣାର ଅଗ୍ନି ନୁହେଁ, ବିବେକର ଆଲୋକ ଧରି; ହିଂସାର ଖଡ୍‌ଗ ନୁହେଁ, ସାହସର ଢାଲ ଧରି; ମିଥ୍ୟାର କୁହୁଡ଼ି ନୁହେଁ, ତଥ୍ୟର ସୂର୍ଯ୍ୟ ଧରି। ପ୍ରହଲ୍ଲାଦଙ୍କ ପରି ବିଶ୍ୱାସରେ ଅଟଳ ରହି, ଶ୍ରୀରାମଙ୍କ ପରି ଧର୍ମପଥରେ ଅବିଚଳ ରହି, ଶ୍ରୀକୃଷ୍ଣଙ୍କ ପରି ପରିସ୍ଥିତିର ଜଟିଳତା ଭିତରେ ବୁଦ୍ଧି, କୌଶଳ ଓ ସତ୍ୟର ସନ୍ଧାନ କରି। କାରଣ ସଂଘର୍ଷ କେବଳ ଶକ୍ତିର ଲଢ଼େଇ ନୁହେଁ, ଏହା ବିବେକ ଓ ବିବେକହୀନତାର ଲଢ଼େଇ; କେବଳ ବିଜୟର ଆକାଂକ୍ଷା ନୁହେଁ, ଏହା ମଣିଷର ମର୍ଯ୍ୟାଦା ରକ୍ଷାର ସଂକଳ୍ପ। ଆଜି ଯେଉଁମାନେ ରାସ୍ତାରେ ନିଜ ଅଧିକାର ପାଇଁ ଶାସନର ପ୍ରାଚୀର ଆଗରେ ସ୍ୱର ଉଠାଉଛନ୍ତି, ହୁଏତ ସେମାନଙ୍କୁ ଉପହାସ କରାଯିବ। ସେମାନଙ୍କ ସ୍ୱପ୍ନକୁ ଅବାସ୍ତବ କୁହାଯିବ। ସେମାନଙ୍କ ସ୍ୱରକୁ ଭିଡ଼ର କୋଳାହଳ କହି ଅଣଦେଖା କରିଦିଆଯିବ। କିନ୍ତୁ ଇତିହାସ କହେ ପରିବର୍ତ୍ତନ କେବେ ନିରବ ଭିଡ଼ର ଗର୍ଭରୁ ଆପେ ଆପେ ଜନ୍ମ ନେଇନାହିଁ; ତାହାର ପ୍ରଥମ ଅଙ୍କୁର ଫୁଟିଛି କେତେକ ସାହସୀ ହୃଦୟରେ। ତାହାର ପ୍ରଥମ ସ୍ୱର ଉଠିଛି କେତେକ ନିର୍ଭୀକ କଣ୍ଠରେ।

ବିପ୍ଳବର ବୀଜ ଯେତେବେଳେ ମାଟି ତଳେ ଶୋଇଥାଏ, ତାହାକୁ ଦେଖି କେହି ଭବିଷ୍ୟତର ବୃକ୍ଷକୁ ଚିହ୍ନିପାରେ ନାହିଁ। କିନ୍ତୁ ମାଟି ଫାଡ଼ି ଥରେ ଅଙ୍କୁର ବାହାରିଲେ, ଝଡ଼ ଓ ବର୍ଷା ମଧ୍ୟ ତାହାର ବୃଦ୍ଧିକୁ ସବୁଦିନ ପାଇଁ ଅଟକାଇ ପାରନ୍ତି ନାହିଁ। ତେଣୁ ଇତିହାସ କେବଳ ସିଂହାସନରେ ବସିଥିବା ମଣିଷଙ୍କ କାହାଣୀ ନୁହେଁ; ଏହା ସିଂହାସନକୁ ପ୍ରଶ୍ନ କରିଥିବା ସାହସୀ ମଣିଷଙ୍କ ଗାଥା ମଧ୍ୟ। ଇତିହାସ ମନେ ରଖେ ସେହି ମଣିଷକୁ, ଯିଏ କ୍ଷମତାର ଆଖିରେ ଆଖି ରଖି କହିଥିଲା ଯେ ସେ ଭୟ କରେନାହିଁ। ମନେ ରଖେ ସେହି ପାଦଚିହ୍ନକୁ, ଯାହା ଝଡ଼ର ଭୟରେ ପଛକୁ ଫେରିନଥିଲା। ସେହି କଣ୍ଠସ୍ୱରକୁ, ଯାହାକୁ ଚୁପ୍ କରିବାକୁ ଅନେକ ଅପଚେଷ୍ଟା ହୋଇଥିଲା, କିନ୍ତୁ ଯାହାର ପ୍ରତିଧ୍ୱନି ପିଢ଼ି ପରେ ପିଢ଼ି ଗୁଞ୍ଜରିତ ହୋଇଥିଲା। ତେଣୁ ସଂଘର୍ଷ ପଥରେ ଏକା ହୋଇଯିବା, ପରାଜିତ ହେବା ନୁହେଁ। ତାଳି ନ ମିଳିଲେ ସତ୍ୟକୁ ନଛାଡ଼ି, ଭିଡ଼ ନ ମିଳିଲେ ବିବେକକୁ ବିକ୍ରି ନକରି, ପଥରେ କଣ୍ଟା ଥିଲେ ଲକ୍ଷ୍ୟପଥରୁ ବିଚ୍ୟୁତ ନହୋଇ ଆଗକୁ ବଢ଼ିବାକୁ ହେବ। କାରଣ ଇତିହାସର ଅନେକ ବଡ଼ ପରିବର୍ତ୍ତନ ଆରମ୍ଭ ହୋଇଥିଲା ଏକାକୀ ମଣିଷର ସଂକଳ୍ପରୁ। ଯେମିତି ଗୋଟିଏ ଦୀପଶିଖା ଅନେକ ଦିନର ଅନ୍ଧକାରକୁ ଆହ୍ୱାନ କରେ, ସେମିତି ଗୋଟିଏ ନିର୍ଭୀକ ସ୍ୱର ହଜାର ହଜାର ଶୋଇଥିବା ବିବେକକୁ ଜାଗ୍ରତ କରିପାରେ।

ସବୁ ଲଢ଼େଇ ତୁରନ୍ତ ଜିତାଯାଏ ନାହିଁ। ସବୁ ସତ୍ୟ ତୁରନ୍ତ ସ୍ୱୀକୃତ ହୁଏ ନାହିଁ। କେତେକ ସତ୍ୟକୁ ସମୟର ଅଗ୍ନିପରୀକ୍ଷା ଦେବାକୁ ପଡ଼େ। କେତେକ ବିଜୟ ପାଇଁ ପିଢ଼ି ପରେ ପିଢ଼ି ସଂଘର୍ଷର ମଶାଲ ବହିବାକୁ ପଡ଼େ। ତଥାପି ମଣିଷର ମର୍ଯ୍ୟାଦା ପାଇଁ ହୋଇଥିବା ଲଢ଼େଇ, ନ୍ୟାୟ ପାଇଁ ଉଠିଥିବା ସ୍ୱର, ଅନ୍ୟାୟ ବିରୋଧରେ ହୋଇଥିବା ପ୍ରତିବାଦ କେବେ ସମ୍ପୂର୍ଣ୍ଣ ବୃଥା ଯାଏ ନାହିଁ। ହୁଏତ ତାହାର ଫଳ ତୁରନ୍ତ ମିଳେନାହିଁ, ହୁଏତ ତାହାର ଫୁଲ ଅନ୍ୟ କେହି ଦେଖେ; କିନ୍ତୁ ସଂଘର୍ଷରେ ବୁଣାଯାଇଥିବା ବୀଜ କୌଣସି ନା କୌଣସି ବସନ୍ତରେ ଅଙ୍କୁରିତ ହୁଏ। ଗନ୍ତବ୍ୟର ମହତ୍ତ୍ୱ ସହଜତାରେ ନୁହେଁ, ସଂକଳ୍ପର ଦୃଢ଼ତାରେ ନିହିତ। ଅନ୍ୟାୟକୁ ବିରୋଧ କରିବାର ମୂଲ୍ୟ ଅଛି, ସତ୍ୟ ପାଇଁ ଠିଆ ହେବାର ଯନ୍ତ୍ରଣା ଅଛି। ଯିଏ ଅତ୍ୟାଚାରୀକୁ ପ୍ରଶ୍ନ କରେ, ସେ ଅପବାଦର ଶର ଓ ନିନ୍ଦାର ପଥର ସହେ। ଯିଏ ଅନ୍ୟାୟର ପ୍ରାଚୀର ଭାଙ୍ଗିବାକୁ ଯାଏ, ତାହାର ମୁଣ୍ଡରେ ଅଭିଯୋଗର ମୁକୁଟ ପିନ୍ଧାଯାଏ। ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କୁ ମଧ୍ୟ ପ୍ରଶ୍ନର ସାମ୍ନା କରିବାକୁ ପଡ଼ିଛି, ଗାନ୍ଧୀ ଓ ନେହେରୁ ମଧ୍ୟ ସମାଲୋଚନାରୁ ଊର୍ଦ୍ଧ୍ୱରେ ନଥିଲେ। ଏବେ ନାହାନ୍ତି ମଧ୍ୟ। ଏହା ହିଁ ପୁରାଣର ଶିକ୍ଷା, ଏହା ହିଁ ଇତିହାସର ଅନୁଭବ।

ପାଣିରେ ପାଦ ରଖିଲେ ଓଦା ହେବାକୁ ପଡ଼େ, ନିଆଁକୁ ସ୍ପର୍ଶ କଲେ ତାପ ସହିବାକୁ ପଡ଼େ; ସେମିତି ଅନ୍ୟାୟର ଅଗ୍ନିରେ ପ୍ରତିରୋଧର ମଶାଲ ଜାଳିଲେ ତାହାର ତାପ ମଧ୍ୟ ସହିବାକୁ ପଡ଼େ। ଏହାହିଁ ଜୀବନର କଠୋର ସତ୍ୟ, ଏହାହିଁ ସଂଘର୍ଷର ଅନିବାର୍ଯ୍ୟ ମୂଲ୍ୟ। କିନ୍ତୁ ରାତି ଯେତେ ଦୀର୍ଘ ହେଉ, ପୂର୍ବାକାଶରେ ପ୍ରଭାତର ସମ୍ଭାବନା ମରିଯାଏ ନାହିଁ। ଝଡ଼ ଯେତେ ପ୍ରବଳ ହେଉ, ଦିଗନ୍ତରେ ନୂଆ ସୂର୍ଯ୍ୟୋଦୟର ଆଶା ଲିଭିଯାଏ ନାହିଁ। କାରଣ ସମୟ ଭଳି ଇତିହାସ ଗୋଟିଏ ସ୍ଥାନରେ ଅଟକି ରହେନାହିଁ। ସମୟ କଡ଼ ଲେଉଟାଏ। ପୁରୁଣା ବ୍ୟବସ୍ଥାର ଭଗ୍ନାବଶେଷ ଉପରେ ନୂଆ ସମ୍ଭାବନାର ଅଙ୍କୁର ଫୁଟେ। ଏହା ହିଁ ପରିବର୍ତ୍ତନର ନିୟମ। ଏହା ହିଁ ଇତିହାସର ଅମୋଘ ସଙ୍କେତ। ଯେଉଁଠି ଅନ୍ୟାୟ, ସେଠି ପ୍ରତିରୋଧ। ଯେଉଁଠି ଦମନ, ସେଠି ପ୍ରତିବାଦ। ଯେଉଁଠି ଅସତ୍ୟ, ସେଠି ସତ୍ୟର ସନ୍ଧାନ। ଯେଉଁଠି ଭୟ, ସେଠି ସାହସର ଜନ୍ମ। ଯେଉଁଠି ମଣିଷର ମର୍ଯ୍ୟାଦା ଲୁଣ୍ଠିତ, ସେଇଠି ମୁକ୍ତିର ଆକାଂକ୍ଷା ଜାଗ୍ରତ। କାରଣ ସଂଘର୍ଷ କୌଣସି ଗୋଟିଏ ଯୁଗର ସମ୍ପତ୍ତି ନୁହେଁ, କୌଣସି ଗୋଟିଏ ବ୍ୟକ୍ତିର ପରିଚୟ ନୁହେଁ। ଏହା ମଣିଷର ଆତ୍ମମର୍ଯ୍ୟାଦାର ଅନ୍ୟ ନାମ। ଏହା ନ୍ୟାୟ ପାଇଁ ସ୍ପନ୍ଦିତ ହୃଦୟର ସ୍ପନ୍ଦନ। କାରଣ କେବେବି ସତ୍ୟର ଆହ୍ୱାନ ବଦଳେ ନାହିଁ। ନ୍ୟାୟର ଆକାଂକ୍ଷା ମଉଳିଯାଏ ନାହିଁ। ସଂଘର୍ଷର ମଶାଲ ଲିଭିଯାଏ ନାହିଁ। ଯେପର୍ଯ୍ୟନ୍ତ ମଣିଷର ବିବେକ ଜାଗ୍ରତ ରହିବ, ସେପର୍ଯ୍ୟନ୍ତ ସଂଘର୍ଷର ଇତିହାସ ଲେଖା ହେଉଥିବ। ସମୟ ବଦଳେ, ସଂଘର୍ଷ ନୁହେଁ ଏବଂ ଏହାହିଁ ମଣିଷ ସଭ୍ୟତାର ଚିରନ୍ତନ ସତ୍ୟ।

ପଦ୍ମପୁର(କେନ୍ଦୁଝର), ମୋ: ୯୪୩୭୦୨୨୬୬୯

ଦାମ୍ପତ୍ୟର ରୂପ-ଅରୂପ

ବୈଷ୍ଣବ ମେହେର

ନିକଟରେ ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିବା ଏକ ବହୁଚର୍ଚ୍ଚିତ କଳଙ୍କିତ ଦାମ୍ପତ୍ୟ ଜୀବନର ଉପସଂହାର ଘଟାଇ ପତି ହତ୍ୟାକାରୀ ପତ୍ନୀ ଓ ତା'ର ପ୍ରେମିକକୁ ମାନ୍ୟବର ଅଦାଲତ ଫାଶୀଦଣ୍ଡ ଶୁଣାଇଛନ୍ତି। ଅଦାଲତଙ୍କ ଏହି ନିଷ୍ପତ୍ତି ଅନେକ ଦମ୍ପତିଙ୍କ ପାଇଁ ସତର୍କ ଘଣ୍ଟି ବୋଲି ଧରିବାକୁ ହେବ। ପ୍ରାୟ ଦେଢ଼ ବର୍ଷ ତଳେ ଉତ୍ତର ପ୍ରଦେଶ ମିରଟ୍ ସହରର ଜନୈକା ମହିଳା ପ୍ରେମିକ ସହ ମିଶି ନିଜ ପତିକୁ ମାରିବା ପରେ ପ୍ରମାଣ ନଷ୍ଟ କରିବାକୁ ମୃତଶରୀରକୁ ପନ୍ଦରଖଣ୍ଡ କରି ଏକ ନୀଳରଙ୍ଗର ପ୍ଲାଷ୍ଟିକ ଡ୍ରମ୍‌ରେ ଭର୍ତ୍ତି କରିଥିଲେ। ଏହାପରେ ଡ୍ରମକୁ କଂକ୍ରିଟ କରି ଲୁଚାଇ ଦେବାର ଚେଷ୍ଟା ସତ୍ତ୍ୱେ ଧରାପଡ଼ିଥିଲେ। ସେଦିନ ଅପରାଧୀ ପତ୍ନୀ ଓ ପ୍ରେମିକଙ୍କୁ ଫାଶୀ ନିର୍ଦ୍ଦେଶ ଦିଆଯିବା ଖବର ପଢ଼ି ଯେତିକି ଆଶ୍ୱସ୍ତ ଲାଗୁଥିଲା ସେହି ଅନୁପାତଠାରୁ ଅଧିକ ପ୍ରଶ୍ନ ଉଙ୍କି ମାରୁଥିଲା ବର୍ତ୍ତମାନର ଦାମ୍ପତ୍ୟ ସମ୍ପର୍କକୁ ନେଇ।

ଦାମ୍ପତ୍ୟ ଜୀବନର ଅନ୍ୟ ଏକ ଦୃଶ୍ୟରେ ଏକ ବ୍ୟାଙ୍କ ସମ୍ମୁଖ ପିଣ୍ଡିରେ ବ୍ୟାଙ୍କର ସୁରକ୍ଷାକର୍ମୀ ପୋଷାକରେ ଥିବା ପତି ଓ ତାଙ୍କ ପତ୍ନୀ ଏକାଠି ବସି ଘରରନ୍ଧା ଖାଦ୍ୟରେ ରାତ୍ରଭୋଜନ କରିବା ସହ ପରସ୍ପର କଥାବାର୍ତ୍ତା ହେଉଥିଲେ। ଏହି ଜୀବନ୍ତ ଦୃଶ୍ୟ ଏକ ମଧୁମୟ ଦାମ୍ପତ୍ୟ ଜୀବନର ପ୍ରତୀକ। ସୁରକ୍ଷା କର୍ମୀ ଜଣକ ନିଜ ପରିବାର ପ୍ରତିପୋଷଣ ପାଇଁ ରାତିସାରା ବ୍ୟାଙ୍କ କିମ୍ବା ତା'ର ଏଟିଏମ ବାହାରେ ପହରା ଦିଅନ୍ତି। ପତିଙ୍କ ଏହି କଠିନ ପରିଶ୍ରମକୁ ବୁଝି ପାରୁଥିବା ପତ୍ନୀ ଜଣକ ରୋଷେଇ ସାରି ରାତିରେ ନିଜ ହାତ ରନ୍ଧା ଖାଦ୍ୟ ଧରି ତାଙ୍କ କର୍ମସ୍ଥଳରେ ପହଞ୍ଚନ୍ତି। ବ୍ୟସ୍ତବହୁଳ ଜୀବନ ଯୋଗୁଁ ପ୍ରାୟତଃ ଦୁହିଁଙ୍କୁ ଏକାଠି ସମୟ ବିତାଇବା କି ମିଶି ଖାଇବାର ସୁଯୋଗ ମିଳୁନଥିବାରୁ ଏହି ଦମ୍ପତି ଫୁଟପାଥର ଏହି ପିଣ୍ଡିରେ ଏକତ୍ର ବସି ଖୁବ୍ ଆନନ୍ଦର ସହ ଘର ରନ୍ଧାଖାଦ୍ୟ ଖାଇଥା'ନ୍ତି। ଏହି ସୁଯୋଗରେ କିଛି ସମୟ ସୁଖଦୁଃଖର କଥା ମଧ୍ୟ ହୁଅନ୍ତି। ଆଜିକାଲି ସମ୍ପର୍କକୁ ଚାକିରି, ଦରମା, ପଦପଦବୀ ଆଦିରେ ମପା ଯାଉଥିବା ବେଳେ ଏହି ଦମ୍ପତିଙ୍କ ପରସ୍ପର ପ୍ରତି ଅନାବିଳ ଭାବ ଦେଖି ହୃଦୟ ଭରିଗଲା। ଲାଗିଲା ଦାମ୍ପତ୍ୟ ଜୀବନରେ ପରସ୍ପର ପ୍ରତି ସମ୍ମାନ ଓ ସମୟ ହିଁ ସବୁଠାର ମହତ୍ତ୍ୱପୂର୍ଣ୍ଣ। ଯେଉଁଠି ସହାନୁଭୂତି ସମ୍ପନ୍ନ ଭଲ ପାଇବା ଅଛି ସେଠି ଯେତେବଡ଼ ସଂଘର୍ଷ ବି ହାଲୁକା ହିଁ ଲାଗିବ।

ଦାମ୍ପତ୍ୟ ସମ୍ପର୍କର ମୂଳ ଆଧାର ହେଉଛି ପରସ୍ପର ପ୍ରତି ଆସ୍ଥା ଓ ବିଶ୍ୱାସ। କିନ୍ତୁ ବର୍ତ୍ତମାନ ଅନ୍ଧ ଆଧୁନିକତାର ଆହ୍ୱାନରେ ପରସ୍ପରର ଏହି ନିଃସ୍ୱାର୍ଥପର ଭାବ ଧୀରେଧୀରେ ଅପସରିବାରେ ଲାଗିଛି। ସଂସାର ସଡ଼କରେ ନିଜର ଜୀବନଯାତ୍ରାକୁ ଜଞ୍ଜାଳମୁକ୍ତ କରି ନିଜ ସଉକ ପୂରଣ ଲକ୍ଷ୍ୟରେ ଜୀବନସାଥିର ପରିଭାଷାକୁ ବଦଳାଇ ଦିଆଯାଉଛି। ଅବଶ୍ୟ ଏଭଳି ସ୍ୱାର୍ଥକୈନ୍ଦ୍ରିକ ଅସାମାଜିକ ଓ ନୈତିକତାହୀନ ସମ୍ପର୍କ ପାଇଁ ସମୟକ୍ରମେ ଅନେକଙ୍କୁ ବହୁମୂଲ୍ୟ ଦେବାକୁ ମଧ୍ୟ ପଡୁଛି। ପରସ୍ପରକୁ ପ୍ରେମ କରି ବିବାହ କରିଥିବା ଦମ୍ପତି ହୁଅନ୍ତୁ କିମ୍ବା ବୈଦିକ ରୀତି ଅନୁଯାୟୀ ସାମାଜିକ ବିଧିବିଧାନରେ ବିବାହ କରିଥିବା ଦମ୍ପତି ହୁଅନ୍ତୁ, ସେମାନଙ୍କ ସମ୍ପର୍କର ଆଭିମୁଖ୍ୟ ବଦଳିବାରେ ଲାଗିଛି। କେଉଁଠି ନବବିବାହିତା ହନିମୁନରେ ଯାଇ ପତିହତ୍ୟାର ମୁଖ୍ୟ ଖଳନାୟକ ସାଜିଲେଣି ତ କେଉଁଠି ବାହା ପରେ ବାପ ଘରକୁ ଲେଉଟାଣି ଯାଇ ପ୍ରେମିକ ସହ ଫେରାର ହୋଇଯାଉଛି। ସବୁଠାରୁ ବେଶି ଦୁଃଖ ସେତେବେଳେ ଲାଗେ ଯେତେବେଳେ ନିଜର ଛୋଟଛୋଟ ନିଷ୍ପାପ ଛୁଆପିଲା ଅପେକ୍ଷା ନିଜର ଅବାନ୍ତର ସ୍ୱପ୍ନକୁ ଅଧିକ ପ୍ରାଧାନ୍ୟ ଦିଅନ୍ତି। ଏସବୁ କାଣ୍ଡ ଯେ କେବଳ ପତ୍ନୀମାନେ କରୁଛନ୍ତି ତାହା ନୁହେଁ, ଅନେକ ସ୍ଥଳରେ ପତିମାନେ ମଧ୍ୟ ନିଜ ଧର୍ମପତ୍ନୀକୁ ଛାଡ଼ି ନିଜ ପସନ୍ଦର ଝିଅ କିମ୍ବା ମହିଳା ସହ ସମ୍ବନ୍ଧ ରଖୁଛନ୍ତି। ଏସବୁ ଘଟଣା ଦ୍ୱାରା କେବଳ ସଂପୃକ୍ତ ପରିବାର ହିଁ ପ୍ରଭାବିତ ହେଉଛି ତାହା ନୁହେଁ, ବରଂ ଏହାର ଗଭୀର ପ୍ରଭାବ ସମାଜ ଉପରେ ମଧ୍ୟ ପଡୁଛି।

ଏହି ପୃଷ୍ଠଭୂମିରେ ଜାପାନର ଏକ ଘଟଣା ମନେ ପଡ଼ିଗଲା। ନିଜର ଅସୁସ୍ଥ ପତ୍ନୀଙ୍କୁ ନେଇ ବିବ୍ରତ ହୋଇ ପଡ଼ିଥିବା ଭଦ୍ରଲୋକ ଜଣକ ପତ୍ନୀଙ୍କୁ ଅଦରକାରୀ ବୋଝ ଭାବିବା ଆରମ୍ଭ କରିଦେଇଥିଲେ। ଦିନେ ଘରର ଡିଜାଇନ ବଦଳାଇବା ପାଇଁ କାଠକାନ୍ଥକୁ ଭାଙ୍ଗୁଥିବା ବେଳେ ଗୋଟିଏ ସ୍ଥାନରେ ପଟା ପଛପଟେ ଏକ ବଡ଼ ଝିଟିପିଟି ନିଶ୍ଚଳ ହୋଇ ଅଟକି ରହିଥିବା ଦେଖିଲେ। ସେ ଲକ୍ଷ୍ୟ କଲେ ଯେ କାଠ ପଟାରେ ପିଟାଯାଇଥିବା ଲୁହାକଣ୍ଟା ତା'ର ପଛଗୋଡ଼ରେ ଫୁଟି ପଟାରେ ପଶିଯାଇଛି। ଫଳରେ ଝିଟିପିଟି ଯାଇ ପାରୁନାହିଁ। ଏକଥା ଜାଣି ଆଶ୍ଚର୍ଯ୍ୟ ହେଲେ ଯେ ଏହି କଣ୍ଟାଟି ସେ ଛଅ ମାସ ତଳେ ପିଟିଥିଲେ। ତେବେ ଏତେଦିନ ଧରି ଝିଟିପିଟି କେମିତି ବଞ୍ଚି ରହିଛି। ଝିଟିପିଟିର ବଞ୍ଚି ରହିବାର ରହସ୍ୟ ଜାଣିବାକୁ ସେ ଟିକିଏ ଅପେକ୍ଷା କରି ଯାହା ଦେଖିଲେ ତହିଁରେ ବାକରୁଦ୍ଧ ହୋଇପଡ଼ିଲେ। କାଠକାନ୍ଥର ଏକ ସନ୍ଧିରୁ ଗୋଟିଏ ମାଈ ଝିଟିପିଟି ପାଟିରେ ପୋକଟିଏ ଧରି କଣ୍ଟାବିଦ୍ଧ ଝିଟିପିଟି ପାଖକୁ ଆସିଲା ଏବଂ ତା'ର ପାଟିରେ ଆହାର ଦେଇ ଟିକିଏ ଅପେକ୍ଷା କରି ପୁଣି ଚାଲିଗଲା। ଲୋକଟି ବୁଝିବାରେ କୌଣସି ସନ୍ଦେହ ନଥିଲା ଯେ ଗତ ଛଅ ମାସ ଧରି ଏହିପରି ଖାଦ୍ୟଖୁଆଇ କଣ୍ଟାବିଦ୍ଧ ପୁରୁଷ ସାଥିକୁ ଏହି ମାଈ ଝିଟିପିଟି ବଞ୍ଚାଇ ରଖିଛି। ପ୍ରେମ ଆଉ ସମର୍ପିତ ଭାବର ଏହି କରୁଣ ଚିତ୍ର ଦେଖି କିଛିସମୟ ପୂର୍ବରୁ ନିଜ ପତ୍ନୀଙ୍କୁ ନେଇ ନକାରାତ୍ମକ ଚିନ୍ତା କରୁଥିବା ଭଦ୍ରବ୍ୟକ୍ତିଙ୍କ ଆଖିରୁ କେଇ ବୁନ୍ଦା ଲୁହ ନିଗିଡ଼ି ଯିବା ସ୍ୱାଭାବିକ ଥିଲା।

ଜୀବନର ଶ୍ରେଷ୍ଠ ସୁଖଦ ଅନୁଭୂତି ହେଉଛି ଦାମ୍ପତ୍ୟ ସମ୍ପର୍କ। ଏହି ସମ୍ପର୍କରେ ଯେତେବେଳେ ଆପଣାପଣ, ଆଦର ଓ ପରସ୍ପର ପ୍ରତି ସମ୍ମାନ ଏବଂ ସମୟ ଦେବା ଶେଷ ହୋଇ ଆସେ ସେତେବେଳେ ମଣିଷ ମନ ଭିତରୁ ସମ୍ପୂର୍ଣ୍ଣ ଦୁର୍ବଳ ହୋଇ ପଡ଼େ। ଫଳରେ ଏହାର ସୁଯୋଗ ପ୍ରାୟତଃ ବାହାରର ସ୍ୱାର୍ଥପର ଲୋକମାନେ ନିଅନ୍ତି। ସେମାନେ ଏଭଳି ଜାଲ ବିଛାନ୍ତି ଯେ ପୁରୁଷ ହୁଅନ୍ତୁ କିମ୍ବା ସ୍ତ୍ରୀ, ଏହି ଫାଶରେ ପଡ଼ି ସହଜରେ ଭୁଲ ରାସ୍ତାରେ ଚାଲିଯା'ନ୍ତି ଏବଂ ଏକ ମଧୁର ସମ୍ପର୍କର ଅନ୍ତ ଘଟେ।

ସିନାପାଲି(ନୂଆପଡ଼ା),
ମୋ: ୯୭୭୭୭୫୩୯୩୫

ବାୟୁ ପ୍ରଦୂଷଣ ଓ ଆତ୍ମହତ୍ୟା ପ୍ରବଣତା

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ମୃତ୍ୟୁକୁ କେହି ଭଲ ପାଆନ୍ତି ନାହିଁ। ସମସ୍ତେ ଚାହାନ୍ତି ଅଧିକରୁ ଅଧିକ କାଳ ବଞ୍ଚି ରହିବାକୁ। ତଥାପି ପ୍ରତିବର୍ଷ ପୃଥିବୀର ୭,୨୦,୦୦୦ରୁ ବେଶି ଲୋକ ଆତ୍ମହତ୍ୟା କରନ୍ତି। ବିଶ୍ୱସ୍ୱାସ୍ଥ୍ୟ ସଂଗଠନର ସୂଚନା ଅନୁସାରେ ଏହା ହେଉଛି ୧୫ ରୁ ୨୯ ବୟସ୍କଙ୍କ ମଧ୍ୟରେ ତୃତୀୟ ସର୍ବାଧିକ ମୃତ୍ୟୁର କାରଣ। ଏହା ମୂଳରେ ରହିଛି ଭାବପ୍ରବଣତା ଓ ମାନସିକ ଚାପ। ଏଥିଯୋଗୁଁ ଜୀବନ ଦୁର୍ବିସହ ମନେହୁଏ ଏବଂ ଲୋକେ ଆତ୍ମହତ୍ୟା କରନ୍ତି। ତା' ସହିତ ଏବେ ବୈଜ୍ଞାନିକମାନେ ଅନ୍ୟ ଏକ ସମ୍ଭାବ୍ୟ କାରଣ ଯୋଡ଼ି ଦେଲେଣି। ତାହା ହେଉଛି ବାୟୁ ପ୍ରଦୂଷଣ।

ଅବଶ୍ୟ ପରିବେଶ ପ୍ରଦୂଷଣର ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ଏକ ଜଣାଶୁଣା କଥା। ତେବେ ଆତ୍ମହତ୍ୟା ସହିତ ଏହାର ସଂପର୍କ ନିର୍ଦ୍ଦିଷ୍ଟ ରୂପେ ପ୍ରତିଷ୍ଠିତ ହୋଇ ପାରିନାହିଁ। ସେଥିପାଇଁ କିଛିବର୍ଷ ତଳେ କୁଇନସ୍ ବିଶ୍ୱବିଦ୍ୟାଳୟ, ବେଲ୍‌ଫାଷ୍ଟର ବୈଜ୍ଞାନିକମାନେ ବାୟୁ ଓ ଅନ୍ୟାନ୍ୟ ପ୍ରଦୂଷଣର ଆତ୍ମହତ୍ୟା ଓ ଆତ୍ମହତ୍ୟା ପ୍ରବଣତାକୁ କିପରି ପ୍ରଭାବିତ କରେ ତାହା ପରୀକ୍ଷା କରିବାକୁ ଲାଗିଥିଲେ।

ଏଥିରେ ସେମାନେ କରିଥିଲେ ୨୯ ଟି ପରୀକ୍ଷା। ତହିଁରୁ ଜଣାପଡ଼ିଲା ଯେ ଦୂଷିତ ବାୟୁରେ ଥିବା ଭାସମାନ ସୂକ୍ଷ୍ମ କଣିକା ବା ପର୍ଟିକୁଲେଟ୍‌ମ୍ୟାଟ୍‌ର ଏବଂ ନାଇଟ୍ରୋଜେନ ଡାଇଅକ୍‌ସାଇଡ୍‌ର ଆତ୍ମହତ୍ୟା ପ୍ରବଣତା ସହ ସଂପୃକ୍ତ। ଏହାପରେ ସେମାନେ ଆହୁରି ୧୬ଟି ଅଧ୍ୟୟନ କଲେ। ସଲ୍‌ଫର୍ ଡାଇଅକ୍‌ସାଇଡ୍, ଓଜୋନ୍ ଆଦି ବାୟୁ ପ୍ରଦୂଷକ ଏବଂ ଏପରିକି ଧ୍ୱନି ପ୍ରଦୂଷଣର ଏଥିସହିତ ସଂପର୍କ ଥିବାର ଜଣାପଡ଼ିଲା।

ପ୍ରଦୂଷିତ ବାୟୁରେ ଥିବା ଭାସମାନ ସୂକ୍ଷ୍ମକଣିକାକୁ ସେମାନଙ୍କ ଆକାର ଅନୁସାରେ ତିନିଭାଗରେ ବିଭକ୍ତ କରାଯାଏ। ଯଥା: ପିଏମ୍ – ୧୦, ପିଏମ୍ – ୨.୫ ଏବଂ ପିଏମ୍ ୦.୧। ଏଗୁଡ଼ିକର ବ୍ୟାସ ଯଥାକ୍ରମେ ୧୦ ମାଇକ୍ରୋମିଟରରୁ ୨.୫ ମାଇକ୍ରୋମିଟର ମଧ୍ୟରେ, ୨.୫ ମାଇକ୍ରୋମିଟରରୁ କମ୍ ଏବଂ ୦.୧ ମାଇକ୍ରୋମିଟରକୁ କମ୍। ଶେଷୋକ୍ତ ଦୁଇଟି ଅତ୍ୟନ୍ତ କ୍ଷୁଦ୍ର ହୋଇଥିବାରୁ ଶ୍ୱାସକ୍ରିୟା ମାଧ୍ୟମରେ ଆମ ଫୁସ୍‌ଫୁସ୍ ମଧ୍ୟକୁ ପ୍ରବେଶ କରେ। ତାହା ରକ୍ତସ୍ରୋତ ଦେଇ ବିଭିନ୍ନ ଅଙ୍ଗକୁ ଯାଇ ସେଗୁଡ଼ିକର କ୍ରିୟାକଳାପକୁ ପ୍ରଭାବିତ କରେ। ଅତଏବ ତ'ଦ୍ୱାରା ମସ୍ତିଷ୍କ ଓ ସ୍ନାୟୁବ୍ୟବସ୍ଥା ପ୍ରଭାବିତ ହୁଏ। ସେହିପରି ପ୍ରଭାବ ରହିଛି ନାଇଟ୍ରୋଜେନ୍ ଡାଇଅକ୍‌ସାଇଡ୍‌ର। ଅତଏବ ତାହା ମାନସିକ ଚାପ ବୃଦ୍ଧି କରେ। ସଲଫର ଡାଇଅକ୍‌ସାଇଡ, ଓଜୋନ ଆଦି ବାୟୁ ପ୍ରଦୂଷକ ବାଷ୍ପର ମଧ୍ୟ ଅନୁରୂପ ପ୍ରଭାବମାନ ରହିଛି।

ଏସବୁ ସଂପର୍କରେ ସୂଚନା ଦେଇ ଉପରୋକ୍ତ ଗବେଷକମାନେ ଗବେଷଣା ପତ୍ରଟିଏ ପ୍ରକାଶ କରିଛନ୍ତି 'ଦ ଜର୍ଣ୍ଣାଲ ଅଫ୍ ଏପିଡେମିଓଲୋଜି ଆଣ୍ଡ କମ୍ୟୁନିଟି ହେଲଥ୍' ପତ୍ରିକାରେ। ସେଥିରେ ସେମାନେ ମତବ୍ୟକ୍ତ କରିଛନ୍ତି ଯେ ସାଧାରଣଭାବେ ପ୍ରଦୂଷଣକୁ ଏବଂ ବିଶେଷଭାବେ ବାୟୁ ପ୍ରଦୂଷଣ ରୋକିବାକୁ ଆତ୍ମହତ୍ୟା ନିରାକରଣର ଏକ ରଣନୀତି ରୂପେ ଗ୍ରହଣ କରାଯିବା ଉଚିତ।

ତେବେ ଆଉ କେତେକ ଗବେଷକ ଏ ଆବିଷ୍କାରକୁ ସାବଧାନତା ସହ ଗ୍ରହଣ କରିବାକୁ ମତ ଦିଅନ୍ତି। ଉଦାହରଣ ସ୍ୱରୂପ, 'ରୟାଲ୍ କଲେଜ ଅଫ୍ ସାଇକଆଟ୍ରିଷ୍ଟସ୍', ଆମେରିକାର ବରିଷ୍ଠ ମନସ୍ତତ୍ତ୍ୱବିତ୍ ଡକ୍ଟର ଜନ୍ ଭାନ୍ ନିଏକେରକ୍‌ଙ୍କ ମତରେ ଏ ଗବେଷଣାର ଫଳାଫଳ ଠିକ୍ ହୋଇପାରେ। ହେଲେ ତାହାର ପ୍ରଭାବ ଯେ କେତେ ଗଭୀର ତାହା ପ୍ରମାଣିତ କରିବାକୁ ହେଲେ ଅଧିକ ପରୀକ୍ଷା ନିରୀକ୍ଷା ଲୋଡ଼ା। କେବେଳ ବାୟୁ ପ୍ରଦୂଷଣ କାହିଁକି ଅନ୍ୟାନ୍ୟ ପ୍ରଦୂଷଣର ମାନସିକ ଚାପ ବା ଆତ୍ମହତ୍ୟା ପ୍ରବଣତା ସହିତ ସଂପର୍କ ମଧ୍ୟ ଏଥିରୁ ଜଣାପଡ଼ିବ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ, ଦିବସଭିତ୍ତିକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ତାଣ୍ଡବ ମୁଦ୍ରାରେ...

ଆଶଙ୍କା କରାଯାଇଛି । ବିଶେଷ କରି କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବର୍ଷାର ପ୍ରଭାବ ସବୁଠାରୁ ଅଧିକ ରହିବ । ଏହାକୁ ଦୃଷ୍ଟିରେ ରଖି ୨୮ ତାରିଖ ଏହି ୫ ଜିଲ୍ଲା ପାଇଁ ରେଡ୍ ଆଲର୍ଟ ଜାରି ହୋଇଛି ।

ଜେଟିଡବ୍ଲୁସିର ମଡେଲ୍‌ରୁ ଜଣାପଡୁଛି ମଙ୍ଗଳବାର ସନ୍ଧ୍ୟା ସାଢ଼େ ୫ଟାରେ ବାତ୍ୟାର କେନ୍ଦ୍ରରେ ପବନର ବେଗ ଘଣ୍ଟା ପ୍ରତି ୧୯୪ କିମି ପର୍ଯ୍ୟନ୍ତ ରହିଛି । ଏହା ପରେ ୨୮ ତାରିଖ ସକାଳୁ ଏହା ୧୪୦ କିମିକୁ ହ୍ରାସ ପାଇବ । ଉପକୂଳ ଛୁଇଁବା ବେଳକୁ ପବନର ବେଗ ଘଣ୍ଟା ପ୍ରତି ୧୧୫ କିମି ରହିବ । କାକିନଡ଼ାର କୁନସିନା ନିକଟରେ ଏହା ସ୍ଥଳଭାଗ ଅତିକ୍ରମ କରିବ ବୋଲି ଜଣାପଡୁଛି । ଏହି ବାତ୍ୟା ସନ୍ଧ୍ୟା ସୁଦ୍ଧା ଅତି ଭୀଷଣ ବାତ୍ୟାରେ ପରିଣତ ହୋଇ ସାରିଛି । ଏବେ ଏହା କାକିନଡ଼ାଠାରୁ ୬୨୦ କିମି ଦୂରରେ ରହିଛି । ଏବେ ଏହା ୨୦ କିମି ବେଗରେ ଆଗକୁ ବଢୁଛି । ମଙ୍ଗଳବାର ଏହା ସାଢ଼େ ୧୧ ବେଳକୁ ସବୁଠୁ ଅଧିକ ଶକ୍ତିଶାଳୀ ରହିବ । ଏହି ସମୟରେ ବାତ୍ୟାର କେନ୍ଦ୍ରରେ ଘଣ୍ଟା ପ୍ରତି ପବନର ବେଗ ୧୮୦ କିମି ପହଞ୍ଚିପାରେ । ୨୮ ତାରିଖ ସକାଳେ ଏହା ଉପକୂଳ ଛୁଇଁବ । କାକିନଡ଼ା ନିକଟରେ ଏହା ସ୍ଥଳଭାଗ ଛୁଇଁବ । ଦିନ ୨ ଟା ସୁଦ୍ଧା ଏହା ସମ୍ପୂର୍ଣ୍ଣ ସ୍ଥଳଭାଗ ଛୁଇଁ ଉତ୍ତର ଦିଗରେ ଗତି କରିବ । ଓଡ଼ିଶାରେ ଏହି ବାତ୍ୟା ଦ୍ୱାରା ବିଶେଷ ପବନ ନାହିଁ । ମାତ୍ର ରାଜ୍ୟର ଦକ୍ଷିଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସାଙ୍ଗକୁ ଉପକୂଳ ଓଡ଼ିଶାରେ ମଧ୍ୟ କିଛିକାଂଶରେ ବର୍ଷା ହେବ । କେନ୍ଦ୍ରୀୟ ଓଡ଼ିଶା ଓ ପଶ୍ଚିମ ଓଡ଼ିଶାରେ ମଧ୍ୟ ବର୍ଷା ୨୮-୨୯ରେ ରହିବ । ମାତ୍ର ଉତ୍ତର ଓଡ଼ିଶାରେ ବର୍ଷା କମ୍ ରହିବ । ଏହି ବାତ୍ୟା ଦ୍ୱାରା ହେବାକୁ ଥିବା ପବନର ବେଗ ଓ ବର୍ଷାର ପରିମାଣ ମୌସୁମୀ ସମୟରେ ମଧ୍ୟ ଅନୁଭୂତ ହୋଇଥାଏ । ସେତେବେଳେ ପବନର ବେଗ ଘଣ୍ଟାକୁ ୧୨୦ କିମି ଓ ଝଟକା ପବନ ୧୪୮ କିମି ହୋଇପାରେ । ୨୮ ଅକ୍ଟୋବର ବେଳକୁ ଏହା ଉପକୂଳ ନିକଟରେ ପହଞ୍ଚିବା ବେଳକୁ ସାମାନ୍ୟ ଦୁର୍ବଳ ହେବ । ଏହା ଭୀଷଣ ବାତ୍ୟା ଭାବେ ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିପାରେ । ସେତେବେଳେ ପବନର ବେଗ ଘଣ୍ଟାକୁ ୧୦୦-୧୧୦ କିମି ଓ ଝଟକା ପବନ ୧୨୫-୧୪୦ କିମି ହୋଇପାରେ । ସ୍ଥଳଭାଗରେ ପ୍ରବେଶ କରିବା ପରେ ବାତ୍ୟା ଦୁର୍ବଳ ହେବ । ଏହି ପବନ ସହିତ ସମୟ ସମୟେ ଝଟକା ପବନ ଆଉ ୧୦ କିମି ବଢ଼ିପାରେ । ୨୮ରେ ବିଶେଷକରି ମାଲକାନଗିରି, କୋରାପୁଟ, ରାୟଗଡ଼ା ଓ ଗଜପତିରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । କେତେକ ସ୍ଥାନରେ ଅତ୍ୟନ୍ତ ବର୍ଷାର ମଧ୍ୟ ସମ୍ଭାବନା ରହିଛି । ୨୯ରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି ଓ ଆଖପାଖ ଅଞ୍ଚଳରେ ବର୍ଷା ଜାରି ରହିପାରେ ।

୧୨ ଟ୍ରେନ୍...

ଏକ୍ସପ୍ରେସ ଅକ୍ଟୋବର ୩୦ରୁ ନଭେମ୍ବର ୫ପର୍ଯ୍ୟନ୍ତ ବାତିଲ ରହିବ । ଅନ୍ୟପକ୍ଷରେ ଗାଡ଼ି ନମ୍ବର ୧୮୦୦୫ ହାୱଡ଼ା–ଜଗଦଲପୁର ଏକ୍ସପ୍ରେସ ଅକ୍ଟୋବର ୨୭ରୁ ୩୦ପର୍ଯ୍ୟନ୍ତ ଏବଂ ଗାଡ଼ି ନମ୍ବର ୧୮୦୦୬ ଜଗଦଲପୁର–ହାୱଡ଼ା ଏକ୍ସପ୍ରେସ ଅକ୍ଟୋବର ୨୮ରୁ ୩୧ପର୍ଯ୍ୟନ୍ତ ବାତିଲ କରାଯାଇଛି । ସେହିପରି ଗାଡ଼ି ନମ୍ବର ୫୮୫୩୮ ବିଶାଖାପାଟଣା–କୋରାପୁଟ ପାସେଞ୍ଜର ଅକ୍ଟୋବର ୨୭ରୁ ୩୦ପର୍ଯ୍ୟନ୍ତ ଏବଂ ଗାଡ଼ି ନମ୍ବର ୫୮୫୩୭ କୋରାପୁଟ–ବିଶାଖାପାଟଣା ପାସେଞ୍ଜର ଅକ୍ଟୋବର ୨୮ରୁ ୩୧ପର୍ଯ୍ୟନ୍ତ ବାତିଲ ରହିବ ।

ଏହାଛଡ଼ା ଗାଡ଼ି ନମ୍ବର ୧୮୫୧୨ ବିଶାଖାପାଟଣା–କୋରାପୁଟ ଏକ୍ସପ୍ରେସ ଅକ୍ଟୋବର ୩୦ତାରିଖ ଏବଂ ଗାଡ଼ି ନମ୍ବର ୧୮୫୧୧ କୋରାପୁଟ–ବିଶାଖାପାଟଣା ଏକ୍ସପ୍ରେସ ଅକ୍ଟୋବର ୩୧ତାରିଖରେ ବାତିଲ ରହିବ । ସେହିପରି ଗାଡ଼ି ନମ୍ବର ୫୮୫୦୧ ଓ ୫୮୫୦୨ ବିଶାଖାପାଟଣା–କିରାନ୍ଦୁଲ ପାସେଞ୍ଜର ଟ୍ରେନ୍ ଅକ୍ଟୋବର ୨୭ରୁ ୩୦ପର୍ଯ୍ୟନ୍ତ ବାତିଲ ରହିବା ନେଇ ସୂଚନା ଦିଆଯାଇଛି ।

ମୁକାବିଲା ସ୍ଥିତି...

ଜଳ ସମ୍ପଦ ବିଭାଗକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଛତିଶଗଡ଼ରେ ଯଦି ଅଧିକ ବର୍ଷା ହୁଏ ତେବେ ଉପରମୁଣ୍ଡରୁ ଅଧିକ ପାଣି ଓଡ଼ିଶା ଆସିବ । ଉକ୍ତ ଜଳ ପରିଚାଳନା ପାଇଁ ପଦକ୍ଷେପ ନିଆଯାଇଛି । ଛତିଶଗଡ ସରକାରଙ୍କ ଯୋଗାଯୋଗରେ ରହିବା ପାଇଁ ଏକ ଟିମ ଗଠନ କରାଯାଇଛି । ଯଦି ଛତିଶଗଡ ପାଣି ଛାଡେ ଆମେ ଅବଗତ ହୋଇପାରିବୁ । ଏହା ବ୍ୟତୀତ କୋଷ୍ଟ ଗାର୍ଡ ପକ୍ଷରୁ ସମସ୍ତ ମତ୍ସ୍ୟଜୀବୀଙ୍କ ଉପରେ ନଜର ରଖାଯାଇଛି । ଜିଲ୍ଲାପାଳ ମାନେ ସମସ୍ତେ ସଜାଗ ରହିଛନ୍ତି । ବାତ୍ୟା ସମୟରେ ୩ ହଜାରରୁ ଅଧିକ ଗର୍ଭବତୀ ମହିଳା ପ୍ରସବ କରି ପାରନ୍ତି । ତେଣୁ ତାଙ୍କୁ ସୁରକ୍ଷିତ ରଖିବାକୁ ନିର୍ଦ୍ଦେଶ ରହିଛି । କେନ୍ଦ୍ରର ଯାହା ସାହାଯ୍ୟ ଦରକାର ଯୋଗେଇ ଦିଆଯିବ ବୋଲି କେନ୍ଦ୍ର କ୍ୟାବିନେଟ ସଚିବ କହିଥିବା ମୁଖ୍ୟ ସଚିବ ସୂଚନା ଦେଇଛନ୍ତି ।

ଏସ୍ଆରସି ରାଜେଶ ପ୍ରଭାକର ପାଟିଲ କହିଛନ୍ତି, ୧୩୫ଟି ବାତ୍ୟା ଆଶ୍ରୟସ୍ଥଳୀ ଓ ୧୬୦୦ ଅସ୍ଥାୟୀ ବାସସ୍ଥଳୀ ପ୍ରସ୍ତୁତ ରହିଛି । ୫ ଜଣ ଅଫିସର ଓ ୮ ଜଣ ମନ୍ତ୍ରୀ ମଧ୍ୟ ଜିଲ୍ଲାକୁ ଯାଉଛନ୍ତି । ଅନ୍ୟ ରାଜ୍ୟ ସହ ସମନ୍ୱୟ ରହିଛି । ଲୋକଙ୍କୁ ସ୍ଥାନାନ୍ତରିତ ପାଇଁ ଜିଲ୍ଲାପାଳ ମାନେ ସଜାଗ ଅଛନ୍ତି । ଅଧିକ ବର୍ଷା ହେଲେ ଲୋକେ ସ୍ଥାନାନ୍ତରିତ ହେବେ । ବର୍ତ୍ତମାନ ସୁଦ୍ଧା ୮ ଟି ଏନ୍‌ଡିଆର୍‌ଏଫ, ୪୦ଟି ଓଡ୍ରାଫ, ଅଗ୍ନିଶମ ଟିମ ସବୁ ଜିଲ୍ଲାରେ ନିୟୋଜିତ ଅଛନ୍ତି । ଗଞ୍ଜାମ ଜିଲ୍ଲାରେ ଅତିରିକ୍ତ ଟିମ୍ ଅଛନ୍ତି । ଉପକୂଳ ଜିଲ୍ଲା ପାଇଁ ଅଧିକ ଟିମ ନିୟୋଜିତ ହୋଇଛି । ଭାରତୀୟ ବାୟୁସେନା, ଇଣ୍ଡିଆନ୍ ନାଭି ଓ ସେନା ସହ ସମନ୍ୱୟ ରଖାଯାଇଛି । ଉଦ୍ଧାରକାର୍ଯ୍ୟ ପାଇଁ ଆବଶ୍ୟକ ଯାନବାହନ ଓ ଆଶ୍ରୟସ୍ଥଳ ପ୍ରସ୍ତୁତ ରଖାଯାଇଛି ବୋଲି ସେ କହିଛନ୍ତି ।

କେନ୍ଦ୍ର, ଇସିଆଇଙ୍କୁ...

ଅସନ୍ତୋଷ ପ୍ରକାଶ ପାଇଛି । ଚୂଡ଼ାନ୍ତ ତାଲିକା ନଭେମ୍ବର ୬ରେ ପ୍ରକାଶ ପାଇବ । ଏହା ପୂର୍ବରୁ ପ୍ରଧାନବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗ୍‌ଚୀ ଓ ବିଚାରପତି ଭି. ମୋହନାଙ୍କ ଖଣ୍ଡପୀଠ ନଭେମ୍ବର ୫ରେ ମାମଲାର ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି । ଆବଶ୍ୟକ ପଡ଼ିଲେ ଫର୍ମ ଦାଖଲ ସମୟସୀମା ବୃଦ୍ଧି କରାଯିବ ବୋଲି ସର୍ବୋଚ୍ଚ ଅଦାଲତ ଆଶ୍ୱାସନା ଦେଇଛନ୍ତି । ଏହି ମାମଲାରେ କେନ୍ଦ୍ର ସରକାର, ମହାରାଷ୍ଟ୍ର ସରକାର ଏବଂ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କଠାରୁ ମଧ୍ୟ ଜବାବ ଲୋଡ଼ାଯାଇଛି ।

୧୦୦% ଇଥାନଲ୍...

କରାଯାଇଛି । ଏହା ଇ-୨୦ରୁ ଇ-୧୦୦ ପର୍ଯ୍ୟନ୍ତ ଇଥାନଲ୍-ପେଟ୍ରୋଲ୍ ମିଶ୍ରଣରେ ଚାଲିପାରିବ । ଟୟୋଟା, ଟାଟା ମୋଟର୍ସ ଏବଂ ହ୍ୟୁଣ୍ଡାଇ ଭଳି ପ୍ରମୁଖ କମ୍ପାନୀଗୁଡ଼ିକ ମଧ୍ୟ ଭାରତୀୟ ବଜାର ପାଇଁ ଫ୍ଲେକ୍ସ-ଇନ୍ଧନ ଯାନ ବିକଶିତ କରୁଛନ୍ତି । ସରକାର ଭବିଷ୍ୟତରେ ଏପରି ଯାନଗୁଡିକର ବ୍ୟବହାର ବୃଦ୍ଧି କରିବାକୁ ଚାହୁଁଛନ୍ତି ।

ରାହୁଲ ଅଭିଯୋଗମୁକ୍ତ...

ଉଠାଇବା ସହ ଦଳର ତତ୍କାଳୀନ ସଭାପତି ଅମିତ ଶାହଙ୍କୁ ଏକ ହତ୍ୟା ମାମଲାର ଅଭିଯୁକ୍ତ ବୋଲି ରାହୁଲ କହିଥିବା ଅଭିଯୋଗ ହୋଇଥିଲା । ସ୍ଥାନୀୟ ବିଜେପି ନେତା ବିଜୟ ମିଶ୍ର ୨୦୧୮ ଅଗଷ୍ଟ ୪ରେ ରାହୁଲଙ୍କ ବିରୋଧରେ ଅପରାଧିକ ମାନହାନି ଅଭିଯୋଗ ଆଣିଥିଲେ । ରାହୁଲଙ୍କ ମନ୍ତବ୍ୟ ଅମିତ ଶାହଙ୍କ ସମ୍ମାନକୁ କ୍ଷୁର୍ଣ୍ଣ କରିଥିବା ଅଭିଯୋଗକାରୀ ଦାବି କରିଥିଲେ । ଅନ୍ୟପକ୍ଷରେ, ରାହୁଲ ଏହି ଅଭିଯୋଗକୁ ଅସ୍ୱୀକାର କରିବା ସହ ତାଙ୍କ ମନ୍ତବ୍ୟକୁ ପ୍ରସଙ୍ଗରୁ ଅଲଗା କରି ଉପସ୍ଥାପନ କରାଯାଇଥିବା କହିଥିଲେ । ଏହି ମାମଲାରେ ରାହୁଲ ୨୦୨୪ ଫେବ୍ରୁଆରୀରେ ଅଦାଲତରେ ହାଜର ହୋଇ ଜାମିନ ପାଇଥିଲେ । ପରବର୍ତ୍ତୀ ସମୟରେ ଉଭୟ ପକ୍ଷର ଯୁକ୍ତି ଶୁଣାଣି ହେବା ପରେ ଅଦାଲତ ରାୟ ପ୍ରକାଶ ପାଇଁ ତାରିଖ ଧାର୍ଯ୍ୟ କରିଥିଲେ । ଶୁଣାଣି ସମୟରେ ଅଭିଯୋଗକାରୀ ରାହୁଲଙ୍କ କଣ୍ଠସ୍ୱର ନମୁନାକୁ ସମ୍ପୃକ୍ତ ଭାଷଣର ରେକର୍ଡିଂ ସହ ତୁଳନା କରିବାକୁ ଆବେଦନ କରିଥିଲେ । ତେବେ ନିମ୍ନ ଅଦାଲତ ଏହି ଆବେଦନକୁ ଖାରଜ କରିଥିଲେ । ସୋହରାବୁଦ୍ଦିନ ଶେଖ୍ ଏନକାଉଣ୍ଟର ମାମଲାକୁ ନେଇ ରାହୁଲ ଏହି ମନ୍ତବ୍ୟ ଦେଇଥିବା କୁହାଯାଇଥିଲା । ଉକ୍ତ ମାମଲାରେ ୨୦୧୪ରେ ଏକ ସ୍ୱତନ୍ତ୍ର ସିବିଆଇ ଅଦାଲତ ଅମିତ ଶାହଙ୍କୁ ଦୋଷମୁକ୍ତ କରିଥିଲେ । ସୁଲତାନପୁର ଅଦାଲତଙ୍କ ରାୟ ପରେ ରାହୁଲ ଏହି ମାନହାନି ମାମଲାରୁ ମୁକ୍ତ ହୋଇଛନ୍ତି । ତେବେ ଅଭିଯୋଗକାରୀ ପକ୍ଷ ରାୟର ପ୍ରମାଣିତ ନକଲ ପାଇବା ପରେ ଉଚ୍ଚ ଅଦାଲତରେ ଏହାକୁ ଚ୍ୟାଲେଞ୍ଜ କରିବା ନେଇ ବିଚାର କରିବେ ବୋଲି ରିପୋର୍ଟରେ କୁହାଯାଇଛି ।

ଦରମରା ମହାନଦୀକୁ...

ପର୍ଯ୍ୟାପ୍ତ ସରକାରୀ ଜମି ରହିଥିବାରୁ ସମ୍ଭବତଃ ଏଠାରେ ଡ଼ାଟା ସେଣ୍ଟର ସ୍ଥାପନ ନିମନ୍ତେ କମ୍ପାନୀ କର୍ତ୍ତୃପକ୍ଷ ଆଗ୍ରହ ପ୍ରକାଶ କରିଥିବା ମନେ କରାଯାଉଛି । ଡ଼ାଟାସେଣ୍ଟର ସବୁଜଶକ୍ତି (ସୌର ଶକ୍ତି) ଦ୍ୱାରା ପରିଚାଳିତ ହେବ ବୋଲି କୁହାଯାଉଛି । ମାତ୍ର ଏଥିପାଇଁ ଆବଶ୍ୟକ ହେଉଥିବା ବିପୁଳ ଜଳର ଉପଲବ୍ଧତାକୁ ନେଇ ଏବେ ସାଧାରଣରେ ପ୍ରଶ୍ନ ଉଠିଛି । ଡାଟା ସେଣ୍ଟରରେ ସର୍ଭରଗୁଡ଼ିକ ଦିନରାତି କାର୍ଯ୍ୟ କରୁଥିବାରୁ ବିପୁଳ ଉତ୍ତାପ ସୃଷ୍ଟି ହୁଏ । ଏହାକୁ ନିୟନ୍ତ୍ରଣ କରିବା ପାଇଁ ଅନେକ କେନ୍ଦ୍ରରେ ଜଳଭିତ୍ତିକ ଶୀତଳୀକରଣ ବ୍ୟବସ୍ଥା କରାଯାଇଥାଏ । ବାଷ୍ପୀକରଣ ମାଧ୍ୟମରେ ଉତ୍ତାପ ବାହାରକୁ ନିଷ୍କାସିତ ହେଉଥିବାରୁ ବ୍ୟବହୃତ ଜଳର ଏକ ବଡ଼ ଅଂଶ ବାଷ୍ପ ହୋଇ ଚାଲିଯାଏ । ବିଭିନ୍ନ ଅଧ୍ୟୟନ ଅନୁସାରେ ଏକ ବୃହତ୍ ଡ଼ାଟା ସେଣ୍ଟର ନିମନ୍ତେ ଦୈନିକ ଅନ୍ୟୂନ ୧.୯ କୋଟି ଲିଟର ଜଳ ବ୍ୟବହାର ହୋଇଥାଏ । ଅର୍ଥାତ୍ କଟକ ଜିଲ୍ଲାର ୩୨ ଲକ୍ଷ ଲୋକଙ୍କ ଦୈନିକ ପାନୀୟ ଜଳ ଆବଶ୍ୟକତା ପାଖାପାଖି ୯୦ ଲକ୍ଷ ଲିଟର ହୋଇଥିବାବେଳେ ଡ଼ାଟାସେଣ୍ଟର ଶୀତଳୀକରଣ ନିମନ୍ତେ ଗୋଟିଏ ଦିନରେ ଏହାର ଦୁଇଗୁଣ ପାଣି ଆବଶ୍ୟକ ହେବ । ଛତିଶଗଡ଼ର ଅଦଉତି ଯୋଗୁଁ ମହାନଦୀ ଏବେ ମୃତପ୍ରାୟ ସ୍ଥିତିରେ ଥିବାବେଳେ ଡ଼ାଟା ସେଣ୍ଟର ପାଇଁ ଏତେ ପାଣି କେଉଁଠୁ ଆସିବ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି । ପୁଣି ନରାଜ ବ୍ୟାରେଜରୁ ଯଦି ଡ଼ାଟା ସେଣ୍ଟର ପାଇଁ ଜଳ ଆହରଣ କରାଯାଏ, ତେବେ ପାନୀୟ ଜଳ ଓ ଜଳସେଚନ ପାଇଁ ମହାନଦୀ ଉପରେ ନିର୍ଭର କରୁଥିବା କଟକ ଓ ଏହାର ସନ୍ନିକଟ ଜିଲ୍ଲାଗୁଡ଼ିକର ଅଧିବାସୀ ପ୍ରଭାବିତ ହୋଇପାରନ୍ତି ବୋଲି ମଧ୍ୟ ଆଶଙ୍କା କରାଯାଉଛି ।

ଭାରତୀୟ ରିଜର୍ଭ ବ୍ୟାଙ୍କର ୧୬୯ କୋଟି ଟଙ୍କାର ଡାଟା ସେଣ୍ଟର ପ୍ରକଳ୍ପକୁ ନିକଟରେ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି । ସେହିପରି ରାଜ୍ୟ ସରକାର ୨୬୬.୪୮ କୋଟି ଟଙ୍କା ବ୍ୟୟରେ ନିଜସ୍ୱ ଅତ୍ୟାଧୁନିକ ଡାଟା ସେଣ୍ଟର ମଧ୍ୟ ସ୍ଥାପନ କରୁଥିବାବେଳେ ଏଚସିଏଲ୍ ଟେକ୍ ୧୪୨୫୭ କୋଟି ନିବେଶରେ ଓଡ଼ିଶାରେ ଏକ ଡ଼ାଟାସେଣ୍ଟର ସ୍ଥାପନ ନିମନ୍ତେ ରାଜ୍ୟ ସରକାରଙ୍କ ସହ ଚୁକ୍ତି କରିଛି । ଅନୁରୂପ ଭାବରେ ଖୋର୍ଦ୍ଧାରେ ଜୋହୋ କର୍ପୋରେସନ୍ ୩୦୬ କୋଟି ଟଙ୍କା ବ୍ୟୟରେ ଏକ ଡାଟା ସେଣ୍ଟର ଓ ଆଦାନୀ ଗ୍ରୁପ୍ ୮୦୦ କୋଟି ଟଙ୍କା ନିବେଶରେ ଏକ ହାଇପରସ୍କେଲ ଡ଼ାଟାସେଣ୍ଟର ସ୍ଥାପନ ପାଇଁ ବୁଝାମଣା କରିଥିବା କୁହାଯାଉଛି । ମାତ୍ର ଏହି ଡ଼ାଟାସେଣ୍ଟରଗୁଡ଼ିକର ଆକାର ଛୋଟ ହୋଇଥିବାରୁ ଏହାକୁ ନେଇ ବିଶେଷ ଆପତ୍ତି ଉଠିନାହିଁ । ମାତ୍ର ୧ ଗିଗାୱାଟ କ୍ଷମତା ବିଶିଷ୍ଟ ଏଆଇ ଡ଼ାଟାସେଣ୍ଟର ନିମନ୍ତେ ଆବଶ୍ୟକ ଜଳ, ବିଦ୍ୟୁତ୍‌କୁ ନେଇ ଏବେ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି ।

ଓଡ଼ିଶାର ଆଇନଶୃଙ୍ଖଳାକୁ...

ଅନୁସାରେ ହିଂସାତ୍ମକ ଅପରାଧରେ ଓଡିଶା ଆଗୁଆ ଥିବାବେଳେ ମହିଳା ବିରୋଧୀ ହିଂସା କ୍ଷେତ୍ରରେ ସାରା ଦେଶରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ରାଜ୍ୟରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି, ଆଇନଶୃଙ୍ଖଳାର ଅବନତି ସଂକ୍ରାନ୍ତରେ ଜାତୀୟ ଅପରାଧ ଅନୁସନ୍ଧାନ ବ୍ୟୁରୋ (ଏନ୍‌ସିଆରବି)ର ରାଜ୍ୟ ନିର୍ଦ୍ଦେଶକଙ୍କ ସମେତ ୧୦ ଜଣ ବ୍ୟକ୍ତି କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡିଥିଲେ । ରାଜ୍ୟରେ ବିଗୁଡୁଥିବା ଆଇନଶୃଙ୍ଖଳା ପରିସ୍ଥିତି ଏବଂ ହାଜତ ହିଂସାଗୁଡ଼ିକ ସମ୍ପର୍କରେ ଉଲ୍ଲେଖ କରି ଏ ଦିଗରେ କେନ୍ଦ୍ର ଗୃହ ବିଭାଗ ପଦକ୍ଷେପ ଗ୍ରହଣ କରିବାକୁ ଚିଠି ଲେଖିଥିଲେ । ରାଜ୍ୟରେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ଖରାପ ହେବା ସହ ହାଜତ ହିଂସା, ବେଆଇନ୍ ଅଟକ, ପୁଲିସ କ୍ଷମତାର ଅପବ୍ୟବହାର ଆଦି ସମ୍ପର୍କରେ ନିର୍ଦ୍ଦିଷ୍ଟ ଅଭିଯୋଗ ଏହି ଚିଠିରେ ଉଲ୍ଲେଖ ରହିଥିଲା ।

ଅଢ଼େଇ ବର୍ଷ ପ୍ରମୁଖ ଅପରାଧ

୧-ବାଲିଅନ୍ତା ଜିଆରପି କନଷ୍ଟେବଲ ସୌମ୍ୟରଞ୍ଜନ ହତ୍ୟାକାଣ୍ଡ
୨-କଣାସ ମୃତ୍ୟୁଞ୍ଜୟ ବରୀମୁଲ୍ଲାଙ୍କୁ ମରଣାନ୍ତକ ଆକ୍ରମଣ
୩-ଝାରସୁଗୁଡ଼ା ରାହୁଲ ମହାତୋ ହତ୍ୟାକାଣ୍ଡ
୪-ନୟାଗଡ଼ ଜିଲ୍ଲାରେ ଅଜିତ ସାହୁ ହତ୍ୟାକାଣ୍ଡ
୫- ରାୟଗଡ଼ା ଜିଲ୍ଲାରେ ହଡ଼ପା ନିଖିଳ ହତ୍ୟାକାଣ୍ଡ
୬- କଟକ ଜିଲ୍ଲାରେ ଟିକନ ବେହେରା ହତ୍ୟାକାଣ୍ଡ
୭- ପୁରୀ ଜିଲ୍ଲାରେ ଲିପୁ ଜେନା ଓରଫ କାଳିଆ ହତ୍ୟାକାଣ୍ଡ
୮- କାମାକ୍ଷାନଗରରେ ନରହରି ମହାରଣାଙ୍କ ହତ୍ୟାକାଣ୍ଡ
୯- ବ୍ରହ୍ମପୁର ନିକଟରେ ଉମେଶ ରଥ ଓ ତାଙ୍କ ସହଯୋଗୀଙ୍କ ଉପରେ ଆକ୍ରମଣ
୧୦-ଗଞ୍ଜାମ ଜିଲ୍ଲାରେ ସୁଧୀର ପାତ୍ରଙ୍କ ଅପହରଣ ଓ ହତ୍ୟାକାଣ୍ଡ
୧୧-ବ୍ରହ୍ମପୁରରେ ମଗୁଲୁ ବେହେରାଙ୍କ ହତ୍ୟାକାଣ୍ଡ
୧୨-ମୟୂରଭଞ୍ଜ ଜିଲ୍ଲାରେ ଦୁଇ ଜଣଙ୍କ ହତ୍ୟାକାଣ୍ଡ
୧୩-ଗଞ୍ଜାମ ଜିଲ୍ଲାରେ ପୂଜା ସ୍ୱାଇଁ ନାମକ ଜଣେ ଗର୍ଭବତୀ ମହିଳାଙ୍କ ନିର୍ମମ ହତ୍ୟାକାଣ୍ଡ
୧୪-ବାଲିପାଟଣା ଅଞ୍ଚଳରେ ରାକେଶ ଦାସ ଓରଫ ମଣ୍ଟୁଙ୍କ ହତ୍ୟାକାଣ୍ଡ
୧୫-ବାଣପୁର ଥାନାରେ ଯୁବକଙ୍କୁ ବେଆଇନ ଅଟକ ଓ ମାଡ଼ ମାରିବା
୧୬- ତିଖିରି ସରପଞ୍ଚ ଚାମେଲୀ ଓଝାଙ୍କ ବିରୋଧରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ

ପ୍ରାଥମିକ ଶିକ୍ଷକ ସଂଘର ଚେତାବନୀ

ଦାବି ପୂରଣ ନ ହେଲେ ଆନ୍ଦୋଳନ

ଭୁବନେଶ୍ୱର, ୨୬ ।୧୦(ସମିସ): ପ୍ରାଥମିକ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ସରକାର ଏକ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଗଠନ କରିଥିଲେ । ବିଭିନ୍ନ ଶିକ୍ଷକ ସଂଘ ସହିତ ଆଲୋଚନା ପରେ କମିଟି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବା ସହିତ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ସଚିବଙ୍କ ସହିତ ଆଲୋଚନା କରିଛି । ମାତ୍ର ଏବେଯାଏଁ କୌଣସି ଦାବି ପୂରଣ ହୋଇ ନ ଥିବାରୁ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ (ପିଷ୍ଟା) ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସଂଘ ପକ୍ଷରୁ କୁହାଯାଇଛି ଯେ ପ୍ରାଥମିକ ବିଦ୍ୟାଳୟରେ ବହୁ ଶିକ୍ଷକ ପଦ ଖାଲି ପଡିଛି । ଶିକ୍ଷକଙ୍କୁ ଅଣଶିକ୍ଷା କାର୍ଯ୍ୟରେ ନିୟୋଜିତ କରାଯାଉଛି । ପ୍ରଶାସନିକ କ୍ଷେତ୍ରରେ ମଧ୍ୟ ବହୁ ପଦ ଖାଲି ପଡ଼ିଛି । ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ), ସହ-ଶିକ୍ଷା ଅଧିକାରୀ ପଦ ଖାଲି ପଡିଥିବାରୁ ପ୍ରଶାସନିକ କାର୍ଯ୍ୟ ବାଟବଣା ହୋଇଛି । ଏଣୁ ସରକାର ତୁରନ୍ତ ଶିକ୍ଷକଙ୍କ ଦାବି ପୂରଣ କରିବା ସହ ଖାଲି ପଦରେ ନିଯୁକ୍ତି ପ୍ରଦାନ କରନ୍ତୁ । କେନ୍ଦ୍ରୀୟ ହାରରେ ଦରମା, ୬ ବର୍ଷର ଚୁକ୍ତିଭିତ୍ତିକ କାର୍ଯ୍ୟକାଳକୁ ନୋସନାଲ ଇନକ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା କରିବା, ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି, ସ୍ୱାସ୍ଥ୍ୟ ବୀମା ପ୍ରଦାନ ସହିତ ବଦଳି ପ୍ରକ୍ରିୟାକୁ ତୁରନ୍ତ ସାରିବାକୁ ଦାବି କରାଯାଇଛି ।

ପଶ୍ଚିମ ରେଳବାଇ – ରତଲାମ ଡିଭିଜନ୍

ଇ-ଟେଣ୍ଡର ବିଜ୍ଞପ୍ତି

ଟେଣ୍ଡର ନଂ.: Snt_RTM_W_26_Tele_18, ତାରିଖ: ୨୪.୧୦.୨୦୨୬ । କାର୍ଯ୍ୟର ନାମ: ରତଲାମ ଡିଭିଜନ୍, ପଶ୍ଚିମ ରେଳବାଇର ବିଭିନ୍ନ ସେକ୍ସନ୍‌ରେ Kavach/LTE ପାଇଁ ୪×୪୮ OFC ବ୍ୟାକବୋନ୍ ବ୍ୟବସ୍ଥା ସମ୍ବନ୍ଧରେ ଟେଲିକମ୍ୟୁନିକେସନ୍ ସାମଗ୍ରୀର ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ । କାର୍ଯ୍ୟର ଆନୁମାନିକ ମୂଲ୍ୟ: ଟ. ୬୯,୩୪,୨୯,୪୮୧.୫୮/- (ଅର୍ଥାତ୍ ଟ. ଅଣସ୍ତରି କୋଟି ଚଉତିରିଶ ଲକ୍ଷ ଅଣତିରିଶ ହଜାର ଚାରିଶହ ଏକାଅଶୀ ଟଙ୍କା ଅଠାବନ ପଇସା ମାତ୍ର) । ଟେଣ୍ଡର ଦସ୍ତାବିଜର ମୂଲ୍ୟ: ନିଲ୍ । ବଇନା ରାଶି (EMD): ଟ. ୧,୩୮,୬୮,୬୦୦.୦୦/- । କାର୍ଯ୍ୟ ସମାପ୍ତି ଅବଧି: ୧୮ (ଅଠର) ମାସ । ଇ-ଟେଣ୍ଡର ଦସ୍ତାବିଜ ଦାଖଲର ଶେଷ ତାରିଖ ଓ ସମୟ: ୨୫/୧୧/୨୦୨୬ ଦିନ ୧୫:୦୦ ଘଣ୍ଟା ପର୍ଯ୍ୟନ୍ତ । ଇ-ଟେଣ୍ଡର ଖୋଲିବାର ତାରିଖ ଓ ସମୟ: ୨୫/୧୧/୨୦୨୬ ଦିନ ୧୫:୩୦ ଘଣ୍ଟା ପରେ । ଅଫରର ବୈଧତା: ଟେଣ୍ଡର ଖୋଲିବା ତାରିଖଠାରୁ ୯୦ ଦିନ । ଟେଣ୍ଡର www.ireps.gov.in ୱେବସାଇଟ୍‌ରେ ଦେଖାଯାଇପାରିବ । CRY/305

Like us on: facebook.com/WesternRly

GOVERNMENT OF ODISHA
OFFICE OF THE SUPERINTENDING ENGINEER
PHULBANI (R&B) DIVISION, PHULBANI
AT/PO./PS- PHULBANI, PIN-762001
E-MAIL: - eeplbrb@gmail.com, Tel-06842-2532102
34001/1055/2627
INVITATION FOR BID (IFB)/ NOTICE INVITING TENDER (NIT)
e-Procurement Tender Call Notice
Bid Identification No.: - SE-R&B-PLB-13/2026-27, DATE: - 23.10.2026

Letter No. 6252 Date. 23.10.2026

The **Superintending Engineer, Phulbani (R&B) Division, Phulbani** on behalf of Governor of Odisha invites percentage rate bid in **Single Cover** system in **ONLINE MODE** for the construction of works detailed in the table below from **"MV", "HT", "D", "C" and "B" Class Contractors** registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil and Electrical works. The scanned of proof of registration from the appropriate authority shall be enclosed along with the bid.

1.	Name/Type of Work	:	"Building & Electrical Works"
2.	No. of Tender	:	11 (Eleven) Numbers
3.	Estimated Cost put to Tender. (T.S Amount)	:	Rs.0.73 Lakhs to Rs. 51.73 Lakhs
4.	E.M.D.	:	Rs.800/- to Rs. 51,800/-
5.	Period of completion	:	01 (One) & 12 (Twelve) Calendar Months.
6.	Class of Contractor or Eligibility of the bidders	:	**"MV", "HT", "D", "C" and "B" Class Contractors** (Orissa P.W.D. or equivalent class of other licensing authority) & (Electrical Contractors **from ELBO.**)
7.	Tender Cost or Cost of participation in on line Bid	:	Rs. 400/- to Rs. 10,000/- (Non-refundable) for Bid Documents.
8.	Availability of Bid document for on line bidding	:	From 27.10.2026 at 10:00 AM to 10.11.2026 up to 05:00 PM
9.	Clarification regarding bidding online	:	From 27.10.2026 at 10:00 AM to 10.11.2026 up to 05:00 PM
10.	Date, Time and Place of opening of the Technical Bid document	:	On 11.11.2026 at 11:30 AM in the Office of the Superintending Engineer, Phulbani (R&B) Division, at Phulbani, Dist: Kandhamala
11.	Date, Time and Place of opening of the Financial Bid document	:	1. On 11.11.2026 at 11:30 AM in the Office of the Superintending Engineer, Phulbani (R&B) Division, at Phulbani, Dist: Kandhamala for **(Serial No. 01 to 10)** 2. **To be Intimate Later. (Serial No. 11)**

The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future Addendums, corrigendums or cancellations will be available on ONLINE MODE only.

Superintending Engineer
Phulbani (R&B) Division, Phulbani
OIPR-34001/34066/1/26-27/0019

ଉପ-ଜିଲ୍ଲାପାଳ, ଟିଟିଲାଗଡ ତଥା କ୍ଷମତାପନ୍ନ ପ୍ରାଧିକାରୀ
କାର୍ଯ୍ୟାଳୟ, ଟିଟିଲାଗଡ
ଭାରତର ରାଜପତ୍ର
ଅସାଧାରଣ
ଭାଗ II - ଖଣ୍ଡ ୩ - ଉପଖଣ୍ଡ (ii)
ଭାରତ ସରକାର
ସଡକ ପରିବହନ ଏବଂ ରାଜମାର୍ଗ ମନ୍ତ୍ରାଳୟ
ଅଧିସୂଚନା
ନୂଆଦିଲ୍ଲୀ, ୩୦ ସେପ୍ଟେମ୍ବର ୨୦୨୬
ଜମି ଅଧିଗ୍ରହଣ
ସର୍ବସାଧାରଣ ବିଜ୍ଞପ୍ତି

କା. ଆ. ୫୪୦୧ (ଅ)- କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ଆଇନ ୧୯୫୬ ଧାରା ୪୮ ର ୧୯୫୬ (ର ଧାରା ୩ (କ) ଉପଧାରା ୩ (୧) ଭାରତ ସରକାର ସଡକ ପରିବହନ ଓ ରାଜମାର୍ଗ ମନ୍ତ୍ରାଳୟ ଦ୍ୱାରା ଓଡିଶା ରାଜ୍ୟର ଉପ-ଜିଲ୍ଲାପାଳ, ଟିଟିଲାଗଡ ଥାନା-ସଇଁତଳା, ଜିଲ୍ଲା ବଲାଙ୍ଗୀର ଅନ୍ତର୍ଗତ ଜାତୀୟ ରାଜପଥ-୨୬ ର ୧୧୩/୯୬୦ କି.ମି ରେ ଲାଂଥ-୧ ଏବଂ ୧୧୪/୪୪୬ କି.ମି ରେ ଲାଂଥ-୨ ଠାରେ ନୂତନ ବ୍ରିଜ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କ ବ୍ୟୟ ରେ ନିମ୍ନ ତହସିଲଭୁକ୍ତ ଜମିକୁ ସାର୍ବଜନୀନ ଉଦ୍ଦେଶ୍ୟ ରେ ଅଧିଗ୍ରହଣ ପାଇଁ ଆବଶ୍ୟକ ହେଉଅଛି | ଯେହେତୁ ଜାତୀୟ ରାଜପଥ ଆଇନ ୧୯୫୬ (୧୯୫୬ ର ୪୮ ଆଇନ ନଂ) ର ଧାରା ୩ (କ) ର ଉପଧାରା ଅନୁଯାୟୀ କେନ୍ଦ୍ର ସରକାର ତାଙ୍କର ଅଧିସୂଚନା ଦ୍ୱାରା ପ୍ରୋକ୍ତ ଉଦ୍ଦେଶ୍ୟରେ ପ୍ରକାଶ କରିଅଛନ୍ତି | ଏତଦ୍ୱାରା ତଫସିଲଭୁକ୍ତ ଜମିର ସତ୍ୱବାନ ବ୍ୟକ୍ତି, ଭୂମି ମାଲିକ, ସ୍ୱାର୍ଥ ଥିବା ବ୍ୟକ୍ତି ମାନଙ୍କୁ ଜଣାଇ ଦିଆଯାଉଛି ଯେ ସର୍ବସାଧାରଣ ବିଜ୍ଞପ୍ତି ପ୍ରକାଶ ହେବା ୨୧ (ଏକୋଇଶ) ଦିନ ମଧ୍ୟରେ ଉପରୋକ୍ତ ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ ଯଦି କୌଣସି ଆପତ୍ତି ଥାଏ ତାହା ହେଲେ ସେ ନିଜେ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତି ଉପ-ଜିଲ୍ଲାପାଳ ତଥା କ୍ଷମତାପନ୍ନ ପ୍ରାଧିକାରୀ ଙ୍କ କାର୍ଯ୍ୟାଳୟ, ଟିଟିଲାଗଡ ଠାରେ ଜାତୀୟ ରାଜପଥ ପ୍ରକଳ୍ପ ନଂ -୨୬ ଙ୍କ କାର୍ଯ୍ୟାଳୟ ରେ ଏ ସମ୍ପର୍କ ରେ ଧାରା ୩ (ଗ) ଉପଧାର (୨) ଅନୁଯାଇ କ୍ଷମତାପନ୍ନ ପ୍ରାଧିକାରୀ ଙ୍କ ଆଦେଶ ଚୂଡାନ୍ତ ବିବେଚିତ ହେବ | ଉକ୍ତ ଜମି ର ବିଷଦ ବିବରଣୀ ଉପ-ଜିଲ୍ଲାପାଳ ତଥା କ୍ଷମତାପନ୍ନ ପ୍ରାଧିକାରୀ ଜାତୀୟ ରାଜପଥ ନଂ -୨୬ ଟିଟିଲାଗଡ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ସର୍ବସାଧାରଣ ନୀରିକ୍ଷଣ କରିବା ନିମନ୍ତେ ଉପଲବ୍ଧ ହୋଇଅଛି |

ସୂଚୀ

ଓଡିଶା ରାଜ୍ୟରେ ଜାତୀୟ ରାଜପଥ ନଂ – ୨୬ ର ୧୧୩/୯୬୦ କି.ମି ରେ ଲାଥ-୧ ଏବଂ ୧୧୪/୪୪୬ କି.ମି ରେ ଲାଂଥ-୨ ଠାରେ ନୂତନ ବ୍ରିଜ ପାଇଁ ଅଧିକୃତ କରାଯିବାକୁ ଥିବା ଜମିର ବିବରଣୀ ସହିତ ଏହାର ସଂରଚନା, ଯେଉଁ ଜମି ଉପରେ ରାସ୍ତା ନିର୍ମିତ ହେବ ତାହାର ସଂକ୍ଷିପ୍ତ ବିବରଣୀ ।

SCAN QR CODE

https://drive.google.com/file/d/1RAGqgNuf9EWFHSmMFDRbEaFPSLirKsgc/view?usp=drivesdk

କଳିଙ୍ଗ ବୈଶ୍ୟ ମହାସଂଘ, ଓଡିଶା
ମୁଖ୍ୟ କାର୍ଯ୍ୟାଳୟ : ଜୌରା ସାହି (କନ୍ୟକା ପରମେଶ୍ୱରୀ ମନ୍ଦିର), ବ୍ରହ୍ମପୁର-୭୬୦ ୦୦୯(ଗଞ୍ଜାମ)
KALINGA VYSYA MAHASANGH, ODISHA
Head Office: Joura Street (Kanyaka Parameswari Temple) BERHAMPUR-760 009 (Ganjam)
Office of the Election Committee: For The By-Election of Joint Secretary Post
ନିର୍ବାଚନ କମିଟି କାର୍ଯ୍ୟାଳୟ : ମହାସଂଘ ଯୁଗ୍ମ ସଂପାଦକ ପଦବୀର ଉପ-ନିର୍ବାଚନ ନିମନ୍ତେ

Ref. No.:- KVMS/ELC/02/2026-27 Date:- 26/10/2026

ବିଜ୍ଞାପନ

ଏତଦ୍ୱାରା କଳିଙ୍ଗ ବୈଶ୍ୟ ମହାସଂଘ ଅନ୍ତର୍ଗତ ସମସ୍ତ ନିୟମିତ ସଭ୍ୟ, ମହାସଂଘ ସ୍ୱୀକୃତି ପ୍ରାପ୍ତ ସମସ୍ତ ସଂଘ ଓ ଅଂଚଳ ମାନଙ୍କୁ ସୂଚିତ କରାଯାଉଅଛି ଯେ, ମହାସଂଘ କାର୍ଯ୍ୟନିର୍ବାହୀ କମିଟି ବୈଠକର ନିଷ୍ପତି କ୍ରମେ ଗତ ତା୨୬/୧୦/୨୦୨୬ରିଖର ମହାସଂଘ ପତ୍ର ସଂଖ୍ୟା KVIMS No. 55/00.002/2026-27 ଅନୁଯାୟୀ ନିଲ ଥିବା ମହାସଂଘ ଯୁଗ୍ମ-ସଂପାଦକ ପଦବୀ ନିମନ୍ତେ ଉପ-ନିର୍ବାଚନ ଆଗାମୀ ତା୨୮/୧୧/୨୦୨୬ରିଖ, ଶନିବାର ଦିନ ନୟାଗଡ଼, ଜିଲ୍ଲାପାଳ କାର୍ଯ୍ୟାଳୟ ଛକସ୍ଥିତ ନୟାଗଡ଼ ଅଂଚଳ କଳିଙ୍ଗ ବୈଶ୍ୟ ସଂଘ ଗୃହ ଠାରେ ଅନୁଷ୍ଠିତ ହେବ ।
ନିର୍ବାଚନ କମିଟି ଦ୍ୱାରା ପ୍ରଣୀତ ନିମ୍ନ କାର୍ଯ୍ୟସୂଚୀ ପ୍ରକାରେ ସମସ୍ତ ନିର୍ବାଚନ କାର୍ଯ୍ୟ ପରିଚାଳନା କରାଯିବା ପାଇଁ ସର୍ବସମ୍ମତି ନିଷ୍ପତି ଗ୍ରହଣ କରାଯାଇଅଛି ।
କାର୍ଯ୍ୟସୂଚୀ:-
୧. ତା.୨୫/୧୧/୨୦୨୬(ବୁଧବାର):- ପୂର୍ବାହ୍ନ ଘ.୧୦.୦୦ ଟା ସମୟରେ ବ୍ରହ୍ମପୁର ଜୌରା ସାହିସ୍ଥିତ ମହାସଂଘ ମୁଖ୍ୟ କାର୍ଯ୍ୟାଳୟ ଠାରେ ଭୋଟର (ମହାସଂଘ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ବୃନ୍ଦ) ତାଲିକା ପ୍ରକାଶନ । ଯାହାକି ମହାସଂଘର ୱେବ୍‌ସାଇଟ୍ kvms.in.net ରେ ଉପଲବ୍ଧ କରାଯିବ)
୨. ତା.୨୫/୧୧/୨୦୨୬(ବୁଧବାର):- ପୂର୍ବାହ୍ନ ଘ. ୧୦.୧୫ ମିନଟ୍ ଠାରୁ ମଧ୍ୟାହ୍ନ ଘ. ୧୨.୦୦ ପର୍ଯ୍ୟନ୍ତ ବ୍ରହ୍ମପୁର ଜୌରା ସାହିସ୍ଥିତ ମହାସଂଘ ମୁଖ୍ୟ କାର୍ଯ୍ୟାଳୟଠାରେ ନିର୍ବାଚନ କମିଟି ଠାରେ ନାମାଙ୍କନ ପତ୍ର ଉପଲବ୍ଧ ଏବଂ ନାମାଙ୍କନ ପତ୍ର ଦାଖଲ ।
୩. ତା୨୫/୧୧/୨୦୨୬ (ବୁଧବାର) :- ପ୍ରାର୍ଥୀପତ୍ର ଯାଂଚ ପରେ ଅପରାହ୍ନ ଘ. ୧୨.୩୦ ମିନଟ୍ ସମୟରେ ବ୍ରହ୍ମପୁର ଜୌରା ସାହିସ୍ଥିତ ମହାସଂଘ ମୁଖ୍ୟ କାର୍ଯ୍ୟାଳୟ ଠାରେ ବୈଧ ପ୍ରାର୍ଥୀ ତାଲିକା ପ୍ରକାଶନ ।
୪. ତା୨୫/୧୧/୨୦୨୬(ବୁଧବାର):-ଅପରାହ୍ନ ଘ. ୧୨.୩୧ ମିନଟ୍ ଠାରୁ ଅପରାହ୍ନ ଘ. ୦୧.୩୦ ମିନଟ୍ ପର୍ଯ୍ୟନ୍ତ ବ୍ରହ୍ମପୁର ଜୌରା ସାହିସ୍ଥିତ ମହାସଂଘ ମୁଖ୍ୟ କାର୍ଯ୍ୟାଳୟ ଠାରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ।
୫. ତା୨୫/୧୧/୨୦୨୬(ବୁଧବାର):-ଅପରାହ୍ନ ଘ. ୦୧.୪୦ ମିନଟ୍ ସମୟେ ବ୍ରହ୍ମପୁର ଜୌରା ସାହିସ୍ଥିତ ମହାସଂଘ ମୁଖ୍ୟ କାର୍ଯ୍ୟାଳୟ ଠାରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶନ ।
୬. ତା୨୮/୧୧/୨୦୨୬(ଶନିବାର):- ଆବଶ୍ୟକ ସ୍ଥଳ ନୟାଗଡ଼, ଜିଲ୍ଲାପାଳ କାର୍ଯ୍ୟାଳୟ ଛକସ୍ଥିତ ନୟାଗଡ଼ ଅଂଚଳ କଳିଙ୍ଗ ବୈଶ୍ୟ ସଂଘ ଗୃହ ଠାରେ ଅପରାହ୍ନ ଘ. ୦୨.୦୦ ଠାରୁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ । ଭୋଟ ଗ୍ରହଣ: ଅପରାହ୍ନ ଘ. ୦୨.୧୫ ମିନଟ୍ ଠାରୁ ଘ. ୦୩.୩୦ ମିନଟ୍ ପର୍ଯ୍ୟନ୍ତ ।
୭. ତା୨୮/୧୧/୨୦୨୬(ଶନିବାର):- ଭୋଟ ଗ୍ରହଣ ସମାପ୍ତି ପରେ ପ୍ରାର୍ଥୀ ମାନଙ୍କ ଉପସ୍ଥିତିରେ ଭୋଟ ଗଣତି କାର୍ଯ୍ୟକ୍ରମ ଓ ତତ୍ପରେ ନିର୍ବାଚିତ ପ୍ରାର୍ଥୀଙ୍କ ନାମ ଘୋଷଣା ଓ ଶପଥ ପାଠ ।

ତୁମୁଲ ସତ୍ୟନାରାୟଣ ପାତ୍ର
ଅଧକ୍ଷ, ନିର୍ବାଚନ କମିଟି

OFFICE OF THE SUPERINTENDING ENGINEER
MINOR IRRIGATION DIVISION GAJAPATI
PARALAKHEMUNDI
E-mail: semidparalakhemundi@gmail.com
32001/1119/2627

No. 3322 Dated 23.10.2026

Tender Cancellation Notice

The tender for all the works under Bid Identification No. MIDGJP-05/2026-27 and MIDGJP-06/2026-27, invited vide this Office Lr. No. 2842 dated 03.09.2026 and No. 2856 dated 03.09.2026, respectively, have been cancelled due to the abnormally low rates quoted by the L1 bidders, unsatisfactory justification furnished by them, and failure to submit the requisite detailed price analysis despite repeated reminders. Accordingly, the Technical Evaluation Committee constituted at the Division Level recommended cancellation of the tenders, as the bidders failed to justify satisfactorily their quoted rates for the works vide Bid Id mentioned above. The process of Re-tendering the said works will be initiated shortly.

Superintending Engineer
MI division, Gajapati
Paralakhemundi

OIPR-32001/32013/1/26-27/0008

OFFICE OF THE DIVISIONAL FOREST OFFICER : BANAIGADA FOREST DIVISION
At/PO.- Banaigada, Dist. Sundargarh- 770038
Email- dfo.bonai@odisha.gov.in
8001/406/2627

No. 194/1F(Acct.) Dated: 15.10.2026

INVITATION FOR BIDS
Bid Identification No. 4 Online

The Divisional Forest Officer, Banaigada on behalf of Governor of Odisha invites percentage rate bids in Single cover system in ONLINE MODE.

1.	**Nature of Works**	Construction of VSS Building
2.	**No. of Works**	17 nos (Seventeen).
3.	**Bid Cost**	Rs.6,000/-
4.	**Estimated Cost**	Rs.10.88 lakhs (Excluding 18% GST)
5.	**Tenderer Class**	'C & D' Class
6.	**Date & Time of availability of the Tender documents**	21th Oct-2026 to 30th Oct- 2026 up to 5.30 P.M.
7.	**Last date & time of receipt of bids in portal**	30th Oct-2026 up to 5.00 P.M.
8.	**Date of opening of Bid**	31th Oct-2026 at 11.00 A.M.
9.	The bidders have to participate in ONLINE bidding only. Further details can be seen from the website: https://tendersodisha.gov.in / https://sundargarh.odisha.gov.in Any addendum/corrigendum/ cancellation of tender can also be seen in the said website only.	

Divisional Forest Officer,
Banaigada Division.

OIPR-8001/8040/1/26-27/0008

GOVERNMENT OF ODISHA
DEPARTMENT OF WATER RESOURCES,
O/O THE SUPERINTENDING ENGINEER,
ANUGOLA INVESTIGATION DIVISION,
ANUGOLA, ODISHA.
Email Id- seidangul@gmail.com
32001/1126/2627

NOTICE INVITING TENDER
'e' Procurement Notice No. SEID-AGL-48 OF 2026-27

The Superintending Engineer, Anugola Investigation Division, Anugola on behalf of the Governor of Odisha invites **percentage-rate bids through the single-cover system** from eligible agencies as detailed below:

1	Name of work	Socio-Economic survey & preparation of R&R plan for the project affected villages of Champalijore irrigation project under Sambalpur District of Odisha.
2	Eligibility of Agency	Consultancy Firm/ Company/ LLP/ Society/ Trust/ Research Institution duly empanelled by the Department of Revenue & Disaster Management, Government of Odisha.
3	Bid Cost	Rs. 6,000/- to be transferred online (non-refundable).
4	E.M.D.	Rs. 22,070/- to be submitted online.
5	Period of completion	06 (six Months)
6	Availability of tender Documents and online submission bids	From 1:00 PM of 29.10.2026 to 1:00 P.M of 12.11.2026 in the website (www.tendersodisha.gov.in)
7	Date & time for opening of bids	13.11.2026 at 11:00 AM and onwards.
8	Name and Address of Officer Inviting Tender (OIT)	Superintending Engineer, Anugola Investigation Division, Anugola, At-New Irrigation Colony, PO- Hakimpada, Dist- Anugola, PIN-759143 Odisha. e-mail Id- seidangul@gmail.com

Further details can be seen from the e-procurement portal of Government Odisha at www.tendersodisha.gov.in). Any addendum/corrigendum/cancellation of tender can also be seen in the said site.

Superintending Engineer
Anugola Investigation Division,
Anugola.

OIPR-32001/32515/1/26-27/0004

AFFIDAVIT
I, Kuntala Kumari Panigrahi, D/O Late Soura Panigrahi, Resident of At/PO: Old LIC Building, Pujariput, Koraput, Dist.: Koraput, Odisha, PIN-764020, declare by the Affidavit No: 2388 Dated: 22.10.2026, that now onwards I shall be known as **KUNTALA KUMARI DAS** for all future purposes.

AFFIDAVIT
By virtue of an affidavit no 13314, sworn before the executive magistrate Jajpur on dtd 23/10/2026. I Namita Dalai, aged 35years,D/O-Minati Dalai, W/O-Jadumani Behera, permanent resident of Vill/ p.o-Anikana Mandari, P.s-Bari Ramachandrapur, Odisha, Pin-755010, declared that i have changed my name from NAMITA BEHERA(Old Name) to NAMITA DALAI(New Name) Henceforth she shall be known as **NAMITA DALAI** for all future purposes.

AFFIDAVIT
By virtue of an affidavit sworn before Executive Magistrate, Puri dated. 26.10.2026 I, Das Samanta P Rebati Raman Address House No-328, Sarbodayanagar, Gundicha vihar, PS-Talbania, Dist-Puri, Pin-752002, declare that I have changed my name from Samantaray Rebati Raman to Das Samanta P Rebati Raman Henceforth, I shall beknown as **Das Samanta P Rebati Raman** for all purposes.
Das Samanta P Rebati Raman

AFFIDAVIT
By virtue of an affidavit no 12301, sworn before the executive magistrate Jajpur on dtd 19/09/2026, I Sairindri Kumari Mallick, aged 76 years,W/O-Late Gobardhan Mallick, permanent resident of Vill-Nalmallikapatna, p.o/p.s-Mangalpur, Dist-Jajpur, Odisha, Pin-755011 declared that I have changed my name from SOURINDRI MALLIK (Old Name) to SAIRINDRI KUMARI MALLICK (New Name) Henceforth she shall be known as **SAIRINDRI KUMARI MALLICK** for all future purposes

AFFIDAVIT
By virtue of an affidavit sworn before the Executive Magistrate, Purushottampur, Ganjam, I, Sujit Panigrahy, H/O Sasmita Kumari Panda, resident of Vill/PO – Bipulingi, via Chatrapur, Dist. – Ganjam, Odisha, vide affidavit no. 1012 dt 23.10.2026, that now onwards I will be known as **Sujit Kumar Panigrahy,** for all future purposes.

AFFIDAVIT
By virtue of an affidavit no 3606, sworn before the notary public swampatana on dtd 25/10/2026. I Surekha paida,D/O-Sudam paida, permanent resident of Vill-Karanjiapada, P.o-Kapundi, P.s-Patna, Dist- Keonjhar, Odisha, Pin-758016. declared that I have changed my name from SULEKHA PAIDA (Old Name) to SUREKHA PAIDA (New Name) Henceforth she shall be known as **SUREKHA PAIDA, D/O-SUDAM PAIDA** for all future purposes.

AFFIDAVIT
I, Dinesh Kumar Singhania, aged about 55 years, S/o-Late Nathmal Singhania, resident of Duplex No.1, Balaji Green, PO- Budharaja pin-768004, PS- Ainthapali, Dist- Sambalpur, Odisha declared by this affidavit No. 28408, dtd- 26.10.2026 that now onwards I shall be known as **DINESH SINGHANIA** for all future purposes.

କାର୍ତ୍ତିକ ଆରମ୍ଭରୁ ପରିବା ଦର ଆକାଶଛୁଆଁ

ବାଲେଶ୍ୱର, ୨୬।୧୦ (ସମିସ)

ଆରମ୍ଭ ହୋଇଛି ପବିତ୍ର କାର୍ତ୍ତିକ ମାସ। ଧର୍ମ, ଆଧ୍ୟାତ୍ମିକତା ଓ ସଂଯମର ଏହି ମାସରେ ଅନେକ ପରିବାର ଖାଦ୍ୟପେୟରେ ସଂଯମ ରକ୍ଷା କରିବା ସହ ନିରାମିଷ ଭୋଜନକୁ ଗୁରୁତ୍ୱ ଦେଇଥାନ୍ତି। ହେଲେ କାର୍ତ୍ତିକ ମାସ ଆରମ୍ଭ ହେଉ ହେଉ ବାଲେଶ୍ୱର ବଜାରରେ ପରିବା ଦରରେ ଅହେତୁକ ବୃଦ୍ଧି ଖାଉଟିଙ୍କ ଚିନ୍ତା ବଢ଼ାଇଦେଇଛି। ବିଭିନ୍ନ ପରିବାର କିଲୋ ପ୍ରତି ଦର ଶହେ ଟଙ୍କା ଅତିକ୍ରମ କରିଥିବାବେଳେ ଦୈନନ୍ଦିନ ରୋଷେଇ ବଜେଟ୍‌କୁ ନେଇ ହରଡ଼ଘଣାରେ ପଡ଼ିଛନ୍ତି ମଧ୍ୟବିତ୍ତ ଓ ନିମ୍ନ ଆୟବର୍ଗର ପରିବାର। ବାଲେଶ୍ୱର ସହରର ବିଭିନ୍ନ ପରିବା ବଜାରରେ ଅଧିକାଂଶ ପରିବାର ଦର ସାଧାରଣ ଖାଉଟିଙ୍କ ପକେଟ୍‌କୁ ବାଧୁଛି। ସଜନା ଛୁଇଁ କିଲୋ ପ୍ରତି ୧୬୦ ଟଙ୍କାରେ ବିକ୍ରି ହେଉଥିବାବେଳେ ସିମ ଦର ୧୨୦ ଟଙ୍କାରେ ପହଞ୍ଚିଛି। ସେହିପରି ମାଟି ଆଳୁ କିଲୋ ପ୍ରତି ୧୦୦ ଟଙ୍କା ରହିଛି। ଏହି ଦରବୃଦ୍ଧି ଯୋଗୁଁ ଅଳ୍ପ ପରିମାଣର ପରିବା କିଣିବାକୁ ମଧ୍ୟ ଖାଉଟିଙ୍କୁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଅନ୍ୟ ପରିବା ମଧ୍ୟରେ ପୋଟଳ କିଲୋ ପ୍ରତି ୫୦ ଟଙ୍କା, ବାଇଗଣ ୪୦ ଟଙ୍କା, ଭେଣ୍ଡି ୬୦ ଟଙ୍କା, ନାତୁକା ୮୦ ଟଙ୍କା, ଜହ୍ନି ୬୦ ଟଙ୍କା, କାକୁଡ଼ି ୫୦ ଟଙ୍କା, ବିଭିନ୍ନ ପ୍ରକାର ଶାଗ ୬୦ ଟଙ୍କା, କଲରା ୮୦ ଟଙ୍କା ଓ କାଙ୍କଡ଼ ୮୦ ଟଙ୍କା ରହିଛି। ସେହିପରି ଫୁଲକୋବି ଗୋଟା ପ୍ରତି ୫୦ ଟଙ୍କା, ବିଲାତି କିଲୋ ୪୦ ଟଙ୍କା ଏବଂ ସାରୁ କିଲୋ ୪୦ ଟଙ୍କାରେ ବିକ୍ରି ହେଉଛି। ଏହି ଦରରେ ଅଧିକାଂଶ ପରିବା କିଣିବାକୁ ହେଲେ ଖାଉଟିଙ୍କୁ ନିଜ ମାସିକ ଖର୍ଚ୍ଚରେ କାଟଛାଣ୍ଟ କରିବାକୁ ପଡୁଛି। ବିଶେଷକରି ପ୍ରତିଦିନ ମଜୁରି କରି ପରିବାର ଚଳାଉଥିବା ଶ୍ରମଜୀବୀ ଓ ସୀମିତ ଆୟରେ ଘର ଚଳାଉଥିବା ମଧ୍ୟବିତ୍ତ ପରିବାର ପାଇଁ ଏହି ଦରବୃଦ୍ଧି ଅଧିକ ସମସ୍ୟା ସୃଷ୍ଟି କରିଛି। ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ସହ ପରିବା କିଣିବାରେ ଅଧିକ ଖର୍ଚ୍ଚ ହେଉଥିବାରୁ ଘରର ମାସିକ ବଜେଟ୍ ବିଗିଡ଼ିବାରେ ଲାଗିଛି। ଫଳରେ ଅନେକ ଖାଉଟି ଆବଶ୍ୟକତା ଅନୁସାରେ ପରିବା କିଣିବା ପରିବର୍ତ୍ତେ କମ୍ ପରିମାଣରେ କିଣିବାକୁ ବାଧ ହେଉଛନ୍ତି।

ଏପଟେ ପରିବା ଦର ବୃଦ୍ଧି ପଛରେ ଗତ କିଛି ମାସ ଧରି ଲାଗିରହିଥିବା ବର୍ଷା ଓ ବନ୍ୟାକୁ ଏକ ପ୍ରମୁଖ କାରଣ ଭାବେ ଦର୍ଶାଯାଉଛି। ଗତ ତିନି ମାସ ମଧ୍ୟରେ ଲଗାଣ ବର୍ଷା ସହ ବନ୍ୟା ଯୋଗୁଁ ବିଭିନ୍ନ ଅଞ୍ଚଳରେ ପରିବା ଚାଷ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଫଳରେ ବଜାରକୁ ପରିବା ଯୋଗାଣ ପ୍ରଭାବିତ ହେବା ସହ ଉପଲବ୍ଧ ପରିବାର ଦର ବଢ଼ିଥିବା କୁହାଯାଉଛି। ସ୍ଥାନୀୟ ଚାଷୀଙ୍କ ଉତ୍ପାଦନ ହ୍ରାସ ପାଇବାରୁ ବ୍ୟବସାୟୀମାନେ ଅନ୍ୟ ସ୍ଥାନରୁ ପରିବା ସଂଗ୍ରହ କରି ବିକ୍ରି କରୁଛନ୍ତି। ଏଥିରେ ପରିବହନ ଓ କିଣା ଖର୍ଚ୍ଚ ଯୋଡ଼ି ହେବାରୁ ଖୁଚୁରା ବଜାରରେ ଦର ଉଚ୍ଚା ରହୁଥିବା ବ୍ୟବସାୟୀଙ୍କ ମତରୁ ଜଣାପଡ଼ିଛି। ଏ ସମ୍ପର୍କରେ ଦରଡ଼ା ଅଞ୍ଚଳର ପରିବା ବ୍ୟବସାୟୀ ଅଚ୍ୟୁତ ବେହେରା କହିଛନ୍ତି ଯେ ସେ ନିଜେ ବିଭିନ୍ନ ପ୍ରକାର ପରିବା ଚାଷ କରିଥିଲେ। କିନ୍ତୁ ଲଗାଣ ବର୍ଷା ଓ ବନ୍ୟା ଯୋଗୁଁ ତାଙ୍କ ଚାଷ ନଷ୍ଟ ହୋଇଯାଇଛି। ଏହାଦ୍ୱାରା ନିଜ ଉତ୍ପାଦିତ ପରିବା ବିକ୍ରି କରି ଜୀବିକା ନିର୍ବାହ କରିବା ସମ୍ଭବ ହୋଇନାହିଁ। ପରିବାର ପ୍ରତିପୋଷଣ ପାଇଁ ସେ ଏବେ ମହାଜନଙ୍କ ଠାରୁ ପରିବା କିଣି ଦୋକାନରେ ବିକ୍ରି କରୁଛନ୍ତି। ଫଳରେ କିଣା ଦର ଅଧିକ ରହୁଥିବାରୁ ଗ୍ରାହକଙ୍କୁ ମଧ୍ୟ ଅଧିକ ଦାମ୍‌ରେ ପରିବା ବିକ୍ରି କରିବାକୁ ପଡୁଛି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ କାର୍ତ୍ତିକ ମାସ ଆରମ୍ଭ ହୋଇଥିବାରୁ ଏହି ସମୟରେ ନିରାମିଷ ଖାଦ୍ୟ ପାଇଁ ପରିବାର ଚାହିଦା ବଢ଼ିବା ମଧ୍ୟ ଦର ଉପରେ ପ୍ରଭାବ ପକାଉଥିବା ବ୍ୟବସାୟୀ ମହଲରେ ଆଲୋଚନା ହେଉଛି। ତେବେ ବର୍ଷା ଓ ବନ୍ୟାରେ ଫସଲ ନଷ୍ଟ ହେବା ଯୋଗୁଁ ଯୋଗାଣ ହ୍ରାସ ଏବଂ ଚାହିଦା ବୃଦ୍ଧି ମିଶି ବଜାର ଦରକୁ ପ୍ରଭାବିତ କରୁଥିବା କୁହାଯାଉଛି। ସାମଗ୍ରିକ ଭାବେ କାର୍ତ୍ତିକ ମାସ ଆରମ୍ଭରୁ ପରିବା ଦରରେ ଏପରି ବୃଦ୍ଧି ସାଧାରଣ ଖାଉଟିଙ୍କ ପାଇଁ ଏକ ଚିନ୍ତାର କାରଣ ପାଲଟିଛି। ତେଣୁ ବଜାରରେ ପରିବା ଯୋଗାଣ ସ୍ୱାଭାବିକ କରିବା ସହ ଦର ଉପରେ ନଜର ରଖିବାକୁ ଖାଉଟି ମହଲରୁ ଆଶା ପ୍ରକାଶ ପାଉଛି। ଆଗାମୀ ଦିନରେ ପରିବା ଦର କମିବ କି ନାହିଁ, ତାହାକୁ ନେଇ ଏବେ ଖାଉଟିଙ୍କ ନଜର ରହିଛି।

କୁମାର ପୂର୍ଣ୍ଣିମା ଉତ୍ସବ ପାଳିତ

ବାଲେଶ୍ୱର, ୨୬।୧୦(ସମିସ): ପବିତ୍ର କୁମାର ପୂର୍ଣ୍ଣିମା ଉପଲକ୍ଷେ ସରକାରଙ୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ସାଧନା ଫାଉଣ୍ଡେସନ ପକ୍ଷରୁ ବାଲେଶ୍ୱର ସହରର ମେଘଦୂତ ସ୍ଥିତ ଶ୍ରୀରାମ ମଣ୍ଡପ ଠାରେ କୁମାର ଉତ୍ସବ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଅଞ୍ଚଳର ପିଲାଙ୍କ ମଧ୍ୟରେ ନୃତ୍ୟ ସଂଗୀତ ଚିତ୍ରାଙ୍କନ ପ୍ରଭୃତି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ ସନ୍ଧ୍ୟାରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡିଆ ସଂସ୍କୃତି ଓ ପରମ୍ପରା ରକ୍ଷା ଉପରେ ମତ ରଖିଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ବିଜେପି ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ ସୁସ୍ମିତା ପଣ୍ଡା, ସାମାଜିକ କର୍ମୀ ସଂଘମିତ୍ରା ମିଶ୍ର ପ୍ରମୁଖ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇ କୁମାର ପୂର୍ଣ୍ଣିମା ଉତ୍ସବ ଭଳି ଓଡିଆଙ୍କ ପୁରାତନ ପରମ୍ପରାର ସୁରକ୍ଷା ପାଇଁ ସାମୂହିକ ଉଦ୍ୟମ ଉପରେ ଗୁରୁତ୍ୱାରୋପ କରିଥିଲେ। ସାଧନା ଫାଉଣ୍ଡେସନର ସମ୍ପାଦିକା ସୁଜାତା ରାଣୀ ପଣ୍ଡା ଏଥିରେ ପୌରୋହିତ୍ୟ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତା କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଆଇନଜୀବୀ ପ୍ରଶାନ୍ତି ପଣ୍ଡା ଧନ୍ୟବାଦ ଦେଇଥିଲେ। ପୁଷ୍ପା ମହନ୍ତ, ଦେବଯାନୀ ମହାନ୍ତ, କଳ୍ପନା ବାରିକ, ଧରିତ୍ରୀ ସାମନ୍ତରାୟ, ପୁଷ୍ପାଞ୍ଜଳି ବେହେରା ପ୍ରମୁଖ ସାଧନା ଫାଉଣ୍ଡେସନର ସଦସ୍ୟାମାନେ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ। ଶ୍ରୀରାମ ନଗର ଟ୍ରଷ୍ଟର ଅନୀତା ପଣ୍ଡା, ସ୍ମିତା ମିଶ୍ର, ଏଲିନା ଗିରି, କାମିନୀ ବେହେରା, ଏୟାର ଫୋର୍ସ ଆସୋସିଏସନ ଓମେନ ୱିଙ୍ଗର ମିନତୀ ସାହୁ ଓ ମିନତୀ ପଣ୍ଡା ଏବଂ ପ୍ରିୟରାଣୀ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ସରକାରୀ ହାଟ ପିଣ୍ଡି ଜବରଦଖଲ ଅଭିଯୋଗ

ରାଜଘାଟ, ୨୬।୧୦ (ସମିସ): ବସ୍ତା ବ୍ଲକ ଅନ୍ତର୍ଗତ ଭେଲୋରା ଗ୍ରାମ ପଞ୍ଚାୟତରେ ସରକାରୀ ହାଟ ପିଣ୍ଡି ଜବରଦଖଲକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ନେଇ ଗ୍ରାମର ବସନ୍ତ କୁମାର ଭଦ୍ରଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ଅନୁସାରେ, ଉକ୍ତ ପଞ୍ଚାୟତର ମୁଖ୍ୟ ହାଟରେ ସରକାରୀ ଅନୁଦାନରେ ନିର୍ମିତ ହାଟ ପିଣ୍ଡିକୁ ଜଣେ ସ୍ଥାନୀୟ ମୁଷ୍ଟିମେୟ ପଟୁଡି ବ୍ୟବସାୟୀ ଦୀର୍ଘ ଦିନ ହେଲା ବେଆଇନ ଭାବେ ଜବରଦଖଲ କରି ସ୍ଥାୟୀ ଟିଣ ଘର କରି ବ୍ୟବହାର କରୁଛନ୍ତି। ଫଳରେ ହାଟକୁ ଆସୁଥିବା ଶତାଧିକ କ୍ଷୁଦ୍ର ବ୍ୟବସାୟୀ ଏବଂ ଚାଷୀ ବସିବାକୁ ଜାଗା ପାଉନାହାଁନ୍ତି। ସବୁଠୁ ଆଶ୍ଚର୍ଯ୍ୟର କଥା, ଏହି ଜବରଦଖଲରେ ଭେଲୋରା ପଞ୍ଚାୟତ ପିଇଓ ଗୁରୁପ୍ରସାଦ ସିଂ ଏବଂ ଜିପିଡିଓ ବିଷ୍ଣୁ ଚରଣ ଦାସ ସିଧାସଳଖ ସହଯୋଗ କରୁଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ବାରମ୍ବାର ବସ୍ତା ବିଡ଼ିଓଙ୍କୁ ଜଣାଇଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏଣୁ ଏହି ସରକାରୀ ସମ୍ପତ୍ତିକୁ ତୁରନ୍ତ ଜବରଦଖଲ ମୁକ୍ତ କରି ସମ୍ପୃକ୍ତ ବ୍ୟବସାୟୀ ଏବଂ ସହଯୋଗ କରୁଥିବା ପିଇଓ ଏବଂ ଜିପିଡିଓଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲାପାଳଙ୍କ ନିକଟରେ ଦାବି ହୋଇଛି।

ସିମୁଳିଆରେ ଗଜଲକ୍ଷ୍ମୀ ପୂଜା

ସିମୁଳିଆ, ୨୬।୧୦(ସମିସ): ସିମୁଳିଆ ବ୍ଲକ ମଇତାପୁରରେ ସର୍ବ ପୁରାତନ ମା' ଗଜଲକ୍ଷ୍ମୀ ପୂଜା ୧୦୫ ବର୍ଷରେ ପହଞ୍ଚିଛି। ସେହିପରି ଆଡା, ସବଙ୍ଗ, ଆନନ୍ଦପୁର, ବାଉରିପଦା, ମାର୍କୋଣା, ଅବଝୁଣା, ପୁରସ୍ତମପୁର, ଅଣ୍ଡାରାଇ କାଞ୍ଚପଡ଼ା, କନେଇବିନ୍ଧା, ବରୀ, ଜାମୁଝଡି, ବାଟି, କ୍ଷୀରୋକୁଣା, ଚାଲୁନିଗାଁ ଆଦି ପଞ୍ଚାୟତରେ ମା' ଲକ୍ଷ୍ମୀଙ୍କର ମେଢ଼ ଦେଖିବାକୁ ମିଳିଛି। ଏହି ପୂଜା ୩ରୁ ୫ ଦିନ ଧରି ଚାଲିବ।

ସାଧୁତାର ଶପଥ ପାଠ

ବାଲେଶ୍ୱର, ୨୬।୧୦(ସମିସ): ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟ କାର୍ଯ୍ୟାଳୟରେ ଦୁର୍ନୀତି ନିବାରଣ ନିମନ୍ତେ ସାଧୁତା ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜି ସକାଳ ସମୟରେ ଅଭିଯୋଜନ ନିର୍ଦ୍ଦେଶାଳୟ ପରିସରରେ ଜିଲ୍ଲା ଅଭିଯୋଜନ ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ଦୀପ୍ତି ରଞ୍ଜନ ସେଣ୍ଠ, ସରକାରୀ ନିର୍ଦ୍ଦେଶିକା ରାଣୀ ସସ୍ମିତା, ପିପି ଗୁଞ୍ଜନ ଶବରଙ୍କ ସମେତ ଏପିପି ଗୁରୁ ପ୍ରସାଦ ବେହେରା, ସୁମିତ୍ରା ପାଣ୍ଡେ, ଜଗବନ୍ଧୁ ସ୍ୱାଇଁ, ସତ୍ୟବ୍ରତ ବେହେରା, ମନ୍ମଥ ଲେଙ୍କା, ସବିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ରିଲିଫ୍ ଚାଉଳ ବଣ୍ଟନ

ରେମୁଣା, ୨୬।୧୦ (ସମିସ): ବର୍ଷା ଓ ବନ୍ୟାରେ ରେମୁଣା ଏନଏସିର ସମସ୍ତ ୱାର୍ଡ ପ୍ରଭାବିତ ହୋଇଥିଲା। ସରକାରୀ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ପ୍ରଚେଷ୍ଟାରେ ଏନଏସିର ସମସ୍ତ ୱାର୍ଡର ରାସନ କାର୍ଡଧାରୀଙ୍କୁ ରିଲିଫ ଚାଉଳ ବଣ୍ଟନ କରାଯାଇଛି। ଆଜି

ଗଣେଶ୍ୱରପୁର ୱାର୍ଡରେ ଥିବା ବାତ୍ୟାଆଶ୍ରୟସ୍ଥଳୀ ଅଫିସରେ ରିଲିଫ ଚାଉଳ ବଣ୍ଟନ କରାଯାଇଛି। ସାଂସଦଙ୍କ ପ୍ରତିନିଧି ଉମାକାନ୍ତ ପଣ୍ଡା ଲୋକଙ୍କୁ ଚାଉଳ ବଣ୍ଟନ କରିଥିଲେ। ବଡ଼ ଲୋକଙ୍କୁ ମୁଣ୍ଡପିଛା ୫ କିଲୋ ଓ ୧୨ ବର୍ଷରୁ କମ ବୟସର ପିଲାଙ୍କୁ ଅଢ଼େଇ କିଲୋ ଚାଉଳ ପ୍ରଦାନ କରାଯାଇଥିଲା। ଚାଉଳ ବଣ୍ଟନ ସମୟରେ ଏଡିଓ ସୁବ୍ରତ ଆଚାର୍ଯ୍ୟ, ସମାଜସେବୀ କୌଶିକ ବେହେରା, ସମାଜସେବୀ ହରେକୃଷ୍ଣ ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ଥଇଥାନ ନ କରି ଦୋକାନ ଭାଙ୍ଗିବା ପ୍ରତିବାଦରେ ଧାରଣା

ଔପଦା, ୨୬।୧୦(ସମିସ): ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ମୁଖ୍ୟାଳୟରେ ପ୍ରଶାସନ ପକ୍ଷରୁ ବ୍ୟବସାୟୀଙ୍କ ଥଇଥାନ ବ୍ୟବସ୍ଥା ନକରି ଜବରଦସ୍ତ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଥିବା ଅଭିଯୋଗ ହୋଇଛି। ଗତ ୨୩ ତାରିଖରେ ଔପଦା ବଜାରର ୩୫ ଜଣ ବ୍ୟବସାୟୀଙ୍କୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଥିବାବେଳେ, ବର୍ତ୍ତମାନ ପୁଣି ମେଡିକାଲ ସମ୍ମୁଖ ଓ ପଛପଟେ ଥିବା ୨୮ ଟି ଦୋକାନ ଗୃହକୁ ଭାଙ୍ଗିବା ପାଇଁ ପ୍ରସ୍ତୁତି ଚାଲିଛି।

ମିଳିଥିବା ସୂଚନା ଅନୁଯାୟୀ, ନୀଳଗିରି ଆର ଏମସି ପକ୍ଷରୁ ୧ କୋଟି ୮୦ ଲକ୍ଷ୍ୟ ଟଙ୍କାର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇ ଗତ ୨୩ ତାରିଖ ରେ ୩୫ ଦୋକାନୀ କୁ ଉଛେଦ କରାଯାଇଛି। ତେବେ ଔପଦା ପ୍ରାଥମିକ ସ୍ୱାସ୍ଥ କେନ୍ଦ୍ର ସମ୍ମୁଖ ଓ ପଛ ପଟ ବ୍ୟବସାୟୀମାନଙ୍କୁ କୌଣସି ପ୍ରକାର ଥଇଥାନ ବ୍ୟବସ୍ଥା ନ କରି ଆସନ୍ତା ଅକ୍ଟୋବର ୩୧ ତାରିଖରେ ଦୋକାନ ଗୃହଗୁଡ଼ିକ ଉଚ୍ଛେଦ କରାଯିବ ବୋଲି ଚେତାବନୀ ଦିଆଯାଇଛି। ବିଶେଷକରି ଗତ ୨୪ ତାରିଖ ଏକ ସରକାରୀ ଛୁଟିଦିନ ହୋଇଥିବା ସତ୍ତ୍ୱେ ଏହି ନୋଟିସ ଜାରି କରାଯିବା ନେଇ ବ୍ୟବସାୟୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନର ଏଭଳି ଏକପାଖିଆ ନିଷ୍ପତ୍ତି ତଥା ଜୀବନଜୀବିକା ହରାଇବା ଆଶଙ୍କାର ପ୍ରତିବାଦରେ ସମ୍ପୃକ୍ତ ଦୋକାନୀମାନେ ବାଧହୋଇ ତହସିଲ ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି। ପ୍ରଶାସନ ପକ୍ଷରୁ ଦୋକାନୀମାନଙ୍କ ପାଇଁ ଯଥାଶୀଘ୍ର ସ୍ଥାୟୀ ଥଇଥାନ ବ୍ୟବସ୍ଥା କରା ନଗଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ଆନ୍ଦୋଳନରତ ବ୍ୟବସାୟୀମାନେ ଚେତାବନୀ ଦେଇଛନ୍ତି। ତେବେ ଏ ସମ୍ପର୍କ ରେ ତହସିଲଦାର ଅନୁପସ୍ଥିତ ଥିବା ଯୋଗୁଁ ଅତିରିକ୍ତ ତହସିଲଦାର ଶାନ୍ତି ଲତା ମଲ୍ଲିକ ଧାରଣାକାରୀ ମାନଙ୍କୁ ବୁଝାସୁଝା କରି ତହସିଲଦାର ଛୁଟି ରେ ଅଛନ୍ତି। ଫେରିଲେ ତିନି ଦିନ ମଧ୍ୟରେ ଏହାର ସ୍ଥାୟୀ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

ସମାଜ କଲ୍ୟାଣ ବିକାଶ ପରିଷଦ ତରଫରୁ ସ୍ମାରକପତ୍ର ପ୍ରଦାନ

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୨୬।୧୦(ସମିସ): ଉତ୍ତର ବାଲେଶ୍ୱର ଆଶାର କିରଣ ଜିକେ ଭଟ୍ଟର ହସ୍ପିଟାଲ ରେ ଦୀର୍ଘଦିନ ଧରି ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ପ୍ରତିଦିନ ଶହଶହ ରୋଗୀ ଚିକିତ୍ସା ପାଇଁ ଆସୁଥିବା ବେଳେ ଆବଶ୍ୟକ ସଂଖ୍ୟକ ଡାକ୍ତର, ସେବିକା

କର୍ମଚାରୀ ନାହାଁନ୍ତି। ସନ୍ନିକଟ ରେ ଜାତୀୟ ରାଜପଥ, ରାଜ୍ୟ ରାଜପଥ, ଜଗନ୍ନାଥ ସଡ଼କ, କପାସିଆ ଦୁର୍ଘଟଣା ପ୍ରବଣ ସଡ଼କ ଯାଇଥିବା ବେଳେ ଦୁର୍ଘଟଣା ଗ୍ରସ୍ତ ବିପନ୍ନଙ୍କ ଲାଗି ଟ୍ରମା ସେଣ୍ଟର ନାହିଁ। ହସ୍ପିଟାଲରେ ୨୧ଜଣ ଡାକ୍ତର ରହିବାକୁ ଥିବା ବେଳେ ମାତ୍ର ୫ଜଣରେ କାମ ଚଳାଉଛନ୍ତି। ମେଡ଼ିସିନ ବିଶେଷଜ୍ଞ ଏବଂ ଅସ୍ଥିଶଲ୍ୟ ବିଭାଗରେ ତୁରନ୍ତ ଡାକ୍ତର ନିଯୁକ୍ତି ଲାଗି ଦାବି କରାଯାଇଛି। ନିଯୁକ୍ତ ଡାକ୍ତର ଡେପୁଟେସନରେ ଯାଉଥିବା ବେଳେ କେତେକ ଡାକ୍ତର ହସ୍ପିଟାଲ ନିକଟରେ କ୍ଲିନିକ୍ ଖୋଲି ଅର୍ଥ ରୋଜଗାର କରୁଛନ୍ତି। ବହୁ ବରିଷ୍ଠ ଡାକ୍ତରଙ୍କ ଚକ୍ରାନ୍ତ ରେ ଜିକେ ଭଟ୍ଟର ହସ୍ପିଟାଲରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ହେଉନଥିବା ଆଲୋଚନା ହେଉଛି। ହଜାର ହଜାର ଆର୍ଥୀକ ଅଗ୍ରସର ରୋଗୀ ମାଗଣା ସ୍ୱାସ୍ଥ୍ୟ ସେବା ନ ପାଇ କ୍ଲିନିକ୍, ଘରୋଇ ଡାକ୍ତରଙ୍କ ଦ୍ୱାରା ଶୋଷିତ ହେଉଛନ୍ତି। ସେମାନଙ୍କ ଯୁକ୍ତି ଅନୁସାରେ ଜଳେଶ୍ୱର ଅଞ୍ଚଳରେ ଆୟୋଜିତ ହେଉଥିବା ସମସ୍ତ ଅନୁଷ୍ଠାନକୁ ମୋଟା ଅଙ୍କର ଅର୍ଥ ଯୋଗାଇ ଆସୁଛନ୍ତି। ଫଳରେ ସୋମବାର ପୂର୍ବାହ୍ନରେ ସମାଜ କଲ୍ୟାଣ ବିକାଶ ପରିଷଦ ପକ୍ଷରୁ ହସ୍ପିଟାଲ ସୁପରଣ୍ଟେଣ୍ଡେଣ୍ଟ ଡ଼ା ଦିଲ୍ଲୀପ ପାତ୍ରଙ୍କ ଜିରିଆରେ ସିଡିଏମଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆସନ୍ତା ନଭେମ୍ବର ୭ତାରିଖ ଶନିବାର ଗଣ ଧାରଣା ଅନୁଷ୍ଠିତ ହେବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ପରିଷଦର ସମ୍ପାଦକ ହାଇକୋର୍ଟର ଆଇନଜୀବୀ ରାମଚନ୍ଦ୍ର ଜେନା, ଉପ ସଭାପତି ଡଃ ଅଜିତ କୁମାର ମହାନ୍ତି, ଜିଲ୍ଲା ରକ୍ତ ଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, କୋଷାଧ୍ୟକ୍ଷ ବନମାଳୀ ଧଳ, ସହ ସମ୍ପାଦକ ଅବନୀ ଚାନ୍ଦ, ଆଇନଜୀବୀ ସତ୍ୟ ନାରାୟଣ ଦାସ, ସମାଜ ସେବୀ ଗୌରହରି ସାହୁ ପ୍ରମୁଖ ଦାବି ପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

ଛାତ୍ରୀ ହତ୍ୟା ଘଟଣାରେ ମହିଳା ସମିତିର ଦାବିପତ୍ର

ବାଲେଶ୍ୱର, ୨୬।୧୦(ସମିସ): ଜଳେଶ୍ୱର ଅଞ୍ଚଳରେ ଦୁଷ୍କର୍ମ ଓ ହତ୍ୟାର ଶିକାର ହୋଇଥିବା ନାବାଳିକା ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଆଗେଇ ଆସିଛି ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ବାଲେଶ୍ୱର ଜିଲ୍ଲା କମିଟି। ଏହି ଘଟଣାରେ ନ୍ୟାୟିକ ତଦନ୍ତ, ଫାଷ୍ଟଟ୍ରାକ୍ କୋର୍ଟରେ ବିଚାର ଏବଂ ମୃତ ନାବାଳିକାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ପାଇଁ ସମିତି ପକ୍ଷରୁ ଦାବି କରାଯାଇଛି। ସମିତି ପକ୍ଷରୁ ଜିଲ୍ଲା ପ୍ରଶାସନକୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଚଳିତ ମାସ ୨୨ ତାରିଖରେ ଜଳେଶ୍ୱର ଅଞ୍ଚଳରୁ ଜଣେ ନାବାଳିକା ଛାତ୍ରୀଙ୍କ ମୃତଦେହ ମିଳିବା ଘଟଣା ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି। ମୃତ ଛାତ୍ରୀଙ୍କ ପିତାମାତାଙ୍କ ଏତଲାକୁ ପୁଲିସ ଅଣଦେଖା କରିଥିବା ନେଇ ସମିତି ଅଭିଯୋଗ କରିଛି। ଏଥିସହ ପୂର୍ବରୁ ଫକୀରମୋହନ କଲେଜର ଛାତ୍ରୀଙ୍କ ମୃତ୍ୟୁ ଘଟଣାର ରହସ୍ୟ ଉନ୍ମୋଚନ ହୋଇନଥିବା ଏବଂ ଜଳେଶ୍ୱର ଅଞ୍ଚଳରେ ଜଣେ ପାଞ୍ଚବର୍ଷୀୟା ଶିଶୁଙ୍କୁ ଅସଦାଚରଣ ଅଭିଯୋଗରେ ସମ୍ପୃକ୍ତ ବ୍ୟକ୍ତି ଧରାପଡ଼ିନଥିବା ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ କରିଛି। ଜିଲ୍ଲାରେ ମହିଳାଙ୍କ ବିରୋଧରେ ଅପରାଧ ବୃଦ୍ଧି, ମହିଳା ଚାଲାଣ ଓ ନିଶାଦ୍ରବ୍ୟ କାରବାରକୁ ନେଇ ସମିତି ଉଦ୍‌ବେଗ ପ୍ରକାଶ କରିଛି। ବିଶେଷକରି ଜଳେଶ୍ୱର, ଭୋଗରାଇ ଓ ବସ୍ତା ଅଞ୍ଚଳରେ ମହିଳା ଚାଲାଣ ରୋକିବା ସହ ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ପୁଲିସ ପ୍ରଶାସନ ତତ୍ପର ହେବା ଆବଶ୍ୟକ ବୋଲି ସମିତି କହିଛି। ରାଜନୈତିକ ହସ୍ତକ୍ଷେପ ଯୋଗୁଁ କେତେକ ମହିଳା ବିରୋଧୀ ଅପରାଧରେ ପୁଲିସ ଉପଯୁକ୍ତ ପଦକ୍ଷେପ ନେଉନଥିବା ମଧ୍ୟ ଦାବିପତ୍ରରେ ଅଭିଯୋଗ କରାଯାଇଛି। ସମିତିର ମୁଖ୍ୟ ଦାବିଗୁଡ଼ିକ ମଧ୍ୟରେ ନାବାଳିକା ହତ୍ୟା ଘଟଣାର ନିରପେକ୍ଷ ନ୍ୟାୟିକ ତଦନ୍ତ, ଫାଷ୍ଟଟ୍ରାକ୍ କୋର୍ଟରେ ମାମଲାର ଶୀଘ୍ର ବିଚାର, ଦୋଷୀଙ୍କୁ କଠୋର ଦଣ୍ଡ ପ୍ରଦାନ ଏବଂ କର୍ତ୍ତବ୍ୟରେ ଅବହେଳା କରିଥିବା ପୁଲିସ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଅନ୍ତର୍ଭୁକ୍ତ। ଏଥିସହ ମୃତ ନାବାଳିକାଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ଏବଂ ଜଳେଶ୍ୱର ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ମହିଳା ବିରୋଧୀ ଅପରାଧ ଓ ମହିଳା ଚାଲାଣ ରୋକିବା ପାଇଁ ସ୍ୱତନ୍ତ୍ର ପୁଲିସ ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି ହୋଇଛି। ଜିଲ୍ଲାରେ ମହିଳାଙ୍କ ସୁରକ୍ଷା ଓ ଅପରାଧ ନିୟନ୍ତ୍ରଣ ଦିଗରେ ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରିବା ସହ ଦାବିଗୁଡ଼ିକ ପୂରଣ ପାଇଁ ପଦକ୍ଷେପ ନେବାକୁ ସମିତି ପକ୍ଷରୁ ନିବେଦନ କରାଯାଇଛି। ଏଥିରେ ଦୀପା ଦଳେଇ, ବର୍ଷା ଦଳେଇ, ନନ୍ଦିନୀ ଦଳେଇ, ସୁକାନ୍ତି ସିଂ, ରମଣୀ ଦଳେଇ, ହରପ୍ରିୟା ଜେନା, ଉମାରାଣି ବାରିକ, ଅରୁଣ ବାଳା ସିଂ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

ଧର୍ମପରାୟଣାଙ୍କ ବିୟୋଗରେ ଶୋକ

ରୂପସା, ୨୬।୧୦ (ସମିସ): ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ବାଇଗଣଡିହା ଗ୍ରାମର ସ୍ୱର୍ଗତ କୈଳାସ ଚନ୍ଦ୍ର ବିଶ୍ୱାଳଙ୍କ ସହଧର୍ମିଣୀ ଆଶାଲତା ବିଶ୍ୱାଳ (୭୬)ଙ୍କର ରବିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ସେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ ବାଲେଶ୍ୱର ମେଡିକାଲ କଲେଜ ଓ ଡାକ୍ତର ଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ମୃତଦେହ ଗାଁରେ ପହଞ୍ଚିବାପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଶ୍ମଶାନରେ ପୁଅ ପରମାନନ୍ଦ ମୁଖାଗ୍ନି ଦେଇଥିଲେ।

ଦୁଷ୍କର୍ମ ପୀଡ଼ିତ ଶିଶୁକନ୍ୟାକୁ ମିଳୁନି ନ୍ୟାୟ, ଖୁଲମଖୁଲା ବୁଲୁଛି ଅଭିଯୁକ୍ତ

ଜଳେଶ୍ୱର, ୨୬।୧୦ (ସମିସ): ୨୦୨୫ ମସିହା ଲକ୍ଷ୍ମୀପୂଜା ଦିନ ଜଣେ ଶିଶୁ କନ୍ୟାକୁ ପଡୋଶୀ ଦୁଷ୍କର୍ମ କରି ଲହୁ ଲୁହାଣ କରିଥିଲା। ଏହି ଘଟଣାକୁ ଗୋଟିଏ ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ତତ୍କାଳୀନ ପୁଲିସ ଅଧିକାରୀଙ୍କ ଦୁର୍ବଳ ପଦକ୍ଷେପ ଯୋଗୁଁ ପରିବାର ନ୍ୟାୟ ଲାଗି ଏଣେ ତେଣେ ଘୁରି ବୁଲୁଥିବା ଅଭିଯୋଗ ହୋଇଛି। ଶିଶୁକନ୍ୟାର ବାପାମା' ଜରୁରୀ କାମରେ ସହରକୁ ଯାଇଥିବାବେଳେ ପଡ଼ୋଶୀ ନିତ୍ୟ ଗୋପାଳ ସାହୁ(୩୯) ପ୍ରଲୋଭନ ଦେଖାଇ ୬ ବର୍ଷର ଶିଶୁ କନ୍ୟାକୁ ଦୁଷ୍କର୍ମ କରିଥିଲା। ଅସହାୟ ପିତାମାତା ରକ୍ତ ଜୁଡୁବୁଡୁ ଶିଶୁକୁ ନେଇ ଜଳେଶ୍ୱର ଥାନାରେ ପହଞ୍ଚି ଜିକେ ଭଟ୍ଟର ହସ୍ପିଟାଲ ରେ ଭର୍ତ୍ତି କରିଥିଲେ। ଶିଶୁର ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ପ୍ରାଥମିକ ଚିକିତ୍ସା କରି ବାଲେଶ୍ୱର ସ୍ଥାନାନ୍ତର କରିଥିଲେ। ସେତେବେଳେ ଉକ୍ତ ସମ୍ବେଦନଶୀଳ ଘଟଣାକୁ ଚପାଇ ଦେବାକୁ ସବୁ ସ୍ତରରେ ଭରପୁର ପ୍ରୟାସ ହୋଇଥିଲା। ରାତିରେ ଅସହାୟ ଦମ୍ପତି ହସ୍ପିଟାଲ ସମ୍ମୁଖରେ ମ୍ରିୟମାଣ ହୋଇ ଅଚେତ୍ ହୋଇ ପଡ଼ିଥିଲେ। ଫଳରେ ସାଧାରଣ ଲୋକେ ହୋହଲ୍ଲା କରିବା ପରେ କେତେକ ସମାଜସେବୀ, ସାମ୍ବାଦିକ ଜଳେଶ୍ୱର ଥାନାକୁ ନେଇ ଲିଖିତ ଅଭିଯୋଗ କରିଥିଲେ। ବାଲେଶ୍ୱର ହସ୍ପିଟାଲରେ ଶିଶୁ କନ୍ୟା ଦୀର୍ଘଦିନ ଧରି ଚିକିତ୍ସିତ ହୋଇ ଫେରିଥିବା ବେଳେ ମାମଲା ରଫା ଦଫା ଲାଗି ପୀଡ଼ିତ ପରିବାର ଉପରେ କ୍ରମାଗତ ଚାପ ପ୍ରୟୋଗ କରାଯାଇ ଆସୁଛି। ମାମଲା ରୁଜୁ ଦିନଠାରୁ ଅଭିଯୁକ୍ତ ଫେରାର ଥିଲା ବେଳେ ପୀଡ଼ିତ ପରିବାର ନ୍ୟାୟ ଲାଗି ପ୍ରଶାସନ ଓ ନେତା ମାନଙ୍କ ପାଖକୁ ଦୌଡ଼ି ଦୌଡ଼ି ହୀନସ୍ତା ହେଉଛନ୍ତି। ପୁଲିସ ଡିଜିଙ୍କ ପାଖକୁ ୩ଥର, ଏସିପି ଙ୍କ ପାଖକୁ ୭ଥର, ମହିଳା କମିଶନ, ରାଷ୍ଟ୍ରପତି, ମୁଖ୍ୟ ମନ୍ତ୍ରୀଙ୍କୁ ଚିଠି ଲେଖି ନ୍ୟାୟ ମାଗୁଛନ୍ତି। ୩ମାସ ତଳେ ତଦନ୍ତ ଲାଗି ପୁଲିସ ଅଭିଯୁକ୍ତ ର ଭାଇକୁ ଥାନାକୁ ଉଠାଇ ଆଣିଥିଲା। ଫଳରେ ଅଭିଯୁକ୍ତର ପରିବାର ପୀଡ଼ିତ ପରିବାରକୁ ଆକ୍ରମଣ କରିଥିବା ଥାନାରେ ୨୫୧ ନଂ ମୂଳେ ମାମଲା ରୁଜୁ ହୋଇଥିଲା। ଦୁଷ୍କର୍ମର ଶୀକାର ହୋଇଥିବା ଶିଶୁ କନ୍ୟା ନ୍ୟାୟ ପାଇନଥିବା ବେଳେ ଅଭିଯୁକ୍ତ ଯୁବକ ଉଚ୍ଚ ନ୍ୟାୟାଳୟର ଅନ୍ତରୀଣ ଜାମିନ ପାଇ ଜଳେଶ୍ୱର ଥାନାରେ ହାଜିରା ଦେଇଥିବା କୁହାଯାଉଛି। ପୀଡିତ ପରିବାରକୁ ପକ୍ଷ ରଖିବା ଲାଗି ଉଚ୍ଚ ନ୍ୟାୟାଳୟରୁ ଆସିଥିବା ନୋଟିସ ଆଣିବାକୁ ଯାଉଥିବା ବେଳେ ଦୁଷ୍କର୍ମ ପୀଡ଼ିତର ଶିଶୁ ମାଁ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ତାଙ୍କର ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ଏବେ ସୁସ୍ଥ ହୋଇ ପ୍ରଶାସନ ନିକଟରେ ନ୍ୟାୟ ଭିକ୍ଷା କରି ଚାଲିଛନ୍ତି। ଜଳେଶ୍ୱର ପୁଲିସ ପକ୍ଷରୁ ୪୪୬/୨୬ ମୂଳେ ମାମଲା ରୁଜୁ କରି ତଦନ୍ତ ହେଉ ଥିବା ସଫେଇ ଦିଆଯାଉଥିବା ବେଳେ ଦୁଷ୍କର୍ମ କାରୀ ଏବଂ ତାଙ୍କ ପରିବାର ସମାଧାନ କରିବାକୁ ଧମକ ଦେଉଥିବା ଅଭିଯୋଗ ହୋଇଛି। ଶୁକ୍ରବାର ପୁଣି ପୀଡ଼ିତ ପରିବାର ନିଷ୍ପାପ ଶିଶୁକୁ ଧରି ଜଳେଶ୍ୱର ଥାନାରେ ଦ୍ୱାରସ୍ଥ ହୋଇ ସାମ୍ବାଦିକମାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଡବ୍ଲ୍ୟୁଏସ୍‌ଓ ଇଣ୍ଡିଆ ସୁରକ୍ଷା ପୁରସ୍କାରରେ ଟିପିଏନ୍‌ଓଡିଏଲ୍‌କୁ ସ୍ୱର୍ଣ୍ଣ ବର୍ଗରେ ସମ୍ମାନ

ବାଲେଶ୍ୱର, ୨୬।୧୦(ସମିସ)

ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ବିଶ୍ୱ ସୁରକ୍ଷା ସଂଗଠନ (ଡବ୍ଲ୍ୟୁଏସ୍‌ଓ) ଇଣ୍ଡିଆର ରାଜ୍ୟସ୍ତରୀୟ ବୃତ୍ତିଗତ ସ୍ୱାସ୍ଥ୍ୟ, ସୁରକ୍ଷା ଓ ପରିବେଶ (ଓଏଚ୍‌ଏସ୍‌ଆଣ୍ଡଇ) ପୁରସ୍କାର ୨୦୨୬ରେ ୪-ଷ୍ଟାର୍ ରେଟିଂ ସହ ସ୍ୱର୍ଣ୍ଣ ବର୍ଗୀୟ ବିଜେତା ଭାବେ ସମ୍ମାନିତ ହୋଇଛି। ୨୦୨୫ ମୂଲ୍ୟାୟନ ବର୍ଷର ସୁରକ୍ଷା ପ୍ରଦର୍ଶନ ଆଧାରରେ ଡବ୍ଲ୍ୟୁଏସ୍‌ଓର ବିଚାରକମଣ୍ଡଳୀଙ୍କ କ୍ଷେତ୍ର ପରିଦର୍ଶନ ଓ ମୂଲ୍ୟାୟନ ପରେ କମ୍ପାନିକୁ ଏହି ସ୍ୱୀକୃତି ମିଳିଛି। ମୁମ୍ବାଇରେ ଆୟୋଜିତ ସମାରୋହରେ ଟିପିଏନ୍‌ଓଡିଏଲ୍ ପକ୍ଷରୁ ସୁରକ୍ଷା ବିଭାଗ ମୁଖ୍ୟ ଶ୍ରୀ ତପନ ପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେଶ କୁମାର ମହାନ୍ତ ଓ ଦିଲୁ ରାଉତ ଏହି ପୁରସ୍କାର ଗ୍ରହଣ କରିଥିଲେ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଟିପିଏନ୍‌ଓଡିଏଲ୍‌ର ବିଦ୍ୟୁତ୍ ବିତରଣ କାର୍ଯ୍ୟରେ ଅନୁସୃତ ସୁରକ୍ଷା ବ୍ୟବସ୍ଥା ଏହି ମୂଲ୍ୟାୟନରେ ସାମିଲ ଥିବାବେଳେ କାର୍ଯ୍ୟସ୍ଥଳରେ ସୁରକ୍ଷା ପରିଚାଳନା ଏବଂ ବିଦ୍ୟୁତ କର୍ମଚାରୀ ଓ ବ୍ୟବସାୟିକ ସହଯୋଗୀଙ୍କ ଦ୍ୱାରା ସୁରକ୍ଷା ପ୍ରକ୍ରିୟାର ଅନୁପାଳନ ଉପରେ ଏନେଇ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ବିଦ୍ୟୁତ୍ ବିତରଣ କାର୍ଯ୍ୟରେ ଦୁର୍ଘଟଣା ରୋକିବା ପାଇଁ କାର୍ଯ୍ୟାରମ୍ଭ ପୂର୍ବରୁ ବିପଦ ଚିହ୍ନଟ, ନିର୍ଦ୍ଧାରିତ କାର୍ଯ୍ୟପଦ୍ଧତିର ଅନୁପାଳନ ଓ ବ୍ୟକ୍ତିଗତ ସୁରକ୍ଷା ଉପକରଣର ବ୍ୟବହାର ଉପରେ ସଂସ୍ଥା ଗୁରୁତ୍ୱାରୋପ କରୁଥିବାବେଳେ ନିୟମିତ ପ୍ରଶିକ୍ଷଣ ଓ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି ମାଧ୍ୟମରେ କର୍ମଚାରୀଙ୍କ ସୁରକ୍ଷା ଏବଂ ବିଦ୍ୟୁତ୍ ସେବାର ନିରନ୍ତରତା ବଜାୟ ରଖିବାକୁ ଟିପିଏନ୍‌ଓଡିଏଲ୍ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ଅବସରରେ ଟିପିଏନ୍‌ଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଦୁଷ୍ୟନ୍ତ କୁମାର ତ୍ୟାଗୀ କହିଛନ୍ତି, ସୁରକ୍ଷା ଆମ ପାଇଁ ସର୍ବୋପରି। ସେଥିପାଇଁ କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ନିୟମର କଡାକଡି ଅନୁପାଳନ ଏବଂ ଅସୁରକ୍ଷିତ ପରିସ୍ଥିତିରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏହି ସ୍ୱୀକୃତି, ସୁରକ୍ଷିତ କାର୍ଯ୍ୟପନ୍ଥାର ନିରନ୍ତର ଉନ୍ନତି ସହ ପ୍ରତ୍ୟେକ ସ୍ତରରେ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରି କର୍ମଚାରୀ ଓ ଜନସାଧାରଣଙ୍କ ସୁରକ୍ଷା ପ୍ରତି ଆମ ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି। କର୍ମଚାରୀଙ୍କ ସୁରକ୍ଷା ସହ ସାଧାରଣ ଲୋକଙ୍କ ମଧ୍ୟରେ ବିଦ୍ୟୁତ୍‌ଜନିତ ବିପଦ ସମ୍ପର୍କରେ ସଚେତନତା ବଢ଼ାଇବାକୁ ଟିପିଏନ୍‌ଓଡିଏଲ୍ ବିଭିନ୍ନ ଜନସଚେତନତା କାର୍ଯ୍ୟକ୍ରମ ହାତକୁ ନେଇଛି। ଗୋଷ୍ଠୀସ୍ତରୀୟ କାର୍ଯ୍ୟକ୍ରମ, ଉପଭୋକ୍ତାଙ୍କ ସହ ଯୋଗାଯୋଗ ଶିବିର ଓ ସୁରକ୍ଷା ଅଭିଯାନ ମାଧ୍ୟମରେ ଦୈନନ୍ଦିନ ବିଦ୍ୟୁତ୍ ବ୍ୟବହାର, ପର୍ବପର୍ବାଣି ଏବଂ ପ୍ରତିକୂଳ ପାଣିପାଗ ସମୟରେ ଆବଶ୍ୟକ ସତର୍କତା ସମ୍ପର୍କରେ ସୂଚନା ଦିଆଯାଉଛି। ଦୁର୍ଘଟଣା ଏଡ଼ାଇବା ପାଇଁ ବିଦ୍ୟୁତ୍‌ଜନିତ ବିପଦ ଓ ଅସୁରକ୍ଷିତ ପରିସ୍ଥିତି ସମ୍ପର୍କରେ ତୁରନ୍ତ ଗ୍ରାହକ ସେବା ନମ୍ବର ୧୮୦୦ ୩୪୫୬ ୭୧୮ କିମ୍ବା ୧୯୧୨ରେ ଜଣାଇବାକୁ ଟିପିଏନ୍‌ଓଡିଏଲ୍ ପକ୍ଷରୁ ଉପଭୋକ୍ତାଙ୍କୁ ଅନୁରୋଧ କରାଯାଇଛି।

ପିଆରଏମ୍ ମେଡିକାଲ ସ୍ଥାନାନ୍ତର ପରେ ବି ସୁଧୁରିଲାନି ସ୍ଥିତି

ବାରିପଦା ଡାକ୍ତରଖାନା ଓ ମେଡିକାଲ କଲେଜ ମଝିରେ ଦୌଡ଼ି ରୋଗୀ ନୟାନ୍ତ

ବାରିପଦା, ୨୬ ।୧୦(ସମିସ):

ମୟୂରଭଞ୍ଜ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ଆଣିବା ଲକ୍ଷ୍ୟରେ ରଙ୍ଗାମାଟିଆଠାରେ ନିର୍ମିତ ପଣ୍ଡିତ ରଘୁନାଥ ମୁର୍ମୁ (ପିଆରଏମ୍) ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ସାଧାରଣ ଲୋକଙ୍କ ଦୁର୍ଦ୍ଦଶା ଥମିବାର ନାଁ ନେଉନାହିଁ। ଜରୁରିକାଳୀନ ଓ ଗୁରୁତର ଅବସ୍ଥାରେ ଥିବା ରୋଗୀଙ୍କୁ ଆବଶ୍ୟକୀୟ ପରୀକ୍ଷା ଓ ଚିକିତ୍ସା ପାଇଁ ବାରିପଦା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ନୂତନ ମେଡିକାଲ କ୍ୟାମ୍ପସ ମଧ୍ୟରେ ବାରମ୍ବାର ଦୌଡ଼ିବାକୁ ପଡୁଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ମୁତାବକ, ଦୁର୍ଘଟଣାଗ୍ରସ୍ତ କିମ୍ବା ଜରୁରିକାଳୀନ ରୋଗୀ ପ୍ରଥମେ ବାରିପଦା ଡାକ୍ତରଖାନାରେ ପହଞ୍ଚିବା ପରେ ସେମାନଙ୍କୁ ପ୍ରାୟ ୭ରୁ ୧୦ କିଲୋମିଟର ଦୂର ରଙ୍ଗାମାଟିଆସ୍ଥ ପିଆରଏମ୍ ମେଡିକାଲ କଲେଜକୁ ରେଫର କରାଯାଉଛି। କିନ୍ତୁ ମେଡିକାଲ କଲେଜରେ ସମସ୍ତ ପରୀକ୍ଷଣ ବ୍ୟବସ୍ଥା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ଏମ୍ଆରଆଇ, ସିଟି ସ୍କାନ୍, ଅଲଟ୍ରାସାଉଣ୍ଡ, ଏକ୍ସ-ରେ ଭଳି ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଓ ରକ୍ତ ପାଇଁ ରୋଗୀଙ୍କୁ ପୁଣି ଡିଏଚ୍ଏଚ୍ କ୍ୟାମ୍ପସକୁ ପଠାଯାଉଛି। ଏପରିକି ରକ୍ତଭଣ୍ଡାର ଏବେ ମଧ୍ୟ ପୁରୁଣା ଡାକ୍ତରଖାନାରେ କାର୍ଯ୍ୟ କରୁଥିବାରୁ ରକ୍ତ ଆଣିବା ପାଇଁ ରୋଗୀଙ୍କ ସମ୍ପର୍କୀୟଙ୍କୁ ପାଖାପାଖି ୨୦ କିଲୋମିଟର ଯାତାୟାତ କରିବାକୁ ପଡୁଛି। ସ୍ଥାନାନ୍ତର ପ୍ରକ୍ରିୟା ଓ ପରୀକ୍ଷାରେ ବିଳମ୍ବ ଯୋଗୁଁ ଅନେକ ସମୟରେ ଗୁରୁତର ରୋଗୀ ରାସ୍ତାରେ ହିଁ ଆଖି ବୁଜିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ରଙ୍ଗାମାଟିଆରେ ନିର୍ମିତ ୬୫୦ ଶଯ୍ୟା ବିଶିଷ୍ଟ ଏହି ନୂତନ ହସ୍ପିଟାଲକୁ ଉଦ୍‌ଘାଟନ କରାଯାଇ ମୟୂରଭଞ୍ଜ ସମେତ ପଡ଼ୋଶୀ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ରୋଗୀଙ୍କ ପାଇଁ ବଡ଼ ଆଶ୍ୱସ୍ତି ବୋଲି ପ୍ରଚାର କରାଯାଇଥିଲା। ତଥାପି ଏଠାରେ ଡାକ୍ତର ଓ ପାରାମେଡିକାଲ କର୍ମଚାରୀଙ୍କ ଅଭାବ, ସ୍ୱାସ୍ଥ୍ୟ ଉପକରଣର ଅଚଳାବସ୍ଥା ଓ ବାରିପଦା-ରଙ୍ଗାମାଟିଆ ମୁଖ୍ୟ ରାସ୍ତାର ଖାଲଖମା ଯୋଗୁଁ ଆମ୍ବୁଲାନ୍ସ ଯାତାୟାତରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଛି। ପିଆରଏମ୍ ମେଡିକାଲ କ୍ୟାମ୍ପସରେ ତୁରନ୍ତ ସମସ୍ତ ପରୀକ୍ଷଣ ଯନ୍ତ୍ରାଂଶ ସ୍ଥାପନ, ରକ୍ତଭଣ୍ଡାର କାର୍ଯ୍ୟକ୍ଷମ କରିବା ଓ ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସାମାଜିକ ସଂଗଠନ ପକ୍ଷରୁ ପ୍ରଶାସନ ନିକଟରେ ଦାବି ହୋଇଛି।

ଦ୍ୱିତୀୟ ଶ୍ରୀକ୍ଷେତ୍ରରେ କୁମାର ପୂର୍ଣ୍ଣିମା

ବାରିପଦା, ୨୬ ।୧୦(ସମିସ): ରବିବାର ରାତିରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ଶ୍ରୀଶ୍ରୀ ହରିବଳଦେବ ଜୀଉଙ୍କ ମନ୍ଦିରରେ ଗଜଲକ୍ଷ୍ମୀ ପୂଜା ସମେତ କୁମାର ପୂର୍ଣ୍ଣିମା ସମସ୍ତ ନୀତିକାନ୍ତି ମଧ୍ୟରେ ପାଳିତ ହୋଇଛି। ପୂର୍ବଦିନ ଭଳି ସକାଳ ରୀତିନୀତି ପରେ ଦ୍ୱିପହର ନୀତି, ସନ୍ଧ୍ୟା ଆଳତୀ ଓ ଆରିଷା ଭୋଗ ନୀତି ଅନୁଷ୍ଠିତ ହୋଇଛି। ଆଳତି ସମେତ କୁମାର ପୂର୍ଣ୍ଣିମା ଓ ଗଜଲକ୍ଷ୍ମୀ ପୂଜା ପାଇଁ ମନ୍ଦିର ପୂଜକଙ୍କ ଦ୍ୱାରା ସ୍ୱତନ୍ତ୍ର ରୀତିନୀତି ମଧ୍ୟରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଛି। କୁମାର ପୂର୍ଣ୍ଣିମାରେ ପୂଜା ସହିତ ପୂଜା ମଣ୍ଡପରେ ଲକ୍ଷ୍ମୀପୂଜା ନୀତି ମଧ୍ୟ ହୋଇଛି। ତିନି ଦିଅଁଙ୍କ ରାତ୍ରୀ ଆଳତି ହେବା ସହ ପହଡ଼ ପଡିଛି। ମଙ୍ଗଳବାର ସକାଳୁ ପୁଣି ପୂର୍ବ ଦିନ ପରି ନିତ୍ୟାନି ରୀତିନୀତିରେ ତିନି ଠାକୁରଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହେବ।

● ରାସଗୋବିନ୍ଦପୁର ପୁଲିସର ତ୍ୱରିତ ପଦକ୍ଷେପ

୬ ଘଣ୍ଟା ମଧ୍ୟରେ ନିଖୋଜ ନାବାଳକ ଉଦ୍ଧାର

ରାସଗୋବିନ୍ଦପୁର, ୨୬।୧୦(ସମିସ): ମା'ଙ୍କୁ ନ ଜଣାଇ ଯାତ୍ରା ଦେଖିବାକୁ ଯାଇ ନିଖୋଜ ହୋଇଥିବା ଜଣେ ୧୦ ବର୍ଷର ନାବାଳକକୁ ମାତ୍ର ୬ ଘଣ୍ଟା ମଧ୍ୟରେ ଉଦ୍ଧାର କରି ମା'ଙ୍କ ଜିମା ଦେଇଛି ରାସଗୋବିନ୍ଦପୁର ପୁଲିସ। ରାସଗୋବିନ୍ଦପୁର ବ୍ଲକ ସାରୁମୂଳା ପଞ୍ଚାୟତ ଅନ୍ତର୍ଗତ ପାରୁଳିଆ ଗ୍ରାମର ସାଲଗେ ମୁର୍ମୁଙ୍କ ପୁଅ ଶ୍ୟାମସୁନ୍ଦର ମୁର୍ମୁ ଘରେ ଗାଧୋଇବାକୁ ଯାଉଛି କହି ଜଣେ ସାଙ୍ଗ ସହ ସାଇକଲ ଯୋଗେ ଶୁଳିଆପଦା ବ୍ଲକର କଙ୍କଡ଼ାତେଲିଆ ଗ୍ରାମକୁ ଯାତ୍ରା ଦେଖିବାକୁ ଯାଇଥିଲେ। ଦୁଇ ନାବାଳକ ସାଙ୍ଗ ଏକାଠି ଯାତ୍ରା ଦେଖିବାକୁ ଯାଇଥିବାବେଳେ ଏପଟେ ପୁଅ ଘରକୁ ନ ଫେରିବାରୁ ମା' ସାଲଗେ ମୁର୍ମୁ ଚିନ୍ତିତ ହୋଇ ବିଭିନ୍ନ ସ୍ଥାନେର ଖୋଜାଖୋଜି କରିଥିଲେ। ପୁଅର କୌଣସି ସନ୍ଧାନ ନ ପାଇ ସେ ରାସଗୋବିନ୍ଦପୁର ଥାନାରେ ଜଣାଇଥିଲେ। ଘଟଣାର ଗମ୍ଭୀରତାକୁ ବୁଝି ଥାନା ଅଧିକାରୀ ଶ୍ରୀ ପାଣିଗ୍ରାହୀ ତୁରନ୍ତ ତଦନ୍ତ ଆରମ୍ଭ କରିଥିଲେ। ପୁଲିସର ତ୍ୱରିତ ତଦନ୍ତ ଓ ପ୍ରୟାସ ଫଳରେ ମାତ୍ର ୬ ଘଣ୍ଟା ମଧ୍ୟରେ ନିଖୋଜ ନାବାଳକ ଶ୍ୟାମସୁନ୍ଦରଙ୍କୁ ଉଦ୍ଧାର କରାଯାଇ ମା'ଙ୍କ ଜିମା ଦିଆଯାଇଥିଲା। ପୁଅକୁ ସୁରକ୍ଷିତ ଭାବେ ଫେରି ପାଇବା ପରେ ସାଲଗେ ମୁର୍ମୁ ଆଶ୍ୱସ୍ତି ପ୍ରକାଶ କରିବା ସହ ରାସଗୋବିନ୍ଦପୁର ପୁଲିସ ଓ ଥାନା ଅଧିକାରୀ ପଦ୍ମଲୋଚନ ପାଣିଗ୍ରାହୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ରବୀନ୍ଦ୍ର ମଣ୍ଡପରେ 'ପରେ କହିବି' ନାଟକ ମଞ୍ଚସ୍ଥ

ବାରିପଦା, ୨୬ ।୧୦(ସମିସ): କୁମାର ପୂର୍ଣ୍ଣିମା ଉପଲକ୍ଷେ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ 'ଆମେ: ବାରିପଦା'ର ମିଳିତ ସହଯୋଗରେ ୭୫ ବାସ୍ତବ ଗ୍ରୁପ୍‌ର ବରିଷ୍ଠ ନାଗରିକଙ୍କ ଦ୍ୱାରା ନାଟକ 'ପରେ କହିବି' ମଞ୍ଚସ୍ଥ ହୋଇଯାଇଛି। ବଳିଷ୍ଠ କାହାଣୀ, ହୃଦୟସ୍ପର୍ଶୀ ସଂଳାପ ଓ ନିଖୁଣ ଅଭିନୟ ଭରପୂର ଦର୍ଶକ ମଣ୍ଡଳୀ ଓ ନାଟ୍ୟପ୍ରେମୀଙ୍କୁ ବିମୋହିତ କରିବା ସହ ଭାବବିହ୍ୱଳ କରିଥିଲା। ଓଡ଼ିଆ ଚଳଚ୍ଚିତ୍ର ଜଗତର ଲେଖକ ତଥା ନିର୍ଦ୍ଦେଶକ ଚିନ୍ମୟ ଦାସ ପଟ୍ଟନାୟକ ଏହି ନାଟକର ରଚନା ଓ ନିର୍ଦ୍ଦେଶନା ଭାର ତୁଲାଇବା ସହିତ ନିଜେ ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଜୀବନ୍ତ ଅଭିନୟ କରିଥିଲେ। ଅନ୍ୟାନ୍ୟ ପ୍ରମୁଖ ଭୂମିକାରେ ଇଂ ପ୍ରଦୀପ ମହାନ୍ତି, ଅଶୋକ ପଟ୍ଟନାୟକ, ପ୍ରଦୀପ ପାଣିଗ୍ରାହୀ, ରବୀନ୍ଦ୍ର ମହାପାତ୍ର, ଅରୁଣ ପାତ୍ର, ସର୍ବତୋଷ ଦାଶ, ଶାନ୍ତନୁ ପାଢ଼ୀ, କାମିନୀକାନ୍ତ ମାଲାକାର, ନନ୍ଦଲାଲ ମିଶ୍ର, ଶିଶିର ଲେଙ୍କା ଓ ଜୟନ୍ତ ସେନାପତି ଚମତ୍କାର ଅଭିନୟ କରିଥିଲେ। ବିଶେଷକରି ଶିଶୁ କଳାକାର ସୁଶ୍ରୀ ଲତାଶା ଖୁରାନା 'ମିଠି' ଚରିତ୍ରରେ ଭାବପୂର୍ଣ୍ଣ ଅଭିନୟ କରି ଉପସ୍ଥିତ ଦର୍ଶକଙ୍କ ଆଖିରେ ଲୁହ ଭରିଦେଇଥିଲେ। ସ୍ୱଳ୍ପ ଖର୍ଚ୍ଚରେ ଆକର୍ଷଣୀୟ ମଞ୍ଚଶିଳ୍ପ ନରସିଂହ ବାରିକ ନିର୍ମାଣ କରିଥିବାବେଳେ ଦୁର୍ଗାଚରଣ ପାତ୍ର ସୁମଧୁର ସଙ୍ଗୀତ ସଂଯୋଜନା କରିଥିଲେ। ମଞ୍ଚ ପରିଚାଳନାରେ ସୁଧୀର ମହାନ୍ତି, ପ୍ରଦୀପ ସରଘରିଆ ଓ ବିଶ୍ୱଜିତ ପରିଡ଼ା ସହଯୋଗ କରିଥିବାବେଳେ ରାଜୀବ ପାତ୍ର ମୁଖ୍ୟ ସହଯୋଗୀ ଭାବେ ଦାୟିତ୍ୱ ତୁଲାଇଥିଲେ। ବରିଷ୍ଠ ଉପଦେଷ୍ଟା ମେଜର ଡ କଳ୍ପନା ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ନାଟ୍ୟ ସନ୍ଧ୍ୟା ସହରର ନାଟ୍ୟପ୍ରେମୀଙ୍କ ମଧ୍ୟରେ ବେଶ୍ ଆଲୋଡ଼ନ ସୃଷ୍ଟି କରିଛି।

● 'ଭୋଟ ବଞ୍ଚାଓ, ଦେଶ ବଞ୍ଚାଓ' ଅଭିଯାନ

ମୟୂରଭଞ୍ଜ ଜିଲ୍ଲା କଂଗ୍ରେସର ବିଶାଳ କର୍ମୀ ସମ୍ମିଳନୀ

ବାରିପଦା, ୨୬ ।୧୦(ସମିସ): ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଆହ୍ୱାନ ତଥା ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ 'ଭୋଟ ବଞ୍ଚାଓ, ଦେଶ ବଞ୍ଚାଓ' ପରିପ୍ରେକ୍ଷୀରେ ଏକ ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବାରିପଦା ଷ୍ଟାଡିୟମ କନଫରେନ୍ସ ହଲ୍‌ରେ ଆୟୋଜିତ ଏହି ସମ୍ମିଳନୀରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ସମ୍ମିଳନୀରେ ବକ୍ତାମାନେ କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତିକୁ ତୀବ୍ର ସମାଲୋଚନା କରି କହିଥିଲେ, ସାରା ଦେଶରେ ଆଜି ଅରାଜକତା ଓ ଭ୍ରଷ୍ଟାଚାର ବୃଦ୍ଧି ପାଇଛି ଏବଂ ଗଣତନ୍ତ୍ର ଚରମ ଦୁର୍ଦ୍ଦିନ ଦେଇ ଗତି କରୁଛି। ନିର୍ବାଚନ ବ୍ୟବସ୍ଥାରେ ଅସ୍ୱଚ୍ଛତା ଓ ଭୋଟ୍ ଚୋରି ଅଭିଯୋଗ ଆଣି ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ତୁରନ୍ତ ବହିଷ୍କାର ସହ ଗିରଫଦାରୀ ଦାବି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏଆଇସିସି ପର୍ଯ୍ୟବେକ୍ଷକ ରୋହିତ ଡାସବାସ, ପିସିସି ପର୍ଯ୍ୟବେକ୍ଷକ ମନୋଜ ରାଉତ, ସହପର୍ଯ୍ୟବେକ୍ଷକ ଶୁଭଶ୍ରୀ ବେହେରା, ପିସିସି ସମ୍ପାଦକ ମାନସ ଆଚାର୍ଯ୍ୟ, ସାଧାରଣ ସମ୍ପାଦକ ଅରବିନ୍ଦ ଦାସ ଓ ଦେବାଶିଷ ମହାପାତ୍ର, ପୂର୍ବତନ ଜିଲ୍ଲା ସଭାପତି ନିରୋଜ ଦାସ, ବାର୍ ଆସୋସିଏସନ ସଭାପତି ଜ୍ୟୋତିପ୍ରକାଶ ରଥ, ଏସ୍‌ଟି ସେଲ୍ ରାଜ୍ୟ ଉପାଧ୍ୟକ୍ଷ ଚୈତନ୍ୟ ହାଁସଦା ଓ ରାଜ୍ୟ ବ୍ୟବସାୟୀ କଂଗ୍ରେସ ଅଧ୍ୟକ୍ଷ ଯୋଗେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା କଂଗ୍ରେସର ସମସ୍ତ କର୍ମକର୍ତ୍ତା, ବ୍ଲକ ସଭାପତିଙ୍କ ସମେତ ମହିଳା କଂଗ୍ରେସ, ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସର ନେତୃବୃନ୍ଦ ବହୁ ସଂଖ୍ୟାରେ ଯୋଗଦେଇଥିଲେ। ଜିଲ୍ଲା କଂଗ୍ରେସ ଉପସଭାପତି ନାରାୟଣ ପଟ୍ଟନାୟକ କେନ୍ଦ୍ର ବିଜେପି ସରକାରଙ୍କ ନୀତିକୁ କଟାକ୍ଷ କରିବା ସହ ଉପସ୍ଥିତ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଦୁର୍ନୀତି ନିବାରଣ ସପ୍ତାହ

ରାଇରଙ୍ଗପୁର, ୨୬ ।୧୦(ସମିସ): ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଅବସରରେ ଏକ ସାଧୁତା ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପଜିଲ୍ଲାପାଳ ଉଗ୍ରସେନ ଓରାମ ଯୋଗଦେଇ ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁତାର ଶପଥ ପାଠ କରାଇଥିଲେ। ସମସ୍ତେ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା, ସଚ୍ଚୋଟତା ବଜାୟ ରଖିବା ସହ ଏକ ଦୁର୍ନୀତିମୁକ୍ତ ପ୍ରଶାସନ ଗଠନ ଦିଗରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରା, ତହସିଲଦାର ଭବାନୀ ପ୍ରସାଦ ସାହୁ, ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରିଣୀ ଶକୁନ୍ତଳା ହାଁସଦା, ସହକାରୀ ଜିଲ୍ଲାପାଳ ସୁଧାକର ସେଠୀ ଓ ଅନିତାରାଣୀ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

● ହେଲାନି କୃତ୍ରିମ ପୋଖରୀ

ଜଳାଶୟରେ ବିସର୍ଜନ ଯୋଗୁଁ ବଢୁଛି ପ୍ରଦୂଷଣ

ମୋରଡ଼ା, ୨୬ ।୧୦ (ସମିସ): ପରିବେଶ ଓ ଜଳ ପ୍ରଦୂଷଣ ରୋକିବା ପାଇଁ ସରକାର ଓ ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନଜିଟି)ଙ୍କ ପକ୍ଷରୁ କୃତ୍ରିମ ପୋଖରୀ ନିର୍ମାଣ କରି ପ୍ରତିମା ବିସର୍ଜନ ନିମନ୍ତେ କଡ଼ା ନିର୍ଦ୍ଦେଶନାମା ରହିଛି। ହେଲେ ମୋରଡ଼ା ବ୍ଲକ ପ୍ରଶାସନର ଚରମ ଉଦାସୀନତା ଯୋଗୁଁ ଏହି ନିୟମ କାର୍ଯ୍ୟକାରୀ ହୋଇପାରୁନାହିଁ। ଚଳିତ ବର୍ଷ ମଧ୍ୟ କୌଣସି ଅସ୍ଥାୟୀ ପୋଖରୀ ନିର୍ମାଣ କରା ନ ଯିବାରୁ ଜନସାଧାରଣ ବ୍ୟବହାର କରୁଥିବା ନଦୀ ଓ ପୋଖରୀରେ ମୂର୍ତ୍ତି ବିସର୍ଜନ କରାଯାଇଛି। ଫଳରେ ଜଳ ଉତ୍ସ ପ୍ରଦୂଷିତ ହୋଇପଡ଼ିଥିବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି।

ସର୍ବସାଧାରଣ ବ୍ୟବହାର କରୁଥିବା ଜଳାଶୟକୁ କେମିକାଲ ରଙ୍ଗ ଓ ସାଜସଜ୍ଜା ସାମଗ୍ରୀରୁ ମୁକ୍ତ ରଖିବା ପାଇଁ ବ୍ଲକର ଦୁଇ ତିନୋଟି ପ୍ରମୁଖ ସ୍ଥାନରେ କୃତ୍ରିମ ପୋଖରୀ ଖନନ କରାଯିବା ନେଇ ପୂଜା ପୂର୍ବରୁ ମୋରଡ଼ା ଥାନାରେ ଅନୁଷ୍ଠିତ ଶାନ୍ତି କମିଟି ବୈଠକରେ ଥାନା ଅଧିକାରୀ ସୁମିତ ସୋରେନ ସୂଚନା ଦେଇଥିଲେ। ମାତ୍ର ବ୍ଲକ ପ୍ରଶାସନର ଆନ୍ତରିକତା ଅଭାବ କିମ୍ବା ପାଣି ସମସ୍ୟା ଦର୍ଶାଇ ପ୍ରଶାସନ ନିଜ ଦାୟିତ୍ୱରୁ ଓହରିଯାଇଥିବା ଅଭିଯୋଗ ହୋଇଛି। ପ୍ରଶାସନିକ ସ୍ତରରେ କୌଣସି ବିକଳ୍ପ ବ୍ୟବସ୍ଥା ନ ହେବାରୁ ପୂଜା କମିଟି ବାଧହୋଇ ଚିତ୍ରଡ଼ାସ୍ଥ ଐତିହାସିକ ରାଜାବନ୍ଧ ପୋଖରୀ, ଜମ୍ବୀରା ନଦୀ ଓ ବିଭିନ୍ନ ଗ୍ରାମୀଣ ଜଳାଶୟରେ ପ୍ରତିମା ବିସର୍ଜନ କରିଛନ୍ତି। ଫଳରେ ସ୍ଥାନୀୟ ଲୋକେ ଗାଧୋଇବା ଓ ଅନ୍ୟାନ୍ୟ ନିତ୍ୟବ୍ୟବହାର୍ଯ୍ୟ କାମରେ ବ୍ୟବହାର କରୁଥିବା ଏସବୁ ଜଳ ଉତ୍ସ ଏବେ ବିଷାକ୍ତ ହେବାକୁ ବସିଲାଣି। ନିୟମ କେବଳ

କାଗଜପତ୍ରରେ ସୀମିତ ନ ରଖି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବା ସହ ଆଗାମୀ ଦିନରେ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଞ୍ଚଳବାସୀ ଦାବି କରିଛନ୍ତି।

ଜାତୀୟ ଯୋଗାସନରେ ଯଶିପୁର ଛାତ୍ର ସୁରଜଙ୍କୁ ରୌପ୍ୟ ପଦକ

ଯଶିପୁର, ୨୬ ।୧୦(ସମିସ): ମଣିପୁରର ଇମ୍ଫାଲସ୍ଥ ଖୁମାନ ଲମ୍ପକ ଇଣ୍ଡୋର ଷ୍ଟାଡ଼ିୟମରେ ଅନୁଷ୍ଠିତ ୩୮ତମ ଜାତୀୟ ଯୋଗାସନ ପ୍ରତିଯୋଗିତାରେ ଯଶିପୁର ଅଞ୍ଚଳର ଛାତ୍ର ସୁରଜ ମହାନ୍ତ ଓ ତାଙ୍କ ଗ୍ରୁପ୍ ରୌପ୍ୟ ପଦକ ହାସଲ କରି ସମଗ୍ର ଅଞ୍ଚଳ ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତା ସହ ଆସନ୍ତା ୨୦୨୭ରେ ଥାଇଲାଣ୍ଡରେ ଆୟୋଜିତ ହେବାକୁ ଥିବା ୧୨ତମ ବିଶ୍ୱ ଯୋଗାସନ ପ୍ରତିଯୋଗିତାରେ ସଂଗୀତ ଯୋଗ ବିଭାଗରେ ଭାରତର ପ୍ରତିନିଧିତ୍ୱ କରିବା ଲାଗି ସେ ମନୋନୀତ ହୋଇଛନ୍ତି। ଯଶିପୁର ବଜାର ନିକଟସ୍ଥ ମହାର୍ଦ୍ଧାପଳସା ଗ୍ରାମର କାର୍ତ୍ତିକ ମହାନ୍ତଙ୍କ ପୁତ୍ର ସୁରଜ କରଞ୍ଜିଆସ୍ଥ ବିବେକାନନ୍ଦ ପବ୍ଲିକ ସ୍କୁଲରେ ନବମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ଅତି କମ୍ ବୟସରୁ ଯୋଗ ଶିକ୍ଷା କରି ନିରନ୍ତର ସାଧନା ବଳରେ ସେ ଏହି ସଫଳତା ପାଇଥିବା କହିଛନ୍ତି। ଆଗାମୀ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଦେଶ ପାଇଁ ଶ୍ରେଷ୍ଠ ପ୍ରଦର୍ଶନ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି ସୁରଜ ପ୍ରକାଶ କରିଛନ୍ତି। ସୁରଜଙ୍କ ଏହି ସଫଳତା ପାଇଁ ରାହାନ୍ଦାସ୍ଥ ଛତ୍ରପତି କ୍ରୀଡ଼ା କ୍ଲବ ସଭାପତି ତ୍ରିଲୋଚନ ମହାନ୍ତ ଓ ସମ୍ପାଦକ ଟ୍ରେନିଂ ନାଥ ମହାନ୍ତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଶୁଭେଚ୍ଛା ଓ ଆଶୀର୍ବାଦ ପ୍ରଦାନ କରିଛନ୍ତି।

କରଞ୍ଜିଆରେ ଆଦି ମୁନିଶ୍ୱର ଜୟନ୍ତୀ ଓ ଆଶ୍ରମର ପ୍ରତିଷ୍ଠା ଦିବସ

ବାରିପଦା, ୨୬ ।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ବ୍ଲକ୍ ଅନ୍ତର୍ଗତ ଅଙ୍କୁରାସ୍ଥ ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜ ଆଶ୍ରମ ପରିସରରେ ୧୪୩ତମ ଆଦି ମୁନିଶ୍ୱର ସଦ୍‌ଗୁରୁ ଶିବମୁନି ମହାରାଜଙ୍କ ଜୟନ୍ତୀ ଓ ଆଶ୍ରମର ୬୮ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ୧୯୫୭ରେ ସ୍ୱର୍ଗତ ମୁନିବର ଜୟରାମ ମହାନ୍ତ ଏହି ଆଶ୍ରମ ପ୍ରତିଷ୍ଠା କରିଥିଲେ। ମୁନି ସମାଜର ପ୍ରତିଷ୍ଠାତା ସଦ୍‌ଗୁରୁ ଶିବମୁନି ମହାରାଜ ୧୮୮୪ କୁମାର ପୂର୍ଣ୍ଣିମା ଦିନ ଜନ୍ମଗ୍ରହଣ କରିଥିଲେ। ସେ ଯୋଗ, ସ୍ୱାସ୍ଥ୍ୟ ଓ ଆତ୍ମଜ୍ଞାନର ବାର୍ତ୍ତା ପ୍ରଚାର କରିବା ସହ ଚକ୍ରଭେଦକ ଯୋଗ ସାଧନା ମାଧ୍ୟମରେ ରୋଗମୁକ୍ତ ଜୀବନ ଓ ଜ୍ଞାନ ପ୍ରାପ୍ତିର ମାର୍ଗ ଦର୍ଶାଇଥିଲେ। ଦିବସ ପାଳନ ଅବସରରେ ପୂର୍ବାହ୍ନରେ ସତ୍ୟ ପତାକା ଉତ୍ତୋଳନ କରାଯାଇଥିବାବେଳେ ଅପରାହ୍ନରେ ସାଧାରଣ ସଭା ସହ ଯୋଗ ସାଧନା ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଯୋଗାଚାର୍ଯ୍ୟ ମୁନିରତ୍ନ କ୍ଷେତ୍ରମୋହନ ମୁନି ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଗୀ ନାକୁ ବେହେରା, ମୁନି ଶ୍ୟାମସୁନ୍ଦର ଦାଶ, ଇଣ୍ଟରନେଟ୍ ଇଂରାଜୀ ପତ୍ରିକାର ସମ୍ପାଦକ ହରେକୃଷ୍ଣ ମହାନ୍ତ, ମୁନି ଲକ୍ଷ୍ମୀଧର ଗିରି, ମୁନି ଜୟରାମ ମହାନ୍ତ, ମୁନି ଡାକ୍ତର ମହାନ୍ତ, ମୁନି ଛୋଟରାୟ ନାଏକ, ମୁନିମତି ବାସନ୍ତୀ ମହାନ୍ତ, ସୁନ୍ଦରୀ ନାଏକ, ସୁକାନ୍ତି ନାଏକ, ସୁରଥୀ ନାଏକ, ମମତା ନାଏକ, ଉଲ୍ଲରୀ ନାଏକ, ହେମଲତା ନାଏକ ଓ ଚନ୍ଦ୍ରମା ବେହେରାଙ୍କ ସମେତ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

ବାଇକ୍ ଧକ୍କାରେ ୩ ମହିଳାଙ୍କ ସମେତ ୪ ଗୁରୁତର

କୁଆମରା,୨୬ ।୧୦(ସମିସ): ରବିବାର ରାତିରେ ଏକ ବାଇକ୍ ଧକ୍କାରେ ୩ ମହିଳାଙ୍କ ସମେତ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଖୁଣ୍ଟା ଥାନା ତଥା ଗୋପବନ୍ଧୁନଗର ବ୍ଲକ ଆରପଟା ପଞ୍ଚାୟତ ପରିଛିପୁର ଗ୍ରାମର ଜଣେ ମୃତ ବ୍ୟକ୍ତିଙ୍କ ଶବଦାହ କରି ଫେରିବା ପରେ ଏକାଠି ଗାଧୋଇବା ପାଇଁ ପୋଖରୀ କୂଳରେ ବସିଥିବାବେଳେ କୁଆମରା ପଞ୍ଚାୟତ କଡଦା ଗ୍ରାମର ଜଣେ ଯୁବକ ବାଇକ୍‌ରେ ଦ୍ରୁତ ଗତିରେ ଯାଇ ଭାରସାମ୍ୟ ହରାଇ ସେମାନଙ୍କ ଉପରେ ଚଢିଯାଇଥିଲା। ଫଳରେ ସେଠାରେ ବସିଥିବା ବୁଧୁନି ସିଂ, ଚମ୍ପା ସିଂ, କୁନି ସିଂଙ୍କ ସମେତ ବାଇକ୍ ପଛରେ ବସିଥିବା କଡଦା ଗ୍ରାମର ଦେବପ୍ରିୟ ସିଂ ଆହତ ହୋଇଥିଲେ। ଘଟଣା ପରେ ବାଇକ ଚାଳକ ଅନ୍ଧାରର ସୁଯୋଗ ନେଇ ଫେରାର ହୋଇଯାଇଛି। ପୁରୁଣା ବାରିପଦା ଅଗ୍ନିଶମ କର୍ମଚାରୀ ପହଞ୍ଚି ସେମାନଙ୍କୁ କୁଆମରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ତିନି ମହିଳାଙ୍କ ଅବସ୍ଥା ସଂକଟାପନ୍ନ ଥିବାରୁ ସେମାନଙ୍କୁ ବାରିପଦା ସ୍ଥାନାନ୍ତର କରାଯାଇଛି। କୁଆମରା ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ପହଞ୍ଚି ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛନ୍ତି।

ଇନରହୁଇଲ କ୍ଲବ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର

ବାରିପଦା, ୨୬ ।୧୦(ସମିସ): ବାରିପଦା ଇନରହୁଇଲ କ୍ଲବ ପକ୍ଷରୁ ଦେବେନ୍ଦ୍ରପୁରସ୍ଥ ଆର୍‌ଡିଏସି ବରିଷ୍ଠ ନାଗରିକ ନିବାସ ପରିସରରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଲବ୍‌ର ସଭାପତି ସୁପ୍ରୀତି ଦଳବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜୀବନଦୀପ ହସ୍ପିଟାଲ ସହଯୋଗ କରିଥିଲା। ଶିବିରରେ ଚକ୍ଷୁ ବିଶେଷଜ୍ଞ ଡାକ୍ତର ରଞ୍ଜୁଲତା ମହାନ୍ତି ଓ ତାଙ୍କ ସହଯୋଗୀ ଟିମ୍ ଉପସ୍ଥିତ ରହି ବରିଷ୍ଠ ନାଗରିକଙ୍କ ଚକ୍ଷୁ ଯାଞ୍ଚ କରିବା ସହ ଉପଯୁକ୍ତ ପରାମର୍ଶ ପ୍ରଦାନ କରିଥିଲେ। ଏଥିରେ ମୋଟ ୪୫ ଜଣ ଅନ୍ତେବାସୀଙ୍କ ଆଖି ପରୀକ୍ଷା କରାଯାଇ ମାଗଣାରେ ଆବଶ୍ୟକୀୟ ଔଷଧ ବଣ୍ଟନ କରାଯାଇଥିଲା। ଏ ଅବସରରେ କ୍ଲବ୍ ପକ୍ଷରୁ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ କ୍ଲବ୍ ସଦସ୍ୟା ସଂଯୁକ୍ତା ଚାନ୍ଦ, ପ୍ରଣତି ଦାସ, ସୁସ୍ମିତା ଘୋଷାଲ, ଦୀପିକା ମହାନ୍ତି, ସ୍ୱପ୍ନା ଦାଶ, ଲୁସି ରଣା, ପ୍ରିୟଦର୍ଶିନୀ ପଟ୍ଟନାୟକ, ମମତା ମହାନ୍ତି ଓ ନିର୍ବାଚିତା ସାହୁ ପ୍ରମୁଖ ପରିଚାଳନା କରିଥିଲେ।

ବଡ଼ସାହିରେ ବିଜେପିର ମିଶ୍ରଣ ପର୍ବ

ବଡ଼ସାହି,୨୬ ।୧୦(ସମିସ): ବଡ଼ସାହି ମଣ୍ଡଳ ବିଜେପି ପକ୍ଷରୁ ବଡ଼ସାହି ମଣ୍ଡଳ ପାର୍ଟି କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କ ନେତୃତ୍ୱରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ଅନ୍ୟ ଦଳର କର୍ମୀ ବିଜେପିରେ ସାମିଲ ହୋଇଥିଲେ। ବିଧାୟକ ଶ୍ରୀ ବିଜୁଳି ସେମାନଙ୍କୁ ଉତ୍ତରୀୟ ଓ ଟୋପି ପ୍ରଦାନ କରି ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମକୁ ବଡ଼ସାହି ମଣ୍ଡଳ ସଭାପତି ଭବାନୀ ଶଙ୍କର ସାହୁ, ଉପସଭାପତି ଅମୂଲ୍ୟ ପାଢ଼ୀ ଓ ସତ୍ୟନାରାୟଣ ନାୟକ, ମଣ୍ଡଳ ସାଧାରଣ ସମ୍ପାଦକ ଦୀପକ ବାରିକ, ରବିକାନ୍ତ ବେହେରା, ମଣ୍ଡଳ ସମ୍ପାଦକ ସିଦ୍ଧାର୍ଥ ଆଚାର୍ଯ୍ୟ ପରିଚାଳନା କରିଥିଲେ।

ଚୋରଙ୍କ ଚରାଭୂଇଁ ପାଲଟିଛି ବୈଶିଙ୍ଗା

ଗୋଟିଏ ରାତିରେ ୪ ଟ୍ରାନ୍ସଫର୍ମରରୁ କୋର୍ ଓ କଏଲ୍ ଲୁଟ୍

● ଦିନଦ୍ୱିପ୍ରହରରେ ଥାନା ନିକଟରୁ ବାଇକ୍ ଚୋରି
● ପୁଲିସର କାର୍ଯ୍ୟଦକ୍ଷତା ଉପରେ ଉଠିଲା ପ୍ରଶ୍ନ
● ସିସିଟିଭି ଫୁଟେଜ୍ ମିଳିବା ପରେ ବି ପୁଲିସ ହାତ ଖାଲି

ବୈଶିଙ୍ଗା, ୨୬ ।୧୦(ସମିସ):

ବୈଶିଙ୍ଗା ଥାନା ଅଞ୍ଚଳ ଏବେ ଚୋର ଓ ଦୁର୍ବୃତ୍ତଙ୍କ ଚରାଭୂଇଁ ପାଲଟିଛି। ଗୋଟିଏ ପଟେ ରାତି ଅଧରେ ସରକାରୀ ବିଦ୍ୟୁତ୍ କାର୍ଯ୍ୟାଳୟ ପରିସରରୁ ଟ୍ରାନ୍ସଫର୍ମର ସାମଗ୍ରୀ ଲୁଟ୍ ହେଉଛି ତ ଅନ୍ୟପଟେ ଦିନଦ୍ୱିପ୍ରହରରେ ଥାନା ସମ୍ମୁଖରୁ ବାଇକ୍ ଚୋରି ହେଉଛି। ଘଟଣାକୁ ନେଇ ସିସିଟିଭି ଫୁଟେଜ୍ ସହ ଅଭିଯୋଗ ହୋଇଥିଲେ ମଧ୍ୟ ପୁଲିସ ଦୁର୍ବୃତ୍ତଙ୍କୁ ଧରିବାରେ ବିଫଳ ହୋଇଥିବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ, ଗତ ବିଳମ୍ବିତ ରାତିରେ ଦୁର୍ବୃତ୍ତ ବୈଶିଙ୍ଗା ବିଦ୍ୟୁତ୍ ମୁଖ୍ୟ କାର୍ଯ୍ୟାଳୟ ପରିସର ଭିତରୁ ୨ଟି ଟ୍ରାନ୍ସଫର୍ମର ସମେତ ମହୁରୀ ଓ ପଣଶିଆ ଉପକଣ୍ଠ ଅଠାବାଟିଆସ୍ଥ ସବ୍‌ଷ୍ଟେସନ୍‌ରୁ ଆଉ ୨ଟି ଟ୍ରାନ୍ସଫର୍ମରର କୋର୍ ଓ ତମ୍ବା କଏଲ୍ ଚୋରି କରି ନେଇଛନ୍ତି। ଗୋଟିଏ ରାତିରେ ୪ଟି ଟ୍ରାନ୍ସଫର୍ମରରୁ ଏଭଳି ସାମଗ୍ରୀ ଲୁଟ୍ ଘଟଣା ବିଦ୍ୟୁତ୍ ବିଭାଗ ତଥା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଏ ସମ୍ପର୍କରେ ବୈଶିଙ୍ଗା ବିଦ୍ୟୁତ୍ ସେକ୍ସନ୍‌ର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ ନାୟକ ଥାନାରେ ଲିଖିତ ଅଭିଯୋଗ କରିବା ସହ ଚୋରି ସମୟର ସିସିଟିଭି ଫୁଟେଜ୍ ପ୍ରଦାନ କରିଥିଲେ ମଧ୍ୟ ପୁଲିସ ଅଭିଯୁକ୍ତଙ୍କ ଟେର୍ ପାଇପାରିନାହିଁ। ସେହିପରି ଅନ୍ୟ ଏକ ଘଟଣାରେ, ଗତକାଲି ଅପରାହ୍ନ ପ୍ରାୟ ୪ଟା ବେଳେ ବୈଶିଙ୍ଗା ଥାନାଠାରୁ ମାତ୍ର ୫୦ ମିଟର ଦୂର ମୁଖ୍ୟ ବଜାରରୁ ସ୍ପଷ୍ଟ ଦିବାଲୋକରେ ଜଣେ ଅସହାୟ ବୃଦ୍ଧଙ୍କ ବାଇକ୍ ଚୋରି ହୋଇଛି। ସ୍ଥାନୀୟ ହାତୀଝୁରି ଗ୍ରାମର ଅନାଦି ଚରଣ ମହାନ୍ତ ବଜାର ନିକଟରେ ବାଇକ୍ ରଖି ଚା' ପିଉଥିବା ସମୟରେ କେହି ଦୁର୍ବୃତ୍ତ ଗାଡ଼ିକୁ ଷ୍ଟାର୍ଟ କରି ଥାନା ପାଚେରି କଡ଼ ଦେଇ ମାଣତ୍ରୀ ରାସ୍ତାରେ ଚମ୍ପଟ ମାରିଥିଲା। ବୃଦ୍ଧ ଜଣକ ପାଟି କରି ନିକଟସ୍ଥ ଥାନାକୁ ଦୌଡ଼ି ଯାଇ ପୁଲିସକୁ ତୁରନ୍ତ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ପୁଲିସ କୌଣସି ତତ୍ପରତା ପ୍ରକାଶ ନ କରି ଆଗ ଏତଲା ଦେବାକୁ ଓ ଥାନା ଅଧିକାରୀ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ କହିଥିବା ଅଭିଯୋଗ ହୋଇଛି। ପୁଲିସ ଯଦି ତୁରନ୍ତ ସିସିଟିଭି ଫୁଟେଜ୍ ଆଧାରରେ ନାକାବନ୍ଦୀ କରି ତଦନ୍ତ କରିଥା'ନ୍ତା, ତେବେ ବାଇକ୍ ଚୋର ଧରାପଡ଼ିଥା'ନ୍ତା ବୋଲି ପ୍ରତ୍ୟକ୍ଷଦର୍ଶୀ ମତ ଦେଇଛନ୍ତି। ଗତ ଏକ ମାସ ମଧ୍ୟରେ ବୈଶିଙ୍ଗା ଅଞ୍ଚଳରେ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ସ୍ଥାନରେ ଚୋରି ଓ ଲୁଟ୍ ଘଟଣା ଘଟିଥିଲେ ମଧ୍ୟ ପୁଲିସ ହାତ ଏବେ ବି ଖାଲି ପଡ଼ିଛି। ପୁଲିସର ଏଭଳି ନିଷ୍କ୍ରିୟତା ଓ ପାଟ୍ରୋଲିଂ ଅଭାବ ଯୋଗୁଁ ଅଞ୍ଚଳରେ ଅପରାଧୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଥିବା ନେଇ ସାଧାରଣରେ ତୀବ୍ର କ୍ଷୋଭ ପ୍ରକାଶ ପାଇବା ସହ ବୈଶିଙ୍ଗା ପୁଲିସର କାର୍ଯ୍ୟଦକ୍ଷତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସକାଳ THE SAKALA

ତେଲଦିହୁଡ଼ିରେ ବେଆଇନ ନିଶା କାରବାର

ମଦ ବନ୍ଦ ଦାବିରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ମହିଳା

ଉଦଳା, ୨୬ ।୧୦ (ସମିସ)

ଗ୍ରାମରେ ବେଆଇନ ମଦ ଓ ଡ୍ରଗ୍ସ କାରବାର ବୃଦ୍ଧି ପାଉଥିବା ପ୍ରତିବାଦରେ ଶେଷରେ ମହିଳାମାନେ ରାଜରାସ୍ତାକୁ ଓହ୍ଲାଇବାକୁ ସଜବାଜ ସହ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଉଦଳା ଥାନା ଅନ୍ତର୍ଗତ ତେଲଦିହୁଡି ଗ୍ରାମରେ ଏହି ବେଆଇନ ନିଶା କାରବାର ଯୋଗୁଁ ଗ୍ରାମର ଯୁବପିଢ଼ି ବିପଥଗାମୀ ହେଉଥିବାବେଳେ ସାମାଜିକ ଶାନ୍ତିଶୃଙ୍ଖଳା ବିପର୍ଯ୍ୟସ୍ତ ହେବାରେ ଲାଗିଛି । ପୂର୍ବରୁ ଏହି ବେଆଇନ କାରବାର ବନ୍ଦ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ସମ୍ପୃକ୍ତ ବେପାରୀଙ୍କୁ ବାରମ୍ବାର ତାଗିଦ କରାଯାଇଥିଲା । ତଥାପି ବେପାରୀମାନେ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରି କାରବାର

ଚଳାଇ ଆସୁଛନ୍ତି । ଏ ନେଇ ସ୍ଥାନୀୟ ପୁଲିସ ଓ ଅବକାରୀ ବିଭାଗ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଗ୍ରାମର ମହିଳାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଶେଷରେ ସୋମବାର ତେଲଦିହୁଡି ଗ୍ରାମର ଶତାଧିକ ମହିଳା ଏକତ୍ର ହୋଇ ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିରରେ ପହଞ୍ଚି ଜିଲ୍ଲାପାଳଙ୍କୁ ସାକ୍ଷାତ କରିବା ସହ ଲିଖିତ ଭାବେ ଗୁହାରି ଜଣାଇଛନ୍ତି । ଗ୍ରାମରେ ତୁରନ୍ତ ବେଆଇନ ମଦ ଓ ନିଶା କାରବାର ସମ୍ପୂର୍ଣ୍ଣ ବନ୍ଦ କରିବାକୁ ସେମାନେ ଦାବି କରିଛନ୍ତି । ଯଦି ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ନ ଦିଏ, ତେବେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇ ବ୍ୟାପକ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

ବାଲ୍‌ଟି ପାଣିରେ ପଡ଼ି ଦେଢ଼ବର୍ଷର ଶିଶୁ ମୃତ

ରାଇରଙ୍ଗପୁର, ୨୬ ।୧୦ (ସମିସ): ଘର ବାଡ଼ିପଟେ ଖେଳୁଥିବାବେଳେ ପାଣି ଭର୍ତ୍ତି ବାଲ୍‌ଟିରେ ପଡ଼ି ଜଣେ ଦେଢ଼ବର୍ଷର ଶିଶୁପୁତ୍ରର ମୃତ୍ୟୁ ଘଟିଛି । ଏଭଳି ଦୁଃଖଦ ଘଟଣା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଭାଲୁପାହାଡ଼ି ଗାଁରେ ଘଟିଛି । ମୃତ ଶିଶୁ ଶ୍ରବଣ ଗିରିଙ୍କ ପୁଅ ବୋଲି ଜଣାପଡ଼ିଛି । ଶିଶୁଟି ଘର ବାଡ଼ିପଟେ ଥିବା କୂଅ ନିକଟରେ ଖେଳୁଥିବା ବେଳେ ନିକଟରେ ଥିବା ପାଣିଭର୍ତ୍ତି ବାଲ୍‌ଟିରେ ହାତ ବୁଡ଼ାଇବାବେଳେ ସେ ଭିତରେ ପଡ଼ିଯାଇଥିଲା । କେହି ନ ଥିବାରୁ ଅନେକ ସମୟ ପରେ ପରିବାର ଲୋକେ ଶିଶୁକୁ ଉଦ୍ଧାର କରି ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାକୁ ନେବାପରେ ଡାକ୍ତର ଶିଶୁକୁ ମୃତ ଘୋଷଣା କରିଥିଲେ ।

ଦିବ୍ୟାଙ୍ଗ ଯୁବତୀଙ୍କ ମୃତ୍ୟୁ, ସନ୍ଦେହରେ ପରିବାର

ସାରସକଣା,୨୬ା୧୦(ସମିସ): ଜଙ୍ଗଲରୁ ମିଳିଲା ଜଣେ ଦିବ୍ୟାଙ୍ଗ ଯୁବତୀଙ୍କ ମୃତଦେହ । ତାଙ୍କ ମୃତ୍ୟୁକୁ ନେଇ ଉଠିଛି ଅନେକ ପ୍ରଶ୍ନ । ସ୍ୱାଭାବିକ ମୃତ୍ୟୁ ହୋଇନି ନା ଏହା ପଛରେ ରହିଛି ଅପରାଧିକ ଷଡ଼ଯନ୍ତ୍ର, ଏଭଳି ଅନେକ ପ୍ରଶ୍ନ ଏବେ ପରିବାର ଓ ଅଞ୍ଚଳବାସୀଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି । ଝାରପୋଖରିଆ ଥାନା ଉମାଦେଇପୁର ପଞ୍ଚାୟତର ବଣସାହି ଗ୍ରାମ ନିକଟସ୍ଥ ଜଙ୍ଗଲରୁ ଦିବ୍ୟାଙ୍ଗ ଯୁବତୀଙ୍କ ମୃତଦେହ ପଡ଼ିଥିବା ଗ୍ରାମବାସୀ ଦେଖିବା ପରେ ଝାରପୋଖରିଆ ଥାନାକୁ ଖବର ଦେଇଥିଲେ । ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବାରିପଦାସ୍ଥ ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯୁବତୀଙ୍କ ମୃତ୍ୟୁକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ତାଙ୍କ ସାବତ ମା'ଙ୍କ ବିରୋଧରେ ଗୁରୁତର ଅଭିଯୋଗ ଉଠିଛି । ଏହି ଅଭିଯୋଗର ସତ୍ୟତା ଏଯାଏଁ ପ୍ରମାଣିତ ହୋଇନାହିଁ । ପୁଲିସ ତଦନ୍ତ ପରେ ହିଁ ପ୍ରକୃତ ଘଟଣା ସାମ୍ନାକୁ ଆସିବ । ଏହି ଘଟଣାରେ ପୁଲିସ ମାମଲା ରୁଜୁ ରୁଜୁ କରି ତଦନ୍ତ ଚଳାଇଛି । ବ୍ୟବଚ୍ଛେଦ ରିପୋର୍ଟ ଉପରେ ସମସ୍ତଙ୍କ ନଜର ରହିଛି ।

ବସ୍ ଧକ୍କାରେ ଦିନମଜୁରିଆଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

ମୋରଡ଼ା,୨୬ ।୧୦(ସମିସ): ବେତନଟୀ ଥାନା ଅଧୀନ ଦାନ୍ତିଆମୁହାଁ ଜାତୀୟ ରାଜପଥ ଛକ ନିକଟରେ ସୋମବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି । ଏକ ଘରୋଇ ବସ୍ ଧକ୍କାରେ ଜଣେ ଶ୍ରମିକଙ୍କ ପ୍ରାଣହାନି ଘଟିଛି । ମୃତକ ଦାନ୍ତିଆମୁହାଁ ପଞ୍ଚାୟତ ନୂଆସାହି ଗ୍ରାମର ଜଗମୋହନ ସିଂଙ୍କ ପୁଅ ଶମ୍ଭୁ ସିଂ । ଶମ୍ଭୁ କାମ ସାରି ସାଇକଲରେ ଘରକୁ ଫେରୁଥିଲେ । ଦାନ୍ତିଆମୁହାଁ ଛକ ନିକଟରେ ଜାତୀୟ ରାଜପଥ ପାର ହେଉଥିବା ସମୟରେ ଭୁବନେଶ୍ୱର ପଟୁ ଦ୍ରୁତଗତିରେ ଆସୁଥିବା ଏକ ବସ୍ ସହିତ ଧକ୍କା ହୋଇଥିଲା । ଦୁର୍ଘଟଣା ପରେ ଚାଳକ ବସ୍ ସହ ନେଇ ପଳାଇଥିଲେ । ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଶମ୍ଭୁଙ୍କୁ ଏକ ଅଟୋ ଯୋଗେ କୃଷ୍ଣଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତକଙ୍କ ଅସହାୟ ପରିବାରକୁ ତୁରନ୍ତ ସରକାରୀ ଆର୍ଥିକ ସହାୟତା ଯୋଗାଇ ଦେବା ଓ ଦୁର୍ଘଟଣା ଘଟାଇ ଫେରାର ଥିବା ବସ୍ ଚାଳକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଖବର ପାଇ ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି ।

ଭିଣୋଇ ଘରେ ଶାଳୀର ଆତ୍ମହତ୍ୟା

ରାଇରଙ୍ଗପୁର, ୨୬ ।୧୦(ସମିସ): ବାଦାମପାହାଡ଼ ଥାନା ଅନ୍ତର୍ଗତ ହାଟସାହିରେ ଭିଣୋଇ ଘରେ ଜଣେ ନାବାଳିକା ଶାଳୀ ଆତ୍ମହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି । ମୃତ ନାବାଳିକା ଜଣକ ତିରିଂ ଥାନା ଝରାଡିହି ଫାଣ୍ଡି ଅଧୀନ ପୋଖରିଆ ଗ୍ରାମର ସ୍ୱର୍ଗତ ବୁବରାଜ ପାତ୍ରଙ୍କ ଝିଅ ପୂଜା ପାତ୍ର । ପୂଜା ଦଶମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ । ତାଙ୍କ ବାପା-ମା' ଆରପାରିରେ ଥିବାରୁ ସେ ଦୁର୍ଗାପୂଜା ଦେଖିବା ଲାଗି ବାଦାମପାହାଡ଼ସ୍ଥ ନିଜ ଭିଣୋଇ ମାଖନ ପାତ୍ରଙ୍କ ଘରକୁ ଆସିଥିଲେ । ଘରେ କେହି ନ ଥିବା ସମୟରେ ଘରର ଭିତର ପାଶ୍ୱର୍ ଓରାରେ ଏକ ଲୁଗା ସାହାଯ୍ୟରେ ବେକରେ ଫାଶି ଲଗାଇ ସେ ଆତ୍ମହତ୍ୟା କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ବାଦାମପାହାଡ଼ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ରାଇରଙ୍ଗପୁର ଡାକ୍ତରଖାନାକୁ ପଠାଇଥିଲା । ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି ।

ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

କୁଆମରା,୨୬ ।୧୦(ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ କେନ୍ଦୁଗାଡି ଗ୍ରାମର ଜଣେ ଯୁବକ ବେକରେ ରଶି ଲଗାଇ ଗତ ରାତିରେ ଆତ୍ମହତ୍ୟା କରିଛନ୍ତି । ମୃତକ ଟୁନା ମହାନ୍ତ । ରବିବାର ରାତିରେ ପରିବାର ଲୋକେ ଖାଇ ସାରିବା ପରେ ସେ ଝାଡ଼ା ଫେରିବା ବାହାନାରେ ବାହାରକୁ ଆସି ଦୀର୍ଘ ସମୟ ଧରି ଘରକୁ ଫେରି ନ ଥିଲେ । ପରିବାର ଲୋକ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ । ତେବେ ଘର ନିକଟରୁ କିଛି ଦୂରରେ ରାସ୍ତା ପାଶ୍ୱର୍ରେ ଥିବା ଏକ ଗଛରେ ବେକରେ ରଶି ବନ୍ଧା ହୋଇ ଝୁଲୁଥିବା ଆଜି ସକାଳେ ଦେଖିବାକୁ ମିଳିଥିଲା । ପରିବାର ଲୋକ ତାଙ୍କୁ ତଳକୁ ଓହ୍ଲାଇଥିଲେ । ସେତେବେଳକୁ ମୃତ୍ୟୁ ଘଟିସାରିଥିଲା । ପୋଲିସ ପହଞ୍ଚି ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନା ପଠାଇଥିବାବେଳେ ୬୩/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଆତ୍ମହତ୍ୟାର ସଠିକ କାରଣ ଜଣାପଡି ନ ଥିବାବେଳେ ଏଏସ୍‌ଆଇ ସବ୍ୟସାଚୀ ସାମଲ ତଦନ୍ତ ଆରମ୍ଭ କରିଛନ୍ତି ।

ଜାତୀୟ ଏକତା ଯାତ୍ରା

ଗୁଜରାଟ ଅଭିମୁଖେ ମୟୂରଭଞ୍ଜର ୫୧ ଜଣିଆ ପ୍ରତିନିଧି ଦଳ

ବାରିପଦା, ୨୬ ।୧୦(ସମିସ): ଦେଶର ଏକତା, ଅଖଣ୍ଡତା ଓ ଭାଇଚାରାର ବାର୍ତ୍ତା ନେଇ 'ଜାତୀୟ ଏକତା ଯାତ୍ରା-୨୦୨୬'ରେ ସାମିଲ ହେବାକୁ ମୟୂରଭଞ୍ଜ ଜିଲ୍ଲାରୁ ଏକ ୫୧ ଜଣିଆ ପ୍ରତିନିଧି ଦଳ ଗୁଜରାଟ ଅଭିମୁଖେ ଯାତ୍ରା କରିଛନ୍ତି । କେନ୍ଦ୍ର ଗୃହ ମନ୍ତ୍ରାଳୟ, ରାଜ୍ୟ ଗୃହ ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଏହି ଯାତ୍ରାର ଆୟୋଜନ କରାଯାଇଛି । ଏହି ଯାତ୍ରା ପାଇଁ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରୁ ମନୋନୀତ ଛାତ୍ରଛାତ୍ରୀ ଓ ଯୁବ ପ୍ରତିଭାଙ୍କୁ ନେଇ ୫୧ ଜଣିଆ ଦଳ ଗଠନ କରାଯାଇଛି । ସୋମବାର ବାରିପଦା ପୁଲିସ ପଡ଼ିଆରୁ ଏକ ସ୍ୱତନ୍ତ୍ର ବସ୍ ଯୋଗେ ଏହି ପ୍ରତିନିଧି ଦଳ ଭୁବନେଶ୍ୱର ଅଭିମୁଖେ ବାହାରିଛନ୍ତି । ସେଠାରୁ ସେମାନେ ଟ୍ରେନ୍ ଯୋଗେ ଗୁଜରାଟ ଗସ୍ତ କରିବେ । ଏହି ଯାତ୍ରା କାଳରେ ସେମାନେ ଗୁଜରାଟର

କେଭାଡିଆସ୍ଥ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପ୍ରତିମୂର୍ତ୍ତି "ଷ୍ଟାଚ୍ୟୁ ଅଫ୍ ୟୁନିଟି' ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି । ଜାତୀୟ ଏକତା ଦିବସ ଉପଲକ୍ଷେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ନେଇ ଯୁବକ/ଯୁବତୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି । ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ ଉପସ୍ଥିତ ରହି ଯାତ୍ରାର ଶୁଭାରମ୍ଭ କରିବା ସହ ଯୁବ ପ୍ରତିନିଧିଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

ଯାତ୍ରାରେ ସାମିଲ ହୋଇଥିବା ଶ୍ରୀମା ମହିଳା ମହାବିଦ୍ୟାଳୟର ଛାତ୍ରୀ ନିହାରିକା ବାରିକ, ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀ ଲତିକା ମହାନ୍ତ ଓ ବାଙ୍ଗିରିପୋଷୀ କଲେଜର ଛାତ୍ର ବିକାଶ ନାୟକ ପ୍ରମୁଖ ନିଜର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଛାତ୍ରଛାତ୍ରୀ କହିଛନ୍ତି, ଜିଲ୍ଲା ପକ୍ଷରୁ ପ୍ରତିନିଧିତ୍ୱ କରିବା ଆମ ପାଇଁ ଅତ୍ୟନ୍ତ ଗର୍ବର ବିଷୟ । ଜୀବନର ଏହି ପ୍ରଥମ ବଡ଼ ଯାତ୍ରା ମାଧ୍ୟମରେ ଦେଶର ବିବିଧତା ମଧ୍ୟରେ ଏକତାକୁ ଅନୁଭବ କରିବା, ନୂତନ ବନ୍ଧୁତା ସ୍ଥାପନ କରିବା, ଜାତୀୟ ସଂହତିର ବାର୍ତ୍ତା ପ୍ରସାର କରିବା ଆମର ମୁଖ୍ୟ ଲକ୍ଷ୍ୟ । ଏହି ଯାତ୍ରା ଜାତୀୟ ଏକତା ଭାବନାକୁ ଆହୁରି ସୁଦୃଢ଼ କରିବ ବୋଲି ଯୁବ ପ୍ରତିନିଧି ପ୍ରକାଶ କରିଛନ୍ତି ।

କୁମାର ପୂର୍ଣ୍ଣିମାରେ ଉତ୍ସବମୁଖର ଚମ୍ପୁଆ

ଚମ୍ପୁଆ,୨୬ା୧୦(ସମିସ): ଓଡ଼ିଆ ସଂସ୍କୃତି ଓ ପରମ୍ପରାର ଏକ ଅନନ୍ୟ ପର୍ବ ହେଉଛି କୁମାର ପୂର୍ଣ୍ଣିମା । ଶରତ ଆକାଶରେ ଜହ୍ନର ଶୀତଳ ଆଲୋକ ସାଙ୍ଗକୁ "କୁଆଁର ପୁନେଇଁ ଜହ୍ନ ଗୋ ଫୁଲ ବଉଳ ବେଣୀ' ଗୀତର ମଧୁର ସ୍ୱର ପରିବେଶକୁ କରିଥାଏ ମନୋରମ । ଏହି ପର୍ବ ଆସିଲେ ମନେପଡ଼ିଯାଏ ଆମ ମାଟିର ସଂସ୍କୃତି, ପରମ୍ପରା ଓ ପିଲାଦିନର ମଧୁର ସ୍ମୃତି । ସମୟ ବଦଳିଛି, ଜୀବନଶୈଳୀରେ ଆସିଛି ଅନେକ ପରିବର୍ତ୍ତନ । ହେଲେ ଆଜି ବି ଓଡ଼ିଆ ଘରେ ଅକ୍ଷୁଣ୍ଣ ରହିଛି କୁମାର ପୂର୍ଣ୍ଣିମାର ପରମ୍ପରା । ଚମ୍ପୁଆ ଅଞ୍ଚଳରେ ମଧ୍ୟ କୁମାରୀମାନଙ୍କ ମଧ୍ୟରେ ଏହି ପର୍ବକୁ ନେଇ ଦେଖିବାକୁ ମିଳିଛି ଉତ୍ସାହ ଓ ଉଦ୍ଦୀପନା ।ପରମ୍ପରା ଅନୁଯାୟୀ, ସକାଳୁ କୁମାରୀମାନେ ନୂଆ ପୋଷାକ ପିନ୍ଧି ସୂର୍ଯ୍ୟଙ୍କୁ ଖଇ ଅଞ୍ଜୁଳି ଅର୍ପଣ କରିଥାନ୍ତି । ଏହାପରେ ସନ୍ଧ୍ୟା ହେଲେ ତୁଳସୀ ଚଉରା

ନିକଟରେ ଏକାଠି ହୋଇ ଚନ୍ଦ୍ର ପୂଜାରେ ସାମିଲ ହୁଅନ୍ତି । ଖଇ, ନଡ଼ିଆ, କାକୁଡ଼ି, କଦଳୀ ଓ ଗୁଆ ଆଦିକୁ ନେଇ ପ୍ରସ୍ତୁତ ହୁଏ ପାରମ୍ପରିକ "ଚାନ୍ଦ ଚକଟା' ଭୋଗ । ଚନ୍ଦ୍ରଙ୍କୁ ଭୋଗ ଅର୍ପଣ କରିବା ସହ ପରିବାରର ମଙ୍ଗଳ ଓ ମନୋବାଞ୍ଛିତ ଜୀବନସାଥୀ ପାଇବାର କାମନା କରିଥାନ୍ତି କୁମାରୀମାନେ । କୁମାର ପୂର୍ଣ୍ଣିମା କେବଳ ଏକ ପୂଜାପର୍ବ ନୁହେଁ, ଏହା ଓଡ଼ିଆ ଜାତିର ପରିଚୟ ଓ ପରମ୍ପରାର ପ୍ରତୀକ । ଏହି ପର୍ବ ପରିବାର ଓ ସମାଜ ମଧ୍ୟରେ ସ୍ନେହ, ଶ୍ରଦ୍ଧା ଓ ଏକତାର ବନ୍ଧନକୁ ଆହୁରି ମଜବୁତ କରିଥାଏ । ଆଧୁନିକତାର ସ୍ପର୍ଶରେ ଜୀବନର ରୂପ ବଦଳୁଥିଲେ ମଧ୍ୟ ଏଭଳି ପର୍ବପର୍ବାଣି ଆମକୁ ନିଜ ସଂସ୍କୃତି ଓ ପରମ୍ପରା ସହ ଯୋଡ଼ି ରଖିଛି । ଚମ୍ପୁଆରେ କୁମାରୀମାନଙ୍କ ଉତ୍ସାହ ଓ ଚାନ୍ଦ ଚକଟାର ପରମ୍ପରା ପୁଣି ଥରେ ପ୍ରମାଣିତ କରିଛିସମୟ ବଦଳିପାରେ, ହେଲେ ଆମ ସଂସ୍କୃତିର ମହକ କେବେ ମଳିନ ହୁଏନାହିଁ ।

ବାରିପଦାରେ ପୁଣି ଶିଶୁକନ୍ୟା ଚୋରି ଉଦ୍ୟମ, ମହିଳା ଅଟକ

ବାରିପଦା, ୨୬ ।୧୦(ସମିସ): ବାରିପଦା ସହରରେ ପିଲାଚୋରି ଉଦ୍ୟମ ଘଟଣା ଏବେ ସାଧାରଣରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ସୋମବାର ଯମୁନାଦେଇପୁର ଅଞ୍ଚଳରୁ ଚୋରି ହୋଇଥିବା ୪ ବର୍ଷର ଶିଶୁକନ୍ୟା ଆଜି ସକାଳେ ଉଦ୍ଧାର ହୋଇଥିବାବେଳେ ଏହି ଘଟଣାର ଚର୍ଚ୍ଚା ଥମିବା ପୂର୍ବରୁ ଆଜି ଅପରାହ୍ନରେ ସହରରେ ଆଉଏକ ଶିଶୁକନ୍ୟା ଚୋରି ଉଦ୍ୟମ ସାମ୍ନାକୁ ଆସିଛି । ଏ ନେଇ ବାରିପଦା ଟାଉନ ଥାନାରେ ଏକ ଲିଖିତ ଏତଲା ଦିଆଯିବା ସହ ଜଣେ ମଧ୍ୟବୟସ୍କା ମହିଳାଙ୍କୁ ଅଟକ ରଖାଯାଇଛି ।

ବାରିପଦା ଟାଉନ ଥାନା ଅନ୍ତର୍ଗତ ଛାଞ୍ଚ ଅଞ୍ଚଳର ସୌମ୍ୟରଞ୍ଜନ ଦଳେଇଙ୍କ ପତ୍ନୀ ନନ୍ଦିନୀ ପାତ୍ର ଆଜି ଅପରାହ୍ନରେ ଘର ନିକଟରେ ତାଙ୍କର ଦେଢ଼ବର୍ଷର ଶିଶୁକନ୍ୟାକୁ ଧରି ଠିଆ ହୋଇଥିଲେ । ଏହି ସମୟରେ ଜଣେ ଅଜଣା ମଧ୍ୟବୟସ୍କା ମହିଳା ଆସି ଶିଶୁକୁ କୋଳକୁ ନେଇ ସ୍ନେହ କରିବା ଆଳରେ ଅନ୍ୟମନସ୍କତାର ସୁଯୋଗ ନେଇ ଅନ୍ତର୍ଦ୍ଧାନ ହୋଇଯାଇଥିଲେ । ପିଲାକୁ ନ ପାଇ ମା' ନନ୍ଦିନୀ ଚିତ୍କାର କରିବା ସହ ସ୍ଥାନୀୟ ମହିଳାଙ୍କ ସହାୟତାରେ ତୁରନ୍ତ ଖୋଜାଖୋଜି ଆରମ୍ଭ କରିଥିଲେ । ତଲାସୀ ସମୟରେ ଉକ୍ତ ମହିଳା ଜଣକ ଶିଶୁକୁ ଧରି ଜାତୀୟ ରାଜପଥ ନିକଟସ୍ଥ କେବୁଲ କାରଖାନା ନିକଟ ଦେଇ ଯାଉଥିବାବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରିଥିଲେ । ପରେ ତାଙ୍କୁ ବାରିପଦା ଟାଉନ ଥାନା ପୁଲିସକୁ ଜିମା ଦିଆଯାଇଛି । ପୁଲିସ ଏହି ଘଟଣାରେ ଅଭିଯୁକ୍ତ ମହିଳାଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି ।

■ ଲଘୁଚାପଜନିତ ବର୍ଷାରେ ଘର କ୍ଷତି ସହାୟତା

ବଡ଼ସାହିର ୪୭୧ ହିତାଧିକାରୀଙ୍କୁ ମିଳିଲା ପ୍ରାୟ ୧୩ ଲକ୍ଷ ଟଙ୍କା

ବଡ଼ସାହି, ୨୬ ।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ତହସିଲ ଅଞ୍ଚଳରେ ଗତ ଜୁଲାଇ ୨୭ରୁ ୩୧ ତାରିଖ ମଧ୍ୟରେ ହୋଇଥିବା ପ୍ରବଳ ବର୍ଷା ଯୋଗୁଁ ବ୍ୟାପକ ଘର କ୍ଷତି ହୋଇଥିଲା । ଏଥିରେ ପ୍ରଭାବିତ ହୋଇଥିବା ଲୋକଙ୍କୁ ସରକାରୀ ନିୟମ ଅନୁଯାୟୀ ସହାୟତା ରାଶି ପ୍ରଦାନ କରାଯାଇଛି । ବଡ଼ସାହି ତହସିଲଦାରଙ୍କ କାର୍ଯ୍ୟାଳୟ ପକ୍ଷରୁ ୪୭୧ ଜଣ ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଇ-ଟ୍ରାନ୍ସଫର ମାଧ୍ୟମରେ ୧୨ ଲକ୍ଷ ୮୯ ହଜାର ୬୦୩ ଟଙ୍କା ପ୍ରଦାନ କରାଯାଇଛି । ଏ ନେଇ ତହସିଲଦାର ବିଶ୍ୱନାଥ ବିଶ୍ୱାଳଙ୍କ ପକ୍ଷରୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ବଡ଼ସାହି ଶାଖା ପରିଚାଳକଙ୍କୁ ପତ୍ର ସଂଖ୍ୟା ୪୯୭୩ ଯୋଗେ ରାଶି ପ୍ରଦାନ ନିମନ୍ତେ ଆବଶ୍ୟକୀୟ ନିର୍ଦ୍ଦେଶ ଦିଆଯାଇଛି । ହିତାଧିକାରୀଙ୍କ ନାମ, ବ୍ୟାଙ୍କ ଖାତା ନମ୍ବର ଓ ଆଇଏଫଏସସି କୋଡ୍ ଯାଞ୍ଚ ପରେ ସିଧାସଳଖ ସେମାନଙ୍କ ଖାତାକୁ ଏହି ଅର୍ଥ ପଠାଇବା ପାଇଁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଛି ।

● ଦୁର୍ନୀତି ନିବାରଣ ସପ୍ତାହ

ସାଧୁତାର ଶପଥ ନେଲେ ଅଧିକାରୀ ଓ କର୍ମଚାରୀ

ବାରିପଦା, ୨୬ ।୧୦(ସମିସ): ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ସୋମବାରଠାରୁ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ବିଭିନ୍ନ ସ୍ଥାନରେ ସାଧୁତାର ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉଦଳା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଳିତ ଜନଶୁଣାଣି ଶିବିରରେ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ଉପସ୍ଥିତିରେ ଅଧିକାରୀ ଓ କର୍ମଚାରୀ ସଚ୍ଚୋଟ ଓ ସ୍ୱଚ୍ଛ ସେବା ପ୍ରଦାନ ନିମନ୍ତେ ଶପଥ ନେଇଥିଲେ । ଏଥିରେ ଏସପି ବରୁଣ ଗୁଣ୍ଟୁପାଲ୍ଲୀ, ଜିଲ୍ଲା ପରିଷଦ ସିଡିଓ ଧର୍ମାନନ୍ଦ ବେହେରା ଓ ଉପଜିଲ୍ଲାପାଳ ପ୍ରଣୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ବାରିପଦାସ୍ଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକଙ୍କ ନେତୃତ୍ୱରେ ଅନ୍ୟଏକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର ମୁଦୁଲୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଯୋଗଦେଇ ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ପ୍ରଶାସନ ଗଠନ ପାଇଁ ସଂକଳ୍ପ ନେଇଥିଲେ । ଚଳିତ ବର୍ଷ "ସାଧୁତାରୁ ସମୃଦ୍ଧି' ବିଷୟବସ୍ତୁକୁ ନେଇ ଅକ୍ଟୋବର ୨୬ରୁ ନଭେମ୍ବର ୧ ପର୍ଯ୍ୟନ୍ତ ଏହି ସପ୍ତାହ ପାଳିତ ହେଉଛି ।

ଉତ୍କଳମଣି ବିଦ୍ୟାମନ୍ଦିରରେ ଗୋଦାବରୀଶ ମିଶ୍ରଙ୍କ ଜୟନ୍ତୀ

ବାରିପଦା, ୨୬ ।୧୦(ସମିସ): ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ ଜିଲ୍ଲା ଚକ୍ରଧରପୁରସ୍ଥ ଉତ୍କଳମଣି ବିଦ୍ୟାମନ୍ଦିର ପରିସରରେ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏ ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସହାୟକ ଶିକ୍ଷକ ଚନ୍ଦନ ଶର୍ମା, ଶିକ୍ଷୟିତ୍ରୀ ଶୁଭଶ୍ରୀ ସାହୁ, ରୀତା ରୱାନି, ସାଇଲକ୍ଷ୍ମୀ ପ୍ରଧାନ ଓ ପ୍ରଦ୍ୟୁମ୍ନ କୁମ୍ଭକାର ପ୍ରମୁଖ ଉପସ୍ଥିତ ରହି ପଣ୍ଡିତ ମିଶ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଯୋଗଦେଇ ପଣ୍ଡିତ ମିଶ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସଂକଳ୍ପ ନେଇଥିଲେ ।

ରାଜ୍ୟସ୍ତରୀୟ ସନ୍ତରଣରେ ମୟୂରଭଞ୍ଜକୁ ୧୦ ପଦକ

ବାରିପଦା, ୨୬ ।୧୦(ସମିସ): ସମ୍ବଲପୁରସ୍ଥ ଝସକେତନ ସାହୁ ସନ୍ତରଣାଗାରରେ ଅନୁଷ୍ଠିତ ୧୪ତମ ଖଟେଶ୍ୱର ପାଣ୍ଡେ ସ୍ମାରକୀ ଅଲ୍ ଓଡ଼ିଶା ଓପନ୍ ସନ୍ତରଣ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାର ପ୍ରତିଯୋଗୀ ଉଲ୍ଲେଖନୀୟ ପ୍ରଦର୍ଶନ କରି ୧୦ଟି ପଦକ ହାସଲ କରିଛନ୍ତି । ଗ୍ରୁପ୍-୩ ବାଳିକା ବର୍ଗରେ ତନୁଜା ମହାନ୍ତ ୫୦ ମିଟର ଫ୍ରିଷ୍ଟାଇଲ୍ ଓ ବଟରଫ୍ଲାଏରେ ୨ଟି ରୌପ୍ୟ, ରୁଷା କିସ୍କୁ ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ରୌପ୍ୟ ଓ ଫ୍ରିଷ୍ଟାଇଲ୍‌ରେ କାଂସ୍ୟ, ବାଲେ ହୋ ୫୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ରୌପ୍ୟ ପଦକ ଜିତିଛନ୍ତି । ସିନିୟର ପୁରୁଷ ବର୍ଗରେ ସରବଣ କୁମାର ପ୍ରଧାନ ୫୦ ମିଟର ବଟରଫ୍ଲାଏ ଓ ଫ୍ରିଷ୍ଟାଇଲ୍‌ରେ ୨ଟି ରୌପ୍ୟ ପାଇଛନ୍ତି । ମାଷ୍ଟର୍ସ ବର୍ଗରେ କମଳକୃଷ୍ଣ ଘୋଷ (୨୫-୨୯ ବର୍ଷ) ୫୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ଗୋଟିଏ, ସ୍ନେହଲତା ଧଳ (୩୫-୩୯ ବର୍ଷ) ୫୦ ମିଟର ଫ୍ରିଷ୍ଟାଇଲ୍ ଓ ବ୍ୟାକ୍‌ଷ୍ଟ୍ରୋକ୍‌ରେ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ପ୍ରତିଯୋଗୀଙ୍କ ଏହି ସଫଳତା ଜିଲ୍ଲାରେ ସନ୍ତରଣ କ୍ରୀଡ଼ାର ବିକାଶ ଓ ପ୍ରତିଭାକୁ ପ୍ରତିଫଳିତ କରୁଛି ବୋଲି ଜିଲ୍ଲା କ୍ରୀଡ଼ା ଅଧିକାରୀ ଡ. ଶୁଭାଶିଷ ନାୟକ ପ୍ରକାଶ କରିଛନ୍ତି ।

ପଞ୍ଚାୟତ ନିର୍ବାଚନ ପାଇଁ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି

ମହୁଲଡିହା,୨୬ା୧୦(ସମିସ): ଆଗାମୀ ପଞ୍ଚାୟତିରାଜ ଓ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟ ନିର୍ବାଚନ ଆୟୋଗ ପକ୍ଷରୁ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଏହି କ୍ରମରେ ଅକ୍ଟୋବର ୨୬ରୁ ନଭେମ୍ବର ୭ ପର୍ଯ୍ୟନ୍ତ ଘରକୁ ଘର ବୁଲି (ଡି୨ଡି) ସଂଶୋଧନ କାର୍ଯ୍ୟ କରାଯିବ ବୋଲି ବିଡିଓଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି । ଏହି ଅଭିଯାନରେ ବିଏଲଓ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ ଓ ଏସଏଚଜି ସଦସ୍ୟ ପ୍ରତ୍ୟେକ ଘରକୁ ଯାଇ ଭୋଟରଙ୍କ ତଥ୍ୟ ଯାଞ୍ଚ କରିବେ । ମୃତ ବ୍ୟକ୍ତି, ସ୍ଥାନାନ୍ତରିତ ଓ ଡବଲ ନାମ ଚିହ୍ନଟ କରି ତାଲିକାରୁ ବାଦ ଦିଆଯିବା ସହ ନୂତନ ଯୋଗ୍ୟ ଭୋଟର (୧୮ ବର୍ଷ)ଙ୍କ ନାମ ତାଲିକାରେ ସଂଯୋଗ କରାଯିବ । ନାମ ଯୋଡିବା/ସଂଶୋଧନ ପାଇଁ ଫର୍ମ ନଂ-୧୬/ ଫର୍ମ-୩ ଓ ନାମ ବାଦ/ଆପତ୍ତି ପାଇଁ ଫର୍ମ-୧୭ / ଫର୍ମ-୪ ବ୍ୟବହାର କରିବାକୁ କୁହାଯାଇଛି । ଏହି ସମୟରେ ଆଧାର କାର୍ଡ ବାଧ୍ୟତାମୂଳକ ନୁହେଁ ବୋଲି ଆୟୋଗ ସ୍ପଷ୍ଟ କରିଛନ୍ତି । ସମସ୍ତ ଭୋଟରଙ୍କୁ ସଠିକ ତଥ୍ୟ ଦେଇ ସହଯୋଗ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି ।

ଓଡ଼ିଶା ହୋମ୍‌ଷ୍ଟେ ପ୍ରତିଷ୍ଠା ଯୋଜନା

ମୟୂରଭଞ୍ଜର ୭ ପଞ୍ଚାୟତରେ ମିଳିବ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପ୍ରୋତ୍ସାହନ

ବାରିପଦା, ୨୬ ।୧୦ (ସମିସ)

ମୟୂରଭଞ୍ଜ ଜିଲ୍ଲାରେ ବଢୁଥିବା ପର୍ଯ୍ୟଟନ ସମ୍ଭାବନାକୁ ଲୋକଙ୍କ ଜୀବିକା ଓ ରୋଜଗାର ସହ ଯୋଡ଼ିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି । "ଓଡ଼ିଶା ହୋମ୍‌ଷ୍ଟେ ପ୍ରତିଷ୍ଠା ଯୋଜନା-୨୦୨୫' ଅଧୀନରେ ଜିଲ୍ଲାର ୭ଟି ଚିହ୍ନଟ ପଞ୍ଚାୟତରେ ନୂତନ ହୋମ୍‌ଷ୍ଟେ ପ୍ରତିଷ୍ଠା ପାଇଁ ଯୋଗ୍ୟ ଆବେଦନକାରୀଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦିଆଯିବ । ଏଥିପାଇଁ ଆସନ୍ତା ଅକ୍ଟୋବର ୩୧ ତାରିଖକୁ ଆବେଦନର ଶେଷ ସମୟ ଧାର୍ଯ୍ୟ କରାଯାଇଛି । ଯୋଜନା ଅନୁଯାୟୀ, ଜମି ମୂଲ୍ୟ ବ୍ୟତୀତ ସ୍ଥାୟୀ ପୁଞ୍ଜିନିବେଶ ଉପରେ ୫୦ ପ୍ରତିଶତ ପର୍ଯ୍ୟନ୍ତ

ଅକ୍ଟୋବର ୩୧
ଆବେଦନର ଶେଷ ତାରିଖ

ଏକକାଳୀନ ଆର୍ଥିକ ପ୍ରୋତ୍ସାହନ ମିଳିବ । ପ୍ରତି ଅତିଥି କକ୍ଷ ପିଛା ସର୍ବାଧିକ ୨.୫ ଲକ୍ଷ ଟଙ୍କା ହିସାବରେ ସର୍ବାଧିକ ୪ଟି କକ୍ଷ ନିମନ୍ତେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ପ୍ରଦାନ କରାଯିବ । ଏହି ଅନୁଦାନ ଗୃହ ନିର୍ମାଣ, ଇଣ୍ଟେରିୟର ଡିଜାଇନ, ବିଦ୍ୟୁତୀକରଣ, ଆସବାବପତ୍ର, ରୋଷେଇ ଉପକରଣ, ଜଳ ବିଶୋଧନ ଓ ସୁରକ୍ଷା ବ୍ୟବସ୍ଥା ଆଦି ବିଭିନ୍ନ କ୍ଷେତ୍ର ପାଇଁ ଉପଲବ୍ଧ ହେବ ।

ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ଯଶିପୁର ବ୍ଲକ ଅନ୍ତର୍ଗତ ଧଳାବଣି, ମାଟିଆଗଡ଼ ଓ ପୋଡ଼ାଗଡ଼, ଠାକୁରମୁଣ୍ଡା ବ୍ଲକର ପଡ଼ିଆବେଡ଼ା, ଉଦଳା ବ୍ଲକର କୁଣ୍ଡାବାଇ, ବଡ଼ସାହି ବ୍ଲକର ପ୍ରତାପପୁର ଓ ଶାମାଖୁଣ୍ଟା ବ୍ଲକର କୋଟିଲାଘାଟି ପଞ୍ଚାୟତକୁ ସାମିଲ କରାଯାଇଛି । ଆବେଦନକାରୀ ଚିହ୍ନଟ ପଞ୍ଚାୟତର ବାସିନ୍ଦା ହେବା ବାଧ୍ୟତାମୂଳକ ନୁହେଁ, ବରଂ ସମ୍ପୃକ୍ତ ବ୍ଲକର ସ୍ଥାୟୀ ବାସିନ୍ଦା ହୋଇଥିଲେ ମଧ୍ୟ ଆବେଦନ କରିପାରିବେ । ତେବେ ପ୍ରସ୍ତାବିତ ହୋମ୍‌ଷ୍ଟେଟି ଉକ୍ତ ବ୍ଲକର ଚିହ୍ନଟ ପଞ୍ଚାୟତ ଅଞ୍ଚଳରେ ହିଁ ନିର୍ମାଣ ହେବା ଆବଶ୍ୟକ । ଆବେଦନକାରୀଙ୍କ ବୟସ ୧୮ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବା ସହିତ ଆଧାର କାର୍ଡ, ପାନ୍ କାର୍ଡ, ଆଧାର ସଂଯୁକ୍ତ ବ୍ୟାଙ୍କ ଖାତା ଓ ଜମିର ସ୍ପଷ୍ଟ ମାଲିକାନା କିମ୍ବା ବୈଧ ଲିଜ୍ କାଗଜପତ୍ର ଥିବା ଜରୁରୀ । ପର୍ଯ୍ୟଟନ ବିଭାଗ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏହି ହୋମ୍‌ଷ୍ଟେଗୁଡ଼ିକୁ ସରକାରୀ ଡାଇରେକ୍ଟୋରିରେ ସ୍ଥାନ ଦିଆଯିବା ସହ ଦେଶ ବିଦେଶର ପର୍ଯ୍ୟଟକଙ୍କ ନିକଟରେ ପ୍ରଚାର କରାଯିବ । ଏହାଦ୍ୱାରା କେବଳ ପର୍ଯ୍ୟଟକଙ୍କ ରହଣି ସୁବିଧା ନୁହେଁ, ବରଂ ସ୍ଥାନୀୟ ସଂସ୍କୃତି, ପାରମ୍ପରିକ ଖାଦ୍ୟ ଓ ହସ୍ତଶିଳ୍ପର ପ୍ରସାର ସହ ସ୍ଥାନୀୟ ଗାଇଡ୍, ଚାଳକ, ରୋଷେୟା ଓ କାରିଗରଙ୍କ ପାଇଁ ନୂତନ ରୋଜଗାର ସୃଷ୍ଟି ହୋଇପାରିବ ।

ଆଗ୍ରହୀ ପ୍ରାର୍ଥୀ ଗୋ-ହୋମଷ୍ଟେ. ଓଡ଼ିଶା.ଜିଓଭି.ଇନ୍ ଜରିଆରେ ଅନଲାଇନ୍ ଆବେଦନ କରିପାରିବେ କିମ୍ବା ଅଧିକ ତଥ୍ୟ ପାଇଁ ଜିଲ୍ଲା ପର୍ଯ୍ୟଟନ ବିକାଶ କାର୍ଯ୍ୟାଳୟ ଓ ସଂପୃକ୍ତ ବ୍ଲକ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ସୂଚନା ଦିଆଯାଇଛି ।

ଆଜିର ରାଶିଫଳ

ମେଷ: ଆଜି ଦିନଟି ଆପଣଙ୍କ ପାଇଁ ଭଲ । କଳା ଓ ସାହିତ୍ୟ କ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି । ମନୋରଞ୍ଜନରେ ସମୟ ଅତିବାହିତ ହେବ । ବ୍ୟବସାୟ ଆଗକୁ ବଢ଼ାଇବେ । ସ୍ୱାସ୍ଥ୍ୟରେ ସୁଧାର ଆସିବ ।

ବୃଷ: କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଛାତ୍ରଛାତ୍ରୀଙ୍କୁ ନୂଆ ପ୍ରୋଜେକ୍ଟରେ କାମ କରିବାର ସୁଯୋଗ ମିଳିବ । ଆଶାରୁ ଅଧିକ ସଫଳତା ଲାଭ କରିବେ ।

ମିଥୁନ: ସଫଳତା ପାଇଁ କଠିନ ପରିଶ୍ରମ କରିବେ । ବ୍ୟକ୍ତିଗତ କଥାକୁ ଗୋପନୀୟ ରଖନ୍ତୁ । ସକାରାତ୍ମକ ଚିନ୍ତାଧାରା ରଖନ୍ତୁ । ଭାବପ୍ରବଣ ହୋଇ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ ।

କର୍କଟ: ନୂତନ କାର୍ଯ୍ୟ ପାଇଁ ଯୋଜନା ପ୍ରସ୍ତୁତ କରିବେ । ପରିବାର ଲୋକଙ୍କ ମଧ୍ୟରେ ସମୟ ଅତିବାହିତ କରିବେ । ନିଜ ଲୋକ ଶତ୍ରୁ ସାଜି ପାରନ୍ତି । ତରବରିଆ ଭାବେ ନିବେଶ କରନ୍ତୁ ନାହିଁ ।

ସିଂହ: ଦୁଃଖ ତଥା ଚିନ୍ତା ଦୂର ହେବ । ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଆସିବ । ଅଫିସ୍‌ରେ ସହକର୍ମୀଙ୍କ ସହିତ ମନୋମାଳିନ୍ୟ ଦେଖା ଦେବ । ପିଲାଙ୍କ ପଢ଼ା ପାଇଁ ବ୍ୟସ୍ତ ବିବ୍ରତ ହେବେ ନାହିଁ ।

କନ୍ୟା: ନିଜ ପାଇଁ ସମୟ ବାହାର କରିବେ । ଦୀର୍ଘ ଦିନର ଆଶା ପୂରଣ ହେବ । ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି । ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ । ଚକ୍ଷୁ ସମସ୍ୟା ଭୋଗି ପାରନ୍ତି ।

ତୁଳା: ଦୀର୍ଘ ଦିନରୁ ଲାଗି ରହିଥିବା ବିବାଦରେ ପୂର୍ଣ୍ଣଚ୍ଛେଦ ପଡ଼ିବ । ନୂତନ ବ୍ୟବସାୟ ପାଇଁ ଭଲ ସମୟ । ଯେକୌଣସି ପରିସ୍ଥିତିରେ ଧୈର୍ଯ୍ୟ ରଖନ୍ତୁ । ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି ।

ବିଛା: ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ । ସମାଜ ସେବାରେ ସମୟ ଅତିବାହିତ ହେବ । ସନ୍ତାନଙ୍କ ଭବିଷ୍ୟତକୁ ନେଇ ପିତାମାତା ଚିନ୍ତାରେ ରହିପାରନ୍ତି । ଅଚାନକ ଖୁସି ଖବର ପାଇବେ ।

ଧନୁ: ପୁରୁଣା ବନ୍ଧୁଙ୍କ ସହ ଭେଟ ହୋଇପାରେ । ଶାରୀରିକ ପୀଡ଼ା ଅନୁଭବ କରିବେ । ସୃଜନାତ୍ମକ କାମ ପ୍ରତି ରୁଚି ବଢ଼ିବ । ଅବିବାହିତାଙ୍କ ବିବାହରେ ସମସ୍ୟା ଉତ୍ପନ୍ନ ହେବ ।

ମକର: ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ । ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି । ଲୋକ ସମ୍ପର୍କ ବୃଦ୍ଧି ପାଇବ । ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ ।

କୁମ୍ଭ: ଯାନବାହନ କିଣିବା ଯୋଗ ଅଛି । ଶତ୍ରୁଙ୍କଠାରୁ ଦୂରେଇ ରୁହନ୍ତୁ । ଠକାମିର ଶିକାର ହେବେ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ମିଳିବ । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ ।

ମୀନ: ରାଜନୀତିରେ ଯୋଗ ଦେବେ । ଜୀବନସାଥୀଙ୍କୁ ମନକଥା କହିବେ । ଇଚ୍ଛା ପୂରଣ ହେବ । ନୂଆ ଚାକିରି ମିଳିବ । ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାମୁକ୍ତ ରହିବେ ।

ଆଜିର ଇତିହାସ

- ୧୬୭୬-ପୋଲାଣ୍ଡ ଓ ତୁର୍କୀ ବାର୍‌ସା ସନ୍ଧିରେ ସ୍ୱାକ୍ଷର କଲେ ।
- ୧୯୨୦-ଭାରତର ପୂର୍ବତନ ରାଷ୍ଟ୍ରପତି କେ.ଆର୍ ନାରାୟଣଙ୍କ ଜନ୍ମ ।
- ୧୯୬୮ - ମେକ୍ସିକୋ ସିଟିରେ ୧୯ତମ ଅଲିମ୍ପିକ୍ ଖେଳର ସମାପନ ହେଲା ।
- ୨୦୦୩-ଚୀନ୍‌ରେ ଭୂମିକମ୍ପ ଯୋଗୁଁ ୫୦,୦୦୦ରୁ ଅଧିକ ଲୋକ ପ୍ରଭାବିତ ହୋଇଥିଲେ ।
- ୨୦୨୧- ଭାରତ ଅଗ୍ନି ୫ ମିସାଇଲ୍‌ର ସଫଳ ପରୀକ୍ଷା କଲା ।

ଜୁନ୍ ୪ରେ 'ପୁଲିସ କମ୍ପାନି'

ରାମ ଗୋପାଳ ବର୍ମାଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେଉଥିବା ମେଗା କ୍ରାଇମ୍-ଡ୍ରାମା 'ପୁଲିସ୍ କମ୍ପାନି' ଆସନ୍ତା ବର୍ଷ ଜୁନ୍ ୪ରେ ରିଲିଜ୍ ହେବ । ଫିଲ୍ମର କାହାଣୀ ୧୯୯୭ ରୁ ୨୦୦୪ ମସିହା ମଧ୍ୟରେ ମୁମ୍ବାଇରେ ସକ୍ରିୟ ଥିବା ଅଣ୍ଡରୱାର୍ଲ୍ଡର କଳା ସାମ୍ରାଜ୍ୟ ଉପରେ ଆଧାରିତ । ସେହି ସମୟରେ ଦାଉଦ୍ ଇବ୍ରାହିମ୍, ଛୋଟା ରାଜନ, ଏବଂ ଅବୁ ସାଲେମ ଭଳି ଗ୍ୟାଙ୍ଗଷ୍ଟରମାନେ ମୁମ୍ବାଇର ବ୍ୟବସାୟୀ ଏବଂ ବଲିଉଡ୍ କଳାକାରମାନଙ୍କଠାରୁ ଜୋର ଜବରଦସ୍ତ ପଇସା ଆଦାୟ କରୁଥିଲେ ଏବଂ ଦିନ ଦିପହରେ ହତ୍ୟାକାଣ୍ଡ ଘଟାଉଥିଲେ । ଏହାର ପ୍ରତିବାଦରେ ମୁମ୍ବାଇ ପୋଲିସ ନିଜର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରିଥିଲା, ଯାହାକୁ ପରବର୍ତ୍ତୀ ସମୟରେ 'ଏନକାଉଣ୍ଟର ସ୍କ୍ୱାଡ୍' କୁହାଗଲା । ଅଭିନେତା ହର୍ଷବର୍ଦ୍ଧନ ରାଣେ ଏଥିରେ ଏନକାଉଣ୍ଟର ସ୍ପେଶାଲିଷ୍ଟ ଦୟା ନାୟକଙ୍କ ଭୂମିକାରେ ନଜର ଆସିବେ । ଫରଦିନ୍ ଖାନ୍ ଏଥିରେ ଦୟା ନାୟକଙ୍କ ସହକର୍ମୀ ଭୂମିକାରେ ନଜର ଆସିବେ । ଫାତିମା ସନା ଶେଖ୍, ସୌନ୍ଦର୍ଯ୍ୟା ଶର୍ମା, ପରେଶ ରାୱଲ ଓ ସୌରଭ ଶୁକ୍ଲା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖାଯିବେ । ଫିଲ୍ମର ଅଧିକାଂଶ ସୁଟିଂ ମୁମ୍ବାଇରେ କରାଯାଇଛି । 'ପୁଲିସ୍ କମ୍ପାନି'କୁ ଦୁଇଟି ଭାଗରେ ନିର୍ମାଣ କରାଯାଉଛି । ପ୍ରଥମ ଭାଗ ଜୁନ୍ ୪, ୨୦୨୭ରେ ଆସିବାକୁ ଥିବାବେଳେ, ଦ୍ୱିତୀୟ ଭାଗରେ ଏହି ଏନ୍‌କାଉଣ୍ଟର ହିରୋମାନଙ୍କର ପତନ, ରାଜନୈତିକ ଚକ୍ରବ୍ୟୂହ ଏବଂ ସେମାନଙ୍କ ଉପରେ ହୋଇଥିବା ଆଇନଗତ କାର୍ଯ୍ୟାନୁଷ୍ଠାନକୁ ଦେଖିବାକୁ ମିଳିବ ।

ବର୍ଷର ୧୦ ମାସ ପାଣିରେ ବୁଡ଼ି ରହେ ମନ୍ଦିର

ରାଜସ୍ଥାନର କରୌଲି ଜିଲ୍ଲାରେ ରହିଛି ଏମିତି ଏକ ଚମତ୍କାର ପୀଠ ଯାହା ପ୍ରକୃତିର ରହସ୍ୟ ଏବଂ ଭକ୍ତର ଅତୁଟ ବିଶ୍ୱାସକୁ ଏକାଠି ବାନ୍ଧି ରଖିଛି । ବୀରବାସ ଗ୍ରାମର ପାହାଡ଼ଗୁଡ଼ିକର ତଳଦେଶରେ ଅବସ୍ଥିତ ଏହି ଛୋଟ ମନ୍ଦିରଟି ଆଜି ନିଜର ଏକ ସ୍ୱତନ୍ତ୍ର ପରିଚୟ ବଜାୟ ରଖିଛି । ଏହି ମନ୍ଦିରର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏହାର ଭୌଗୋଳିକ ସ୍ଥିତି ଏବଂ ଚତୁର୍ଦ୍ଦିଗରେ ଘେରି ରହିଥିବା ଜଳରାଶି । ମନ୍ଦିରର ଦୃଶ୍ୟ ଋତୁ ଅନୁସାରେ ବଦଳିଥାଏ । ବର୍ଷର ପ୍ରାୟ ୮ ରୁ ୧୦ ମାସ ଏହି ପବିତ୍ର ପୀଠସ୍ଥଳଟି ସମ୍ପୂର୍ଣ୍ଣ ରୂପେ ପାଣି ଭିତରେ ବୁଡ଼ି ରହିଥାଏ । ସେହି ସମୟରେ କେବଳ ମନ୍ଦିରର ଉପରିଭାଗ ହିଁ ଦୃଶ୍ୟମାନ ହୁଏ । ବର୍ଷା ଦିନେ ପାଞ୍ଚନା ବନ୍ଧର ଜଳସ୍ତର ବୃଦ୍ଧି ପାଇଲେ ମୂର୍ତ୍ତି ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଏ ଏବଂ କେବଳ ଖରାଦିନେ ପାଣି କମିଲେ ହିଁ ଭକ୍ତମାନେ ଗର୍ଭଗୃହକୁ ଯାଇ ମୂର୍ତ୍ତିର ଚରଣ ସ୍ପର୍ଶ କରିବାର ସୁଯୋଗ ପାଆନ୍ତି । ହେଲେ ଆଶ୍ଚର୍ଯ୍ୟର କଥା ଯେ, ଗ୍ରୀଷ୍ମ ଋତୁ ଆସିବା ମାତ୍ରେ ଏବଂ ଜଳସ୍ତର ହ୍ରାସ ପାଇବା କ୍ଷଣି, ଏଠାକୁ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କର ସୁଅ ଛୁଟିବା ଆରମ୍ଭ ହୋଇଯାଏ । ଭକ୍ତମାନେ ମନୋସ୍କାମନା ପୂରଣ ପାଇଁ ପାଣି ଭିତର ଦେଇ ଚାଲି ଚାଲି ପ୍ରଭୁଙ୍କ ଦର୍ଶନ କରିବାକୁ ପହଞ୍ଚନ୍ତି । ମନ୍ଦିରରେ ଥିବା ପ୍ରଭୁ ହନୁମାନଙ୍କ ମୂର୍ତ୍ତିରେ ବୀରତ୍ୱ ଓ ଭକ୍ତିର ଏକ ଅପୂର୍ବ ଦୃଶ୍ୟ ରହିଛି । ଏଠାରେ ପ୍ରଭୁ ହନୁମାନଙ୍କର ଡାହାଣ କାନ୍ଧରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ଏବଂ ବାମ କାନ୍ଧରେ ଭ୍ରାତା ଲକ୍ଷ୍ମଣ ଧନୁ-ତୀର ଧରି ବସିଛନ୍ତି । ଏହି ମୂର୍ତ୍ତି ଏବଂ ମନ୍ଦିରଟି ପ୍ରତିବର୍ଷ ପ୍ରାୟ ୧୦ ମାସ ପାଣି ଭିତରେ ବୁଡ଼ି ରହୁଥିଲେ ବି ତଥାପି ଏହାର ପ୍ରାକୃତିକ ଚମକ ସେମିତି ରହିଛି ।

ଗୋମାତାଙ୍କ ପାଇଁ କୋଟିଏ ଟଙ୍କାର ମହଲ

ରାଜସ୍ଥାନ ଜାଲୋର ଜିଲ୍ଲାର ଧାନୋଲ ଗାଁର ବ୍ୟବସାୟୀ ନରେନ୍ଦ୍ର ପୁରୋହିତ ନିଜର ପ୍ରିୟ ଗୋମାତା ‹ରାଧା› ପାଇଁ ୧ କୋଟି ବ୍ୟୟରେ ଏକ ଦୁଇ ମହଲା ବଙ୍ଗଳା ନିର୍ମାଣ କରି ସାରା ଦେଶରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛନ୍ତି । ୨୦୦ ବର୍ଗ ଗଜ ଜମିରେ ନିର୍ମିତ ଏହି ଦୁଇ ମହଲା ପ୍ରାସାଦର ପ୍ରତିଟି କୋଣକୁ ଅତ୍ୟନ୍ତ ସୁନ୍ଦର ଭାବେ ସଜାଯାଇଛି । ରାଧାର ଆରାମ କରିବା, ବୁଲିବା, ଚରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଏହି ମହଲ ନିର୍ମାଣ ପଛରେ ରହିଛି ନରେନ୍ଦ୍ରଙ୍କ ସଂଘର୍ଷ ଏବଂ କୃତଜ୍ଞତାର ଏକ ଭାବପୂର୍ଣ୍ଣ କାହାଣୀ । ନରେନ୍ଦ୍ରଙ୍କ କହିବା ଅନୁଯାୟୀ, ଏକ ସମୟ ଥିଲା ଯେତେବେଳେ ସେ ମାସକୁ ମାତ୍ର ୧୫୦୦ ଟଙ୍କା ଚାକିରି କରି ଗୁଜୁରାଣ ମେଣ୍ଟାଉଥିଲେ । ତାଙ୍କର ଆର୍ଥିକ ସ୍ଥିତି ଅତ୍ୟନ୍ତ ଶୋଚନୀୟ ଥିଲା । ହେଲେ ଯେବେଠାରୁ ଗୋମାତା ‹ରାଧା› ତାଙ୍କ ଜୀବନକୁ ଆସିଲା, ସେବେଠାରୁ ତାଙ୍କର ଭାଗ୍ୟ ସମ୍ପୂର୍ଣ୍ଣ ବଦଳିଗଲା । ଧୀରେ ଧୀରେ ତାଙ୍କର ରେଳ ଏବଂ କନ୍‌ଷ୍ଟ୍ରକସନ ବ୍ୟବସାୟ ଏଭଳି ସଫଳତା ପାଇଲା ଯେ, ସେ ଜଣେ ପ୍ରତିଷ୍ଠିତ କୋଟିପତି ବ୍ୟବସାୟୀ ପାଲଟିଗଲେ । ସେ ନିଜର ସବୁ ସଫଳତା, ଧନ ଏବଂ ସମୃଦ୍ଧିର ଶ୍ରେୟ କେବଳ ଗୋମାତା 'ରାଧା'ଙ୍କ ଆଶୀର୍ବାଦକୁ ହିଁ ଦିଅନ୍ତି । ପୂର୍ବରୁ ରାଧା ସେମାନଙ୍କ ଘର ଭିତରେ ପରିବାରର ଜଣେ ସଦସ୍ୟଙ୍କ ଭଳି ରହୁଥିଲା । ଏକଦା ତାଙ୍କର କିଛି ପଡ଼ୋଶୀ ତାଙ୍କୁ ତାଚ୍ଛଲ୍ୟ କରି କହିଲେ, "ତୁମେ ନିଜେ ଯେଉଁ ସୁନ୍ଦର ଘରେ ରହୁଛ, ଗାଈକୁ ବି ସେଇଠି ରଖୁଛ ।" ଏହି କଥା ନରେନ୍ଦ୍ରଙ୍କ ମନକୁ ଗଭୀର ଭାବେ ଆଘାତ ଦେଇଥିଲା । ସେ ସଙ୍ଗେ ସଙ୍ଗେ ତାଙ୍କ ଆରାଧ ଗୋମାତାଙ୍କ ପାଇଁ ଏକ ସ୍ୱତନ୍ତ୍ର ଏବଂ ଆଲିଶାନ ପ୍ରାସାଦ ତିଆରି କରିବା ପାଇଁ ନିଷ୍ପତ୍ତି ନେଲେ । ଏହିପରି ଭାବେ ସେ ଗୋମାତା ପାଇଁ କୋଟିଏ ଟଙ୍କା ବ୍ୟୟରେ ‹ରାଧା ମହଲ› ନିର୍ମାଣ କରିଥିଲେ । ନରେନ୍ଦ୍ର ରାଧା ପାଇଁ ପ୍ରାୟ ୨୪ ଲକ୍ଷ ଟଙ୍କା ମୂଲ୍ୟର ୧୦ କିଲୋ ଓଜନର ସୁନା ଓ ରୂପାର ଅଳଙ୍କାର ତିଆରି କରିଛନ୍ତି । ରାଧା ମୁଣ୍ଡରେ ପିନ୍ଧିବା ପାଇଁ ଏକ ସ୍ୱତନ୍ତ୍ର ସୁନାର ହାର ତିଆରି ହୋଇଛି, ଯେଉଁଥିରେ 'ଓଁ' ଲେଖାଯାଇଛି । ଏହା ପୂର୍ବରୁ ୨୦୨୧ ମସିହାରେ ନରେନ୍ଦ୍ର ନିଜ ଗାଈ 'ରାଧା'ର ବିବାହ ପ୍ରସିଦ୍ଧ 'ପଥମେଡା ଗୌଶାଳା'ରେ ଏକ ଷଣ୍ଢ ସହିତ କରାଇଥିଲେ । ଏହି ବିବାହ କୌଣସି ରାଜକୀୟ ବାହାଘରଠାରୁ କମ୍ ନଥିଲା । ସମ୍ପୂର୍ଣ୍ଣ ବୈଦିକ ରୀତିନୀତି, ବାଦ୍ୟଯନ୍ତ୍ର, ବରଯାତ୍ରୀ ଏବଂ ପ୍ରଭୂତ ଜନସମାଗମ ମଧ୍ୟରେ ଏହି ନିଆରା ବିବାହ ଉତ୍ସବ ସମ୍ପନ୍ନ ହୋଇଥିଲା, ଯାହା ସେତେବେଳେ ମଧ୍ୟ ଗଣମାଧ୍ୟମରେ ବେଶ୍ ଚର୍ଚ୍ଚିତ ହୋଇଥିଲା । ନରେନ୍ଦ୍ରଙ୍କ ଏହି ଅଦ୍ଭୁତ ଗୋ-ଭକ୍ତି ସନାତନ ସଂସ୍କୃତିରେ ଗୋ-ସେବାର ମହତ୍ତ୍ୱକୁ ଆହୁରି ଉଜ୍ଜୀବିତ କରିବା ସହ ପଶୁପ୍ରେମର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛି ।

ଅଦିନିଆ ଫୁଲକୋବି ଚାଷ

ଫୁଲକୋବି ଏକ ଲାଭଜନକ ଫସଲ । ତେବେ ବର୍ଷସାରା ଫୁଲକୋବିର ଚାହିଦାକୁ ଦୃଷ୍ଟିରେ ରଖି ଏବେ ଅଦିନିଆ ଫୁଲକୋବି ଚାଷ ଉପରେ ଚାଷୀମାନେ ବେଶି ଗୁରୁତ୍ୱ ଦେଉଛନ୍ତି । କାରଣ ଏଥିରୁ ଚାଷୀମାନେ ପ୍ରଚୁର ଲାଭବାନ ହୋଇପାରିବେ ।

ଠିକ୍ ସମୟରେ କିସମ ଚୟନ: ଶୀତଦିନେ ମୁଖ୍ୟତଃ ଫୁଲକୋବି ଚାଷ କରାଯାଏ । ହେଲେ ଉନ୍ନତ ପ୍ରଣାଳୀ ଓ ସଠିକ୍ କିସମ ବ୍ୟବହାର କରି ବର୍ଷା ଓ ଖରାଦିନେ ବି ଏହାକୁ ଚାଷ କରାଯାଉଛି । ଦୋରସା ମାଟି ଏହି ଫସଲ ପାଇଁ ଉପଯୋଗୀ । ବର୍ତ୍ତମାନ ଫୁଲକୋବିର ଅନେକ ନୂଆ ନୂଆ କିସମ ସହିତ ହାଇବ୍ରିଡ୍ କିସମ ଅଛି । ତା'ସହ ପୁଷା କୁଆଁରି, ପୁଷା କାର୍ତ୍ତିକି, ପୁଷା ଦୀପାଳି ଭଳି ଆହୁରି ଫୁଲକୋବି କିସମ ଅଛି । ଫୁଲକୋବି ହେଉଛି ତାପ ସମ୍ବେଦନଶୀଳ ଫସଲ । ତେଣୁ ଏହାର ଉଚିତ କିସମକୁ ଠିକ୍ ସମୟରେ ଲଗାଇବା ଉପରେ ଚାଷୀମାନେ ଯତ୍ନବାନ ହେବା ଉଚିତ । ଏହାର କିସମକୁ ଠିକ୍ ସମୟରେ ନ ଲଗାଇଲେ କେବଳ ଫୁଲ ଫୁଟିବନି ତାହା ନୁହେଁ, ବରଂ ବିଭିନ୍ନ ସମସ୍ୟା ଦେଖା ଦେବ । ଅନ୍ୟପଟେ ପୁଷା କୁଆଁରି କିସମକୁ ଜୁନ୍, ଜୁଲାଇରେ ଲଗାଇଲେ କୁମାରପୂର୍ଣ୍ଣିମା ବେଳକୁ ଏହା ବଜାରରେ ଉପଲବ୍ଧ ହୋଇଥାଏ । ସେହିପରି ଆଉ ଟିକିଏ ବିଳମ୍ବରେ ପୁଷା ଦୀପାଳି କିସମକୁ ଲଗାଇଲେ ଦୀପାବଳି ସମୟରେ ବଜାରରେ ଉପଲବ୍ଧ ହୋଇଥାଏ । କେବଳ ସେତିକି ନୁହେଁ, ପୁଷା କାର୍ତ୍ତିକି କାର୍ତ୍ତିକ ମାସରେ ମିଳିଥାଏ । ତେଣୁ ଉଚିତ ସମୟରୁ ଜମି ପ୍ରସ୍ତୁତି କରି ତଳି ପଟି କରି ଫୁଲକୋବି ଚାରା ଲଗାଇବା ଦରକାର । ଏମିତି ହୋଇପାରିଲେ ଚାରା ୨୧ ଦିନ ପର୍ଯ୍ୟନ୍ତ ସମୟ ନେଇଥାଏ ।

ଦୁଇଟି ତଳି ଭଲ: ବର୍ଷା ଦିନରେ ଅନେକ ଗଛ ମରିବାର ଆଶଙ୍କା ଅଧିକ ଥାଏ । ସେଥିପାଇଁ ତଳି ଲଗାଇବା ସ୍ଥାନରେ ଗୋଟିଏ ତଳି ବଦଳରେ ଦୁଇଟି ତଳି ଲଗାଇବା ଉଚିତ । ଏହାସହ ଏହାର ବ୍ୟବଧାନ ଉପରେ ବି ଚାଷୀଙ୍କୁ ଦୃଷ୍ଟିଦେବା ନିହାତି ଜରୁରି । ତଳିକୁ ତଳି ବ୍ୟବଧାନ ଧାଡ଼ିକୁ ଧାଡ଼ି ୪୫ ସେଣ୍ଟିମିଟର ଏବଂ ଗଛକୁ ଗଛ ୩୦ ସେଣ୍ଟିମିଟର କମ୍ କରିବା ଦରକାର । ଏହାବାଦ୍ ବିହନ ଏକ ହେକ୍ଟର ପ୍ରତି ୭୫୦ ଗ୍ରାମ ଦରକାର ପଡ଼ିଥାଏ । ସଢ଼ା ଗୋବର ଖତ ଗଛ ପାଇଁ ଭଲ ।

ବୋରନ ଅଭାବରୁ ଅମଳ କମେ: ବର୍ଷା ଦିନେ ପାଣି ଯେଭଳି ଠିକ୍ ଭାବେ ନିଷ୍କାସନ ହେବ, ସେ ଉପରେ ବି ଗୁରୁତ୍ୱ ଦେବା କଥା । ତେଣୁ ଫୁଲକୋବିକୁ ହୁଡ଼ା ପ୍ରଣାଳିରେ ଲଗାଇବା ଭଲ । ମାଟି ଚଢ଼ାଇବା ଉପରେ ବି ସମାନ ଦୃଷ୍ଟି ଦେବା ଉଚିତ । ଫୁଲକୋବି ଲଗାଇବାର ୩୦ ଦିନ ପରେ ଥରେ ଏବଂ ୪୫ ଦିନ ପରେ ଆଉ ଥରେ କୋଡ଼ାଖୋସା କରିବାକୁ ପଡ଼ିଥାଏ । ଫୁଲୋକବି ଚାଷ କରିବା ସ୍ଥାନରେ ଘାସ ଯେଭଳି ନ ଉଠିବ, ସେଥିପାଇଁ ଚାଷୀଙ୍କୁ ସବୁବେଳେ ସଚେତନ ରହିବାକୁ ହେବ । ଫୁଲକୋବିରେ ରୋଗପୋକ ପାଇଁ ସନ୍ଧ୍ୟାରେ ଔଷଧ ପକାଇବା ଭଲ । ଏହାସହ ବୋରନ ଅଭାବ ହେଲେ ଅମଳ କମିଯାଏ ।

ସୁବର୍ଣ୍ଣା

ଲାଭଜନକ ଗୁଣ୍ଡୁରି ପାଳନ

କୁକୁଡ଼ା ତୁଳନାରେ ଗୁଣ୍ଡୁରି ପକ୍ଷୀର ଚାହିଦା କମ୍ । ହେଲେ ଦିନକୁ ଦିନ ଏହାର ଚାହିଦା ବଢ଼ିବାରେ ଲାଗିଛି । ଗୁଣ୍ଡୁରି ପକ୍ଷୀ ମାଂସ ଓ ଅଣ୍ଡାର ଚାହିଦା ଶୀତ ଦିନେ ବେଶି । ଆଜିକାଲି କୁକୁଡ଼ା ପରି ଗୁଣ୍ଡୁରି ପାଳନ କରି ଅନେକ ଲୋକ ଲାଭବାନ ହେଉଛନ୍ତି ।

ଗୁଣ୍ଡୁରି ପକ୍ଷୀ ପାଳନ ଏକ ଲାଭଜନକ ବ୍ୟବସାୟ । ଏହା ଏକ ଛୋଟ ପକ୍ଷୀ । ତେଣୁ ଏହା କମ୍ ଖର୍ଚ୍ଚ, କମ୍ ଜାଗା, ଏବଂ କମ୍ ସମୟରେ ଅଧିକ ଆୟ ଦେଇଥାଏ । ଫଳରେ ଏହାକୁ ଲୋକେ ପାଳିବାକୁ ବେଶି ପସନ୍ଦ କରନ୍ତି । ସେହିପରି ଗୋଟିଏ କୁକୁଡ଼ା ସ୍ଥାନରେ ୫-୬ଟି ଗୁଣ୍ଡୁରି ପକ୍ଷୀ ପାଳନ କରିବା ସମ୍ଭବ । କ୍ୱେଲ ବା ଗୁଣ୍ଡୁରି ଛୁଆର ଗୋଡ଼ ଅତି ସରୁ ଓ ସୂକ୍ଷ୍ମ । ଏହି ପକ୍ଷୀ ଶୀଘ୍ର ବଢ଼ିଥାନ୍ତି । କହିବାକୁ ଗଲେ ମାସକ ମଧ୍ୟରେ ବିକ୍ରି ପାଇଁ ଏହା ପ୍ରସ୍ତୁତ । ଗୋଟିଏ ଗୁଣ୍ଡୁରି ପକ୍ଷୀ ୫ ସପ୍ତାହ ପର୍ଯ୍ୟନ୍ତ ୪୦୦ ଗ୍ରାମ ଦାନା ଦରକାର କରିଥାଏ । ସେହିପରି ଦାନାକୁ ଶୁଖିଲା ଜାଗାରେ ଯତ୍ନର ସହିତ ସାଇତି ରଖିବା ଜରୁରି ।

ଏମାନଙ୍କୁ କ୍ୱେଲ ଫିଡ୍ ବା କୁକୁଡ଼ାଙ୍କ ପାଇଁ ଉଦ୍ଦିଷ୍ଟ ଫାଷ୍ଟୋର ଫିଡ୍ ଦିଆଯାଇପାରିବ । ସେମାନଙ୍କ ଖାଦ୍ୟରେ ପ୍ରୋଟିନ ପରିମାଣ ଅଧିକ ରହିଲେ ଶୀଘ୍ର ବଢ଼ନ୍ତି । କୁକୁଡ଼ା ତୁଳନାରେ ଏହାର ରୋଗପ୍ରତିରୋଧକ କ୍ଷମତା ଅଧିକ । ସେଥିପାଇଁ ଏହାକୁ ଶୀଘ୍ର ରୋଗ ହୋଇ ନ ଥାଏ । କିନ୍ତୁ ଜଳବାୟୁ ପରିବର୍ତ୍ତନ ହେଲେ ସମସ୍ୟା ଦେଖା ଦିଏ । ସେମାନେ ପିମ୍ପି ଜାତୀୟ ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ଗୁଣ୍ଡୁରି ପକ୍ଷୀ ଘରର ଆର୍ଦ୍ରତା ବଢ଼ିଲେ ଏହି ରୋଗ ଦେଖାଦିଏ । ତେଣୁ ଏହାକୁ ଭଲ କରିବା ପାଇଁ ଘରର ଆର୍ଦ୍ରତା କମ୍ କରିବା ଦରକାର । ଜାପାନୀ ଗୁଣ୍ଡୁରି ପକ୍ଷୀ ଏବଂ ବବ୍ ହ୍ୱାଇଟ୍ ଗୁଣ୍ଡୁରି ପକ୍ଷୀ ପ୍ରଜାତି ଅଧିକ ଲାଭ ମିଳେ କୁହାଯାଏ ।

କୃଷି ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା ଓ ଅବପାତ ଜନିତ ମାତ୍ରାଧିକ ବୃଷ୍ଟିପାତ ପରିପ୍ରେକ୍ଷୀରେ କେତେକ ପରାମର୍ଶ...

- ଧାନ କେଣ୍ଡା ୮୦-୮୫% ପାଚି ଯାଇଥିଲେ ବର୍ଷା ଆରମ୍ଭ ପୂର୍ବରୁ ତୁରନ୍ତ କାଟି ସୁରକ୍ଷିତ ସ୍ଥାନରେ ରଖନ୍ତୁ ।
- ଧାନ ବେଙ୍ଗଳା ସମ୍ଭବ ନ ହେଲେ କଟା ଧାନକୁ ପଲିଥିନରେ ଘୋଡ଼ାଇ ସୁରକ୍ଷିତ ରଖନ୍ତୁ ।
- ଧାନ ଜମିରୁ ବଳକା ପାଣି ନିଷ୍କାସନ କରିବା ପାଇଁ ନାଳୀ କରନ୍ତୁ ଓ ନାଳୀ ମୁହଁକୁ ଖୋଲା କରନ୍ତୁ ।
- ଫସଲରେ ସାର ଓ କୀଟନାଶକ ସିଞ୍ଚନ ସାମୟିକ ସ୍ଥଗିତ ରଖନ୍ତୁ ।
- ଅଣଧାନ ଫସଲରେ ଜଳ ନିଷ୍କାସନ ବ୍ୟବସ୍ଥା ନିଶ୍ଚିନ୍ତ କରନ୍ତୁ ।
- ଅମଳ ଉପଯୋଗୀ ପନିପରିବା ତୋଳି ଦିଅନ୍ତୁ ।
- ଅମଳ ଉପଯୋଗୀ ମକା, ମାଣ୍ଡିଆ, ମୁଗ, ବିରି ଆଦି ଡାଲି ଜାତୀୟ ଫସଲକୁ ବର୍ଷା ହେବା ପୂର୍ବରୁ ତୁରନ୍ତ ଅମଳ କରି ନିଅନ୍ତୁ ।
- ବର୍ଷା ଯୋଗୁଁ ପୋଟଳ, କଖାରୁ, କାକୁଡ଼ି, ଜହ୍ନି ଆଦି ଲତା ଜାତୀୟ ଫସଲ ପ୍ରଭାବିତ ହୋଇଥିଲେ ଜଳ ନିଷ୍କାସନ କରି ରଞ୍ଜା ସଳଖ କରନ୍ତୁ ।

ନିମ୍ବ କୀଟନାଶକ ସବୁପ୍ରକାର କୀଟଙ୍କ ପ୍ରାରମ୍ଭିକ ଅବସ୍ଥା ପାଇଁ ଉପଯୋଗୀ । ଏହାଛଡ଼ା ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ମଧ୍ୟ ନୁହେଁ । ମହଙ୍ଗା କୀଟନାଶକକୁ ଚାଷୀଭାଇ ବ୍ୟବହାର ନ କରି ଘରେ ନିମ୍ବ କୀଟନାଶକ ପ୍ରୟୋଗ କରି ରୋଗପୋକରୁ ଫସଲକୁ ସୁରକ୍ଷିତ ରଖିପାରିବେ । ଏକ କେଜି ନିମ୍ବ ପତ୍ର କୁଟି ତାହାକୁ ୧୦ ଲିଟର ପାଣିରେ ପକାନ୍ତୁ । ୨୪ ଘଣ୍ଟା ପରେ ଏହାକୁ ଏକ କପଡ଼ାରେ ଛାଣନ୍ତୁ । ଏହି ମିଶ୍ରଣରେ ୧୦ ମିଲି ଲିଟର ଶାମ୍ପୁ ଓ ସାବୁନ ପାଣି ମିଶାଇ କ୍ଷେତରେ ସିଞ୍ଚନ କରନ୍ତୁ ।

ସଫଳ ଚାଷୀ

ଟମାଟୋ ଚାଷରୁ ଲକ୍ଷପତି

ନିଜର ଏକ ଏକର ଚାଷ ଜମିରେ ଟମାଟୋ ଚାଷ କରି ଲକ୍ଷାଧିକ ଟଙ୍କା ଆୟ କରୁଛନ୍ତି ନୂଆପଡା ଜିଲ୍ଲା ବୋଡେନ ବ୍ଲକ୍ ବୁଢ଼ାପଡ଼ା ଗାଁର ଯୁବ ଚାଷୀ ଶେଖର ସତନାମୀ । ଏକଦା ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ଦୁଃଖକଷ୍ଟରେ ପରିବାର ପ୍ରତିପୋଷଣ କରୁଥିଲେ । ହେଲେ ଗତ ୩ ବର୍ଷ ହେବ ନିଜର ଏକ ଏକର ଚାଷ ଜମିରେ ବିଭିନ୍ନ ପ୍ରକାର ଚାଷ କରି ଜଣେ ସଫଳ ଚାଷୀର ପରିଚୟ ଲାଭ କରିଛନ୍ତି । ତା' ସହିତ ଅନ୍ୟମାନଙ୍କୁ ରୋଜଗାର ମଧ୍ୟ ଯୋଗାଉଛନ୍ତି ।

ଚଳିତ ବର୍ଷ ଶେଖର ନିଜର ଏକ ଏକର ଚାଷଜମିରେ ଟମାଟୋ ଚାଷ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଥିବା ବେଳେ ଆଗକୁ ଆହୁରି ୪-୫ ଲକ୍ଷ ଟଙ୍କା ରୋଜଗାର କରିବା ଆଶା ରଖିଛନ୍ତି । ଶେଖର ଗତ ୩ ବର୍ଷ ହେଲା ବିଭିନ୍ନ ଚାଷ କରି ନିଜେ ସ୍ୱାବଲମ୍ବୀ ହେବା ସହ ନିଜ ଗାଁର ଯେଉଁମାନେ ଦାଦନ ଖଟିବାକୁ ଯାଉଥିଲେ ସେମାନଙ୍କୁ ମଧ୍ୟ ରୋଜଗାର ଦେଇ ସ୍ୱାବଲମ୍ବୀ କରାଇ ପାରିଛନ୍ତି । ଯାହାକୁ ନେଇ ଶେଖର ବହୁତ ଖୁସି ଅନୁଭବ କରୁଥିବା କହିଛନ୍ତି । ଏବେ ତାଙ୍କୁ ପରିବାର ପ୍ରତିପୋଷଣ ପାଇଁ ଅନ୍ୟମାନଙ୍କ ପାଖରେ ହାତ ପତାଇବାକୁ ପଡୁ ନ ଥିବା କହନ୍ତି ।

ସେହିପରି ଶେଖରଙ୍କ ଏହି ଉଦ୍ୟମ ଦେଖି ତାଙ୍କୁ ସହଯୋଗର ହାତ ବଢ଼ାଇଛି ଉଦ୍ୟାନ ବିଭାଗ । ଉଦ୍ୟାନ ବିଭାଗର ପ୍ରୋତ୍ସାହନରେ ଗତ ବର୍ଷ ଶେଖର ବିଦେଶୀ ଫଳ ଷ୍ଟବେରି ଚାଷ କରି ସଫଳ ହୋଇଥିଲେ । ଏଥର କିନ୍ତୁ ଟମାଟୋ ଚାଷ କରି ଲକ୍ଷପତି ହେବାର ସୌଭାଗ୍ୟ ଲାଭ କରିଛନ୍ତି । କଥାରେ ଅଛି ଦୃଢ଼ ଇଚ୍ଛା ଶକ୍ତି ଓ ଦୃଢ଼ ମନୋବଳ ଥିଲେ ଯେ କୌଣସି ଅସାଧ୍ୟ କାମ ମଧ୍ୟ ସାଧିତ ହୋଇଥାଏ । ଯାହାକୁ ବାସ୍ତବରେ ଶେଖର ପ୍ରମାଣିତ କରିଛନ୍ତି । ଅନ୍ୟପଟେ ଶେଖରଙ୍କ ଏହି କାର୍ଯ୍ୟ ଏବେ ଅନ୍ୟ ଚାଷୀଙ୍କ ପାଇଁ ପ୍ରେରଣା ପାଲଟିଛି ।

ଶୁଭ୍ରାଂଶୁ କୁମାର ନାଏକ, ନୂଆପଡ଼ା ଜିଲ୍ଲା ପ୍ରତିନିଧି

■ ଡାକାର ଯୁଥ୍ ଅଲିମ୍ପିକ୍ସ

ଭାରତୀୟ ଦଳରେ ଓଡ଼ିଶାର ତନ୍ୱୀ ଓ ସିଦ୍ଧାର୍ଥ

ଭୁବନେଶ୍ୱର, ୨୬ ।୧୦ (ସମିସ): ସମର ଯୁଥ୍ ଅଲିମ୍ପିକ୍ସର ୪ର୍ଥ ସଂସ୍କରଣ ଚଳିତ ମାସ ୩୧ ତାରିଖରୁ ସେନେଗାଲର ରାଜଧାନୀ ଡାକାରରେ ଆରମ୍ଭ ହେବାକୁଯାଉଛି । ଏହି ସମ୍ମାନଜନକ ଯୁବ କ୍ରୀଡ଼ା ମହାକୁମ୍ଭ ଲାଗି ଭାରତୀୟ ଅଲିମ୍ପିକ ଆସୋସିଏସନ (ଆଇଓଏ) ପକ୍ଷରୁ ସୋମବାର ୧୭ ଜଣିଆ ଦଳ ଘୋଷଣା କରାଯାଇଛି । ଘୋଷିତ ଭାରତୀୟ ଦଳରେ ଓଡ଼ିଶାରୁ ଦୁଇଜଣ କ୍ରୀଡ଼ାବିତ୍ ସ୍ଥାନ ପାଇଛନ୍ତି । ସେମାନେ ହେଲେ ଯୁବ ସଟଲର୍ ତନ୍ୱୀ ପତ୍ରି ଓ ଟେବୁଲ ଟେନିସ ଖେଳାଳି ସାର୍ଥକ ଆର୍ଯ୍ୟ । ବାଲେଶ୍ୱର ସିମୁଳିଆର

ତନ୍ୱୀ ବ୍ୟାଡ୍‌ମିଣ୍ଟନର ମହିଳା ସିଙ୍ଗଲ୍ସରେ ଅଂଶଗ୍ରହଣ କରିବେ । ସେହିଭଳି ସାର୍ଥକ ଟେବୁଲ ଟେନିସର ପୁରୁଷ ସିଙ୍ଗଲ୍ସରେ ଭାଗନେବେ । ଭାରତୀୟ କ୍ରୀଡ଼ାବିତ୍‌ମାନେ ବ୍ୟାଡ୍‌ମିଣ୍ଟନ ବ୍ୟତୀତ, ବକ୍ସିଂ, ଘୋଡ଼ାଦୌଡ଼, ଜୁଡୋ, ସନ୍ତରଣ, ଟେବୁଲ ଟେନିସ, ବିଚ୍ ରେସଲିଂ, ଉଶୁ ଓ ଆଥଲେଟିକ୍ସରେ ଅଂଶଗ୍ରହଣ କରିବେ । ଏହି ଅବସରରେ ଆଇଓଏ ସଭାପତି ପିଟି ଉଷା ମନୋନୀତ ଭାରତୀୟ କ୍ରୀଡ଼ାବିତ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ ଆଫ୍ରିକା ମହାଦେଶରେ ପ୍ରଥମଥର ଲାଗି ଯୁଥ୍ ଅଲିମ୍ପିକ୍ସ ଆୟୋଜିତ ହେବ । ନଭେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ୨୦୫ ରାଷ୍ଟ୍ରର ପାଖାପାଖି ୨୭୦୦ କ୍ରୀଡ଼ାବିତ୍ ଭାଗନେବେ ।

ପ୍ରତ୍ୟାଶାଙ୍କୁ ଦ୍ୱିତୀୟ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୬ ।୧୦ (ସମିସ): ଅହମ୍ମଦାବାଦରେ ଚାଲିଥିବା ସର୍ଟ କୋର୍ସ ସିନିଅର ନ୍ୟାସନାଲ ଆକ୍ୱାଟିକ ଚାମ୍ପିଅନସିପ୍‌ରେ ଓଡ଼ିଶାର ପ୍ରତିଭାବାନ ସନ୍ତରଣକାରୀ ପ୍ରତ୍ୟାଶା ରାୟ କ୍ରମାଗତ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ସୋମବାର ପ୍ରତ୍ୟାଶା ମହିଳା ୫୦ ମିଟର ବ୍ୟାକଷ୍ଟ୍ରୋକରେ ଏହି ସଫଳତା ପାଇଥିଲେ । ସେ ଏହି ଦୂରତାକୁ ୨୯.୦୬ ସେକେଣ୍ଡରେ ଫିନିଶ କରି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ । ଏଥିପୂର୍ବରୁ ଉଦ୍‌ଘାଟନୀ ଦିବସରେ ପ୍ରତ୍ୟାଶା ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ ଚାମ୍ପିଅନ ହୋଇଥିଲେ । ସେହିଭଳି ୪ ଗୁଣା ୧୦୦ ମିଟର ଫ୍ରିଷ୍ଟାଇଲ ରିଲେରେ ରୌପ୍ୟ ପଦକ ବିଜୟୀ ହୋଇଥିବା ଓଡ଼ିଶା ମହିଳା ଦଳର ମଧ୍ୟ ସେ ସଦସ୍ୟା ରହିଥିଲେ । ଫଳରେ ଦୁଇ ଦିନରେ ପ୍ରତ୍ୟାଶା ୩ଟି ପଦକ ହାସଲ କରିସାରିଛନ୍ତି ।

■ ଜାତୀୟ ସିନିଅର ମହିଳା ଟି-୨୦

ଚାରି ପଦାର୍ପଣ ସତ୍ତ୍ୱେ ଓଡ଼ିଶା ଚିତ୍‌ପଟାଙ୍ଗ

ଭୁବନେଶ୍ୱର, ୨୬ ।୧୦ (ସମିସ): ବିସିସିଆଇ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଜାତୀୟ ସିନିଅର ମହିଳା ଟି-୨୦ରେ ଓଡ଼ିଶା ପରାଜୟରୁ ଅଭିଯାନ ଆରମ୍ଭ କରିଛି । ସୋମବାର ମୋହାଲିରେ ଅନୁଷ୍ଠିତ ଏକ ମ୍ୟାଚରେ ଆନ୍ଧ୍ର ପ୍ରଦେଶ ୯ ଉଇକେଟରେ ଓଡ଼ିଶାକୁ ମାତ୍ ଦେଇଛି । ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ୨୦ ଓଭରରେ ୫ ଉଇକେଟ ହରାଇ ୧୨୫ ରନ କରିଥିଲା । ଦଳ ପକ୍ଷରୁ ମାଧୁରୀ ମେହେଟା (୫୫ ବଲରେ ୫୬ ରନ) ଓ ସୁଶ୍ରୀ ଦିବ୍ୟଦର୍ଶିନୀ (୨୬ ବଲରେ ୨୫ ରନ) ବେଶ୍ ଧୀମା ବ୍ୟାଟିଂ କରିଥିଲେ । ଜବାବରେ ଆନ୍ଧ୍ର ପ୍ରଦେଶ ୧୧.୨ ଓଭରରେ ମାତ୍ର ଗୋଟିଏ ଉଇକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା । ରଙ୍ଗା ଲକ୍ଷ୍ମୀ ୨୬ ବଲରେ ୫୪ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ସହଜରେ ଜିତାଇଥିଲେ । ଏହି ମ୍ୟାଚରେ ଓଡ଼ିଶାର ୪ଜଣ କ୍ରିକେଟର୍ ଅନନ୍ୟା ମିଶ୍ର, ଜିଏମ ଅଲକାନନ୍ଦା, ଅଲିସ୍ମା ବିଶ୍ୱାଳ ଓ ଏସବି ଲୋରେନ୍ସ ଓଡ଼ିଶା ପାଇଁ ସିନିଅର ଟି-୨୦ରେ ପଦାର୍ପଣ କରିଥିଲେ । ଏହାସତ୍ତ୍ୱେ ଓଡ଼ିଶା ପ୍ରଭାବୀ ପ୍ରଦର୍ଶନ କରିବାରେ ବିଫଳ ହୋଇଥିଲା ।

ଆଜି ତୃତୀୟ ଟି-୨୦: ଖେଳିବେନି କିଶାନ, ହେନରୀ ଓ ଫର୍ଗୁସନ୍

ସିରିଜ୍ କବ୍‌ଜା ଲକ୍ଷ୍ୟରେ ଖେଳିବ ଭାରତ

ୱେଲିଂଟନ,୨୬।୧୦(ଏଜେନ୍ସି)

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ନିର୍ଣ୍ଣାୟକ ମୋଡରେ ପହଞ୍ଚିଛି । ଏହି ସିରିଜ୍‌ରେ ପ୍ରଥମ ଦୁଇଟି ମ୍ୟାଚ୍ ଶେଷ ହୋଇଛି ଓ ଦୁଇଟି ଯାକ ମ୍ୟାଚ୍‌ରେ ଭାରତ ପ୍ରତ୍ୟାବର୍ତ୍ତନ କରିବା ସହ ରନ୍ ଚେଜ୍ କରି ବିଜୟୀ ହୋଇଛି । ପ୍ରଥମ ଦୁଇଟି ମ୍ୟାଚ୍ ଜିତିଥିବାରୁ ଭାରତ ସିରିଜ୍‌ରେ ୨-୦ରେ ଆଗୁଆ ରହିଛି । ଆସନ୍ତାକାଲି ଭାରତ ତୃତୀୟ ମୁକାବିଲା ଜିତି ସିରିଜ୍ କବ୍‌ଜା କରିବା ଲକ୍ଷ୍ୟରେ ରହିଛି । ଅନ୍ୟପକ୍ଷରେ ସିରିଜ୍ ବଞ୍ଚାଇବା ଲାଗି ନ୍ୟୁଜିଲାଣ୍ଡ କର ଅବା ମର ସ୍ଥିତିରେ ପଡ଼ିଛି । ଏହି ମ୍ୟାଚ୍ ଜିତିଲେ ଭାରତ ସିରିଜ୍ କବ୍‌ଜା କରିବ । ନ୍ୟୁଜିଲାଣ୍ଡ ଯଦି ବିଜୟୀ ହୁଏ ତେବେ ସିରିଜ୍‌ରେ ଭାରତର ଅଗ୍ରଣୀତ୍ୱ ୨-୧କୁ କମିଆସିବ । ଅନ୍ୟ ପକ୍ଷରେ ନ୍ୟୁଜିଲାଣ୍ଡ ନିକଟରେ ଗୋଟିଏ ଲକ୍ଷ୍ୟ ମ୍ୟାଚ୍ ଜିତ, ସିରିଜ୍ ବଞ୍ଚାଇ ରଖ । ମ୍ୟାଚ୍ ହାରିବା ସହ ସିରିଜ୍ ହାରିବ । ଏଣୁ ପ୍ରଥମ ଦୁଇଟି ମୁକାବିଲାକୁ ଦେଖିଲେ ତୃତୀୟ ଟି-୨୦ ମଧ୍ୟ ରୋମାଞ୍ଚକ ହେବ ବୋଲି କୁହାଯାଇପାରେ ।

୩ ପ୍ରମୁଖ ଖେଳିବେନି

ଆହତ ଓ ବିଶ୍ରାମ ଜନିତ କାରଣ ଯୋଗୁଁ ମ୍ୟାଚ୍ ଆରମ୍ଭ ପୂର୍ବରୁ ୩ଜଣ ଖେଳାଳି ଏଠାରେ ଖେଳିବେନି ବୋଲି ଟିମ୍ ମ୍ୟାନେଜମେଣ୍ଟ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଭାରତ ପକ୍ଷରୁ ପ୍ରଥମ ମ୍ୟାଚ୍‌ରେ ଆହତ ହୋଇଥିବା ଇଶାନ କିଶାନ ଶୀଘ୍ର ଆରୋଗ୍ୟ ଲାଭ କରୁଛନ୍ତି । କିନ୍ତୁ ସେ ଏହି ମ୍ୟାଚ୍‌ରେ ଖେଳିବେ ନାହିଁ ବୋଲି ଭାରତ ଟିମ୍ ମ୍ୟାନେଜମେଣ୍ଟ ନିଷ୍ପତ୍ତି ନେଇଛି । ତାଙ୍କ ସ୍ଥାନରେ ବୈଭବ ସୂର୍ଯ୍ୟବଂଶୀଙ୍କୁ ଖେଳିବାକୁ ସୁଯୋଗ ମିଳିପାରେ । କିନ୍ତୁ ସେ କେଉଁ ପୋଜିସନରେ ଖେଳିବେ ତାହା କହିବା ମୁସ୍କିଲ । ଭାରତ ଲାଗି ନଂ-୩ ପୋଜିସନ ଏବେ ଅଭିଶାପ ପାଲଟିଛି । ପ୍ରଥମ ମ୍ୟାଚ୍‌ରେ ଇଶାନଙ୍କ ଜଙ୍ଘର ମାଂସପେସୀରେ ଆଘାତ ଲାଗିଥିଲା । ପରବର୍ତ୍ତୀ ଦୁଇଟି ମ୍ୟାଚ୍ ଖେଳିଥିବା ନଂ-୩ ବ୍ୟାଟର ତିଲକ ବର୍ମା ଓ ସୂର୍ଯ୍ୟବଂଶୀ ଫେଲ ମାରିଥିଲେ । ଏବେ ଅଭିଷେକ ଶର୍ମା ଓ ସଞ୍ଜୁ ସାମସନ ଖୁବ୍ ଭଲ ଖେଳୁଛନ୍ତି । ଏଣୁ ତାଙ୍କ ଯୋଡିକୁ ବଦଳାଯିବା କଷ୍ଟକର । ଏଣୁ ଯଦି ସୂର୍ଯ୍ୟବଂଶୀଙ୍କୁ ସୁଯୋଗ ମିଳେ ତେବେ ସେ ନଂ-୩ରେ ଖେଳିବେ । ଅଧିନାୟକ ଶ୍ରେୟସ ଆୟର ଶେଷ ଦୁଇଟି ମ୍ୟାଚ୍‌ରେ ଭଲ ସ୍କୋର ପାଇନାହାନ୍ତି । ଏହି ଗୋଟିଏ ଦୁର୍ବଳତା ଭାରତ ନିକଟରେ ରହିଛି । ସେହିପରି ପେସ୍ ବୋଲର ଭୁବନେଶ୍ୱର କୁମାର ଦଳକୁ ଫେରିଥିଲେ ମଧ୍ୟ ଆଶାନୁରୂପ ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି । ମୟଙ୍କ ଯାଦବଙ୍କ ସ୍ଥାନରେ ପ୍ରିନ୍ସ ଖେଳିବା ପରେ ଦଳର ସନ୍ତୁଳନ ବଢ଼ିଛି । ଏଣୁ ବୋଲିଂରେ କିଛି ପରିବର୍ତ୍ତନ ହେବାର ଆଶା କରାଯାଉନାହିଁ । କେବଳ ଭୁବନେଶ୍ୱରଙ୍କୁ ନେଇ ଯାହା ଚିନ୍ତା କରାଯାଉଛି । କିନ୍ତୁ ଏହି ସିରିଜ୍‌ରେ ଗୋଟିଏ କଥା ସ୍ପଷ୍ଟ ହୋଇଛି, ଭାରତୀୟ ବ୍ୟାଟର ଓ ନ୍ୟୁଜିଲାଣ୍ଡର ଦୁଇ ସ୍ପିନର (ମାଇକେଲ ସାଣ୍ଟନର ଓ ମାଇକେଲ ବ୍ରେସ୍‌ୱେଲ)ଙ୍କ ମଧ୍ୟରେ ଜୋରଦାର ଲଢ଼େଇ ହୋଇଛି । ଏଠାରେ ସେଭଳି ଏକ ଲଢ଼େଇର ଆଶା କରାଯାଇପାରେ ।

ଖେଳ ଆରମ୍ଭ: ଅପରାହ୍ଣ ୧୨.୩୦
ପ୍ରସାରଣ: ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ/ସୋନି ଲିଭ୍

ନ୍ୟୁଜିଲାଣ୍ଡ ସମ୍ଭାବ୍ୟ ଦଳ: ଫିନ୍ ଆଲେନ୍, ଟିମ୍ ସେଇଫର୍ଟ (ୱିକେଟରକ୍ଷକ), ବିଭନ ଜ୍ୟାକବ୍ସ/ଡେଭନ କନୱେ, ଗ୍ଲେନ୍ ଫିଲିପ୍ସ, ଡାରିଲ ମିଚେଲ, ମାଇକେଲ ବ୍ରେସ୍‌ୱେଲ, ମିଚେଲ ସାଣ୍ଟନର (ଅଧିନାୟକ), ନାଥାନ ସ୍ମିଥ୍, କାଏଲ ଜାମିସନ, ଆଡାମ ମିଲନେ ଓ ଜ୍ୟାକବ ଡଫି ।

ଭାରତୀୟ ସମ୍ଭାବ୍ୟ ଦଳ: ସଞ୍ଜୁ ସାମସନ, ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ଶ୍ରେୟସ ଆୟର (ଅଧିନାୟକ), ତିଲକ ବର୍ମା, ନମନ ଧୀର, ନିତିଶ କୁମାର ରେଡ୍ଡୀ, ଅକ୍ଷର ପଟେଲ, ଭୁବନେଶ୍ୱର କୁମାର, ପ୍ରିନ୍ସ ଯାଦବ, ଅର୍ଶଦୀପ ସିଂହ ।

ଆଜିଠୁ ଏସିଆନ ଚାମ୍ପିଅନ୍ସ ଟ୍ରଫି ହକି

ଷଷ୍ଠ ଟାଇଟଲ୍ ଲକ୍ଷ୍ୟରେ ଭାରତ; ଆହତ ମନ୍‌ପ୍ରୀତ୍ ବାଦ୍

ମୋହାଲି, ୨୬ ।୧୦ (ଏଜେନ୍ସି)

ପୁରୁଷ ଏସିଆନ ଚାମ୍ପିଅନ୍ସ ଟ୍ରଫିର ୯ମ ସଂସ୍କରଣ ମଙ୍ଗଳବାରଠାରୁ ପଞ୍ଜାବରେ ଆରମ୍ଭ ହେବାକୁଯାଉଛି । ପଞ୍ଜାବର ଦୁଇ ସହର ମୋହାଲି ଓ ଜଳନ୍ଧରରେ ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ୍ ଖେଳାଯିବ । ରେକର୍ଡ ପାଞ୍ଚଥରର ବିଜେତା ଭାରତ ସମେତ ଚାଇନା, ଜାପାନ, ମାଲେସିଆ, ଦକ୍ଷିଣ କୋରିଆ ଓ ବାଂଲାଦେଶ ମଧ୍ୟରେ ଟାଇଟଲ୍ ପାଇଁ ଲଢ଼େଇ ହେବ । ମାଲେସିଆ ଓ ଚାଇନା ମଧ୍ୟରେ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ ଅପରାହ୍ଣ ଗୋଟାଏରେ ଖେଳାଯିବ । ସେହିଭଳି ହରମନ୍‌ପ୍ରୀତ୍ ସିଂହଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ ରାତି ୭ଟାରେ ବାଂଲାଦେଶ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ । ପ୍ରତି ଦଳ ପରସ୍ପର ରାଉଣ୍ଡ-ରବିନ ଲିଗ୍‌ଭିତ୍ତିରେ ଗୋଟିଏ ଲେଖାଏ ମ୍ୟାଚ୍ ଖେଳିବେ । ଏହାପରେ ପଏଣ୍ଟ ଆଧାରରେ ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ ।

ପୂର୍ବରୁ ଭାରତ ଏହି ସମ୍ମାନଜନକ ପ୍ରତିଯୋଗିତାର ୨୦୧୧, ୨୦୧୬, ୨୦୨୩ ଓ ୨୦୨୪ ସଂସ୍କରଣରେ ଚାମ୍ପିଅନ ହୋଇଥିଲା । ବର୍ଷା ଲାଗି ୨୦୧୮ ଫାଇନାଲ ଧୋଇଯିବା ଯୋଗୁ ପାକିସ୍ତାନ ସହ ଭାରତ ଯୁଗ୍ମ ବିଜେତା ରହିଥିଲା । ତେଣୁ ଏଥର କ୍ରମାଗତ ୩ୟ ଓ ମୋଟ୍ ଉପରେ ଷଷ୍ଠ ଟାଇଟଲ୍ ଜିତିବା ଲକ୍ଷ୍ୟରେ ରହିଛି ଭାରତ । ତେବେ ପ୍ରତିଯୋଗିତା ଆରମ୍ଭ ପୂର୍ବରୁ ଭାରତକୁ ବଡ଼ ଝଟକା ଲାଗିଛି । ଅଭିଜ୍ଞ ମିଡ୍‌ଫିଲ୍ଡର ମନ୍‌ପ୍ରୀତ୍ ସିଂହ ମାଂସପେଶୀରେ ଆଘାତଜନିତ ସମସ୍ୟା ଲାଗି ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି । ତାଙ୍କ ସ୍ଥାନରେ ବିବେକ ସାଗର ପ୍ରସାଦଙ୍କୁ ଦଳରେ ସାମିଲ କରାଯାଇଛି । ଅପରପକ୍ଷରେ ଏହି ଟୁର୍ଣ୍ଣାମେଣ୍ଟ ସହ ପଞ୍ଜାବକୁ ଦୀର୍ଘ ୧୭ ବର୍ଷର ବ୍ୟବଧାନ ପରେ ଅନ୍ତର୍ଜାତୀୟ ହକି ପ୍ରତ୍ୟାବର୍ତ୍ତନ କରିଛି । ଶେଷଥର ଲାଗି ୨୦୦୯ରେ ପଞ୍ଜାବରେ ଗୋଲ୍ଡ କପ୍ ଖେଳାଯାଇଥିଲା ।

ଆଜିର ମ୍ୟାଚ
ଭାରତ-ବାଂଲାଦେଶ
ପ୍ରସାରଣ- ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ/ଜିଓ ହଟଷ୍ଟାର
ଆରମ୍ଭ: ରାତି ୭ଟା

ଜାତୀୟ ଜୁନିଅର ଆଥ୍‌ଲେଟିକ୍ସରେ ଓଡ଼ିଶାକୁ ୨ କାଂସ୍ୟ

ଭୁବନେଶ୍ୱର, ୨୬ ।୧୦ (ସମିସ): ତାମିଲନାଡୁରେ ଚାଲିଥିବା ୪୧ତମ ଜାତୀୟ ଜୁନିଅର ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ଓଡ଼ିଶାକୁ ୨ଟି କାଂସ୍ୟ ପଦକ ମିଳିଛି । ୨୦ ବର୍ଷରୁ କମ୍ ମହିଳା ଲଙ୍ଗଜମ୍ପରେ ସଞ୍ଜୁ ହନ୍ତାଳ ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକ ହାସଲ କରିଥିଲେ । ସଞ୍ଜୁ ୫.୬୪ ଦୂରତାକୁ ଲମ୍ଫ ପ୍ରଦାନ କରିଥିଲେ । ଏଥିରେ ତାମିଲନାଡୁର ସାଧନା ୫.୯୩ ମିଟର ସହ ସ୍ୱର୍ଣ୍ଣ ଓ ହରିୟାଣାର କାଶିଶ ୫.୭୯ ମିଟର ସହ ରୌପ୍ୟ ପଦକ ଜିତିଥିଲେ । ସେହିଭଳି ୨୦ ବର୍ଷରୁ କମ୍ ମହିଳା ୪ ଗୁଣା ୪୦୦ ମିଟର ରିଲେ ରେସରେ ଓଡ଼ିଶା ଦଳକୁ କାଂସ୍ୟ ପଦକ ମିଳିଛି । ଅମିଷା ତିର୍କୀ, ସଞ୍ଜୁ ହନ୍ତାଳ, ସୁଶ୍ରୀ ସ୍ୱାଗତିକା ସାମନ୍ତରାୟ ଓ ଅର୍ପିତା ପ୍ରିୟଦର୍ଶିନୀଙ୍କୁ ନେଇ ଗଠିତ ଓଡ଼ିଶା ରିଲେ ଦଳ ୪୭.୯୯ ସେକେଣ୍ଡ ସମୟନେଇ ପୋଡିୟମର ତୃତୀୟ ସ୍ଥାନରେ ରହିଥିଲା । ୪୬.୭୩ ସେକେଣ୍ଡରେ ରେସ୍ ଫିନିଶ କରି ଆୟୋଜକ ତାମିଲନାଡୁ ମହିଳା ଦଳ ସ୍ୱର୍ଣ୍ଣ ଓ କର୍ଣ୍ଣାଟକ (୪୬.୭୮ ସେକେଣ୍ଡ) ରୌପ୍ୟ ପଦକ ହାସଲ କରିଥିଲେ ।

କଟକରେ ରାଜ୍ୟ ଟିଟି ନଭେମ୍ବର ୩ରୁ

ଭୁବନେଶ୍ୱର, ୨୬।୧୦ (ନିପ୍ର): ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏସନ୍ ଆନୁକୂଲ୍ୟରେ ୩୨ତମ ଆନ୍ତଃଜିଲା ଓ ରାଜ୍ୟ ଟେବୁଲ ଟେନିସ ଚାମ୍ପିଅନ୍‌ସିପ୍ ନଭେମ୍ବରରୁ ୩ରୁ ୬ ପର୍ଯ୍ୟନ୍ତ ଖେଳାଯିବ । ଏହି ଚାରିଦିନିଆ ପ୍ରତିଯୋଗିତା କଟକର ସିଡିଏ ସେକ୍ଟର-୭ ବିଜୁ ପଟ୍ଟନାୟକ ଇନ୍‌ଡୋର ହଲ୍‌ରେ ଅନୁଷ୍ଠିତ ହେବ । ବିଭିନ୍ନ ର୍‌ୟାଙ୍କିଙ୍ଗ୍ ଟୁର୍ଣ୍ଣାମେଣ୍ଟ ସହ ରାଜ୍ୟ ଟିଟି ଚମ୍ପିଆନ୍‌ସିପ୍‌ର ପ୍ରଦର୍ଶନକୁ ଭିତ୍ତିକରି ବିଭିନ୍ନ ଜାତୀୟ ପ୍ରତିଯୋଗିତା ଲାଗି ଓଡ଼ିଶାର ବିଭିନ୍ନ ବୟସବର୍ଗର ବାଳକ ଓ ବାଳିକା ଦଳ ବଛାଯିବ । ଏଥିରେ ୧୪ଟି ଇଭେଣ୍ଟରେ ପ୍ରତିଯୋଗିତା ହେବ । ପୁରୁଷ ଓ ଜୁନିୟର ବାଳକ ବିଭାଗରେ ଦଳଗତ ପ୍ରତିଯୋଗିତା ଅନୁଷ୍ଠିତ ହେବ । ସିନିୟର ପୁରୁଷ ଓ ମହିଳାଙ୍କ ସହ ୧୯, ୧୭, ୧୫, ୧୩ ଓ ୧୧ ବର୍ଷରୁ କମ୍ ବିଭାଗରେ ବ୍ୟକ୍ତିଗତ ଚାମ୍ପିଅନସିପ୍ ଆୟୋଜିତ ହେବ । ଓଡ଼ିଶାର ଯେକୌଣସି ଜିଲା ଓ ଅନୁଷ୍ଠାନର ଖେଳାଳି ଏଥିରେ ଖେଳିପାରିବେ । ସେମାନେ ଜିଲା ସଂଘ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ବାରବାଟୀ ଷ୍ଟାଡିୟମ୍‌ସ୍ଥିତ ଓଡ଼ିଶା ରାଜ୍ୟ ଟେବୁଲ୍ ଟେନିସ୍ ସଂଘ ସହ ଅକ୍ଟୋବର ୩୦ ତାରିଖ ସୁଦ୍ଧା ଯୋଗାଯୋଗ କରି ନାମ ପଞ୍ଜିକରଣ କରାଇନେବାକୁ ଅନୁରୋଧ କରାଯାଇଛି ।

■ ଜାତୀୟ ଲନ୍‌ବଲ ଚାମ୍ପିଅନ୍‌ସିପ୍ ଉଦ୍‌ଯାପିତ

ଓଡ଼ିଶାକୁ ୩ ସ୍ୱର୍ଣ୍ଣ ସହ ୫ ପଦକ

ବଲାଙ୍ଗିର,୨୬।୧୦(ସମିସ): ବଲାଙ୍ଗିରର ଆର୍‌ଏନ୍ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଚାଲିଥିବା ଜାତୀୟ ୨୫ ଓ ୧୮ ବର୍ଷରୁ କମ୍ ଲନ୍‌ବଲ ଚାମ୍ପିଅନସିପ୍ ସୋମବାର ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଓଡ଼ିଶାକୁ ଶ୍ରେଷ୍ଠ ସଫଳତା ମିଳିଛି । ଓଡ଼ିଶାର ପ୍ରତିଯୋଗୀମାନେ ୩ ସ୍ୱର୍ଣ୍ଣ ସହ ୫ ପଦକ ବିଜୟୀ ହୋଇଛନ୍ତି । ୨୫ ବର୍ଷରୁ କମ୍ ମହିଳା ସିଙ୍ଗଲ୍ସରେ ରାଜେଶ୍ୱରୀ ସେଠ୍, ମିକ୍ସଡ ଡବଲ୍ସରେ ସିଦ୍ଧାର୍ଥ ଆର୍ଯ୍ୟନ ସାହୁ ଓ ପଦ୍ମସିନୀ ପୁଟେଲ ଏବଂ ୧୮ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ ରୋଶନି ସାହୁ ଚାମ୍ପିଅନ ହେବାକ ସହ ଓଡ଼ିଶା ଲାଗି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି । ସେହିପରି ୧୮ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ସୁଜ୍ଞାନେନ୍ଦ୍ର ଷଡଙ୍ଗୀଙ୍କୁ ରୌପ୍ୟ ଓ ୨୫ ବର୍ଷରୁ କମ୍ ପୁରୁଷ ସିଙ୍ଗଲ୍ସରେ ଶୁଭ୍ରାଂଶୁ ଡାଙ୍ଗ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି । ଏହା ଫଳରେ ଲନ୍ ବଲ ଜାତୀୟ ଚାମ୍ପିଅନସିପ୍‌ରେ ଓଡ଼ିଶାକୁ ଶ୍ରେଷ୍ଠ ସଫଳତା ମିଳିଛି । ରାଜେଶ୍ୱରୀଙ୍କୁ ୨୫ ବର୍ଷରୁ କମ୍ ବିଭାଗରେ ଶ୍ରେଷ୍ଠ ପ୍ରତିଯୋଗୀ ଚୟନ କରାଯାଇଥିଲାବେଳେ ୧୮ ବର୍ଷରୁ କମ୍ ବିଭାଗରେ ଓଡ଼ିଶା ଦଳଗତ ଚାମ୍ପିଅନ ହୋଇଛି ।

ପ୍ରତିଯୋଗିତା ଶେଷରେ ବିଧାୟକ କଳିକେଶ ନାରାୟଣ ସିଂଦେଓ ମୁଖ୍ୟ ଅତିଥି, ବଲାଙ୍ଗିର ମ୍ୟୁନସିପାଲିଟୀ ଚେୟାରମ୍ୟାନ୍ ଲିକା ସାହୁ, ବିଏଫ୍‌ଆଇ ସେକ୍ରେଟାରୀ ଜେନେରାଲ ଲୋକେନ୍ଦ୍ର ସିଂ ଓ ଟ୍ରେଜେରର କେଡିଏସ୍ ରାଠୀ ଓ ଆୟୋଜକ ଓଡ଼ିଶା ଲନ୍‌ବଲ ସଂଘ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଏହି ଅବସରରେ ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘର କାର୍ଯ୍ୟକାରୀ ସଭାପତି ସମୀକ୍ଷା ପଟ୍ଟନାୟକଙ୍କୁ ରାଜ୍ୟ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

କିଟ୍‌ରେ ତୃତୀୟ ରାଉଣ୍ଡ ରଣଜୀ ମୁକାବିଲା ଆରମ୍ଭ

ଓଡ଼ିଶା ୧୯୪ ରନ୍‌ରେ ଅଲ୍‌ଆଉଟ୍

ଭୁବନେଶ୍ୱର,୨୬।୧୦(ସମିସ)

ଚଳିତ ରଣଜୀ ସିଜନରେ ଓଡ଼ିଶା କ୍ରିକେଟ ଦଳର ଦୟନୀୟ ପ୍ରଦର୍ଶନ ଅବ୍ୟାହତ ରଖିଛି । ଚଳିତ ରଣଜୀର କ୍ରମାଗତ ତୃତୀୟ ମୁକାବିଲାରେ ଓଡ଼ିଶାର ବ୍ୟାଟିଂ ବିପର୍ଯ୍ୟୟ ଘଟିଛି । ସ୍ଥାନୀୟ କିଟ ଷ୍ଟାଡିୟମ୍‌ରେ ଆଜିଠାରୁ ଆରମ୍ଭ ହୋଇଥିବା ସର୍ଭିସେସ୍ ବିପକ୍ଷ ମୁକାବିଲାରେ ପ୍ରଥମେ ବ୍ୟାଟିଂ କରିବା ପରେ ଓଡ଼ିଶା ୧୯୪ ରନ୍‌ରେ ଅଲଆଉଟ ହୋଇଯାଇଛି । ଦଳ ପକ୍ଷରୁ ଗୌରବ ଚୌଧୁରୀ ସର୍ବାଧିକ ୪୧, ସ୍ୱସ୍ତିକ ସାମଲ ୩୯ ଓ ଅନିଲ ପରିଡା ୩୬ ରନ୍ କରିଥିଲେ । ପ୍ରତିଦ୍ୱନ୍ଦ୍ୱୀ ଦଳର ସ୍ପିନର ୮ଟି ଓ ପେସର ୨ଟି ଉଇକେଟ ପାଇଛନ୍ତି । ଅଫ୍‌ସ୍ପିନର ୩୨ ବର୍ଷୀୟ ପୁଲକିତ ନାରଙ୍ଗ ସର୍ବାଧିକ ୬ଟି ଓ କାମଚଳା ସ୍ପିନର ନିତିନ ତନୱାର ୪ ଓଭର ବୋଲିଂ କରି ୨ଟି ଉଇକେଟ ପାଇଛନ୍ତି । ମିଡିୟମ୍ ପେସର ବୀରେନ୍ଦର ନାରଙ୍ଗଙ୍କୁ ଅନ୍ୟ ୨ଟି ଉଇକେଟ ମିଳିଛି । ପ୍ରଥମ ଦିନ ଷ୍ଟମ୍ପ ଅପସାରଣ ବେଳକୁ ସର୍ଭିସେସ୍ ତାହାର ପ୍ରଥମ ଇନିଂସରେ ୫ ଓଭର ଖେଳି ୧୩ ରନ୍ ସଂଗ୍ରହ କରିନେଇଛି । ଦୁଇ ଓପନର ଶୁଭମ ରୋହିଲା ୫ ଓ ନିତିନ ତନୱାର ୮ ରନରେ ବ୍ୟାଟିଂ କରୁଥିଲେ । ପ୍ରଥମ ଦିନ ଖେଳରେ ସର୍ଭିସେସ୍ ନିକଟରେ ସମସ୍ତ ୧୦ଟି ଯାକ ଉଇକେଟ ବାକିଥାଇ ୧୮୧ ରନ୍‌ରେ ପଛୁଆ ରହିଛି ।

କିଟ୍ କ୍ରିକେଟ ଷ୍ଟାଡିୟମ୍‌ରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ସର୍ଭିସେସ୍ ଅଧିନାୟକ ରଜତ ପାଲିୱାଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଓଡ଼ିଶାକୁ ସୁଯୋଗ ଦେଇଥିଲେ । ଓଡ଼ିଶା ମଧ୍ୟ ଏହି ସୁଯୋଗକୁ କାର୍ଯ୍ୟକାରୀ କରି ଦୁଇ ଓପନର ଗୌରବ ଓ ସ୍ୱସ୍ତିକ ପ୍ରଥମ ଉଇକେଟରେ ୭୯ ରନ୍ ଉଠାଇ ଭଲ ଆରମ୍ଭ ଦେଇଥିଲେ । ଏକଦା ବିନା ଉଇକେଟରେ ୭୯ ରନ୍ କରିଥିବା ଓଡ଼ିଶା ଏହି ଯୋଡି ଭାଙ୍ଗିବା ଫଳରେ ଆଉ ୧୨୫ ରନ୍ ଯୋଗ କରି ଦୁଇ ଓପନରଙ୍କ ସମେତ ସମସ୍ତ ୧୦ଟିଯାକ ଉଇକେଟ ହରାଇଥିଲା । ଦଳର ସମସ୍ତ ଟପ୍ ଅର୍ଡର ବ୍ୟାଟର ରନ୍ ପାଇଥିଲେ ମଧ୍ୟ ପ୍ରତିପକ୍ଷ ବୋଲରଙ୍କ ଆଗରେ ବେଶି ସମୟ ତିଷ୍ଠି ପାରି ନ ଥିଲେ । ସେମାନଙ୍କ ମଧ୍ୟରୁ ଦୁଇ ଓପନର ଗୌରବ ୮୭ବଲ୍‌ର ସାମ୍ନା କରି ସର୍ବାଧିକ ୪୧, ସ୍ୱସ୍ତିକ ୬୬ବଲ୍‌ରେ ୩୯, ଚଳିତ ସିଜନରେ ଖେଳିବାର ପ୍ରଥମ ସୁଯୋଗ ପାଇଥିବା ଅନିଲ ପରିଡ଼ା ୧୦୦ ବଲରୁ ୩୬ ରନ୍ କରିଥିଲେ । ଶେଷଭାଗରେ ରାଜେଶ ମହାନ୍ତି ଓ ପେସାଦାର ଖେଳାଳି ନିନାଦ ରାଠୱା ୧୯ ରନ୍ ଲେଖାଏଁ, ଅଧିନାୟକ ଶୁଭ୍ରାଂଶୁ ସେନାପତି ୧୪ ଓ ସନ୍ଦୀପ ପଟ୍ଟନାୟକ ୧୦ ରନ୍ କରିଥିଲେ ।

ସର୍ଭିସେସ ପକ୍ଷରୁ ଖେଳୁଥିବା ଅଫ୍ ସ୍ପିନର ପୁଲକିତ ନାରଙ୍ଗ ୪୭ ରନ୍ ଦେଇ ୬ଟି ଉଇକେଟ ନେବା ସହ ଶ୍ରେଷ୍ଠ ବୋଲିଂ ସଫଳତା ହାସଲ କରିଛନ୍ତି । ଏହା ପୂର୍ବରୁ ସେ ୫୬ରନ୍‌ରେ ୬ଟି ଉଇକେଟ ନେଇଥିଲେ ଓ ଏହାକୁ ମିଶାଇ ୪୮ତମ ମ୍ୟାଚ୍‌ରେ ଏକାଦଶ ଥର ଲାଗି ଗୋଟିଏ ଇନିଂସରେ ୫ କିମ୍ବା ତା'ଠାରୁ ଅଧିକ ଉଇକେଟ ନେବାରେ ସଫଳ ହୋଇଛନ୍ତି । ଓପନର ତଥା କାମଚଳା ଅଫ୍‌ସ୍ପିନର ନିତିନ୍ ତନୱାର ୪ ଓଭର ବୋଲିଂ କରି ୯ ରନ୍ ବିନିମୟରେ ୨ଟି ଓ ମିଡିୟମ୍ ପେସର ବୀରେନ୍ଦର ଡାଗର ଅନ୍ୟ ୨ଜଣ ଖେଳାଳିଙ୍କୁ ଆଉଟ କରିଥିଲେ । ମୋଟାମୋଟି କହିବାକୁ ଗଲେ ସର୍ଭିସେସ୍ ସ୍ପିନରଙ୍କ ବିପକ୍ଷରେ ଓଡ଼ିଶା ତିଷ୍ଠି ପାରି ନ ଥିଲା ।

ଓମ୍‌କାର ୪ର୍ଥ ଡେବ୍ୟୁଟାଣ୍ଟ

ଏହି ମ୍ୟାଚ୍‌ରେ ବାମହାତୀ ଫାଷ୍ଟ ବୋଲର ଓମ୍‌କାର ମହାନ୍ତି ଡେବ୍ୟୁ କରିଛନ୍ତି । ଯେଉଁ ପିଚ୍ ପ୍ରଥମ ଦିନରେ ସ୍ପିନରଙ୍କୁ ସୁହାଉଛି ସେଠାରେ ଜଣେ ନବାଗତ ପେସରଙ୍କୁ ଡେବ୍ୟୁ କରାଇବା କେତେଦୂର ଯୁକ୍ତିଯୁକ୍ତ ତାହା କ୍ରିକେଟ ବିଶାରଦମାନେ କହିପାରିବେ । ଦଳରେ ଏକାଧିକ ଭଲ ସ୍ପିନର ଅଛନ୍ତି କିନ୍ତୁ ତାଙ୍କୁ ସୁଯୋଗ ମିଳିନାହିଁ । ଚଳିତ ରଣଜୀ ସିଜନରେ ଓଡ଼ିଶାର ଏହା ତୃତୀୟ ରଣଜୀ ମୁକାବିଲା । ଏଥିରେ ଓଡ଼ିଶା ୪ଜଣ ଖେଳାଳିଙ୍କୁ ଡେବ୍ୟୁ କରିବାର ସୁଯୋଗ ଦେଇଛି । ଗୁଜରାଟ ବିପକ୍ଷ ପ୍ରଥମ ମ୍ୟାଚ୍‌ରେ ଓମ୍‌ଟି ମୁଣ୍ଡେ ଓ ସମ୍ବିତ ତେଜା, କେରଳମ ବିପକ୍ଷ ଦ୍ୱିତୀୟ ମ୍ୟାଚ୍‌ରେ ସୌମ୍ୟରଞ୍ଜନ ଲେଙ୍କାଙ୍କୁ ରଣଜୀ ତଥା ପ୍ରଥମଶ୍ରେଣୀ ଡେବ୍ୟୁ କରିବାକୁ ଦିଆଯାଇଥିଲା । ସେମାନେ ତୃତୀୟ ମ୍ୟାଚ୍ ବେଳକୁ ଚୂଡାନ୍ତ ଏକାଦଶରେ ନାହାନ୍ତି । ସେହିପରି ଦୁଇ ପେସାଦାର ଖେଳାଳି ନିନାଦ ରାଠୱା ଓ ଲଳିତ ଯାଦବଙ୍କୁ ମିଶାଇଲେ ଚଳିତ ସିଜନରେ ଓଡ଼ିଶା ୬ଜଣ ନୂଆ ଖେଳାଳିଙ୍କୁ ଖେଳିବା ସୁଯୋଗ ଦେଇଛି । କିନ୍ତୁ ଜଣେ ହେଲେ ପ୍ରଭାବୀ ପ୍ରଦର୍ଶନ କରିପାରି ନାହାନ୍ତି । ଓଡ଼ିଶା ତାହାର ପ୍ରଥମ ଦୁଇଟି ମ୍ୟାଚ୍‌ରେ ଶୋଚନୀୟ ପରାଜୟ ବରଣ କରିବା ପରେ ଏହି ମୁକାବିଲା ଜିତିବାକୁ ଆଶା ରଖିଥିଲା । କିନ୍ତୁ ବ୍ୟାଟରଙ୍କ ଏପରି ପ୍ରଦର୍ଶନ ପରେ ବୋଲରଙ୍କ ଉପରେ ଏହି ଆଶା ଏବେ ତିଷ୍ଠି ରହିଛି । ଭୁବନେଶ୍ୱରରେ ଆଜି ବାତ୍ୟା ଅର୍ଣ୍ଣବ ଯୋଗୁଁ ବର୍ଷା ଆରମ୍ଭ ହୋଇଯାଇଛି । ଏହା ଫଳରେ ମ୍ୟାଚ୍‌ର ଫଳାଫଳ ବାହାରିବା ନେଇ ଆଶାଙ୍କା ସୃଷ୍ଟି ହୋଇଛି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY